# ଧରିତ୍ରୀ DHARITRI

ଭୁବନେଶ୍ୱର, ଗୁରୁବାର, ଏପ୍ରିଲ ୨୦/୨୦୨୩ (୧୬ ପୃଷ୍ଠା) Bhubaneswar, Thursday, April 20/2023 Page 16 ₹ 7.00

୪୯ଶ ଭାଗ ୧୪୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 145 ମୂଲ୍ୟ ₹୭/-






KP GROUP
Quality Since 1965
KAMLA PASAND
PAN MASALA
NEW PACK
कमला पसन्द
अनोखा स्वाद
पान मसाला
Anokha Swad
Watch at:
You Tube
NOT FOR MINOR * 0% TOBACCO AND NO ADDED NICOTINE * CHEWING OF PAN MASALA INJURIOUS TO HEALTH

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ଏପ୍ରିଲ ୨୦/୨୦୨୩ (୧୬ ପୃଷ୍ଠା) Bhubaneswar, Thursday, April 20/2023 Page 16 | ପୃଷ୍ଠା-୧



ପୁଷ୍ପା-୨ର ଶୁଟିଂ ପାଇଁ ସ୍ୱାଭିମାନ ଅଞ୍ଚଳର ହନ୍ତାଳଗୁଡାରେ ପହଞ୍ଚିଥିବା ଟିମ୍। ଇନ୍‌ସେଟ୍- ଅଲ୍ଲୁ ଅର୍ଜୁନ।

# ସ୍ୱାଭିମାନ ଅଞ୍ଚଳରେ ପୁଷ୍ପା-୨ର ଶୁଟିଂ

**ମାଲକାନଗିରି,୧୯।୪(ଡି.ଏନ୍.ଏ.)**

ବହୁଚର୍ଚ୍ଚିତ ଦକ୍ଷିଣ ଭାରତର ଲୋକପ୍ରିୟ ଚଳଚ୍ଚିତ୍ର 'ପୁଷ୍ପା ଦି ରାଇଜ୍' ସମଗ୍ର ଦେଶରେ ସୁନାମ ଅର୍ଜନ କରିଛି। ଏବେ ଏହି ଚଳଚ୍ଚିତ୍ରର ଦ୍ୱିତୀୟ ଭାଗ ପୁଷ୍ପା-୨ର ଶୁଟିଂ ଓଡ଼ିଶାର ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକର ସ୍ୱାଭିମାନ ଅଞ୍ଚଳରେ କରିବାକୁ ନିଷ୍ପତ୍ତି ନେବା ପରେ ଏଥିପାଇଁ ପୂରା ଟିମ୍ ମଙ୍ଗଳବାର ଆସି ପହଞ୍ଚିଛନ୍ତି। ପୂର୍ବରୁ ଏହି ଚଳଚ୍ଚିତ୍ରର ପ୍ରଯୋଜକ, ନିର୍ମାତା ସ୍ୱାଭିମାନ ଅଞ୍ଚଳରେ ପହଞ୍ଚି ଏହାର ପ୍ରାକୃତିକ ପରିବେଶ, ଘଞ୍ଚ ଜଙ୍ଗଲ, ନଦୀ ଏବଂ ଚିରସ୍ରୋତା ଝରଣା ବୁଲି ଯାଇଥିଲେ। ପରେ ଟିମ୍ ଆଲୋଚନା କରି ଚଳଚ୍ଚିତ୍ର ଶୁଟିଂ ☞ପୃଷ୍ଠା-୨

# ଭାରତ ସବୁଠୁ ଜନବହୁଳ

**ବିଶ୍ୱର ସବୁଠୁ ଜନବହୁଳ ରାଷ୍ଟ୍ର ତାଲିକାର ସବା ଆଗରେ ଅଛି ଭାରତ। ବହୁ ବର୍ଷ ଧରି ଚାଇନା ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ରାଷ୍ଟ୍ର ରହିଆସିଥିବାବେଳେ ଏବେ ଭାରତ ଏହାକୁ ଅତିକ୍ରମ କରିଛି। ଜାତିସଂଘର ସଦ୍ୟ ରିପୋର୍ଟ ଅନୁସାରେ ଚାଇନା ବିଶ୍ୱର ଦ୍ୱିତୀୟ ଜନବହୁଳ ରାଷ୍ଟ୍ର ପାଲଟିଛି।**

## ଜାତିସଂଘ ରିପୋର୍ଟ

- ଭାରତ ଜନସଂଖ୍ୟା ୧୪୨.୮୬ କୋଟି
- ଚାଇନାରେ ୧୪୨.୫୭ କୋଟି
- ୨୦୫୦ ବେଳକୁ ଭାରତର ଜନସଂଖ୍ୟା ୧.୬୬୮ ବିଲିୟନ୍ ଛୁଇଁବ

**ଜାତିସଂଘ/ନୂଆଦିଲ୍ଲୀ, ୧୯।୪**

ଜନସଂଖ୍ୟା କ୍ଷେତ୍ରରେ ସବୁ ଦେଶକୁ ପଛରେ ପକାଇ ଭାରତ ଏବେ ଶୀର୍ଷ ସ୍ଥାନ ଅଧିକାର କରିଛି। ଜାତିସଂଘ ପକ୍ଷରୁ ବୁଧବାର ପ୍ରକାଶ ପାଇଥିବା ଜନସଂଖ୍ୟା ସମ୍ପର୍କିତ ରିପୋର୍ଟ ଅନୁସାରେ ଚାଇନାକୁ ପଛରେ ପକାଇ ଭାରତ ଏବେ ବିଶ୍ୱର ସବୁଠୁ ଜନବହୁଳ ରାଷ୍ଟ୍ରର ମାନ୍ୟତା ହାସଲ କରିଛି। ବର୍ତ୍ତମାନ ଭାରତର ମୋଟ ଜନସଖ୍ୟା ୧୪୨.୮୬ କୋଟି ରହିଥିବାବେଳେ ଚାଇନା ଜନସଂଖ୍ୟା ୧୪୨.୫୭ କୋଟି। ଜାତିସଂଘ ଦ୍ୱାରା ପ୍ରସ୍ତୁତ ବିଶ୍ୱର ଜନବହୁଳ ରାଷ୍ଟ୍ର ସୂଚୀ ମଧ୍ୟରେ ଭାରତ ପ୍ରଥମ ଥର ପାଇଁ ସର୍ବାଗ୍ରେ ରହି ନୂଆ ରେକର୍ଡ କରିଛି।

ଭାରତର ଜନସଂଖ୍ୟା ହୁ ହୁ ହୋଇ ବଢ଼ିଚାଲିଛି। ଅନ୍ୟପକ୍ଷେ ଦେଖିବାକୁ ଗଲେ କିଛି ବର୍ଷ ହେବ ଚାଇନାରେ ଜନ୍ମହାର ହ୍ରାସ ଘଟିଛି। ଏଥିଯୋଗୁ ଜନସଂଖ୍ୟା ମଧ୍ୟ କମିବାରେ ଲାଗିଛି। ନିଜ ଭୂଖଣ୍ଡର ବିଭିନ୍ନ ପ୍ରାନ୍ତରେ ଜନ୍ମହାର ବୃଦ୍ଧି ଲାଗି ଚାଇନା ସରକାର ଏକାଧିକ ଯୋଜନା ଲାଗୁ କରିଛନ୍ତି। ତଥାପି ଜନସଂଖ୍ୟା ବୃଦ୍ଧି ଟାର୍ଗେଟ୍‌କୁ ପଡ଼ୋଶୀ ରାଷ୍ଟ୍ର ହାସଲ କରିପାରି ନାହିଁ। ୧୯୫୦ରୁ ଜାତିସଂଘ ଜନସଂଖ୍ୟାଭିତ୍ତିକ ତଥ୍ୟ ପ୍ରସ୍ତୁତି ଆରମ୍ଭ କରିଥିଲା। ଦେଶରେ ମୋଟ ଜନସଂଖ୍ୟା ନେଇ ଭାରତ ପାଖରେ ବର୍ତ୍ତମାନ ସୁଦ୍ଧା କୌଣସି ତଥ୍ୟ ଉପଲବ୍ଧ ନାହିଁ। କାରଣ ଭାରତରେ ଶେଷଥର ଲାଗି ୨୦୧୧ରେ ଜନଗଣନା କରାଯାଇଥିଲା। ☞ପୃଷ୍ଠା-୨

# ସ୍ଥାନୀୟ ଭାଷାରେ ପରୀକ୍ଷା ଦେବେ ଛାତ୍ରୀଛାତ୍ର

## ଅନୁମତି ଦେବାକୁ ବିଶ୍ୱବିଦ୍ୟାଳୟଗୁଡ଼ିକୁ ନିର୍ଦ୍ଦେଶ ଦେଲା ୟୁଜିସି

**ନୂଆଦିଲ୍ଲୀ,୧୯।୪**

କୌଣସି ବିଷୟରେ ଇଂଲିଶ୍‌ରେ ପାଠପଢ଼ା ହେଉଥିଲେ ମଧ୍ୟ ପରୀକ୍ଷା ବେଳେ ଛାତ୍ରୀଛାତ୍ରମାନଙ୍କୁ ନିଜ ସ୍ଥାନୀୟ ଭାଷାରେ ଲେଖିବାକୁ ସୁଯୋଗ ଦିଆଯିବ। ଏନେଇ ଦେଶର ବିଶ୍ୱବିଦ୍ୟାଳୟଗୁଡ଼ିକୁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ନିର୍ଦ୍ଦେଶ ଦେଇଛନ୍ତି। ୟୁଜିସି ଅଧ୍ୟକ୍ଷ ଏମ୍. ଜଗଦୀଶ କୁମାର କହିଛନ୍ତି, ମୂଲ୍ୟାଙ୍କନକାରୀଙ୍କୁ ଡକାଇବା ସହ ପାଠ୍ୟପୁସ୍ତକଗୁଡ଼ିକର ଅନୁବାଦକୁ ପ୍ରୋତ୍ସାହନ ଦିଆଯିବା ଆବଶ୍ୟକ। ୟୁନିଭର୍ସିଟିଗୁଡ଼ିକରେ ଆଞ୍ଚଳିକ ଭାଷାରେ ଶିକ୍ଷା ଦାନ ଓ ଗ୍ରହଣ ପ୍ରକ୍ରିୟା କରାଇବାକୁ ପରାମର୍ଶ ଦିଆଯାଇଛି। ଶିକ୍ଷାରେ ଭାରତୀୟ ଭାଷାଗୁଡ଼ିକର ନିୟମିତ ବ୍ୟବହାର ହେଉଛି ନୂଆ ଜାତୀୟ ଶିକ୍ଷା ନୀତି (ଏନ୍‌ଇପି)ର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ମାତୃଭାଷା ଓ ସ୍ଥାନୀୟ ଭାଷାରେ ପାଠ ପଢ଼ାଇବା ଉପରେ ଏଥିରେ ଗୁରୁତ୍ୱାରୋପ କରାଯାଇଛି। ଏହାଦ୍ୱାରା ଛାତ୍ରୀଛାତ୍ରଙ୍କ ଜ୍ଞାନ ଆହରଣ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**
ଜଙ୍ଗଲ ସଂରକ୍ଷଣ ଏକମାତ୍ର ବାଟ









**ଆଜିର ମନ୍ତବ୍ୟ**

"ଡ୍ରଗ୍ସ ଚାଲାଣ ଜଣେ ବ୍ୟକ୍ତି କିମ୍ବା ରାଜ୍ୟ ଅଥବା କେନ୍ଦ୍ରକୁ ପ୍ରଭାବିତ କରି ନ ଥାଏ। ଏହା ଦେଶର ବିକାଶରେ ବାଧା ସୃଷ୍ଟିକାରୀ ଏକ ସମସ୍ୟା, ଯାହାକୁ ପ୍ରତିହତ କରିବା ପାଇଁ ନାର୍କୋଟିକ୍ସ ନିରୋଧୀ ଅଧିକାରୀମାନେ କଡ଼ା କାର୍ଯ୍ୟାନୁଷ୍ଠାନ ନିଅନ୍ତୁ।

– ଅମିତ ଶାହା, ସ୍ୱରାଷ୍ଟ୍ର ମନ୍ତ୍ରୀ





# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗଛ ଚଢ଼ି ନ ଜାଣେ ଯିଏ**
**କୁଆ ଅଇଁଠା ଖାଏ ସିଏ।**

ସାଧାରଣତଃ ଗଛ ଚଢ଼ି ଜାଣି ନ ଥିବା ବ୍ୟକ୍ତି ଫଳ ଖାଇବା ପାଇଁ ଇଚ୍ଛା କଲେ ଗଛଚଢ଼ା ଜାଣିଥିବା ଲୋକ ଆଗରେ ହାତ ପତେଇବାକୁ ବାଧ ହୋଇଥାଏ। ସେହିପରି ସଫଳତା ପାଇଁ ପାହାଚ ଚଢ଼ି ଜାଣି ନ ଥିବା ବ୍ୟକ୍ତି ପଛରେ ପଡ଼ିଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଗୋରୁ ପୃଷ୍ଠେ ଯାତ୍ରାକାଳେ**
**ଯଦି କାକ ବସେ ଭଲେ;**
**ଧନ, ରତ୍ନ ବହୁ ମିଳେ**
**ଭାଗ୍ୟେ ଶୁଭଫଳ ଫଳେ।**

ଯାତ୍ରା କାଳରେ ଗୋରୁ ପିଠି ଉପରେ କାଉ ବସିରହିଥିବାର ଦେଖିଲେ ଧନ ଲାଭ ହୋଇଥାଏ। ଏଥିସହ ଅନେକ ଶୁଭଫଳ ମିଳିଥାଏ ବୋଲି ଲୋକବିଶ୍ୱାସ ରହିଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:




ଖୋର୍ଦ୍ଧା ଗୁରୁଜଙ୍ଗଠାରେ ନବନିର୍ମିତ କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ଉତ୍ପାଦନ କେନ୍ଦ୍ର 'ବିଜୁ ମହାବୀର ଜୟପୁର ଫୁଟ୍ ସେଣ୍ଟର'କୁ ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରୁଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଯାହା ଆଶା କରିଛନ୍ତି ଆଜି ତାହା ସହଜ ଓ ସୁବିଧାରେ ପାଇଯିବେ କିନ୍ତୁ ଟିକିଏ ବିଳମ୍ବ ଓ ଝାମେଲା ଭିତରେ ହିଁ ମିଳିବ। ଶିଳ୍ପ, ବାଣିଜ୍ୟ, ନିର୍ମାଣ ତଥା ପରିବହନ ବାଧାପ୍ରାପ୍ତ ହୋଇପାରେ। କର୍ମଜଞ୍ଜାଳ ବୃଦ୍ଧି ହେତୁ କଠିନ ଶାରୀରିକ ପରିଶ୍ରମଜନିତ କ୍ଳାନ୍ତି ଅନୁଭବ କରିପାରନ୍ତି। ଅର୍ଥ ସମ୍ପର୍କିତ କାମକୁ ନିକଟତମ ବନ୍ଧୁଟି ଦ୍ୱାରା ହାସଲ କରିବେ।

**ବୃଷ** – ପରିସ୍ଥିତି ଯାହା ହୋଇଥାଉନା କାହିଁକି ସମୟ ସ୍ରୋତରେ ଅନ୍ୟମାନଙ୍କ ପ୍ରେରଣାରେ ଆଗକୁ ମାଡ଼ି ଚାଲିବେ। ଆଲୋଚନା କ୍ଷେତ୍ରରେ ଶେଷ ସମୟରେ ନିଷ୍ପତ୍ତି ବଦଳାଇପାରନ୍ତି। ଆଜିର ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରୁହନ୍ତୁ, ନଚେତ୍ ଅଦଳବଦଳ ସମ୍ଭାବନା ରହିଛି। ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହେବ।

**ମିଥୁନ** – ସ୍ୱାସ୍ଥ୍ୟ ସମସ୍ୟାଜନିତ ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ। ଆର୍ଥିକ ପରିସ୍ଥିତି ମନ୍ଦ ନ ଥିବାରୁ ଅସମ୍ପୂର୍ଣ୍ଣ କାର୍ଯ୍ୟ କିଛି ଅଂଶରେ ବଢ଼ିଚାଲିବ। ଯୁକ୍ତିଯୁକ୍ତ କଥା କହି ପ୍ରତ୍ୟେକ କ୍ଷେତ୍ରକୁ ସାଧାରଣ ଅବସ୍ଥାକୁ ଆଣିବାରେ ସମର୍ଥ ହେବେ। ପରିବାର, ପରିବହନ, ପ୍ରଶାସନ, ପ୍ରକାଶନ, ରାଜନୀତି ଓ ଆନୁଷ୍ଠାନିକ କାମ ଉନ୍ନତ ରହିବ।

**କର୍କଟ** – କର୍ମକ୍ଷେତ୍ରରେ ସମସ୍ୟା ସମାଧାନ ହେବ ଓ ଉଚ୍ଚ ସମ୍ମାନ ଓ ପ୍ରଶଂସା ପାଇବେ। ଅବଶ୍ୟ ପରିସ୍ଥିତିକୁ ଯେତେଟା ଜଟିଳ ମନେକରୁଛନ୍ତି ବାସ୍ତବରେ ସେମିତି କିଛି ହେବନି। ଅର୍ଥହାନି ଓ ଅଭାବ ଅସୁବିଧା ଯୋଗୁ ଅଧିକାଂଶ ସମୟ ଚିନ୍ତିତ ରହିବେ। ଆକସ୍ମିକ ଭାବେ କାହା ଉପରେ ରାଗି ଅନର୍ଥ ଓ ଶତ୍ରୁତା ସୃଷ୍ଟି କରିବାକୁ ପଡ଼ିପାରେ।

**ସିଂହ** – ଉପରିସ୍ଥଙ୍କ ଅନୁଗ୍ରହରୁ ଅଟକି ରହିଥିବା କାମଟି ସମ୍ମାନର ସହ ହଠାତ୍ ହୋଇଯିବ। ସାମାଜିକସ୍ତରରେ ବିରୋଧୀମାନେ ମୃଦୁ ଗୁଞ୍ଜରଣ ସୃଷ୍ଟି କରିପାରନ୍ତି। ଅବଶ୍ୟ ଉଚ୍ଚସ୍ତରରୁ ସାହାଯ୍ୟ ଓ ସହଯୋଗର ଅବାରିତ ଧାରା ଛୁଟି ଆସିବ। ଜମିଜମା, ନିର୍ମାଣ, ଆଇନ, ଅଦାଲତ କ୍ଷେତ୍ର ପାଇଁ ମଧ୍ୟମ ପ୍ରକାରର ସ୍ଥିତି ରହିପାରେ।

**କନ୍ୟା** – ଦୀର୍ଘଦିନର ଅପୂରଣୀୟ ଆଶା ମନକୁ ଆଲୋଡ଼ନ କରିବା କାରଣରୁ ସାମୟିକ ଅଶାନ୍ତ ରହିବେ। କର୍ମକ୍ଷେତ୍ରରେ ଅବହେଳା ଯୋଗୁ କେତେକ କାମ ଲାଗି ଅନ୍ୟର ସାହାଯ୍ୟ ନେବାକୁ ବାଧହେବେ। ବ୍ୟବସାୟିକ ସ୍ଥିତି ସୁଦୃଢ଼ ରହିବ। କଳା, କାରିଗରି, ସାହିତ୍ୟ, ସଙ୍ଗୀତ, ପ୍ରଭୃତି କ୍ଷେତ୍ରରେ ସୁନାମ ଅର୍ଜନ କରିବେ।

**ତୁଳା** – ପୂର୍ବ ସ୍ଥିରୀକୃତ ଯୋଜନାନୁଯାୟୀ କାର୍ଯ୍ୟାରମ୍ଭ କରନ୍ତୁ ଅବଶ୍ୟ ସଫଳ ହେବେ। ଆବଶ୍ୟକ ଅର୍ଥ ବିଭିନ୍ନ ସୂତ୍ରରୁ ପାଇବାରେ ଅସୁବିଧା ହେବନାହିଁ। ଯାତ୍ରା, ପ୍ରତିଦ୍ୱନ୍ଦ୍ୱିତା, କଳା, ସାହିତ୍ୟରେ ସମସ୍ୟା ସମାଧାନ ସକାଶେ ବିଳମ୍ବ ଘଟିପାରେ। ଶିଳ୍ପ, ବାଣିଜ୍ୟ, ରାଜନୀତି ଓ ପ୍ରଶାସନିକସ୍ତରରେ ସୁଫଳ ପାଇବେ।

**ବିଛା** – ବିଭିନ୍ନ ପ୍ରକାର ସମସ୍ୟା ଭିତରେ ସମାଧାନର ସୂତ୍ର ଖୋଜି ପାଇବାରେ ଅସୁବିଧା ହେବନାହିଁ। ଆର୍ଥିକ ସ୍ଥିତିର ଦୂରବସ୍ଥା ପ୍ରତିଟି କ୍ଷେତ୍ରରେ ଅଗ୍ରଗତିର ପଥରୋଧ କରିପାରେ। ପାରିବାରିକ ସ୍ଥିତି ପୂର୍ବପରି ରହିବ କିନ୍ତୁ ପାରିପାର୍ଶ୍ୱିକ ସ୍ଥିତି ଶାନ୍ତ ରହି ନ ପାରେ। କ୍ରୀଡ଼ା, କଳା, ସାହିତ୍ୟ ଓ ଚଳଚ୍ଚିତ୍ରରେ ସମସ୍ୟା ଆପଣାଛାଏଁ ସମାଧାନ ହୋଇଯିବ।

**ଧନୁ** – ପାରିବାରିକ ସମସ୍ୟା କ୍ରମଶଃ ଜଟିଳ ହେତୁ ଭାବପ୍ରବଣତା ବୃଦ୍ଧି ପାଇବ। ସହକର୍ମୀଙ୍କଠାରୁ ଭୁଲ୍ ଖବର ପାଇ ସାମୟିକ ଭାବେ ବିବ୍ରତ ହୋଇପାରନ୍ତି। ପଡ଼ୋଶୀମାନଙ୍କ ଉପରେ ପୂର୍ଣ୍ଣ ଭରସା କରିବା ପୂର୍ବରୁ ପରଖିନେବା ଭଲ ହେବ। ବାଣିଜ୍ୟ, ବ୍ୟବସାୟ, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ର ଉନ୍ନତ ରହିବ।

**ମକର** – ଆଜି ପ୍ରତ୍ୟୁଷରେ ଯେଉଁ କାମରେ ବାହାରିଛନ୍ତି ସେଥିରେ ସଫଳତା ପାଇବେ। କର୍ମକ୍ଷେତ୍ରରେ ଉପର ଅଧିକାରୀ ଆପଣଙ୍କ ସହଯୋଗ ଲୋଡ଼ିପାରନ୍ତି। ରପ୍ତାନୀ, ଏଜେନ୍ସି, ସାହିତ୍ୟ, ସାମ୍ବାଦିକତା ଓ ପ୍ରଶାସନିକ କ୍ଷେତ୍ରରେ ପ୍ରଶଂସିତ ହେବେ। ସଭାସମିତି କିମ୍ବା ଆନୁଷ୍ଠାନିକ କାମରେ ସମ୍ମାନିତ ହେବେ।

**କୁମ୍ଭ** – ଆଜି ଦିନଟିରେ ଯେତେ ଭଲ କାମ କଲେ ମଧ୍ୟ ସମାଲୋଚିତ ହେବେ। ହଠାତ୍ ଜଣେ ବନ୍ଧୁଙ୍କୁ ଅନୁରୋଧ କରି ସମସ୍ୟା ସମାଧାନ ଲାଗି ଚେଷ୍ଟା କରିବେ। ମାଲିମକଦ୍ଦମା, ଜମିଜମା ବିବାଦ, ଅର୍ଥନୈତିକ କାର୍ଯ୍ୟ, ଭ୍ରମଣ ପ୍ରଭୃତି କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ଆର୍ଥିକ ଉନ୍ନତି ଘଟିବ। କିଛି ବ୍ୟାଙ୍କ ଜମା ମଧ୍ୟ କରିବାର ସମ୍ଭାବନା ରହିଛି।

**ମୀନ** – କୌଣସି ଆନୁଷ୍ଠାନିକ କର୍ମ ଭିତରେ ଗୁରୁଦାୟିତ୍ୱ ବହନ କରିବାକୁ ପଡ଼ିପାରେ। ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧିହେତୁ ମନରେ ସରସତା ରହିବନାହିଁ। ଆଲୋଚନା, ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ଆଶାତୀତ ସଫଳତା ହାସଲ କରିବେ। ପୂର୍ବାହ୍ନରେ ଜଣେ ବିଶିଷ୍ଟ ବ୍ୟକ୍ତିଙ୍କ ନିମନ୍ତ୍ରଣ ପାଇ ବିସ୍ମୟାଭୂତ ହୋଇପାରନ୍ତି।

ଆଜି ବୈଶାଖ ମାସର ରୁକ୍ମିଣୀ ଅମାବାସ୍ୟା ଗୁରୁବାର, ଆଜି ଭାରତ ଓ ଓଡ଼ିଶାକୁ ଅଦୃଶ୍ୟ ରାହୁଗ୍ରସ୍ତ ବଳୟ-ପୂର୍ଣ୍ଣଗ୍ରାସ ସୂର୍ଯ୍ୟୋପରାଗ (ଯାହା ପାଳନୀୟ ନୁହେଁ), ଏପ୍ରିଲ ୨୦ ତାରିଖ, ରାଶି ନକ୍ଷତ୍ର-ଅଶ୍ୱିନୀ/ମେଷ, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୨୯ମି. ଗତେ ଘ.୦୭।୦୯ମି. ମଧ୍ୟେ, ଘ.୧୦।୩୦ମି. ଗତେ ଘ.୦୧।୦୧ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୧।୧୯ମି. ଗତେ ଘ.୦୨।୫୪ମି. ମଧ୍ୟେ ରାହୁକାଳ।

# ମହାନଦୀ ସର୍ଭେ ଆରମ୍ଭ

■ ଟ୍ରିବ୍ୟୁନାଲ ଟିମ୍ ଛତିଶଗଡ଼ରେ ମହାନଦୀର ଉତ୍ପତ୍ତିସ୍ଥଳ ଅନୁଧ୍ୟାନ କଲେ
■ ଓଡ଼ିଶା ସରକାର ଚାହିଁଲେ ମହାନଦୀରେ ଛୋଟ ଛୋଟ ବ୍ୟାରେଜ ନିର୍ମାଣ କରିପାରିବେ: କେନ୍ଦ୍ରମନ୍ତ୍ରୀ ଟୁଡୁ

ଭୁବନେଶ୍ୱର,୧୯।୪(ବ୍ୟୁରୋ)

ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ ବୁଧବାର କ୍ଷେତ୍ରସ୍ତରୀୟ ସର୍ଭେ ଆରମ୍ଭ କରିଛନ୍ତି। ଟ୍ରିବ୍ୟୁନାଲ ଟିମ୍ ଛତିଶଗଡ଼ର ଫରସିୟା ଗ୍ରାମ ନିକଟରେ ମହାନଦୀର ଉତ୍ପତ୍ତି ସ୍ଥଳ ବୁଲି ଦେଖିଛନ୍ତି। ଏହି ଟିମ୍‌ରେ ଟ୍ରିବ୍ୟୁନାଲ ଖଣ୍ଡପୀଠ ଜଷ୍ଟିସ୍ ଏ.ଏମ୍. ଖାନୱାଲିକର, ରବି ରଞ୍ଜନ ଏବଂ ଇନ୍ଦ୍ରମିତ କୌର କୋଚରଙ୍କ ସମେତ ମୂଲ୍ୟାୟନକାରୀ(ଆସେସର) ଏବଂ ରେଜିଷ୍ଟ୍ରାର ସର୍ଭେ ଆରମ୍ଭ କରିଛନ୍ତି। ଟ୍ରିବ୍ୟୁନାଲ ଫରସିୟା ଗ୍ରାମ ଓ ଶିହାୱା ଅଞ୍ଚଳ ପରିଦର୍ଶନ କରିଛନ୍ତି। ଗୁରୁବାର ଟିମ୍ ସୋନ୍ଦୁର ଡ୍ୟାମ୍ ପରିଦର୍ଶନ କରିବେ। ତୃତୀୟ ଦିନରେ ମୁରୁମଶିଲି ଡ୍ୟାମ୍, ରବିଶଙ୍କର ସାଗର ଜଳ ଭଣ୍ଡାର ଓ ନବନିର୍ମାଣ ରୁଦ୍ରୀ ବ୍ୟାରେଜ ବୁଲି ସର୍ଭେ କରିବେ। ସେହିପରି ଟ୍ରିବ୍ୟୁନାଲ ଟିମ୍ ଚତୁର୍ଥ ଦିନରେ ଧାମଡ଼ାଠାରେ ଥିବା ତେମାରି, ଖଇରାଗଡ଼ଠାରେ ଥିବା ଉଦୟପୁର, ଛୁଇଖାଦାନଠାରେ ଥିବା ସିଧିବାବା ମାଇନର ଟ୍ୟାଙ୍କ୍ ଓ ପିପାରିଆ ଡ୍ୟାମ୍ ପର୍ଯ୍ୟବେକ୍ଷଣ କରିବା କାର୍ଯ୍ୟକ୍ରମ ରହିଛି। ପ୍ରଥମ ପର୍ଯ୍ୟାୟର ଶେଷ ଦିବସରେ ଟ୍ରିବ୍ୟୁନାଲ ଟିମ୍ ରାଜୀବ ସମୋଦା ନିସଦା ଡାଇଭର୍ସନ ଏବଂ ସମୋଦା ବ୍ୟାରେଜ ପରିଦର୍ଶନ କରିବେ। ଛତିଶଗଡ଼ରେ ଟ୍ରିବ୍ୟୁନାଲ ଟିମ୍ ଦୁଇଟି ପର୍ଯ୍ୟାୟରେ ଅଣମୌସୁମୀ ସମୟରେ ମହାନଦୀରେ ଜଳ ପ୍ରବାହ, ତଳମୁଣ୍ଡରେ ଗଚ୍ଛିତ ହେଉଥିବା ଜଳ ଓ ଏହାର ବିନିଯୋଗକୁ ଅନୁଧ୍ୟାନ କରିବେ। ଅନ୍ୟପକ୍ଷରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭୂପେଶ ବାଘେଲ କହିଛନ୍ତି, ଜଳ ବିବାଦ ଯୋଗୁ ବ୍ୟାରେଜ ନିର୍ମାଣ କରିବାରେ ରାଜ୍ୟ ବିଫଳ ହୋଇଛି। ମହାନଦୀ ଛତିଶଗଡ଼ରୁ ଉତ୍ପତ୍ତି ହୋଇଛି। ରାଜ୍ୟରେ କୌଣସି ଡ୍ୟାମ୍ ନାହିଁ। କେବଳ ୭ଟି ଡ୍ୟାମ୍ ନିର୍ମାଣକୁ ନେଇ ଦ୍ୱନ୍ଦ୍ୱ ଦେଖାଦେଇଛି। ଏହି ମାମଲା ଟ୍ରିବ୍ୟୁନାଲକୁ ଯିବା ପରେ ବ୍ୟାରେଜ ନିର୍ମାଣ ବନ୍ଦ ରହିଛି। ସମସ୍ତ ପାଣି ଓଡ଼ିଶାକୁ ଚାଲିଯାଉଥିବାରୁ ବ୍ୟାରେଜ ନିର୍ମାଣ ପାଇଁ ଅନୁମତି ମିଳିବା ଦରକାର ବୋଲି ଛତିଶଗଡ଼ ମୁଖ୍ୟମନ୍ତ୍ରୀ କହିଛନ୍ତି। କେନ୍ଦ୍ର ଜଳଶକ୍ତି ରାଷ୍ଟ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ କହିଛନ୍ତି, ଛୋଟ ବ୍ୟାରେଜ ନିର୍ମାଣ କରିବା ପାଇଁ କେନ୍ଦ୍ରର ଅନୁମତି ଦରକାର ନାହିଁ। ଓଡ଼ିଶା ସରକାର ଚାହିଁଲେ ମହାନଦୀ ଉପରେ ଛୋଟ ବ୍ୟାରେଜ ନିର୍ମାଣ କରିପାରିବେ। ଆଗକୁ ନିର୍ବାଚନ ଆସୁଥିବାରୁ ରାଜ୍ୟ ସରକାର ମହାନଦୀକୁ ନେଇ ଡ୍ରାମା କରୁଛନ୍ତି।

# ୨୧ରେ ପ୍ରଥମ ଅଭିଭାବକ-ଶିକ୍ଷକ ବୈଠକ

ଭୁବନେଶ୍ୱର,୧୯।୪(ବ୍ୟୁରୋ)

ନୂଆ ଶିକ୍ଷାବର୍ଷ ୨୦୨୩-୨୪ର ପ୍ରଥମ ଅଭିଭାବକ ଶିକ୍ଷୟିତ୍ରୀଶିକ୍ଷକ, ବିଦ୍ୟାଳୟ ପରିଚାଳନା କମିଟି ତଥା ବିଦ୍ୟାଳୟ ପରିଚାଳନା ଓ ଉନ୍ନୟନ କମିଟି ବୈଠକ ଆସନ୍ତା ୨୧ ତାରିଖରେ ଅନୁଷ୍ଠିତ ହେବ। ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ଏବଂ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଦ୍ୱାରା ପରିଚାଳିତ ବିଦ୍ୟାଳୟଗୁଡ଼ିକରେ ଏହା ଅନୁଷ୍ଠିତ ହେବ। ବୈଠକରେ ବିଦ୍ୟାଳୟର ବୌଦ୍ଧିକ ଓ ସହବୌଦ୍ଧିକ ସମ୍ପର୍କିତ ମୋଟ ୧୩ଟି ବିଷୟବସ୍ତୁ ଉପରେ ଆଲୋଚନା କରାଯିବ। ଚଳିତ ଶିକ୍ଷାବର୍ଷରେ ରାଜ୍ୟ ସରକାରଙ୍କ ତରଫରୁ ସମସ୍ତ ବିଦ୍ୟାଳୟକୁ 'ଶୈକ୍ଷିକ କ୍ୟାଲେଣ୍ଡର' ପ୍ରଦାନ କରାଯାଇଛି। ଛାତ୍ରୀଛାତ୍ରଙ୍କୁ ମାଗଣାରେ ପାଠ୍ୟ ପୁସ୍ତକ ଯୋଗାଣ, ପ୍ରବେଶ ଉତ୍ସବ ଓ ପୂର୍ଣ୍ଣ ଉପସ୍ଥାନ ଦିବସ ପାଳନ, ଶିକ୍ଷା ସଚେତନତା ରଥ ପରିକ୍ରମାର ମହତ୍ତ୍ୱ, ପିଲାଙ୍କ ଶିକ୍ଷଣ ଅଭିବୃଦ୍ଧିକୁ ଦୃଷ୍ଟିରେ ରଖି ଅବକାଶକାଳୀନ ଶିକ୍ଷା ବ୍ୟବସ୍ଥା, ଅଂଶୁଘାତ ପ୍ରତି ସାବଧାନତା, ଅନଲାଇନ୍ ସୁରକ୍ଷା ସମ୍ବନ୍ଧୀୟ ଭ୍ରାନ୍ତଧାରଣା, ସତ୍ୟତା ଓ ଏହାର ସମାଧାନ, ଅଭିଭାବକଙ୍କ ପାଇଁ ସାଇବର ସଚେତନତା, ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଉପରେ ସଚେତନତା ଆଦି ଆଲୋଚନା ହେବ। ସାଇବର ସମ୍ବନ୍ଧୀୟ ତଥ୍ୟ ରାଜ୍ୟ ୟୁନିସେଫ୍ କାର୍ଯ୍ୟାଳୟ, ସାଇବର କ୍ରାଇମ୍ ୟୁନିଟ, ସିଆଇଡି, କ୍ରାଇମ୍‌ବ୍ରାଞ୍ଚ, ରାଜ୍ୟ ପୋଲିସ ବିଭାଗର ସହାୟତାରେ ପ୍ରସ୍ତୁତ କରାଯାଇଛି।

# ୮ ରାଜ୍ୟରେ ବଢୁଛି କୋଭିଡ୍ ସଂକ୍ରମଣ

ଭୁବନେଶ୍ୱର,୧୯।୪(ବ୍ୟୁରୋ)

**ପି.କେ. ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ସ୍ଥିତି ସମୀକ୍ଷା**

ଗତ କିଛି ଦିନ ହେବ ଦେଶରେ କୋଭିଡ୍ ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି କୋଭିଡ୍ ସ୍ଥିତି ଆକଳନ କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପି.କେ. ମିଶ୍ରଙ୍କ ଅଧ୍ୟକ୍ଷତାରେ ବୁଧବାର ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବଢୁଥିବା କୋଭିଡ୍-୧୯କୁ ପ୍ରତିହତ ଲାଗି ସ୍ୱାସ୍ଥ୍ୟ ଭିତ୍ତିଭୂମି ଯଥା ଲଜିଷ୍ଟିକ୍ସ, ଔଷଧ, ଟିକାକରଣ ଅଭିଯାନର ସ୍ଥିତି ଏବଂ ପ୍ରସ୍ତୁତିର ସମୀକ୍ଷା ସହିତ ଆବଶ୍ୟକ ପଦକ୍ଷେପ ଗ୍ରହଣ ଉପରେ ଗୁରୁତ୍ୱ ଦିଆଯାଇଥିଲା। ସ୍ୱାସ୍ଥ୍ୟ ସଚିବ ରାଜେଶ ଭୂଷଣଙ୍କ ଦ୍ୱାରା ବିଶ୍ୱର କୋଭିଡ ସ୍ଥିତି ଉପରେ ଏକ ବିସ୍ତୃତ ଉପସ୍ଥାପନା କରାଯାଇଥିଲା। ଭାରତରେ କୋଭିଡ୍ ମାମଲା ଦ୍ରୁତ ଗତିରେ ବୃଦ୍ଧି ପାଇଛି। କେରଳ, ଦିଲ୍ଲୀ, ମହାରାଷ୍ଟ୍ର, ହରିୟାଣା, ଉତ୍ତରପ୍ରଦେଶ, ତାମିଲ୍‌ନାଡୁ, କର୍ଣ୍ଣାଟକ ଏବଂ ରାଜସ୍ଥାନ ଆଦି ୮ଟି ରାଜ୍ୟରେ ଅଧିକାଂଶ ମାମଲା ଦେଖାଦେଇଛି। ଏହି ରାଜ୍ୟର ହାରାହାରି ୯୨ ପ୍ରତିଶତ ଆକ୍ରାନ୍ତ ଘରେ ରହି ଚିକିତ୍ସିତ ହେଉଛନ୍ତି। ଜାନୁୟାରୀ ୨୦୨୩ଠାରୁ ବିଭିନ୍ନ ପ୍ରକାରର ଜେନୋମ ସିକ୍ୱେନ୍ସିଂର ସୂଚନା ବୈଠକରେ ଉପସ୍ଥାପନ କରାଯାଇଥିଲା। ଭାରତରେ ଦେଖାଯାଉଥିବା ଭାରିଏଣ୍ଟ, ଟିକାକରଣର ସ୍ଥିତି, ଔଷଧ ଉପଲବ୍ଧତା ଏବଂ ଭିତ୍ତିଭୂମି ପ୍ରସ୍ତୁତି ଉପରେ ଆଲୋଚନା କରାଯାଇଥିଲା। କୋଭିଡ୍-୧୯ ଟିକାକରଣ କାର୍ଯ୍ୟକ୍ରମର ବ୍ୟୟ, ଔଷଧ ଏବଂ ଟିକା ଲାଗି ଆବଶ୍ୟକ କଞ୍ଚାମାଲ ପାଇଁ ବଜେଟ ବ୍ୟବସ୍ଥାର ମଧ୍ୟ ସମୀକ୍ଷା ହୋଇଥିଲା। ବିସ୍ତୃତ ଉପସ୍ଥାପନା ପରେ ଡ. ମିଶ୍ର ସ୍ଥାନୀୟ ଅଞ୍ଚଳରେ ବଢୁଥିବା ମାମଲାର ପରିଚାଳନା ପାଇଁ ଉପ-ଜିଲାସ୍ତରରେ ପର୍ଯ୍ୟାପ୍ତ ସ୍ୱାସ୍ଥ୍ୟ ଭିତ୍ତିଭୂମି ଉପଲବ୍ଧ ହେବା ଜରୁରୀ ଏବଂ ରାଜ୍ୟମାନଙ୍କ ସହିତ ପରାମର୍ଶରେ ଏହା ନିଶ୍ଚିତ ହୋଇପାରିବ ବୋଲି କହିଥିଲେ। ବଢୁଥିବା ସ୍ଥିତିକୁ ଆଧାର କରି ରାଜ୍ୟଗୁଡିକୁ ମାର୍ଗଦର୍ଶନ କରିବା ପାଇଁ ଉପଦେଶଗୁଡ଼ିକ ମୂଲ୍ୟାଙ୍କନ କରାଯିବା ଉଚିତ୍ ଏବଂ ସେହି ଅନୁଯାୟୀ ଅପଡେଟ କରାଯିବା ଉଚିତ୍ ନେଇ ପରାମର୍ଶ ଦେଇଥିଲେ। ଟେଷ୍ଟ-ଟ୍ରାକ୍-ଟ୍ରିଟ୍-ଟିକାକରଣ ଏବଂ କୋଭିଡ୍ ଉପଯୁକ୍ତ ଆଚରଣ ପାଳନ ପାଇଁ ସମୟ ପରୀକ୍ଷିତ ପଞ୍ଚସୂତ୍ରୀ ରଣନୀତି ଲାଗୁ କରାଯିବା ଆବଶ୍ୟକ ବୋଲି ମିଶ୍ର କହିଥିଲେ। ବଢୁଥିବା ହଟ୍‌ସ୍ପଟ ଚିହ୍ନଟ ଉପରେ ଧ୍ୟାନ ଦେବା ସହ ରାଜ୍ୟଗୁଡିକ ଆଇଏଲ୍ଆଇ/ଏସ୍ଏଆର୍ଆଇ ମାମଲାର ଧାରା ଉପରେ ନଜର ରଖିବା ଉଚିତ୍ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା। ବୈଠକରେ କ୍ୟାବିନେଟ ସଚିବ ରାଜୀବ ଗୌବା, ନୀତି ଆୟୋଗର ସଦସ୍ୟ ଡ. ବିନୋଦ ପଲ, ଅର୍ଥ ସଚିବ ଟି.ଭି. ସୋମନାଥନ, ଫାର୍ମାସ୍ୟୁଟିକାଲ ସଚିବ ଏସ୍. ଅପର୍ଣ୍ଣା, ବେସାମରିକ ବିମାନ ଚଳାଚଳ ସଚିବ ରାଜୀବ ବଂଶଲ, ଆୟୁଷ ସଚିବ ରାଜେଶ କୋଟେଚା, ଆଇସିଏମ୍ଆର ମହାନିର୍ଦ୍ଦେଶକ ରାଜୀବ ଭାଲ୍, ବାୟୋଟେକ୍ନୋଲୋଜି ସଚିବ ରାଜେଶ ଏସ ଗୋଖଲେ ଏବଂ ସୂଚନା ଏବଂ ପ୍ରସାରଣ ସଚିବ ଅପୂର୍ବ ଚନ୍ଦ୍ରା ପ୍ରମୁଖ ଯୋଗ ଦେଇଥିଲେ।

# ୭୦୦ ବର୍ଷ ପୁରୁଣା ଗଜସିଂହ ମଣ୍ଡପ ଚିହ୍ନଟ

■ ମିଳିତ ଐତିହ୍ୟ ଅନୁସନ୍ଧାନକାରୀଙ୍କ ଦ୍ୱାରା ଠାବ
■ ସମ୍ରାଟ ଲାଙ୍ଗୁଳା ନରସିଂହ ଦେବ ଏଠାରେ ବସୁଥିଲେ
■ ଐତିହାସିକ ସ୍ଥାନର ମାନ୍ୟତା ଦିଆଯାଉ

ଭୁବନେଶ୍ୱର,୧୯।୪(ବ୍ୟୁରୋ)



ଗଜସିଂହ ମଣ୍ଡପ ନିକଟରେ ଉପସ୍ଥିତ ଇନ୍‌ଟାକ୍, ରିଡିସ୍କଭର ଲଷ୍ଟ ହେରିଟେଜ ଗ୍ରୁପର ସଦସ୍ୟ ଓ ଛାତ୍ରୀଛାତ୍ରୀ।



ଜଙ୍କିଆସ୍ଥିତ ଭୋଗପୁର ଗ୍ରାମରେ ଥିବା ଗଜସିଂହ ମଣ୍ଡପ।

ଖୋର୍ଦ୍ଧା ଜିଲା ଜଙ୍କିଆ ତହସିଲ ଅନ୍ତର୍ଗତ ଭୋଗପୁର ଗ୍ରାମରୁ ଏକ ପ୍ରାଚୀନ ପ୍ରସ୍ତର ମଣ୍ଡପର ସନ୍ଧାନ ମିଳିଛି। ଇନ୍‌ଟାକ ଓଡ଼ିଶା ଶାଖା, ହେରିଟେଜ ଆଣ୍ଡ୍ କଲଚର କ୍ଲବ ଅଫ୍ ଆଇଆଇଟିଏମ୍, ଭୁବନେଶ୍ୱର ତଥା ରିଡିସ୍କଭର ଲଷ୍ଟ ହେରିଟେଜ ଗ୍ରୁପର ସଦସ୍ୟମାନଙ୍କ ମିଳିତ ଐତିହ୍ୟ ଅନୁସନ୍ଧାନକାରୀ ଦଳ ଏହି ପୁରାତନ କାରୁକାର୍ଯ୍ୟପୂର୍ଣ୍ଣ ମଣ୍ଡପଟିକୁ ଖୋଜି ବାହାର କରିଛନ୍ତି। ବିଶ୍ୱ ଐତିହ୍ୟ ଦିବସ ତଥା ଜି୨୦ ଜନ ଭାଗୀଦାରି କାର୍ଯ୍ୟକ୍ରମ ଅନ୍ତର୍ଗତ ଏହି କାର୍ଯ୍ୟକ୍ରମରେ ଆଇଆଇଟିଏମ୍ ସଂସ୍ଥାର ୨୦ ଜଣ ଛାତ୍ରୀଛାତ୍ରଙ୍କ ସମେତ ଅନେକ ଐତିହାସିକ, ସଂସ୍କୃତିପ୍ରେମୀ ତଥା ସ୍ଥାନୀୟ ଅଧିବାସୀ ଯୋଗଦେଇଥିଲେ। 'ପବନଖିଆ ମଣ୍ଡପ' ବା 'ଗଜସିଂହ ମଣ୍ଡପ' ରୂପେ ଏହି ମଣ୍ଡପ ଜଣାଶୁଣା। ଏହି ମଣ୍ଡପରେ ବସି ଗଙ୍ଗବଂଶୀୟ ସମ୍ରାଟ ଲାଙ୍ଗୁଳା ନରସିଂହ ଦେବ ବିଶ୍ରାମ କରିଥିବା ଲୋକକଥା ରହିଛି।

ଏ ସମ୍ପର୍କରେ ରିଡିସ୍କଭର ଲଷ୍ଟ ହେରିଟେଜ ଗ୍ରୁପର ପ୍ରତିଷ୍ଠାତା ସଦସ୍ୟ ତଥା ଐତିହ୍ୟ ଗବେଷକ ଦୀପକ କୁମାର ନାୟକ କହିଛନ୍ତି, ପ୍ରାୟ ୧୫ ଫୁଟ ଉଚ୍ଚତା ଓ ୧୫ ଫୁଟ ଦୈର୍ଘ୍ୟ ବିଶିଷ୍ଟ ଏହି ବର୍ଗାକାର ମଣ୍ଡପଟି ମାଙ୍କଡ଼ା ପଥର ଓ ଖୋଣ୍ଡାଲାଇଟ ପ୍ରସ୍ତର ଦ୍ୱାରା ନିର୍ମିତ। ଏହି ମଣ୍ଡପ ଉପରକୁ ଯିବା ପାଇଁ କୌଣସି ପାହାଚ କିମ୍ବା ରାସ୍ତା ନାହିଁ। ତେଣୁ ସ୍ଥାନୀୟ ଲୋକକଥା ଅନୁଯାୟୀ, ରାଜା ହାତୀପିଠିରେ ବସି ମଣ୍ଡପ ଉପରେ ଓହ୍ଲାଇ ସେଠି ବସୁଥିଲେ। ଏହି ମଣ୍ଡପ ନିକଟରେ ଥିବା ଦକ୍ଷିଣଚଣ୍ଡୀଙ୍କ ମନ୍ଦିରରେ ଏକ ପ୍ରସ୍ତର ଅଭିଲେଖରୁ ନରସିଂହ ଦେବଙ୍କ ନାମ ଉତ୍ତୀର୍ଣ୍ଣ ହୋଇଥିବା ଜଣାଯାଏ। ଗଙ୍ଗବଂଶ ଓ ଭୋଇବଂଶରେ ଏକାଧିକ ନରସିଂହ ଦେବ ନାମଧାରୀ ରାଜା ଶାସନ କରିଥିବାରୁ ଏହି ଅଭିଲେଖ ଉପରେ ଅଧିକ ଗବେଷଣା ଆବଶ୍ୟକ। ତେବେ ମଣ୍ଡପର ସୂକ୍ଷ୍ମ ପ୍ରସ୍ତର କାରୁକାର୍ଯ୍ୟ, ଗଜାକ୍ରାନ୍ତ ସିଂହ, ମୈଥୁନ ମୂର୍ତ୍ତି ତଥା ପୁଷ୍ପଲତାର ଚିତ୍ରଣରୁ ଏହା ପ୍ରାୟ ୬୦୦ରୁ ୭୦୦ ବର୍ଷ ତଳେ ନିର୍ମିତ ହୋଇଥିବା ନାୟକ ଅନୁମାନ କରିଛନ୍ତି।

ସେହିପରି ଇନ୍‌ଟାକ ଓଡ଼ିଶାର ସହ-ଆବାହକ ତଥା ଐତିହାସିକ ଅନିଲ ଧୀରଙ୍କ କହିବା ଅନୁଯାୟୀ, ଏପରି ଏକ ଐତିହ୍ୟ ଓଡ଼ିଶାରେ ବିରଳ। ଜଣେ ରାଜାଙ୍କ ବସିବା ପାଇଁ ଏପରି ମୁକ୍ତାକାଶ ମଣ୍ଡପ ବା ସିଂହାସନ ଓଡ଼ିଶାରେ ଅନ୍ୟ କେଉଁଠି ଆମେ ଦେଖିନାହୁଁ। ତେବେ ଏହି ମଣ୍ଡପଟି ବର୍ତ୍ତମାନ ଅବହେଳିତ ଅବସ୍ଥାରେ ରହିଛି। ମଣ୍ଡପର ବିଭିନ୍ନ ଅଂଶରୁ କାରୁକାର୍ଯ୍ୟପୂର୍ଣ୍ଣ ପଥର ଖସିପଡୁଛି, କିଛି ମୂର୍ତ୍ତି ମଧ୍ୟ ଗାଏବ ହୋଇଗଲାଣି। ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ତୁରନ୍ତ ଏହାକୁ ଐତିହାସିକ ସ୍ଥାନର ମାନ୍ୟତା ଦେବାର ଆବଶ୍ୟକ ରହିଛି। ଆଇଆଇଟିଏମ୍‌ର ସହକାରୀ ପ୍ରଫେସର ଡ.ଆଦ୍ୟାଶା ଦାସ କହିଛନ୍ତି, ଛାତ୍ରୀଛାତ୍ର ଓ ସ୍ଥାନୀୟ ଅଧିବାସୀଙ୍କ ମଧ୍ୟରେ ଇତିହାସ ଓ ଐତିହ୍ୟ ପାଇଁ ସଚେତନତା କରିବା ଆବଶ୍ୟକ। ଭାରତର ପ୍ରତ୍ୟେକ ଗ୍ରାମରେ ଏପରି ଲୁକ୍କାୟିତ ଐତିହ୍ୟ ରହିଛି। ସ୍ଥାନୀୟ ଅଧିବାସୀ ନିଜ ଅଞ୍ଚଳର ଐତିହାସିକ ବିଭବ ପାଇଁ ଗର୍ବିତ ହେବା ସହ ସେସବୁର ସୁରକ୍ଷା ଓ ପ୍ରଚାର ପ୍ରସାର କରିବା ଦିଗରେ ଯତ୍ନବାନ ହେବା ଜରୁରୀ। ପ୍ରାଚୀନ ଗଜସିଂହ ମଣ୍ଡପର ପୁନରୁଦ୍ଧାର ପାଇଁ ପ୍ରଚେଷ୍ଟା ଜାରି ରଖିବୁ ବୋଲି ଦାସ କହିଥିଲେ।

ପ୍ରଥମ ପୃଷ୍ଠାରୁ...

## ସ୍ୱାଭିମାନ ଅଞ୍ଚଳରେ...

ପାଇଁ କେତୋଟି ସ୍ଥାନ ଚୟନ କରିଛି। ଗତ ଦୁଇ ସପ୍ତାହ ତଳେ ଉପରୋକ୍ତ ଅଞ୍ଚଳରେ ପୁଷ୍ପା-୨ର ଶୁଟିଂ କରିବାକୁ ପ୍ରଯୋଜନା ସଂସ୍ଥା ମାଲକାନଗିରି ଜିଲାପାଳ ଓ ଏସ୍‌ପିଙ୍କୁ ଅନୁମତି ପାଇଁ ଆବେଦନ କରିଥିଲା। ଅନୁମତି ପରେ ସ୍ୱାଭିମାନ ଅଞ୍ଚଳର ହନ୍ତାଳଗୁଡା ନିକଟସ୍ଥ ତରାବୁ ଜଳପ୍ରପାତ ନିକଟରେ ପୁଷ୍ପା-୨ର ଶୁଟିଂ ନିମନ୍ତେ ନିର୍ଦ୍ଦେଶକ, ପ୍ରଯୋଜକ, ମୈତ୍ରୀ ମୁଭି ମେକର ଟିମ୍ ଦୁଇଟି ସ୍ୱତନ୍ତ୍ର ବସ୍ ଯୋଗେ କଳାକାରମାନଙ୍କୁ ଧରି ପହଞ୍ଚିଛନ୍ତି। ସେଠାରେ ଜଙ୍ଗଲୀ ସେଟ୍ ତିଆରି ଚାଲିଛି। ଟିମ୍‌ରେ ମୈତ୍ରୀ ମୁଭି ମେକର ପକ୍ଷରୁ ଫାଇଟ ମାଷ୍ଟର ପିଟର ହାଇସନ୍, କଳା ନିର୍ଦ୍ଦେଶକ ରାମକ୍ରିଷ୍ଣା, ଫାଇଟ ମାଷ୍ଟର ଡ୍ରାଗନ ପ୍ରକାଶ, ସହକାରୀ ପ୍ରଯୋଜକ ଶୁଭ୍ରମଣ୍ୟମ୍‌ଙ୍କ ସହ ନିର୍ଦ୍ଦେଶକ ପ୍ରସାଦ ମାରିସେଟି, କ୍ୟାମେରାମ୍ୟାନ ଦେବରାଜ ରହିଛନ୍ତି। ସେମାନେ ବିଭିନ୍ନ ସ୍ଥାନ ବୁଲି ଲୋକେଶନ ସେଟ୍ କରୁଛନ୍ତି। ଏହି ଶୁଟିଂ ସମୟରେ ଶୁଟିଂ ଦେଖିବାକୁ ଯେପରି ପ୍ରବଳ ଭିଡ ନ ହୁଏ ସେଥିପ୍ରତି ଗୁରୁତ୍ୱ ଦେଇ ଟିମ୍ ସ୍ଥାନୀୟ ପୋଲିସ ପ୍ରଶାସନ ସହଯୋଗରେ ଶୁଟିଂ ଆରମ୍ଭ କରିବ ବୋଲି ଜଣାପଡିଛି। ସୂଚନାଯୋଗ୍ୟ, ମଙ୍ଗଳବାର ଏହି ଆଭ୍ୟନ୍ତରୀଣ ଜଙ୍ଗଲ ଅଞ୍ଚଳରେ ପରୀକ୍ଷାମୂଳକ ଭାବେ କେତେକାଂଶରେ ଶୁଟିଂ ହୋଇଥିବା ଖବର ମିଳିଛି।

## ସ୍ଥାନୀୟ ଭାଷାରେ...

ଦକ୍ଷତାର ବିକାଶ ଘଟିବ ବୋଲି ଜଗଦୀଶ କହିଛନ୍ତି। ଇଂଲିଶ୍‌ରେ ପାଠ ପଢ଼ା ଜାରି ରହିଥିଲେ ମଧ୍ୟ ସ୍ଥାନୀୟ ଭାଷାରେ ଶିକ୍ଷା ଦାନ ଓ ଗ୍ରହଣ ଆରମ୍ଭ ହେଲେ ଛାତ୍ରୀଛାତ୍ର ଏଥିରେ ଅଧିକ ଜଡ଼ିତ ହେବେ। ଫଳରେ ସଫଳତା ହାର ବୃଦ୍ଧି ପାଇବ। ଏହାଦ୍ୱାରା ସେମାନେ ପରିପ୍ରକାଶ ପାଇଁ ମଧ୍ୟ ଅଧିକ ସୁଯୋଗ ପାଇବେ ବୋଲି ୟୁଜିସି ଅଧ୍ୟକ୍ଷ ସୂଚନା ଦେଇଛନ୍ତି।

## ଭାରତ ସବୁଠୁ...

ପ୍ରତି ୧୦ ବର୍ଷରେ ଥରେ ଦେଶରେ ଜନଗଣନା କରାଯାଏ। ୨୦୨୧ରେ ଜନଗଣନା ହେବାକୁ ଥିବାବେଳେ ମହାମାରୀ କରୋନା ଯୋଗୁ ଏହା ସମ୍ଭବପର ହୋଇନାହିଁ। ଜନସଂଖ୍ୟା ବୃଦ୍ଧି ନେଇ କେନ୍ଦ୍ରର ଭାଜପା ସରକାରଙ୍କୁ ଏବେ ତତ୍ପର ହେବାର ଆବଶ୍ୟକତା ରହିଛି। କାରଣ ଦେଶରେ ମୁଣ୍ଡ ଟେକିଥିବା ବେକାରି ସମସ୍ୟାକୁ ନେଇ ଅନେକ କୋଟି ଲୋକ ଏବେ ଚିନ୍ତାଗ୍ରସ୍ତ। ଜନସଂଖ୍ୟା ବୃଦ୍ଧି ଘଟିବା ପରେ ବେରୋଜଗାରୀ ଦୂର ପାଇଁ ଜରୁରୀ ପଦକ୍ଷେପ ନିଆଯିବା ଆବଶ୍ୟକ। ୟୁରୋପ, ଆଫ୍ରିକା ଓ ଆମେରିକାର ମୋଟ ଜନସଂଖ୍ୟାରୁ ଅଧିକ ସଂଖ୍ୟକ ଲୋକ ଭାରତରେ ବସବାସ କରୁଛନ୍ତି।

ଦେଶର ମୋଟ ଜନସଂଖ୍ୟାର ଏକଚତୁର୍ଥାଂଶ ୧୪ ବର୍ଷରୁ କମ୍ ବୟସ ବର୍ଗ ରହିଥିବା ଜାତିସଂଘ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ସେହିପରି ୬୮% ଲୋକ ୧୫ରୁ ୬୪ ବର୍ଷୀୟ ଏବଂ ମାତ୍ର ୭% ହେଉଛନ୍ତି ୬୫ ବର୍ଷରୁ ଊର୍ଦ୍ଧ୍ୱ ବୟସ ବର୍ଗର। ବିଭିନ୍ନ ଏଜେନ୍ସି ପକ୍ଷରୁ ପ୍ରକାଶ ପାଇଥିବା ତଥ୍ୟ ଅନୁସାରେ ଆସନ୍ତା ୩୦ ବର୍ଷ ପର୍ଯ୍ୟନ୍ତ ଭାରତରେ ଜନସଂଖ୍ୟା ବୃଦ୍ଧି ଘଟିବ। ଦେଶର ମୋଟ ଜନସଂଖ୍ୟା ୧୬୫ କୋଟିରେ ପହଞ୍ଚିବା ପରେ ଏଥିରେ ହ୍ରାସ ଦେଖାଯିବ। ସେହିପରି ୨୦୫୦ ବେଳକୁ ଭାରତର ଜନସଂଖ୍ୟା ୧.୬୬୮ ବିଲିୟନ୍‌କୁ ଛୁଇଁବା ନେଇ ଆକଳନ କରାଯାଇଛି। ଅନ୍ୟପକ୍ଷେ ଚାଇନାର ଜନସଂଖ୍ୟା ୧.୩୧୭ ବିଲିୟନ୍‌ରେ ପହଞ୍ଚିବ ବୋଲି ବିଶେଷଜ୍ଞ ଅନୁମାନ କରିଛନ୍ତି। ଜାତିସଂଘ ରିପୋର୍ଟ ମୁତାବକ ଚଳିତବର୍ଷ ମଧ୍ୟଭାଗରେ ବିଶ୍ୱର ଜନସଂଖ୍ୟା ୮.୦୪୫ ବିଲିୟନରେ ପହଞ୍ଚିବ।



ସମ୍ବଲପୁରରେ ସାମ୍ପ୍ରଦାୟିକ ସଦ୍ଭାବନା ପ୍ରତିଷ୍ଠା ପାଇଁ ବିଜୁ ଜନତା ଦଳ ଭୁବନେଶ୍ୱର ସାଙ୍ଗଠନିକ ଜିଲା ପକ୍ଷରୁ ବୁଧବାର ବାହାରିଥିବା କ୍ୟାଣ୍ଡେଲ ଶୋଭାଯାତ୍ରା।

**ସମ୍ବଲପୁର ହିଂସା ଘଟଣା**

# ବିଜେଡିର ସଦ୍ଭାବନା ଶୋଭାଯାତ୍ରା

ଭୁବନେଶ୍ୱର, ୧୯।୪(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ସଦାସର୍ବଦା ଅହିଂସାରେ ବିଶ୍ୱାସ କରନ୍ତି। କିନ୍ତୁ ରାଜ୍ୟରେ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳ ଜାତି ତଥା ଧର୍ମକୁ ନେଇ ଅଶାନ୍ତିର ବାତାବରଣ ସୃଷ୍ଟି କରୁଛି। ଏହି ସନ୍ଦର୍ଭରେ ସମ୍ବଲପୁରରେ ଶାନ୍ତି, ସଦ୍ଭାବନା ଏବଂ ଭାଇଚାରା ବଜାୟ ରଖିବାକୁ ବିଜୁ ଯୁବଛାତ୍ର ଜନତା ଦଳ ପକ୍ଷରୁ ବୁଧବାର ଶାନ୍ତିପୂର୍ଣ୍ଣ ମହମ ଶୋଭାଯାତ୍ରା ଆୟୋଜନ କରାଯାଇଛି ବୋଲି ବିଜୁ ଯୁବ ଜନତା ଦଳ ରାଜ୍ୟ ସଭାପତି ବ୍ୟୋମକେଶ ରାୟ କହିଛନ୍ତି। ତାଙ୍କ ନେତୃତ୍ୱରେ ଅପରାହ୍ନ ୫ଟା ସମୟରେ ହାଉସିଂ ବୋର୍ଡ ଛକଠାରେ ଏକାଧିକ ଦଳୀୟ ମହିଳା, ଯୁବ ଓ ଛାତ୍ର କର୍ମୀ ଏକାଠି ହୋଇଥିଲେ। ରାଜ୍ୟ ହାଉସିଂ ବୋର୍ଡ ଛକଠାରୁ ରାମ ମନ୍ଦିର ପର୍ଯ୍ୟନ୍ତ ଏହି ଶାନ୍ତିପୂର୍ଣ୍ଣ ମହମ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଶୋଭାଯାତ୍ରାରେ ଭୁବନେଶ୍ୱର(ମଧ୍ୟ) ବିଧାୟକ ଅନନ୍ତ ନାରାୟଣ ଜେନା ଯୋଗଦେଇ ଯୁବ ଓ ଛାତ୍ରଙ୍କୁ ଉତ୍ସାହିତ କରିଛନ୍ତି। ଏହି ଶୋଭାଯାତ୍ରାରେ ବହୁ ବିଜେଡି ଯୁବ, ଛାତ୍ର ଏବଂ ମହିଳା ସଙ୍ଗଠନର ନେତା ଓ କର୍ମୀମାନେ ଯୋଗ ଦେଇଥିଲେ। ସେହିପରି ରାଜ୍ୟର ଅନ୍ୟ ଅଞ୍ଚଳଗୁଡ଼ିକରେ ମଧ୍ୟ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଛି।

ସୂଚନାଯୋଗ୍ୟ, ବିଜେଡି ପକ୍ଷରୁ ମଙ୍ଗଳବାର ଶାନ୍ତି ଶୋଭାଯାତ୍ରା ସମ୍ପର୍କରେ ସୂଚନା ଦିଆଯାଇ କୁହାଯାଇଥିଲା ଯେତେବେଳେ ସମ୍ବଲପୁରରେ ଶାନ୍ତି ଫେରୁଛି, ସେତିକିବେଳେ ରାଜ୍ୟ ଭାଜପା କେବଳ ରାଜନୈତିକ ଫାଇଦା ହାସଲ କରିବା ପାଇଁ ଲୋକଙ୍କୁ ହିଂସା କରିବାକୁ ଉସୁକାଇବାର ଉଦ୍ୟମ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ବିଭିନ୍ନ ସ୍ୱର୍ଣ୍ଣକାତର ଘଟଣାରେ ଏହା ସଦାବେଳେ ଭାଜପାର ରଣନୀତି ରହି ଆସିଛି। ସମ୍ବଲପୁରରେ ଯେଉଁମାନେ ଗଣ୍ଡଗୋଳରେ ସମ୍ପୃକ୍ତ ଥିଲେ,ପୋଲିସ ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଗିରଫଦାରି ଜାରି ରହିଛି। ଯେଉଁମାନେ ହିଂସାକୁ ଉସୁକାଉଥିଲେ ସେମାନେ ମଧ୍ୟ ଆଇନର ସମ୍ମୁଖୀନ ହେବେ। ମାତ୍ର ଏଭଳି ସ୍ଥିତିରେ ହୀନ ରାଜନୈତିକ ଷଡ଼ଯନ୍ତ୍ର କରି ଭାଜପା ସାଢେ ୪ କୋଟି ଓଡ଼ିଆ ଏବଂ ଓଡ଼ିଶାକୁ ବଦନାମ କରୁଛନ୍ତି। ଓଡ଼ିଶା ବିରୋଧରେ ଏହା ଭାଜପାର ସବୁଠୁ ବଡ଼ ଅପମାନ। ଏହି ପରିପ୍ରେକ୍ଷୀରେ ବିଜେଡି ରାଜ୍ୟବ୍ୟାପୀ ଶାନ୍ତି ଶୋଭାଯାତ୍ରା କରିବ ବୋଲି ଦଳର ମୁଖପାତ୍ର ଶ୍ରୀମୟୀ ମିଶ୍ର ସୂଚନା ଦେଇଛନ୍ତି।

# ୧୪ ଜିଲାରେ ବନ୍ଦ ଶାନ୍ତିପୂର୍ଣ୍ଣ

**ସମ୍ବଲପୁର ହିଂସା ଘଟଣାର ପ୍ରତିବାଦ**

- ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ଦେଖିବାକୁ ମିଳିଲା ପ୍ରଭାବ
- କୋହଳ ସତ୍ତ୍ୱେ ସମ୍ବଲପୁରରେ କର୍ଫ୍ୟୁର ଭ୍ରମ
- ସ୍ୱାଭାବିକ ହୋଇପାରୁନି ଇଣ୍ଟରନେଟ ସେବା

ସମ୍ବଲପୁର(ବ୍ୟୁରୋ)/ନବରଙ୍ଗପୁର(ବି.ପ୍ର.),୧୯।୪

ସମ୍ବଲପୁରରେ ହନୁମାନ ଜୟନ୍ତୀ ଶୋଭାଯାତ୍ରା ସମୟରେ ଗତ ୧୨ ଓ ୧୪ ତାରିଖରେ ସୃଷ୍ଟ ସାମ୍ପ୍ରଦାୟିକ ହିଂସାର ପ୍ରଭାବ ଏବେ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାକୁ ବ୍ୟାପିଛି। ଭାଜପା ସମର୍ଥନରେ ବୁଧବାର ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ଆହ୍ୱାନକ୍ରମେ ପଶ୍ଚିମ ଓଡ଼ିଶାର ୧୦ ଓ ଦକ୍ଷିଣ ଓଡ଼ିଶାର ୪ ଜିଲାରେ ୧୨ଘଣ୍ଟିଆ ବନ୍ଦ ପାଳନ କରାଯାଇଛି। ଶାନ୍ତିପୂର୍ଣ୍ଣ ଭାବେ ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବନ୍ଦର ପ୍ରଭାବ ପ୍ରାୟ ଦେଖିବାକୁ ମିଳିଥିଲା। ଅପରପକ୍ଷରେ ସମ୍ବଲପୁରରେ କର୍ଫ୍ୟୁକୁ ସାମାନ୍ୟ କୋହଳ କରାଯାଇଥିବାବେଳେ ଇଣ୍ଟରନେଟ ସେବା ସ୍ୱାଭାବିକ ହୋଇପାରି ନାହିଁ। ଗୁରୁବାର ସକାଳ ୧୦ଟାପର୍ଯ୍ୟନ୍ତନେଟସେବାକୁବନ୍ଦକରାଯାଇଛି। ଫଳରେ ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି।

ମିଳିଥିବା ସୂଚନା ଅନୁସାରେ ପଶ୍ଚିମ ଓଡ଼ିଶାର ଝାରସୁଗୁଡ଼ା, ଦେବଗଡ଼, ସୁନ୍ଦରଗଡ଼, ବଲାଙ୍ଗୀର, ବୌଦ୍ଧ, ସୋନପୁର, କଳାହାଣ୍ଡି, ବରଗଡ଼ ଜିଲାରେ ମଧ୍ୟ ବନ୍ଦକୁ ସମର୍ଥନ ମିଳିଥିଲା। ଏହି ସମସ୍ତ ଜିଲାରେ ଦୋକାନ ବଜାର ସାଙ୍ଗକୁ ସ୍କୁଲ, କଲେଜ, ସରକାରୀ ଅଫିସ, ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ ରହିଥିଲା। ରାସ୍ତାଘାଟ ଶୂନଶାନ ହୋଇପଡିଥିଲା। ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ପୋଲିସ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା। ବିଭିନ୍ନ ସ୍ଥାନରେ ସଭା ସମିତି ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇ ସମ୍ବଲପୁର ଦଙ୍ଗା ଘଟଣାକୁ ନିନ୍ଦା କରାଯାଇଥିଲା। ଏଥିସହ ପୋଲିସ ଓ ଜିଲା ପ୍ରଶାସନର ଅବହେଳା ଯୋଗୁ ଏଭଳି ସାମ୍ପ୍ରଦାୟିକ ଘଟଣା ଘଟିଲା ବୋଲି ଅଭିଯୋଗ କରାଯାଇଥିଲା। ସେହିପରି ଦକ୍ଷିଣ ଓଡ଼ିଶାର ନବରଙ୍ଗପୁର, କୋରାପୁଟ, ରାୟଗଡ଼ା ଏବଂ ମାଲକାନଗିରି ଜିଲାରେ ଶାନ୍ତିପୂର୍ଣ୍ଣଭାବେ ବନ୍ଦପାଳନ କରାଯାଇଥିଲା। ନବରଙ୍ଗପୁର ଜିଲା ସଦର, ଉମରକୋଟ ସହର ସମେତ ୧୦ଟି ବ୍ଲକରେ ବନ୍ଦ ଶାନ୍ତିପୂର୍ଣ୍ଣ ହୋଇଛି। ଦୋକାନ ବଜାର ସହ ବିଭିନ୍ନ ସରକାରୀ କାର୍ଯ୍ୟାଳୟକୁ ପିକେଟିଂ କରି ବନ୍ଦ କରାଯାଇଛି। ସ୍କୁଲ, କଲେଜ, ବ୍ୟାଙ୍କ, ଡାକଘର ଆଦି ବନ୍ଦ ରହିଥିଲା। ବନ୍ଦ ପ୍ରଭାବରେ ନବରଙ୍ଗପୁର ସହରର ଚାଉଁରିଆଗୁଡ଼ା ଛକ ନିକଟରେ ଗାଡ଼ିଗୁଡିକ ଅଟକି ରହିଥିଲା। ଫଳରେ ଯାତ୍ରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। କୋରାପୁଟ-ନବରଙ୍ଗପୁର-କଳାହାଣ୍ଡିକୁ ସଂଯୋଗ କରୁଥିବା ୨୬ ନମ୍ବର ଜାତୀୟ ରାଜପଥରେ ବିଭିନ୍ନ ହିନ୍ଦୁ ସଂଗଠନର କର୍ମକର୍ତ୍ତା ଧାରଣା ଦେଇଥିଲେ। ଜରୁରିକାଳୀନ ସେବା ବ୍ୟତୀତ ସମସ୍ତ ସେବା ବନ୍ଦ କରାଯାଇଛି। ନବରଙ୍ଗପୁର ପୋଲିସ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ।



ସମ୍ବଲପୁରରେ କର୍ଫ୍ୟୁ କୋହଳ ସତ୍ତ୍ୱେ ବନ୍ଦ ପାଳନ ଯୋଗୁ ରାସ୍ତା ଶୂନ୍‌ଶାନ।

ସମ୍ବଲପୁରରେ ହନୁମାନ ଜୟନ୍ତୀ ଶୋଭାଯାତ୍ରା ସମୟରେ ହୋଇଥିବା ସାମ୍ପ୍ରଦାୟିକ ହିଂସା ଘଟଣା ନେଇ ଜିଲା ପ୍ରଶାସନ ନେଟ୍‌ସେବା ବନ୍ଦ କରିବା ସହ କର୍ଫ୍ୟୁ ଜାରି କରିଛି। ବୁଧବାର କର୍ଫ୍ୟୁ ସମୟ ସକାଳ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ କୋହଳ କରଯାଇଥିଲା। କୋହଳ ହେବା ସତ୍ତ୍ୱେ ସହରରେ କର୍ଫ୍ୟୁର ଭ୍ରମ ଦେଖିବାକୁ ମିଳିଥିଲା। ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ମିଳିତ ଭାବେ ପଶ୍ଚିମ ପ୍ରାନ୍ତ ବନ୍ଦ ଡାକରାକୁ ସମ୍ବଲପୁରରେ ଜନ ସମର୍ଥନ ମିଳିଥିଲା। ଲୋକମାନେ ସ୍ୱତଃପ୍ରବୃତ୍ତ ଭାବେ ବନ୍ଦ ଡାକରାକୁ ମାନିନେଇ ସହରର ଦୋକାନ ବଜାର ବନ୍ଦ ରଖିଥିଲେ। ଏପରି କି ଘରୋଇ ବ୍ୟବସାୟିକ ଅନୁଷ୍ଠାନ, ଶିକ୍ଷା ଅନୁଷ୍ଠାନ ମଧ୍ୟ ବନ୍ଦ ରହିଥିଲା। ଜିଲାରେ ଆଇନଶୃଙ୍ଖଳା ପରିସ୍ଥିତି ଲାଗିରହିଥିବାରୁ ଜିଲା ପ୍ରଶାସନର କେତେକ ଅଫିସ ଖୋଲା ରହିଥିଲା। ବନ୍ଦ ପାଳନ କରି ଏକତାର ବାର୍ତ୍ତା ଦେଇଛନ୍ତି ସମ୍ବଲପୁରବାସୀ। ପାନ ଦୋକାନଠାରୁ ଆରମ୍ଭ କରି ବଡ଼ ବଡ଼ ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ ରହିଥିଲା। ସହରରେ ଏଭଳି ସ୍ଥିତି ରହିଥିବାବେଳେ ଗ୍ରାମାଞ୍ଚଳରେ ବନ୍ଦର ଆଂଶିକ ପ୍ରଭାବ ଦେଖିବାକୁ ମିଳିଥିଲା। ଜିଲା ପ୍ରଶାସନ ପକ୍ଷରୁ କର୍ଫ୍ୟୁ ଜାରି କରାଯାଇଛି। ତେଣୁ ଔପଚାରିକ ଭାବେ ବିଶ୍ୱହିନ୍ଦୁ ପରିଷଦ, ବଜରଙ୍ଗ ଦଳ କିମ୍ବା ଭାଜପା ପକ୍ଷରୁ ବିଧିବଦ୍ଧ ସୂଚନା ଦିଆଯାଇ ନ ଥିଲା। ନେଟ୍ ସେବା ବନ୍ଦ ଥିବାରୁ ବନ୍ଦ ପାଇଁ ପ୍ରସ୍ତୁତ କରାଯାଇଥିବା ଅଡିଓ ମଧ୍ୟ ଲୋକମାନଙ୍କ ପାଖରେ ପହଞ୍ଚିପାରି ନ ଥିଲା। ହେଲେ ଲୋକଙ୍କ ଭିତରେ ପରସ୍ପର ଆଲୋଚନା ମାଧ୍ୟମରେ ବନ୍ଦ ପ୍ରଚାର ହୋଇ ସହରରେ ସଫଳ ହୋଇଥିଲା। ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା। ଗୋଟିଏ ପଟେ କର୍ଫ୍ୟୁ ଓ ଅନ୍ୟପଟେ ବନ୍ଦ ପାଳନକୁ ନେଇ ବିଭିନ୍ନ ସ୍ଥାନରେ ପୋଲିସ ପାଟ୍ରୋଲିଂ ଲାଗିରହିଥିଲା। ଲୋକମାନଙ୍କୁ ମଧ୍ୟ ସାମାନ୍ୟ ସମସ୍ୟା ହେଉଥିବା ଦେଖିବାକୁ ମିଳିଥିଲା। ବନ୍ଦ ପାଳନ ଯୋଗୁ ଗାଡି ଚଳାଚଳ ପ୍ରଭାବିତ ହୋଇଥିଲା। ହୋଟେଲ, ରେଷ୍ଟୁରାଣ୍ଟ ବନ୍ଦ ରହିଥିବାରୁ ଖାଦ୍ୟ ମିଳିବା କଷ୍ଟକର ହୋଇପଡ଼ିଥିଲା। ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବନ୍ଦ ଡାକରା ଦିଆଯାଇଥିବାବେଳେ ସକାଳ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ କର୍ଫ୍ୟୁ କୋହଳ ରହିଥିଲା। ବନ୍ଦ ଡାକରା ସମୟ ଶେଷ ହେବା ପରେ କର୍ଫ୍ୟୁ କଟକଣା ଲାଗି ରହୁଥିଲା। ତେଣୁ ପରିସ୍ଥିତି ଆହୁରି ଜଟିଳ ହୋଇପଡିଥିଲା।

# ଧାର ଟଙ୍କା ମାଗିବାରୁ ମହିଳାଙ୍କୁ ବଳାତ୍କାର

**ରାଜଧାନୀରେ ଲଜ୍ଜା**

ଭୁବନେଶ୍ୱର,୧୯।୪ (ବ୍ୟୁରୋ)

ଧାର୍ ଟଙ୍କା ମାଗିବାରୁ ଜଣେ ମହିଳାଙ୍କୁ ବଳାତ୍କାର କରାଯାଇଛି। ପୁଣି ଏହାର ଭିଡିଓ ରେକର୍ଡ କରାଯିବା ସହ ଧମକ ଦିଆଯାଇ ମଞ୍ଚେଶ୍ୱର ଥାନା ଅଞ୍ଚଳରେ ଏଭଳି ଲଜ୍ଜାଜନକ ଘଟଣା ଘଟିଛି। ପୀଡିତା ଜଣକ ଭୟରେ ପାଟି ଚୁପ୍ କରି ରହିବା ସହ ଶେଷରେ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା (ନଂ.୧୬୭/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏଥିସହ ପୋଲିସ ଟିମ୍ ବୁଧବାର ପୀଡ଼ିତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଡାକ୍ତରୀମାଇନା କରାଇବା ସହ ତାଙ୍କର ବୟାନ ରେକର୍ଡ କରିଛି। ଥାନାଧିକାରୀ ସୁଧୀର କୁମାର ସାହୁ କହିଛନ୍ତି, ଏହି ମାମଲାରେ ସତ୍ୟାସତ୍ୟ ଜାଣିବାକୁ ଅଧିକ ତଦନ୍ତ କରାଯାଉଛି। ଅଭିଯୁକ୍ତଙ୍କୁ ଧରିବାକୁ ପ୍ରୟାସ କରାଯାଉଥିବା ସେ କହିଛନ୍ତି। ଏହି ଘଟଣା ପଦାକୁ ଆସିବା ପରେ ଚାରିଆଡ଼େ ଚର୍ଚ୍ଚା ଜୋର ଧରିଛି।

ଅଭିଯୋଗ ଅନୁଯାୟୀ, ଗଜପତିନଗର ଅଞ୍ଚଳରେ ପୀଡ଼ିତାଙ୍କର ଏକ ତେଜରାତି ଦୋକାନ ରହିଛି। କେନ୍ଦ୍ରାପଡ଼ାର ମୃତ୍ୟୁଞ୍ଜୟ ପାତ୍ର ନାମକ ୩୬ ବର୍ଷୀୟ ଯୁବକ ପୀଡ଼ିତାଙ୍କ ଦୋକାନକୁ ଆସି ଅନେକ ସମୟରେ ସଉଦା ନିଅନ୍ତି। ଏପରିକି ଯୁବକ ଜଣକ ଅନେକ ସମୟରେ ବାକିରେ ମଧ୍ୟ ମହିଳାଙ୍କଠାରୁ ସଉଦା ନିଅନ୍ତି। ଚିହ୍ନା ପରିଚିତ ହୋଇଯିବାରୁ ମୃତ୍ୟୁଞ୍ଜୟ ତାଙ୍କ ବାପାଙ୍କ ଦେହ ଅସୁସ୍ଥ କହି ପୀଡ଼ିତାଙ୍କ ଠାରୁ ଚାରି ଥରରେ ୫୦ ହଜାର ଟଙ୍କା ଧାର ନେଇଥିଲେ। ମାସକ ଭିତରେ ଫେରସ୍ତ କରିଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ସେ ନିର୍ଦ୍ଧାରିତ ସମୟ ଭିତରେ ଟଙ୍କା ନ ଦେବାରୁ ପୀଡ଼ିତା ଜଣକ ତାଙ୍କୁ ମାଗିଥିଲେ। ମାର୍ଚ୍ଚ ୨୯ ସନ୍ଧ୍ୟାରେ ଘରେ ଟଙ୍କା ଦେଇଦେବେ ବୋଲି ଯୁବକ ଜଣକ କହିଥିଲେ। ହେଲେ ଉକ୍ତ ଦିନ ପୀଡ଼ିତାଙ୍କ ସ୍ୱାମୀ ଘରେ ନ ଥିବାବେଳେ ଟଙ୍କା ଫେରସ୍ତ ଆଳରେ ଯୁବକ ଜଣକ କବାଟ ବନ୍ଦ କରି ମହିଳାଙ୍କୁ ଜୋର୍ ଜବରଦସ୍ତ ବଳାତ୍କାର କରିଥିଲେ। ଏହାକୁ ବିରୋଧ କରିବାରୁ ପୀଡ଼ିତାଙ୍କୁ ସେ ହତ୍ୟା ଧମକ ଦେବା ସହ ଏ ବିଷୟରେ ପୋଲିସ କିମ୍ବା ତାଙ୍କ ସ୍ୱାମୀଙ୍କୁ ନ ଜଣାଇଲେ ଭଲ ହେବ ନାହିଁ ବୋଲି କହିଥିଲେ। ଏପରିକି ଯୁବକ ଜଣକ ତାଙ୍କ ମୋବାଇଲରେ ବଳାତ୍କାର ସମୟର ଭିଡିଓ ରେକର୍ଡ କରିଥିଲେ ବୋଲି ମଙ୍ଗଳବାର ଦିଆଯାଇଥିବା ଅଭିଯୋଗ ଫର୍ଦ୍ଦରେ ପୀଡ଼ିତା ଦର୍ଶାଇଛନ୍ତି। ଅନ୍ୟପକ୍ଷରେ ଘଟଣାକୁ ୨୦ ଦିନ ବିତିଯାଇଥିବା ବେଳେ ମହିଳାଙ୍କ ଅଭିଯୋଗ କରିବାକୁ ନେଇ ନାନା ପ୍ରଶ୍ନ ମଧ୍ୟ ଉଠିଛି। ଯଦି ଏହି ବଳାତ୍କାର ସତ ହୋଇଥାଏ ତେବେ ପୋଲିସକୁ ଏ ସଂକ୍ରାନ୍ତରେ ପ୍ରମାଣ ଯୋଗାଡ଼ କରିବା କଷ୍ଟସାଧ ହୋଇପାରେ ବୋଲି ମଧ୍ୟ କୁହାଯାଉଛି।

## ମା'ବାପାଙ୍କୁ ଫାର୍ସାରେ ହାଣିଲେ ପୁଅ

ନିଶ୍ଚିନ୍ତକୋଇଲି ୧୯।୪(ସ୍ୱ.ପ୍ର.)

କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ନେମାଳ ଥାନା ନରେନ୍ଦ୍ରପୁର ଗାଁରେ ପୈତୃକ ସମ୍ପତ୍ତି ଭାଗବଣ୍ଟାକୁ ନେଇ ବିବାଦ ପରେ ଉତ୍ୟକ୍ତ ପୁଅ ନିଜ ମା'ବାପା ଓ ଭାଉଜଙ୍କୁ ଫାର୍ସାରେ ହାଣିଥିବା ଅଭିଯୋଗ ହୋଇଛି। ମା'ବାପା ଗୁରୁତର ଅବସ୍ଥାରେ କଟକ ବଡ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି।

ନରେନ୍ଦ୍ରପୁର ଗାଁର ବାବାଜି ନାୟକଙ୍କ ମଝିଆ ପୁଅ ମାୟାଧର ସମ୍ପତ୍ତି ଭାଗ ନେବା ନିମନ୍ତେ ବହୁଦିନ ହେଲା ଦାବି କରି ଆସୁଥିଲେ। ଏହାକୁ ନେଇ ପରିବାରରେ ବିବାଦ ଲାଗି ରହିଥିଲା। ମଙ୍ଗଳବାର ରାତ୍ରି ପ୍ରାୟ ୮ଟାରେ ପରିବାର ସଦସ୍ୟଙ୍କ ମଧ୍ୟରେ କଳହ ହୋଇଥିଲା। ଏଥିରେ ମାୟାଧର ଉତ୍‌କ୍ଷିପ୍ତ ହୋଇ ଏକ ଫାର୍ସାରେ ବାପା ବାବାଜୀ(୮୦) ଓ ମା' ମାତାଜୀ(୭୦)ଙ୍କ ମୁଣ୍ଡ, ପିଠି ଓ ହାତକୁ ହାଣି ଦେଇଥିଲେ। ଫଳରେ ମା'ବାପାଙ୍କ ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ହୋଇଥିଲା। ସେମାନଙ୍କୁ ଉଦ୍ଧାର କରିବାକୁ ଆସିଥିବା ଭାଉଜ ମାଳତି ଓ ଝିଆରୀ ଜ୍ୟୋତିଶ୍ରୀଙ୍କୁ ମଧ୍ୟ ମାୟାଧର ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଘଟଣାସ୍ଥଳରୁ ବାବାଜୀ ଓ ମାତାଜୀଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ଉଦ୍ଧାର କରି ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ସେମାନଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଏ ସମ୍ପର୍କରେ ମାଳତି ନେମାଳ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଆଇଆଇସି ଗୌରାଙ୍ଗ ବିଶ୍ୱାଳଙ୍କୁ ଘଟଣା ସମ୍ପର୍କରେ ପଚାରିବାରେ ଅଭିଯୋଗ ମିଳିଛି। ଘଟଣାସ୍ଥଳକୁ ଯାଇ ତଦନ୍ତ କରାଯାଇଛି। ଏ ନେଇ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ସେ କହିଛନ୍ତି।

# ଅସମ୍ଭାଳ କଲାଣି ତାତି

**ବାରିପଦା ୪୪.୫, ନୂଆପଡ଼ା ୪୪.୪ ଡିଗ୍ରୀ**

- ୪୨ ଡିଗ୍ରୀ ଉପରେ ୧୬ ସହର
- ୧୧ ଜିଲାକୁ ୟେଲୋୱାର୍ନିଂ



ଭୁବନେଶ୍ୱର,୧୯।୪(ବ୍ୟୁରୋ)

ନିୟନ୍ତ୍ରଣକୁ ଆସୁନି ତାତି। ଆଜି କମିବ କାଲି କମିବ ଶୁଣି ଶୁଣି ମନ ଭାଙ୍ଗିଗଲାଣି। କେବେ ତାତିରୁ ତ୍ରାହି ମିଳିବ ତାହା କହିବା ମୁସ୍କିଲ। ବେଳକୁ ବେଳ ଅସହ୍ୟ ହେଉଛି ଗ୍ରୀଷ୍ମର ଜ୍ୱାଳା। ପାଣିପାଗ ଅନୁମାନ ମଧ୍ୟ କାମ କରୁନି। ସାରା ରାଜ୍ୟରେ ଖରାର ପ୍ରକୋପ ଅସମ୍ଭାଳ କରି ପକାଇଛି। ପ୍ରତ୍ୟେକ ଦିନ ୧ରୁ ୨ ଡିଗ୍ରୀ ତାପମାତ୍ରା ବଢ଼ିଯାଉଛି। ପ୍ରଚଣ୍ଡ ଗ୍ରୀଷ୍ମ ସାଙ୍ଗକୁ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରିଛି। ସକାଳ ୮ଟାରୁ ମାଡ଼ିଆସୁଛି ପ୍ରଚଣ୍ଡ ଗ୍ରୀଷ୍ମ। ସନ୍ଧ୍ୟା ୬ଟା ଯାଏ ମଧ୍ୟ ଗରମ ପବନରୁ ନିସ୍ତାର ମିଳୁନି। ରାତିରେ ଖରା ନ ଥିଲେ ମଧ୍ୟ ଗୁଳୁଗୁଳି କଲବଲ କରୁଛି। ଫ୍ୟାନ୍ ପବନ କାମ ଦେଉନାହିଁ। ମଣିଷ, ଜୀବଜନ୍ତୁ ସମସ୍ତେ ଛଟପଟ। ଭାରତୀୟ ପାଣିପାଗ ବିଭାଗ ସୂଚନା ଅନୁଯାୟୀ ୨୨ ତାରିଖ ଯାଏ ତାତି ପ୍ରକୋପ ଜାରି ରହିବ। ଗୁରୁବାର ଖୋର୍ଦ୍ଧା, କଟକ, ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ସମ୍ବଲପୁର, ସୋନପୁର, ବୌଦ୍ଧ, ବଲାଙ୍ଗୀର, ଦେବଗଡ଼ ଏବଂ ଅନୁଗୋଳର କେତେକ ସ୍ଥାନରେ ପ୍ରଚଣ୍ଡ ଗ୍ରୀଷ୍ମ ଲହରି ଜାରି ରହିବ। ଏନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋୱାର୍ନିଂ ଜାରି କରାଯାଇଛି। ବୁଧବାର ରାଜ୍ୟର ୧୬ଟି ସହରରେ ତାପମାତ୍ରା ୪୨ ଡିଗ୍ରୀ ସେଲ୍‌ସିୟସ ଉପରେ ରହିଥିବା ବେଳେ ୨ଟି ସ୍ଥାନରେ ସର୍ବୋଚ୍ଚ ତାପମାତ୍ରା ୪୪ ଡିଗ୍ରୀ ଉପରେ ରହିଛି। ସେହିପରି ୧୦ଟି ସ୍ଥାନରେ ପାରଦ ୪୩ ଡିଗ୍ରୀ ସେଲ୍‌ସିୟସ ଉପରେ ରହିଛି।

ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂଚନା ଅନୁଯାୟୀ ବାରିପଦାରେ ସର୍ବାଧିକ ତାପମାତ୍ରା ୪୪.୫ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ନୂଆପଡ଼ା ୪୪.୪, ବଲାଙ୍ଗୀର ୪୪, ବୌଦ୍ଧ ୪୩.୯, ତାଳଚେର ୪୩.୮, ଅନୁଗୋଳ ୪୩.୭, ଝାରସୁଗୁଡ଼ା ୪୩.୬, ରାଉରକେଲା ୪୩.୩, ସମ୍ବଲପୁର ୪୩.୨, ଟିଟିଲାଗଡ଼ ୪୩.୧, ସୁନ୍ଦରଗଡ଼ ୪୩, ସୋନପୁର ୪୨.୫, ଭୁବନେଶ୍ୱର ୪୨.୫, ଭବାନୀପାଟଣା ୪୨.୫, ହୀରାକୁଦ ୪୨.୪, କଟକ ୪୨.୨, ଢେଙ୍କାନାଳ ୪୨, ନୟାଗଡ଼ ୪୨, ପାରଳାଖେମୁଣ୍ଡି ୪୧.୮, କେନ୍ଦ୍ରାପଡ଼ା ୪୧.୮, ଜଗତ୍‌ସିଂହପୁର ୪୧.୫, ଦେବଗଡ଼ ୪୧.୪, ଯାଜପୁର ୪୧, କେନ୍ଦୁଝର ୪୧, ଭଦ୍ରକ ୪୧, ଚାନ୍ଦବାଲି ୪୦.୯, ମାଲକାନଗିରି ୪୦.୯, ବରଗଡ଼ ୪୦.୬, ଖୋର୍ଦ୍ଧା ୪୦.୫ ଏବଂ ରାୟଗଡ଼ାରେ ସର୍ବାଧିକ ତାପମାତ୍ରା ୪୦.୫ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।

## ଅଜଣା ଗାଡ଼ି ଧକ୍କାରେ ଯବକ ମୃତ

ଟାଙ୍ଗୀ(ଖୋର୍ଦ୍ଧା), ୧୯।୪(ଡି.ଏନ.ଏ.)

ଖୋର୍ଦ୍ଧା ଟାଙ୍ଗୀସ୍ଥିତ ୧୬ ନଂ. ଜାତୀୟ ରାଜପଥରେ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଟାଙ୍ଗୀ ଥାନା ବ୍ରାହ୍ମଣି ଗ୍ରାମର ବିଶ୍ୱମୋହନ ପଲେଇ(୩୧)। ବିଶ୍ୱମୋହନ ଏକ ବାଇକ୍‌ରେ ବ୍ରାହ୍ମଣିରୁ ବାଲୁଗାଁ ଅଭିମୁଖେ ଯାଉଥିଲେ। ୧୬ ନଂ. ଜାତୀୟ ରାଜପଥ ଚଣ୍ଡେଶ୍ୱର ପେଟ୍ରୋଲ ପମ୍ପ ନିକଟରେ ଏକ ଅଜଣା ଗାଡି ତାଙ୍କ ବାଇକ୍‌କୁ ପଛ ପଟୁ ଧକ୍କା ଦେଇ ଚାଲିଯାଇଥିଲା। ଫଳରେ ସେଠାରେ ସେ ଗୁରୁତର ହୋଇପଡିଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ଟାଙ୍ଗୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଯୁବକଙ୍କୁ ଟାଙ୍ଗୀ ମେଡିକାଲକୁ ନେଇଥିଲା। କିନ୍ତୁ ସେଠାରେ ଡାକ୍ତର ବିଶ୍ୱମୋହନଙ୍କୁ ମୃତ ଘୋଷଣା କରିଥିଲେ।

## ଇଭିଏମ୍ ସ୍ଥାନାନ୍ତର ପାଇଁ ଷ୍ଟ୍ରଙ୍ଗ୍ ରୁମ୍ ଖୋଲିବାକୁ ଅନୁମତି ଦେଲେ ହାଇକୋର୍ଟ

**ଏମ୍‌ପି ପ୍ରତାପ ଷଡ଼ଙ୍ଗୀଙ୍କ ବିରୋଧରେ ନିର୍ବାଚନୀ ଅନିୟମିତତା ମାମଲା**

କଟକ ଅଫିସ,୧୯।୪

ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ବିରୋଧରେ ହୋଇଥିବା ନିର୍ବାଚନୀ ଅନିୟମିତତା ମାମଲାରେ ବାଲେଶ୍ୱର ଜିଲାପାଳଙ୍କ ପକ୍ଷରୁ ଇଭିଏମ୍ ଷ୍ଟ୍ରଙ୍ଗ୍ ରୁମ୍ ଖୋଲିବା ନେଇ ହୋଇଥିବା ଆବେଦନକୁ ହାଇକୋର୍ଟ ବୁଧବାର ଅନୁମତି ଦେଇଛନ୍ତି। ଇଭିଏମ୍ ସ୍ଥାନାନ୍ତର ଦ୍ୱାରା ମାମଲା ବିଚାରରେ କୌଣସି ପ୍ରତିବନ୍ଧକ ସୃଷ୍ଟି ହେବ ନାହିଁ ବୋଲି ଯଥାର୍ଥ ଯୁକ୍ତି ଶୁଣିବା ପରେ ବିଚାରପତି ଏସ୍. କେ. ସାହୁ ଏଥିପାଇଁ ଅନୁମତି ପ୍ରଦାନ କରି ଜିଲାପାଳଙ୍କ ପକ୍ଷରୁ ହୋଇଥିବା ମଧ୍ୟବର୍ତ୍ତିକାଳୀନ ମାମଲାର ଅନ୍ତ ଘଟାଇଛନ୍ତି। ମାମଲାର ବିବରଣୀରୁ ପ୍ରକାଶ, ଜିଲା ନିର୍ବାଚନ ଅଧିକାରୀ ହିସାବରେ ଜିଲାପାଳ ଇଭିଏମ୍‌ଗୁଡ଼ିକୁ ଷ୍ଟ୍ରଙ୍ଗରୁମ୍‌ରୁ ଖୋଲିବାକୁ ଅଦାଲତଙ୍କ ଅନୁମତି ଲୋଡ଼ିଥିଲେ। ଇଭିଏମ୍ ଓ ଭିଭିପିଏଟିଗୁଡ଼ିକୁ ଆଗାମୀ ନିର୍ବାଚନ ବା ଅନ୍ୟ କୌଣସି କାରଣବଶତଃ ଷ୍ଟ୍ରଙ୍ଗରୁମ୍‌ରୁ ସ୍ଥାନାନ୍ତର କରାଯିବାର ଆବଶ୍ୟକତା ରହିଛି। ସେଗୁଡ଼ିକୁ ଭାରତୀୟ ନିର୍ବାଚନ କମିଶନଙ୍କ ଗାଇଡ୍‌ଲାଇନ୍ ଅନୁଯାୟୀ ଅନ୍ୟ ରାଜ୍ୟକୁ ବା ନିର୍ମାତା କମ୍ପାନୀକୁ ବା କମିଶନ୍‌ଙ୍କ ୱାର ହାଉସ୍‌କୁ ସ୍ଥାନାନ୍ତର କରିବାର ଆବଶ୍ୟକତା ଥିଲା। ଷ୍ଟ୍ରଙ୍ଗରୁମ୍ ଖୋଲିବା ଓ ଇଭିଏମ୍ ସ୍ଥାନାନ୍ତର ଦ୍ୱାରା ନିର୍ବାଚନ ଅନିୟମିତତା ମାମଲା ପ୍ରଭାବିତ ହେବାର କୌଣସି ଆଶଙ୍କା ନ ଥିବା ଅଦାଲତ ଅବଗତ ହେବା ପରେ ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି।

## ପୋଖରୀରେ ବୁଡ଼ି ନାବାଳକ ମୃତ

ଟାଙ୍ଗୀ(ଖୋର୍ଦ୍ଧା),୧୯।୪(ଡି.ଏନ.ଏ.): ପୋଖରୀରେ ବୁଡ଼ି ବୁଧବାର ଜଣେ ନାବାଳକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଟାଙ୍ଗୀ ଥାନା ଭଜାଗଡ ଗ୍ରାମର ଆଲୋକ ବାରିକ(୧୦)। ସୂଚନା ମୁତାବକ, ଆଲୋକ ପୂର୍ବାହ୍ନରେ ବିଦ୍ୟାଳୟରୁ ଫେରିବା ପରେ ସାଙ୍ଗସାଥିଙ୍କ ସହ ଘର ନିକଟସ୍ଥ ପୋଖରୀକୁ ଗାଧୋଇବା ପାଇଁ ଯାଇଥିଲେ। ହେଲେ ପୋଖରୀରେ ଗାଧୋଇବା ବେଳେ ଗଭୀର ଜଳକୁ ଚାଲିଯିବାରୁ ବୁଡ଼ିଯାଇଥିଲେ। ସାଙ୍ଗମାନେ ସ୍ଥାନୀୟ ଲୋକେ ଓ ପରିବାର ଲୋକଙ୍କୁ ଏ ନେଇ ଜଣାଇଥିଲେ। ସ୍ଥାନୀୟଲୋକେ ତାଙ୍କୁ ପୋଖରିରୁ ଉଦ୍ଧାର କରି ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିବା ବେଳେ ଡାକ୍ତର ଆଲୋକଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଟାଙ୍ଗୀ ପୋଲିସ ପହଞ୍ଚି ମୃତଦେହ ଜବତ କରିଛି।

# ମୁଖ୍ୟ ଶାସନ ସଚିବଙ୍କୁ କାରଣ ଦର୍ଶାଅ ନୋଟିସ

**ସ୍ୱେରେଜ ଟାଙ୍କିରେ ୨ ଶ୍ରମିକଙ୍କ ମୃତ୍ୟୁ ଘଟଣା**

**ଉତ୍ତର ପାଇଁ ୪ ସପ୍ତାହ ସମୟ ଦେଲେ ଏନ୍‌ଏଚ୍‌ଆର୍‌ସି**

କଟକ ଅଫିସ,୧୯।୪

ସ୍ୱେରେଜ ଚାମ୍ବର ସଫା କରୁଥିବାବେଳେ ଦୁଇ ଶ୍ରମିକଙ୍କ ମୃତ୍ୟୁ ଘଟଣା ପାଇଁ ରାଜ୍ୟ ସରକାର ଦାୟୀ। ଏଭଳି ମତ ଦେଇଛନ୍ତି ଜାତୀୟ ମାନବିକ ଅଧିକାର ଆୟୋଗ(ଏନ୍‌ଏଚ୍‌ଆର୍‌ସି)। କଟକ ସିଡିଏ ସେକ୍ଟର-୧୦ ଅଞ୍ଚଳରେ ୨୦୨୧ ଏପ୍ରିଲ ୧୫ରେ ଘଟିଥିବା ଏହି ଘଟଣାରେ ସରକାର ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ କାହିଁକି ନ ଦେବେ, ସେନେଇ ୪ ସପ୍ତାହ ମଧ୍ୟରେ ଉତ୍ତର ଦେବାକୁ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ଆୟୋଗଙ୍କ ପକ୍ଷରୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ପରବର୍ତ୍ତୀ ଶୁଣାଣି ଏକ ମାସ ପରେ ହେବାକୁ ଧାର୍ଯ୍ୟ ହୋଇଛି।

ମାମଲାର ବିବରଣୀରୁ ପ୍ରକାଶ, ସାରା ଦେଶରେ ମଣିଷମାନଙ୍କ ଦ୍ୱାରା ମଇଳା ସଫେଇ କାର୍ଯ୍ୟକୁ ନିଷେଧ କରାଯାଇଥିବାବେଳେ କଟକରେ ସ୍ୱେରେଜ ଚାମ୍ବରରେ ପଶି ଶ୍ରମିକମାନେ ମଳ ସଫା କରୁଥିଲେ। ସେମାନେ କୌଣସି ନିରାପତ୍ତା ସାମଗ୍ରୀ ବ୍ୟବହାର କରି ନ ଥିଲେ। ଫଳରେ ଚାମ୍ବର ମଧ୍ୟରେ ଶ୍ୱାସରୁଦ୍ଧ ହୋଇ ପାଟପୁରର ପି. ଶଙ୍କର ଓ ବଡମ୍ବାର ବିଷ୍ଣୁ ନାୟକଙ୍କର ମୃତ୍ୟୁ ଘଟିଥିଲା। ଏଥିରେ ଅନ୍ୟ ଜଣେ ଶ୍ରମିକ ଡି. ଶିବା ଗୁରୁତର ହୋଇଥିଲେ। କଟକ ମହାନଗର ନିଗମର ଅବହେଳା ଯୋଗୁ କଟକରେ ବାରମ୍ବାର ଏପରି ଘଟଣା ଘଟୁଛି ବୋଲି ଦର୍ଶାଇ ମାନବାଧିକାର କର୍ମୀ ତଥା ଆଡ୍‌ଭୋକେଟ ଅଖଣ୍ଡ ଏନ୍‌ଏଚ୍‌ଆର୍‌ସିରେ ପିଟିଶନ ଦାୟର କରିଥିଲେ। ମାମଲାକୁ ଗୁରୁତର ସହ ଗ୍ରହଣ କରି ଆୟୋଗ ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ, କଟକ ମହାନଗର ନିଗମ କମିଶନର ଓ ପୋଲିସ କମିଶନରଙ୍କୁ ୨୦୨୨ ଡିସେମ୍ବର ୧୨ରେ ନୋଟିସ ଜାରି କରିଥିଲେ। ପୋଲିସ କମିଶନର ୨୦୨୩ ଜାନୁୟାରୀ ୭ରେ ଦେଇଥିବା ରିପୋର୍ଟରେ କୌଣସି ନିରାପତ୍ତାମୂଳକ ସାମଗ୍ରୀ ନ ଥାଇ ଏହି ଦୁଇଜଣ ସ୍ୱେରେଜ ଟାଙ୍କିରେ ପଶିଥିଲେ ବୋଲି ଦର୍ଶାଇଥିଲେ। ଏଥିସହ ପିଏଚ୍‌ଡି ଜୁନିୟର୍ ଇଞ୍ଜିନିୟର୍ ପ୍ରଦ୍ୟୁତ୍ କୁମାର ସାହୁ ଓ ଠିକାଦାର ଦୀପକ କୁମାର ନାୟକ ଏଥିପାଇଁ ଦାୟୀ ବୋଲି ବିଭାଗୀୟ ଅନୁସନ୍ଧାନରୁ ମଧ୍ୟ ଜଣାପଡ଼ିଥିଲା। ପରେ ଏମାନଙ୍କ ବିରୋଧରେ ସିଡିଏ ଫେଜ୍-୨ ଥାନାରେ ଏକ ମାମଲା ରୁଜୁ ହୋଇଥିଲା।



ପ୍ରଥମେ ନିଜର ପ୍ରକୃତିକୁ ଭଲ ଭାବରେ ଜାଣିରଖ। ତା'ପରେ ନିଜର ଚିନ୍ତା, ଅନୁଭୂତି, କ୍ରିୟାକର୍ମ ଓ କଥାବାର୍ତ୍ତା ଉପରେ କର୍ତ୍ତୃତ୍ୱ ରଖ। ତା'ଫଳରେ ତୁମ ପ୍ରକୃତି ଉପରେ ତୁମର ପ୍ରଭୁତ୍ୱ ଆସିବ ଏବଂ ତା'ର ରୂପାନ୍ତର ସମ୍ଭବ ହେବ। -ଶ୍ରୀମା



# ଜଙ୍ଗଲ ସଂରକ୍ଷଣ ଏକମାତ୍ର ବାଟ



ଟାସୋ ଆଜେଭେଡୋ
ପୂର୍ବତନ ମହା-ନିର୍ଦ୍ଦେଶକ, ବ୍ରାଜିଲିଆନ୍ ଫରେଷ୍ଟ ସର୍ଭିସ



ଇଲୋନା ସାଜାବୋ
ସହ ପ୍ରତିଷ୍ଠାତା ଓ ଅଧ୍ୟକ୍ଷ, ଇଗାରାପେ ଇନ୍‌ଷ୍ଟିଚ୍ୟୁଟ

ବ୍ରାଜିଲ ରାଷ୍ଟ୍ରପତି ଲୁଇଜ୍ ଇନାସିଓ ଲୁଲା ଡି ସିଲ୍‌ଭା ଜାନୁୟାରୀ ୨୦୨୩ରେ ଦାୟିତ୍ୱ ଗ୍ରହଣ କରିବା ପୂର୍ବରୁ ଆମାଜନରେ ଅବୈଧ ଜଙ୍ଗଲ ଧ୍ୱଂସ ଶେଷ କରିବା ଲାଗି ପ୍ରତିଶ୍ରୁତି ଦେଇଥିଲେ। ସେ ଜଙ୍ଗଲ ସୁରକ୍ଷାର ପାଣ୍ଠି ବୃଦ୍ଧି କରିବା ଲାଗି ଭାଗୀଦାରି ପ୍ରକ୍ରିୟାକୁ ପୁନର୍ଜୀବିତ କରିବା ସହ ଆମାଜନ ଅବବାହିକା ଦେଶଗୁଡ଼ିର ମୁଖ୍ୟମାନଙ୍କୁ ନେଇ ଅଗଷ୍ଟରେ ଏକ ସମ୍ମିଳନୀ କରିବାକୁ ଘୋଷଣା କରିଥିଲେ। ଏବେ ତାଙ୍କ ପଦକ୍ଷେପରୁ ଜଣାପଡ଼ିଛି ଯେ, ବିଶ୍ୱର ବୃହତ୍ତମ ଉଷ୍ଣମଣ୍ଡଳୀୟ ଜଙ୍ଗଲର ସୁରକ୍ଷା ପାଇଁ ବୈଶ୍ୱିକ ସହଯୋଗକୁ ଗତିଶୀଳ କରିବାକୁ ଲୁଲା ନିଶ୍ଚିତ ଅଛନ୍ତି। ତାଙ୍କର ମହତ୍ ଲକ୍ଷ୍ୟ ହାସଲ କରିବାକୁ ସେ ନରୱେ ଓ ଜର୍ମାନୀ ସମର୍ଥନରେ ନୂଆକରି ଆମାଜନ ଫଣ୍ଡ୍ ମଧ୍ୟ ଆରମ୍ଭ କରିଛନ୍ତି। ରାଷ୍ଟ୍ରପତି ଲୁଲା ଏବଂ ତାଙ୍କ ପରିବେଶ ମନ୍ତ୍ରୀ ମାରିନା ଡି ସିଲ୍‌ଭା ଆମାଜନ ସୁରକ୍ଷା ଓ ସଂରକ୍ଷଣକୁ ପ୍ରାଥମିକତା ଦେଇଛନ୍ତି। ସେମାନଙ୍କର ଏକ ବାସ୍ତବ ବିଚାର ରହିଛି। ଆମାଜନ, କଙ୍ଗୋ ଓ ଇଣ୍ଡୋନେସିଆରେ ଅକ୍ଷୁଣ୍ଣ ଥିବା ଜଙ୍ଗଲର ମୂଲ୍ୟ ସର୍ବାଧିକ ଓ ସେଗୁଡ଼ିକର ସଂରକ୍ଷଣ ବିନା ହାରାହାରି ବିଶ୍ୱତାପନକୁ ୧.୫ ଡିଗ୍ରୀ ସେଲସିୟସରୁ କମ୍ ରଖିବା ଆଶା ନାହିଁ। ଆମେ ବିଶ୍ୱାସ କରୁଛୁ, ସେଗୁଡ଼ିକର ସୁରକ୍ଷା ପାଇଁ ଏକ ନୂଆ ପ୍ରୋତ୍ସାହନଭିତ୍ତିକ ପଦ୍ଧତି ବା ଯୋଜନା ଆବଶ୍ୟକ, ଯାହା ସିଧାସଳଖ ଜଙ୍ଗଲ ସଂରକ୍ଷଣ ପାଇଁ ପାରିଶ୍ରମିକ ଯୋଗାଇଦେବାରେ ସାହାଯ୍ୟ କରିପାରିବ।

ଅଧିକାଂଶ ଜଳବାୟୁ ବିଜ୍ଞାନୀ ଏକମତ ଯେ, ଜୀବାଶ୍ମ ଇନ୍ଧନର ବ୍ୟବହାର ପର୍ଯ୍ୟାୟକ୍ରମେ ଦୂର କରିବା ଏବଂ ସବୁଜଗୃହ ବାଷ୍ପ ନିର୍ଗମନ ପରିମାଣ ତୁଳନାରେ ଏହାଠାରୁ ଅଧିକ ବାୟୁମଣ୍ଡଳରୁ ହଟାଇବା ହିଁ ବିଶ୍ୱତାପନ ହ୍ରାସ କରିବାର ଏକମାତ୍ର ଉପାୟ। କିନ୍ତୁ କେବଳ ନିର୍ଗମନ କମାଇବା ଯଥେଷ୍ଟ ହେବ ନାହିଁ। ମୁଖ୍ୟ କଥା ହେଉଛି ଜଙ୍ଗଲର ସୁରକ୍ଷା। ପୃଥିବୀ ଭୂଭାଗର ୩୧ ପ୍ରତିଶତ (ପାଖାପାଖି ୪ ବିଲିୟନ ହେକ୍ଟର)ଜଙ୍ଗଲ ଆଚ୍ଛାଦିତ। ଏହି ଜଙ୍ଗଲ ବର୍ଷକୁ ୭ ବିଲିୟନ ମେଟ୍ରିକ୍ ଟନ୍ କାର୍ବନ ଡାଇଅକ୍ସାଇଡ ଶୋଷିନେଉଛି। ଉଭୟ କାର୍ବନ ନିର୍ଗମନ ରୋକିବା ଏବଂ ଜୈବ ଭୌତିକ ପ୍ରଭାବକୁ ବିଚାରକୁ ନେଲେ ଉଷ୍ଣମଣ୍ଡଳୀୟ ଜଙ୍ଗଲର ୧ ଡିଗ୍ରୀ ବୈଶ୍ୱିକ ଶୀତଳନ ପ୍ରଭାବ ରହିଛି। ଏଣୁ ଜଙ୍ଗଲରୁ ଯେଉଁସବୁ ଗଛ କଟାଯାଇଛି ତାହାକୁ ବୃକ୍ଷରୋପଣ ମାଧ୍ୟମରେ ଭରଣା କରିବା ହିଁ ଜଙ୍ଗଲ ସୁରକ୍ଷାର ଏକମାତ୍ର ସମାଧାନ। ଏଥିପାଇଁ ଦୃଢ଼ ପଦକ୍ଷେପ ମଧ୍ୟ ନିଆଯାଉଛି। ଟ୍ରିଲିୟନ ଟ୍ରିଜ ଇନିସିଏଟିଭ୍ ଏବଂ ଗ୍ରେଟ୍ ଗ୍ରୀନ୍ ୱାଲ୍ ଭଳି ମଞ୍ଚ ସାହାରାର ଦକ୍ଷିଣରେ ଥିବା ଆଫ୍ରିକୀୟ ଦେଶଗୁଡ଼ିକର ସବୁଆଡ଼େ ପୁନର୍ବାର ଜଙ୍ଗଲ ସୃଷ୍ଟି କରିବା ଉପରେ ଧ୍ୟାନ ଦେଉଛନ୍ତି। କିନ୍ତୁ ପୁରୁଣା ଉଷ୍ଣମଣ୍ଡଳୀୟ ଜଙ୍ଗଲଗୁଡ଼ିକର ସଂରକ୍ଷଣ ଉପରେ ବି ସମାନ ଭାବେ ଗୁରୁତ୍ୱ ଦେବା ଆବଶ୍ୟକ। ଏହାର ସଂରକ୍ଷଣ କରାଗଲେ କାର୍ବନ ଅବଶୋଷଣ କରିବାରେ ଏଗୁଡ଼ିକ ପ୍ରମୁଖ ଭୂମିକା ନେଇପାରିବେ। ଅପରପକ୍ଷେ ଅସଂରକ୍ଷିତ ଜଙ୍ଗଲଗୁଡ଼ିକ ଧ୍ୱଂସ ପାଇବା ଦ୍ୱାରା କାର୍ବନ ନିର୍ଗମନ ବଢ଼ିପାରେ, ଯାହା ଘଟୁଛି ଆମାଜନ ଅବବାହିକାର ଅନେକ ସ୍ଥାନରେ।



ଏବେ ଭୂପୃଷ୍ଠରେ ଗଛଗୁଡ଼ିକ ରଖିବାର ମୂଲ୍ୟ ସ୍ଥାପନ କରିବା ହିଁ ଏକ ଲୋକାଦୃତ ପଦକ୍ଷେପ। କାର୍ବନ ନିର୍ଗମନ ହ୍ରାସ କରିବା ଲାଗି କାର୍ବନ୍ କ୍ରେଡିଟ, ବାୟୋଡାଇଭର୍ସିଟି କ୍ରେଡିଟ୍ ଏବଂ ସମାନ ପ୍ରକାର ଉପାୟ ଉପରେ ଅଧିକ ନିବେଶ କରାଯାଉଛି। ହେଲେ ଏହିସବୁ ପଦକ୍ଷେପଗୁଡ଼ିକ ଏବେ ଯେଉଁଭଳି ତ୍ୱରିତ ଗତିରେ ଲାଗୁ ହେବା ଓ ଯେଉଁ ସ୍ତରରେ ପହଞ୍ଚିବା କଥା ତାହା ହୋଇନାହିଁ। ତେବେ ବିଶ୍ୱର ପ୍ରମୁଖ ଉଷ୍ଣମଣ୍ଡଳୀୟ ଜଙ୍ଗଲଗୁଡ଼ିକର କ୍ଷୟ ହ୍ରାସ କରିବାକୁ ଏଭଳି ବ୍ୟାପକ ନିବେଶ ଦରକାର। ବୃକ୍ଷରୋପଣଠାରୁ ଆରମ୍ଭ କରି ଶିଳ୍ପ ତଥା ମାନବୀୟ କାର୍ଯ୍ୟକଳାପ ଯୋଗୁ ବାୟୁମଣ୍ଡଳକୁ ନିର୍ଗମନ ହେଉଥିବା କାର୍ବନର କ୍ଷତି ପୂରଣ ଯାଏ ,ଏହିସବୁ ରଣନୀତି ୨୦୫୦ ସୁଦ୍ଧା ଶୂନ କାର୍ବନ ନିର୍ଗମନ ସ୍ତର ହାସଲ କରିବା ପାଇଁ ଉଦ୍ଦିଷ୍ଟ। କିନ୍ତୁ ନିର୍ଗମନ ହ୍ରାସ କରି ବିଶ୍ୱତାପନ କମାଇବା ସହ ପ୍ରାକୃତିକ ବ୍ୟବସ୍ଥାର ପୁନଃ ସର୍ଜନା ସକାଶେ ଏକ ଦୃଢ଼ ଓ ବିସ୍ତୃତ ଯୋଜନା ଆବଶ୍ୟକ; ଯାହା ୨୦୩୦ ସୁଦ୍ଧା ଜଙ୍ଗଲ ଧ୍ୱଂସ ରୋକିବା ସହ ୨୦୫୦ ସୁଦ୍ଧା ୧ ବିଲିୟନ ହେକ୍ଟର ଜଙ୍ଗଲ ସୃଷ୍ଟି କରିବାର ସର୍ବନିମ୍ନ ଗ୍ୟାରେଣ୍ଟି ଦେବ। କିନ୍ତୁ ପ୍ରଶ୍ନ ହେଉଛି,ଏଭଳି ମହତ୍ତ୍ୱାକାଂକ୍ଷୀ ଲକ୍ଷ୍ୟଗୁଡ଼ିକରେ କିଭଳି ସଫଳ ହେବା। ମୋର ବିଶ୍ୱାସ, ଜଙ୍ଗଲ ସଂରକ୍ଷଣ ପାଇଁ ବ୍ୟକ୍ତି ଓ ସଂସ୍ଥା ଏପରିକି ଦେଶଗୁଡ଼ିକୁ ଅର୍ଥ ଦେବାର ଏକ ବୈଶ୍ୱିକ ଯୋଜନା ଆଗକୁ ସବୁଠୁ ଭଲ ବାଟ ହେବ। ଜଙ୍ଗଲ ସଂରକ୍ଷଣରୁ ବାସ୍ତବରେ ଲାଭ ମିଳିବ ବୋଲି ନିଶ୍ଚିତ କରାଯାଇ ଏହି ନୂତନ ବ୍ୟବସ୍ଥା ଏକ ଗତିଶୀଳ ନିବେଶକୁ ଉତ୍ସାହିତ କରିବା ଦରକାର। ଜଙ୍ଗଲର ଅକଳ୍ପନୀୟ ମୂଲ୍ୟ ସମ୍ପର୍କରେ ଅବଗତ ହେବା ସହ ଏକ ବାସ୍ତବ ତଥା ଅଭୂତପୂର୍ବ ସ୍ତରର ନିବେଶକୁ ତୁରନ୍ତ ସଞ୍ଚାଳନ କରିବା ଆବଶ୍ୟକ। ଏକ ବ୍ୟବସ୍ଥା ସୃଷ୍ଟି କରିବାର ମୂଳ ଆଧାର ଏମିତି ହେବା ଆବଶ୍ୟକ ଯାହା ପ୍ରତି ହେକ୍ଟର ଜଙ୍ଗଲ ସଂରକ୍ଷଣ ପାଇଁ ଅର୍ଥ ଯୋଗାଇଦେବ। ତେବେ ତ୍ୱରିତ କାର୍ଯ୍ୟକାରୀ କରିବା ପାଇଁ ପଦ୍ଧତିର ଡିଜାଇନ ସରଳ ଓ ସହଜ ଜ୍ଞାନଯୁକ୍ତ ହେବା ଉଚିତ। ଉଦାହରଣ ସ୍ୱରୂପ, ଜଣେ ବ୍ୟକ୍ତି, ଗୋଷ୍ଠୀ, କମ୍ପାନୀ କିମ୍ବା ସରକାରୀ ସଂସ୍ଥା ଏକ ଘରୋଇ କିମ୍ବା ସରକାରୀ ଜମିକୁ ପଞ୍ଜୀକୃତ କାର୍ଯ୍ୟାଳୟରେ ପଞ୍ଜୀକରଣ କରିପାରିବେ, ଯଦ୍ଦ୍ୱାରା ଜମି ପଞ୍ଜୀକରଣ କାର୍ଯ୍ୟକାଳ ଏବଂ ଜଙ୍ଗଲ ସ୍ଥାୟିତ୍ୱ ଉପରେ ସମୀକ୍ଷା କରାଯାଇପାରିବ। ଯଦି ପଞ୍ଜୀକୃତ ୧ ହେକ୍ଟର ଜଙ୍ଗଲ ଅକ୍ଷୁଣ୍ଣ ରହେ ତେବେ ସେହି ଅନୁଯାୟୀ ଅର୍ଥ ଦିଆଯିବ। ଅପରପକ୍ଷେ ଯଦି ଜଙ୍ଗଲ ନ ଥାଏ ତେବେ କଡ଼ା ଜରିମାନା ଆଦାୟ କରାଯିବ। ସେହି ଅନୁଯାୟୀ ହିତାଧିକାରୀ ୧୦୦ ହେକ୍ଟର ଜମି କିମ୍ବା ସମସ୍ତ ପଞ୍ଜୀକୃତ ଜମି ପାଇଁ ସମାନୁପାତିକ କ୍ଷତି ସହିବାକୁ ହେବ। ଏହା ସ୍ପଷ୍ଟ ଯେ, ଗୋଟିଏ ପ୍ରୋଜେକ୍ଟକୁ ପାଣ୍ଠି ଯୋଗାଣ ସହ ଏହିସବୁ ଧାରାରେ କାମ କରିବାକୁ ହେଲେ ବିଶ୍ୱସ୍ତରରେ ସ୍ୱୀକୃତି ଓ ସହଯୋଗ ଦରକାର।

ଏଭଳି ଏକ ଯୋଜନା କାର୍ଯ୍ୟକାରୀ କରିବା କଷ୍ଟକର ହେଲେ ବି ଆମେ ଏଥିରେ ଅସହମତ ହୋଇପାରିବା ନାହିଁ। ପ୍ରତିଦିନ ଆମାଜନ ଜଙ୍ଗଲର ଗଛଗୁଡ଼ିକ ବାୟୁମଣ୍ଡଳକୁ ୨୦ ବିଲିୟନ ଜଳୀୟବାଷ୍ପ ଛାଡୁଛନ୍ତି। ଏକ ଆକଳନ ଅନୁଯାୟୀ ପାଣିରୁ ସମାନ ପରିମାଣ ବାଷ୍ପ ସୃଷ୍ଟି କରିବା ଲାଗି ୫୦,୦୦୦ ପାୱାର ପ୍ଲାଣ୍ଟରୁ ଉତ୍ପାଦିତ ବିଜୁଳି ଆବଶ୍ୟକ ପଡ଼ିବ କିମ୍ବା ପାଖାପାଖି ଦିନକୁ ଏଥିପାଇଁ ୧ ଟ୍ରିଲିୟନ ଡଲାର ଆବଶ୍ୟକ ପଡ଼ିବ। ଆମେ ଏବେ ଯେଭଳି କାର୍ବନ ନିର୍ଗମନ କରିବା ପରେ ତାହାକୁ ଆୟତ୍ତ କରିବା ପାଇଁ ଲମ୍ବା ଯୋଜନା କରୁଛୁ, ସେହିଭଳି ଜଙ୍ଗଲ ଧ୍ୱଂସକୁ ରୋକିବାକୁ ଏକ ଦୀର୍ଘମିଆଦୀ ଲକ୍ଷ୍ୟ ଭାବେ ବିଚାର କରିବା ଉଚିତ ନୁହେଁ। ଜଳବାୟୁ ପରିବର୍ତ୍ତନ କାହାକୁ ଅପେକ୍ଷା କରିବ ନାହିଁ। ଆମେ ଯଦି ଠିକ୍ ପଦକ୍ଷେପ ନେବା ଓ ତ୍ୱରିତ କାର୍ଯ୍ୟକରିବା ତେବେ ବର୍ତ୍ତମାନ ଥିବା ୧.୮ ବିଲିୟନ ହେକ୍ଟର ପରିମିତରୁ ଊର୍ଦ୍ଧ୍ୱ ଉଷ୍ଣମଣ୍ଡଳୀୟ ଜଙ୍ଗଲ ସଂରକ୍ଷଣ କରିବା ସହ ଅଧିକ ୧ ବିଲିୟନ ହେକ୍ଟର ଜଙ୍ଗଲ ପୁଣି ସୃଷ୍ଟି କରିପାରିବା। ଏବେ ଆମ ପାଖରେ ଥିବା ଜଙ୍ଗଲର ସଂରକ୍ଷଣ କରିବା ହିଁ ଏକ ଉଚିତ୍ ନିଷ୍ପତ୍ତି, କାରଣ ଏହା ହେଉଛି ଆମ ସାମୂହିକ ଭବିଷ୍ୟତକୁ ସୁରକ୍ଷିତ ରଖିବାର ଏକମାତ୍ର ବାଟ।

## ଏଇ ଭାରତରେ

ବିହାରରେ ଜଣେ ବ୍ୟକ୍ତି ନିଜକୁ ଜୀବିତ ସାବ୍ୟସ୍ତ କରିବା ପାଇଁ ଅଧିକାରୀଙ୍କୁ ଗୁହାରି କରୁଥିବା ଘଟଣା ଏବେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ସେହି ବ୍ୟକ୍ତି ଜଣକ ହେଉଛନ୍ତି ବଗାହ ଜିଲା ମଠିଆ ଗାଁର ବାସିନ୍ଦା ୬୦ ବର୍ଷ ବୟସ୍କ ଚାଷୀ ଅରବିନ୍ଦ ପ୍ରସାଦ ଶାହା। ନିଜକୁ ଜୀବନ୍ତ ପ୍ରମାଣ କରିବାକୁ ସେ ମାସ ମାସ ଧରି ସରକାରୀ କାର୍ଯ୍ୟାଳୟରେ ବୁଲି ଅଧିକାରୀଙ୍କୁ ଗୁହାରି କରୁଛନ୍ତି। ନିଜ ଭାଇ ତାଙ୍କୁ ମୃତ ଘୋଷଣା କରି ସମସ୍ତ ଜମି ହାତେଇ ନେଇଛନ୍ତି। ଏପରିସ୍ଥଳେ ଅରବିନ୍ଦ ଜୀବିତ ଥିବାର ପ୍ରମାଣ ଦେଖାଇ ନିଜ ଜମି ପାଇବାକୁ ଉଦ୍ୟମ ଜାରି ରଖିଛନ୍ତି। ଅରବିନ୍ଦଙ୍କୁ ଜୋନାଲ କାର୍ଯ୍ୟାଳୟ ତଥା ସ୍ଥାନୀୟ ରାଜସ୍ୱ କାର୍ଯ୍ୟାଳୟ ମୃତ ଘୋଷଣା କରିଥିଲେ। ସେ ଜୋନାଲ ଅଫିସଠାରୁ ସବ୍‌ଡିଭିଜନାଲ ଅଫିସ ପର୍ଯ୍ୟନ୍ତ ଜୀବିତ ଥିବା ପ୍ରମାଣ କରିବାରେ ବ୍ୟସ୍ତ ଅଛନ୍ତି। ତାଙ୍କ ଭାଇଙ୍କଠାରୁ ଲାଞ୍ଚ ନେଇ ରାଜସ୍ୱ କାର୍ଯ୍ୟାଳୟର ଜଣେ କର୍ମଚାରୀ ଏହି କାର୍ଯ୍ୟ କରିଥିବା ଅରବିନ୍ଦ ପ୍ରସାଦ ଅଭିଯୋଗ କରିଛନ୍ତି। ଅରବିନ୍ଦ କହିଛନ୍ତି, ଗତ ତିନିମାସ ହେଲା ମୁଁ ମୋର ଜୀବନ୍ତ ପ୍ରମାଣ ପାଇଁ ସର୍କଲ ଏବଂ ସବ୍‌ଡିଭିଜନାଲ ଅଫିସରେ ବୁଲୁଛି, କିନ୍ତୁ କୌଣସି ଶୁଣାଣି ହୋଇନାହିଁ। ଏଥିସହିତ ଏହି ମାମଲାରେ ସର୍କଲ ଅଧିକାରୀ ଅଭିଷେକ ଆନନ୍ଦ କହିଛନ୍ତି, ସମଗ୍ର ଘଟଣାର ତଦନ୍ତ ପରେ ଖୁବ୍‌ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସ୍ଥାନୀୟ ରାଜସ୍ୱ କର୍ମଚାରୀଙ୍କ ଦ୍ୱାରା ତାଙ୍କୁ ମୃତ ଘୋଷଣା କରାଯାଇ ଜମିରୁ ବେଦଖଲ କରି ଦିଆଯାଇଥିଲା ଏବଂ ଜୋନାଲ ଅଫିସରେ ଅରବିନ୍ଦଙ୍କ ଆବେଦନକୁ କିପରି ଅଣଦେଖା କରାଯାଇଥିଲା, ତାହା ଏବେକାର କାର୍ଯ୍ୟପାଳିକା ଉପରେ ପ୍ରଶ୍ନ ଉଠାଇଛି।

## ୨୫ ବର୍ଷ ତଳର ଧରିତ୍ରୀ

୨୦ ଏପ୍ରିଲ ୧୯୯୮

- ଜମ୍ମୁ ଉଦାମପୁର ଜିଲାର ଏକ ଦୁର୍ଗମ ଗ୍ରାମ ଉପରେ ଚଢ଼ାଉ କରି ଉଗ୍ରବାଦୀମାନେ ମହିଳା, ଶିଶୁ ସମେତ ୧୩ ଜଣଙ୍କୁ ଗୁଳିକରି ହତ୍ୟା କରିଛନ୍ତି।
- ତାମିଲନାଡୁ ଓ କର୍ନାଟକର ମିଳିତ ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଜଙ୍ଗଲ ଦସ୍ୟୁ ବୀରାପ୍ପାନର ୩ ସହଯୋଗୀଙ୍କୁ ଗିରଫ କରିଛି।
- ରାଜସ୍ୱ ଗୁଇନ୍ଦା ନିର୍ଦ୍ଦେଶାଳୟର ଅଧିକାରୀଙ୍କ ଦ୍ୱାରା କେନ୍ଦ୍ର ଯୋଗାଯୋଗ ମନ୍ତ୍ରୀ ବୁଟା ସିଂ ଓ ତାଙ୍କର ଅନ୍ୟ ପରିବାର ସଦସ୍ୟଙ୍କ ବ୍ୟକ୍ତିଗତ ଆୟର ଅନୁସନ୍ଧାନ।

## su | do | ku  ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 8 | 6 | | | |
| | | 9 | | | | | 3 | |
| 8 | | | 9 | 5 | | | | |
| | | | | | 2 | 9 | 1 | |
| 4 | | | | | 8 | 2 | | |
| | | | | | | 4 | | |
| 5 | | 3 | 1 | 7 | | | 8 | |
| | | 8 | 5 | | | | | |
| | | 6 | | | | 1 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 9 | 2 | 6 | 5 | 3 | 4 | 8 | 7 |
| 5 | 3 | 8 | 4 | 1 | 7 | 9 | 6 | 2 |
| 6 | 4 | 7 | 2 | 9 | 8 | 1 | 5 | 3 |
| 2 | 1 | 3 | 8 | 7 | 4 | 6 | 9 | 5 |
| 7 | 5 | 9 | 1 | 3 | 6 | 2 | 4 | 8 |
| 4 | 8 | 6 | 9 | 2 | 5 | 3 | 7 | 1 |
| 3 | 6 | 4 | 7 | 8 | 1 | 5 | 2 | 9 |
| 8 | 2 | 1 | 5 | 6 | 9 | 7 | 3 | 4 |
| 9 | 7 | 5 | 3 | 4 | 2 | 8 | 1 | 6 |

ଗତକାଲିର ଉତ୍ତର

# ପରାଗ ଓ ପାକ



ଡ. ଗୌରୀଶଙ୍କର ସାହୁ
ପ୍ରାଧ୍ୟାପକ, କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ହିମାଚଳ ପ୍ରଦେଶ, ଧର୍ମଶାଳା



ଡା. ପ୍ରଭାସ ରଞ୍ଜନ ତ୍ରିପାଠୀ
ପ୍ରାଧ୍ୟାପକ, ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ(ଏମ୍ସ) ଭୁବନେଶ୍ୱର

ପରାଗ ଓ ଗ୍ରହଣ ଏହି ଦୁଇଟି ମହାଜାଗତିକ ଘଟଣା ଘଟିବା ସମୟରେ ଉପବାସ ବା ଲଘୁପାକ(ଅଳ୍ପ ଜାଳରେ ସିଝୁଥିବା ଖାଦ୍ୟ)ଭୋଜନ କରିବା ନା ଗୁରୁପାକ (ଅଧିକ ଜାଳ ଆବଶ୍ୟକ କରୁଥିବା ଖାଦ୍ୟ) ଭୋଜନ କରିବା, ଯାକୁ ନେଇ ବହୁ ସମୟରେ ବିତର୍କ ଓ ଖଣ୍ଡଯୁଦ୍ଧ ଚାଲୁଛି। ଯଦିଓ ଏ ସମୟରେ ଭୋଜନ ନିଷେଧ ନୁହେଁ ବରଂ ପାକ ନିଷେଧ କଥା କୁହାଯାଇଛି। ଆମ ଶାସ୍ତ୍ରରେ ବର୍ଣ୍ଣିତ ପାକ ବା ରୋଷେଇ ନିଷେଧ ଓ ସର୍ବୋପରି ବିବାଦରେ ଥିବା ଭୋଜନ ନିଷେଧ ସହ ସଂପର୍କିତ ଆଲୋଚନା ଏହି ଆଲେଖ୍ୟର ଲକ୍ଷ୍ୟ।

ଆସନ୍ତୁ ସୂର୍ଯ୍ୟୋପରାଗ ଓ ଚନ୍ଦ୍ରଗ୍ରହଣ ସମୟରେ ଖାଦ୍ୟପଦାର୍ଥର ଗୁଣବତ୍ତା ଉପରେ ଜୀବାଣୁ/କବକ/ବୀଜାଣୁମାନଙ୍କ ପ୍ରଭାବ କିପରି ରହିଥାଏ ଦେଖିବା। ଡ. ଜୟଶ୍ରୀ ଦେଶ୍‌ପାଣ୍ଡେ ଓ ଡ. ଲକ୍ଷ୍ମଣ ଗଙ୍ଗାୱାଣେ ୨୮ ଅକ୍ଟୋବର ୧୯୯୫ରେ ସଙ୍ଗଠିତ ସୂର୍ଯ୍ୟୋପରାଗ ସମୟରେ କରିଥିବା ଗବେଷଣା ପ୍ରଣିଧାନଯୋଗ୍ୟ। ଏହା ସ୍ପ୍ରିଞ୍ଜର ପ୍ରକାଶନର ଏରୋବାୟୋଲୋଜିଆ ଜର୍ନାଲର ତ୍ରୟୋଦଶ ସଂଖ୍ୟା ୧୯୯୭ ସଂସ୍କରଣରେ ପ୍ରକାଶିତ ହୋଇଛି। ସେମାନେ ତାଙ୍କ ନମୁନାକୁ ପୂର୍ଣ୍ଣ ସୂର୍ଯ୍ୟୋପରାଗ ସଙ୍ଗଠିତ କ୍ଷେତ୍ର ଉତ୍ତରପ୍ରଦେଶର କାଲପି ଓ ଆଂଶିକ ସୂର୍ଯ୍ୟୋପରାଗ ଅଞ୍ଚଳ, ମହାରାଷ୍ଟ୍ରର ଔରଙ୍ଗାବାଦରେ ରଖି ପରୀକ୍ଷା କଲେ। ଦେଖାଗଲା ପରାଗର ଠିକ୍ ପୂର୍ବରୁ ଓ ପରେ ଆସ୍ପରଜିଲସ ଫ୍ୟୁମିଗାଟସ୍, ଆସ୍ପରଜିଲସ ନିଡୁଲାନ୍‌ସ, ଆସ୍ପରଜିଲସ ନାଇଜର, ଆସ୍ପରଜିଲସ ଫ୍ଲାଭସ୍, କ୍ଲାଡୋସ୍ପୋରିଅମ୍, ଅକ୍ସିପୋରମ, ଆବ୍‌ସିଡିଆ କରିମ୍ବିଫେରା, କରଭୁଲାରିଆଲୁନାଟା ପ୍ରଭୃତି କବକ ଅସମ୍ଭବ ଭାବେ ବୃଦ୍ଧି ପାଉଛନ୍ତି ଧାରକ ପୃଷ୍ଠରେ। ପରାଗ ସମୟରେ ଆସ୍ପରଜିଲସ ନିଡୁଲାନ୍‌ସ, ସେଫାଲୋସ୍ପୋରିଅମ୍, ଫୁଜାରିଅମ୍, ମର୍ଟିଏଲେରା, ନିଗ୍ରୋସ୍ପୋରା ସାଚାରି, ଫୁନିକୁଲୋସମ୍ ପ୍ରଭୃତିକବକର ଅହେତୁକ ବଂଶ ବୃଦ୍ଧିହେଉଛି। ଏହିସବୁ ଜାତୀୟ କବକ ଖାଦ୍ୟ ଉପରେ ନେଳି ବସାଇ ଏହାକୁ ଅଖାଦ୍ୟରେ ପରିଣତ କରିଥାଏ। ଏହି ଅଣୁଜୀବଗୁଡ଼ିକ ଲିଭର, ଶ୍ୱାସନଳୀ ଓ ଫୁସ୍‌ଫୁସ୍‌କୁ ସଂକ୍ରମିତ କରିଥାଏ। ତେଣୁ ପୂର୍ବରୁ ପ୍ରସ୍ତୁତ ଖାଦ୍ୟ, ପରାଗ/ଗ୍ରହଣ ସମୟରେ ବା ଏହାପରେ ଭୋଜନ ସ୍ୱାସ୍ଥ୍ୟ ପାଇଁ ଅହିତକର। ଏହି ସମୟରେ ଅଲଟରନାରିଆ କବକ ହଠାତ୍ ସୃଷ୍ଟିହେବାର ଦେଖିଥିଲେ ଡ. ଦେଶ୍‌ପାଣ୍ଡେ। ଆମେ ଜାଣୁ ଏହି କବକ ଆଳୁ, ବାଇଗଣ, ଲଙ୍କାମରିଚ, ବିଲାତି ବାଇଗଣ ଓ ଏହି ଜାତୀୟ ସୋଲାନାସି ଗଛରେ ରୋଗର ପ୍ରମୁଖ କାରଣ।

୨୨ ଜୁଲାଇ ୨୦୦୯ରେ ସଙ୍ଗଠିତ ପରାଗ ସମୟରେ ଇଣ୍ଡିଆନ କାଉନ୍‌ସିଲ ଅଫ ଏଗ୍ରିକଲ୍‌ଚରାଲ ରିସର୍ଚ୍ଚ(ଆଇସିଏଆର୍)ର ଗବେଷକ ଡ. ବିଜୟ ଭାରତୀଙ୍କ ପରୀକ୍ଷଣରୁ ଜଣାପଡ଼ିଥିଲା ଯେ ପରାଗ ସମୟରେ ପ୍ରାଣୀମାନଙ୍କଠାରେ ଥାଇରଏଡ୍ ଷ୍ଟିମୁଲେଟିଙ୍ଗ ହରମୋନ୍ (ଯାହା ବିପାକୀୟ କ୍ରିୟାକୁ ନିୟନ୍ତ୍ରିତ କରେ), କ୍ୟାଲ୍‌ସିୟମ ଓ ଆଲାନାଇନ୍ ଆମିନୋ ଟ୍ରାନ୍ସଫେରେଜ ପ୍ରଭୃତି ବୃଦ୍ଧି ପାଉଥାଏ। ଏହାଛଡ଼ା ଶରୀରର ସାର୍‌କାଡିଆମ୍-ରିଦମ୍



ପ୍ରଭାବିତ ହୋଇଥାଏ। ଏହି ସମୟରେ ବିଶେଷ ଫିଜିକୋ-କେମିକାଲ ପରିବର୍ତ୍ତନ ସଂଗଠିତ ହୋଇଥାଏ, ଯାହା ଜୈବରାସାୟନିକ ରାଶିଗୁଡ଼ିକୁ ପ୍ରଭାବିତ କରିଥାଏ। ଏହା ଇଣ୍ଡିଆନ ଜର୍ନାଲ୍ ଅଫ୍ ଆନିମଲ ସାଇନ୍ସର ୮୨ତମ ଅଙ୍କରେ ୨୦୧୨ ମସିହାରେ ପ୍ରକାଶିତ ହୋଇଥିଲା।

୨୨ ଜୁଲାଇ ୨୦୦୯ ଓ ୧୫ ଜୁଲାଇ ୨୦୧୦ରେ ଦୃଶ୍ୟମାନ ପରାଗ ସମୟରେ ଡ. ସନ୍ତୋଷଙ୍କ ଦ୍ୱାରା କରାଯାଇଥିବା ପରୀକ୍ଷଣରୁ ଜଣାପଡ଼ିଥିଲା ଯେ ଏହି ସମୟରେ ସମୁଦ୍ରଜଳର ପି.ଏଚ୍. ମୂଲ୍ୟ କମିଥାଏ ଓ ପୃଥିବୀପୃଷ୍ଠରେ ଚନ୍ଦ୍ରର ଛାଇ ୪୫ ପ୍ରତିଶତ ହେବାବେଳକୁ ସର୍ବନିମ୍ନ ହୋଇଥାଏ। ଆମ ଶରୀରର ସିଂହଭାଗ ଜଳମୟ। ପି.ଏଚ୍. କମିଲେ ଅମ୍ଳଦୋଷ ବଢ଼ିଥାଏ ଓ ଅନ୍ୟାନ୍ୟ ଶ୍ୱାସ, ହୃତ୍‌ପିଣ୍ଡ ଓ ଯକୃତଜନିତ ରୋଗକୁ ଡାକରା ମିଳିଥାଏ। ଡ. ସନ୍ତୋଷଙ୍କ ସନ୍ଦର୍ଭ ସିଏସ୍‌ଆଇଆର୍ ଦ୍ୱାରା ପ୍ରକାଶିତ ଜର୍ନାଲ ଆଇ.ଜେ.ଟି.କେ.ର ୨୦୧୮ ସଂସ୍କରଣର ୧୩(୪) ସଂଖ୍ୟାରେ ପ୍ରକାଶିତ ହୋଇଛି। ଏ ବିଷୟରେ ବିଶଦ୍ ଗବେଷଣା ହେଲେ ଗ୍ରହଣ ସମୟରେ ଆମ ଶରୀରରେ ଜଳର ପି.ଏଚ୍. ମୂଲ୍ୟର ପରିବର୍ତ୍ତନ ଓ ଏହାଦ୍ୱାରା ବିଭିନ୍ନ ପ୍ରକ୍ରିୟା କିପରି ପ୍ରଭାବିତ ହେଉଛି ଜଣାପଡ଼ିବ।

ଆମ ଚଳଣି, ପରମ୍ପରାରେ ଅନେକ କଥା ମଧ୍ୟରେ ଗଭୀର ରହସ୍ୟ ଲୁଚିରହିଛି। ଯେମିତି ଗ୍ରହଣ ସମୟରେ ଆମେ ଦହିରେ ଦର୍ଭ/କୁଶ ପକାଇ ରଖିଥାଉ। ଦର୍ଭ(ଦେସ୍ମୋଷ୍ଟାକ୍ୟା ବିପିନାଟା), କୁଶ (ଇମ୍ପେରାଟା ସିଲିଣ୍ଡ୍ରିକା)। ଏସବୁ ଘାସଜାତୀୟ। ବୈଜ୍ଞାନିକ ଦୀନା ସନ୍ଥନା ଗବେଷଣା କରି ଦେଖିଲେ ଯେ ଦର୍ଭର ପୃଷ୍ଠଦେଶରେ ସୂକ୍ଷ୍ମ(ନାନୋ)ସ୍ୱରୂପ ବିଦ୍ୟମାନ। ଏହି ବିଶେଷ ଗୁଣଯୋଗୁ ଏହା ଗାଈକ୍ଷୀରର ଦହିରେ ଲାକ୍ଟୋବାସିଲିର ବୃଦ୍ଧିକୁ ନିୟନ୍ତ୍ରିତ କରିଥାଏ ଓ ଖଟାହେବାରୁ ରକ୍ଷା କରିଥାଏ। ଶର୍କରାଜାତୀୟ ଖାଦ୍ୟକୁ ବାସି, ଗନ୍ଧିଆ ଓ ଆମ୍ବିଲା ହେବାରୁ ରକ୍ଷା କରିଥାଏ ଦର୍ଭଖଣ୍ଡକ। ବୀଜାଣୁମାରକ ସୌରରଶ୍ମିର ଅଭାବ ପରିଲକ୍ଷିତ ହୋଇଥାଏ ପରାଗ ଓ ଗ୍ରହଣ ସମୟରେ। ଏହି ସମୟରେ ଶର୍କରାଜାତୀୟ ଖାଦ୍ୟ, ଦହି ପ୍ରଭୃତିକୁ ନଷ୍ଟହେବାରୁ ବଂଚାଇଥାଏ ଦର୍ଭ/କୁଶଜାତୀୟ ଘାସ। ଏହାଛଡ଼ା ଏହାର ହାଇଡ୍ରୋଫୋବିକ୍ ଗୁଣ ଯୋଗୁ ଦର୍ଭ ଖାଦ୍ୟପଦାର୍ଥ ସହ ରାସାୟନିକ ପ୍ରତିକ୍ରିୟା ମଧ୍ୟ କରି ନ ଥାଏ। କେତେ ବ୍ୟବସ୍ଥିତ ଆମ ପ୍ରକୃତି ! ପ୍ରକୃତିର ରହସ୍ୟ ଉନ୍ମୋଚନ କରିବାର ପ୍ରେରଣା ବେଳେବେଳେ ମହାଜାଗତିକ ଘଟଣା ହିଁ ଯୋଗାଇଥାଏ। ଆମେ ତାହାର ଭାଜନ ହେବା ଜରୁରୀ। ଅଖାଦ୍ୟ ଓ ଅଣୁଜୀବ ରୋଗର କାରଣ ୨୧ ଅଗଷ୍ଟ ୨୦୧୭ରେ ସଦ୍ୟ ସଙ୍ଗଠିତ ସୂର୍ଯ୍ୟୋପରାଗ ସମୟରେ ଡ. ଡାନିଏଲ ପି. ବେଭେଲି ଓ ସାଥୀମାନଙ୍କ ଗବେଷଣା ପ୍ରଣିଧାନଯୋଗ୍ୟ। ଏହି ସମୟରେ ଗଛର ପତ୍ରର ଅଙ୍ଗାରକାମ୍ଳ ଅଧିଗ୍ରହଣ କ୍ଷମତା ୧୪% କମ୍ ହୋଇଥାଏ। ୨୯ ମାର୍ଚ୍ଚ ୨୦୦୬ରେ ସଙ୍ଗଠିତ ସମ୍ପୂର୍ଣ୍ଣ ସୂର୍ଯ୍ୟୋପରାଗ ସମୟରେ ଗ୍ରୀକ୍ ଗବେଷକ ଡ. ଜି. ଇକୋନୋମୋଉ ଓ ସାଥୀମାନଙ୍କ ୟୁରୋପିୟାନ୍ ଜିଓସାଇନ୍ସ ୟୁନିୟନ ଦ୍ୱାରା ପ୍ରକାଶିତ ଜର୍ନାଲ ଆଟମୋସ୍ପେରିକ କେମିଷ୍ଟ୍ରି ଆଣ୍ଡ ଫିଜିକ୍ସର ୨୦୦୮ ସଂସ୍କରଣର ଅଷ୍ଟମ ସଂଖ୍ୟାରେ ପ୍ରକାଶିତ ନିବନ୍ଧ ମୁତାବକ ପରାଗ ସମୟରେ ଗଛମାନଙ୍କର ଆଲୋକଶ୍ଳେଷଣ ସାମର୍ଥ୍ୟ ପାଞ୍ଚଭାଗରୁ ଭାଗେ ହୋଇଯାଇଥାଏ। ଅର୍ଥାତ୍ ସାଧାରଣତଃ ୧୦ଟି ଅମ୍ଳଜାନ ଅଣୁ ଦେଉଥିବା ଗଛ ୨ଟି ଅଣୁ ଦେବାକୁ ସକ୍ଷମ ହୋଇଥାଏ। ଏହି ଦୁଇଟି ଗବେଷଣାରୁ ଏହା ସ୍ପଷ୍ଟ ଯେ ପରାଗ ସମୟରେ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳର ମାତ୍ରା ବଢୁଥିବାବେଳେ ଅମ୍ଳଜାନ ଆଶାତୀତ ଭାବେ ହ୍ରାସ ପାଇଥାଏ। ତେଣୁ ରୋଷେଇବାସ ଯାହା ଅଙ୍ଗାରକାମ୍ଳ ଧୂଆଁ ଛାଡ଼ିଥାଏ ତାହା ଏହି କେଇ ମୁହୂର୍ତ୍ତ ନ କଲେ ଭଲ। ପରାଗ ଓ ଗ୍ରହଣ ଦିନ ରୋଷେଇବାସ ଏବଂ ଅଙ୍ଗାରକାମ୍ଳ ସୃଷ୍ଟିର ଅନ୍ୟାନ୍ୟ କାରକଗୁଡ଼ିକୁ ନିଷେଧ କଲେ ସମାଜର ମଙ୍ଗଳ ହେବ। ପାକ ନିଷେଧ ବ୍ୟକ୍ତିଗତ ନୁହେଁ ବରଂ ସାମାଜିକ ଆବଶ୍ୟକତା।

# ସଂଗ୍ରାମୀ କବି ବାଞ୍ଛାନିଧି

ନିଶାକର ରାଉତ

ବାଞ୍ଛାନିଧି ମହାନ୍ତି ୧୮୯୭ ଏପ୍ରିଲ ୨୦ ତାରିଖ ଭଦ୍ରକ ଜିଲା ଇରମ (ଚକଲା)ରେ ପିତା ଚିନ୍ତାମଣି ମହାନ୍ତି ଓ ମାତା ପବିତ୍ରା ଦେବୀଙ୍କ କୋଳମଣ୍ଡନ କରି ଭୂମିଷ୍ଠ ହୋଇଥିଲେ। ପିଲାଦିନରୁ ସଙ୍ଗୀତ, ଲେଖା ତଥା ସେବା ପ୍ରତି ତାଙ୍କର ଅଦମ୍ୟ ଇଚ୍ଛାଶକ୍ତି ଥିଲା। ବାଞ୍ଛାନିଧି ପିଲାଦିନରୁ ସମାଜ ସେବାର ପଥ ବାଛି ନେଇଥିଲେ। ସେତେବେଳେ ଭଦ୍ରକରେ ଗୋଟିଏ ସ୍କୁଲ ଥିଲା। ସେଥିରେ ବାଞ୍ଛାନିଧିଙ୍କ ନାମ ଲେଖାଗଲା। ମାତ୍ର ପାଠ ସହିତ ସଙ୍ଗୀତ ପ୍ରତି ତାଙ୍କର ମଧ୍ୟ ଆଗ୍ରହ ସୃଷ୍ଟି ହେଲା। ଏଥିରେ ତାଙ୍କର ବନ୍ଧୁ ବୈଷ୍ଣବ ଚରଣ ଦାସ ସାହାଯ୍ୟ କଲେ। ସେ ସଙ୍ଗୀତ ଓ ବାଦ୍ୟଯନ୍ତ୍ର ମଧ୍ୟ ଅଭ୍ୟାସ କରି ପାରଙ୍ଗମ ହୋଇପାରିଥିଲେ। ସେ ୧୯୧୧ ; ମାତ୍ର ୧୪ ବର୍ଷରେ ମାଟ୍ରିକ୍ ପରୀକ୍ଷାରେ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲେ।

ଉଚ୍ଚଶିକ୍ଷା ପାଇଁ ବାଞ୍ଛାନିଧି କଟକ ରେଭେନ୍ସା କଲେଜରେ ନାମ ଲେଖାଇ ଥିଲେ। ପାଠ ପଢ଼ିବା ବେଳେ ଜଣେ ବନ୍ଧୁଙ୍କ ସହିତ ଘନିଷ୍ଠତା ହୋଇଥିଲା, ସେ ଥିଲେ କୃଷ୍ଣପ୍ରସାଦ ବସୁ। ଉଭୟ ପ୍ରତ୍ୟେକ ସନ୍ଧ୍ୟାରେ ମହାନଦୀ ପଠା ବାଲୁକାରେ ବସି ସଙ୍ଗୀତ ଓ ତାଳ ବିଷୟରେ ଚର୍ଚ୍ଚା କରୁଥିଲେ। ତା'ପରେ ବି.ଏ. ପଢ଼ା ଆରମ୍ଭ ହେଲା। କଲେଜ ପଢ଼ିଲା ସମୟରେ ସେ ଗୋପବନ୍ଧୁ ଦାସଙ୍କ ସହିତ ମଧ୍ୟ ବନ୍ଧୁତା ସ୍ଥାପନ କରିଥିଲେ। ୧୯୧୫ରେ ସେ ବି.ଏ. ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ। ବାଞ୍ଛାନିଧି ବାବୁଙ୍କ କର୍ମମୟ କ୍ରାନ୍ତିକାରୀ ଜୀବନ



୧୨୬ତମ ଜୟନ୍ତୀ ଉପଲକ୍ଷେ

ଆରମ୍ଭ ହୁଏ ୧୯୧୯ ଜାଲିଆନାୱାଲାବାଗ୍ ହତ୍ୟାକାଣ୍ଡ ପରେ। ସ୍ୱଦେଶୀ ଆନ୍ଦୋଳନ ଓ ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ଅସହଯୋଗ ଆନ୍ଦୋଳନ ଆରମ୍ଭ ହୋଇଯାଇଥାଏ। ବାଞ୍ଛାନିଧିବାବୁ ଏହି ଆନ୍ଦୋଳନରେ ସକ୍ରିୟ ଯୋଗ ଦେଇ ସାରା ଜିଲାରେ ଜାତୀୟ ସଙ୍ଗୀତ ମାଧ୍ୟମରେ ଲୋକମାନଙ୍କୁ ସଚେତନ ଓ ସକ୍ରିୟ ଯୋଗଦାନ ପାଇଁ ପ୍ରବର୍ତ୍ତାଉଥିଲେ। ସେ ଗାଁ ଗାଁରେ ସାଇକେଲରେ ବୁଲି ବୁଲି ହାରମୋନିୟମ ବଜାଇ ନିଜ ସୁମଧୁର ସଙ୍ଗୀତ ଗାନ ଦ୍ୱାରା ଗ୍ରାମବାସୀଙ୍କୁ ସଚେତନ କରି ସ୍ୱାଧୀନତା ସଂଗ୍ରାମରେ ଝାସ ଦେବା ପାଇଁ ଆକୃଷ୍ଟ କରିପାରୁଥିଲେ।

୧୯୨୫ରେ ମହାତ୍ମା ଗାନ୍ଧୀଙ୍କ ଦ୍ୱିତୀୟ ଥର ଭଦ୍ରକ ଓ ଓଡ଼ିଶା ଆଗମନରେ ଭଦ୍ରକ ବାଗୁରାଇ ସ୍କୁଲ ସଭାରେ ବାଞ୍ଛାନିଧିବାବୁ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ୧୯୩୦ରେ ମହାତ୍ମା ଗାନ୍ଧୀଙ୍କ ଲବଣ ସତ୍ୟାଗ୍ରହ ଆନ୍ଦୋଳନ ଓ ଦାଣ୍ଡିଯାତ୍ରା ଦ୍ୱାରା ସାରା ଭାରତର ବିଶେଷତଃ ସମୁଦ୍ରକୂଳିଆ ପ୍ରଦେଶରେ ଆନ୍ଦୋଳନ ତୀବ୍ରରୁ ତୀବ୍ରତର ହୋଇଥିଲା। ବାଲେଶ୍ୱର ଜିଲା ଯେହେତୁ ସମୁଦ୍ର ସଂଲଗ୍ନ ଆନ୍ଦୋଳନରେ ବାଞ୍ଛାନିଧି ମହାନ୍ତି, ଚକ୍ରଧର ବେହେରା, ସନ୍ଥା ବେହେରା, ଭଗବାନ ଦୀକ୍ଷିତ, ଗୌରାଙ୍ଗ ମହାନ୍ତି, ହରେକୃଷ୍ଣ ମହତାବ, ନୀଳମଣି ରାଉତରାୟ, ଗଣେଶ ତ୍ରିପାଠୀ, କମଳା ପ୍ରସାଦ କର ଓ ଅନ୍ୟମାନଙ୍କ ସକ୍ରିୟ ସହଯୋଗରେ ବ୍ୟାପକରୁ ବ୍ୟାପକ ହୋଇଥିଲା।

ସାଧାରଣ ଲୋକଙ୍କୁ ସଚେତନ କରି ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେବା ପାଇଁ ସାଇକେଲରେ ଗାଁ ଗାଁ ବୁଲି ହାରମୋନିୟମ ଧରି ସୁମଧୁର ସ୍ୱରରେ ଜାତୀୟ ସଙ୍ଗୀତ ଗାଉଥିଲେ। ସେ ଜଣେ କର୍ମଯୋଗୀ ଥିଲେ। ମାତ୍ର ୪୧ବର୍ଷ ବଞ୍ଚି ଥିଲେ। ୧୯୩୮ ଏପ୍ରିଲ ୧୯ ତାରିଖରେ ବସନ୍ତ ରୋଗରେ ପୀଡ଼ିତ ହୋଇ ଭଦ୍ରକ ଡାକ୍ତରଖାନାରେ ଚିକିତ୍ସାଧୀନ ସମୟରେ ପ୍ରାଣ ତ୍ୟାଗ କରିଥିଲେ। କର୍ମମୟ ଜୀବନ ଥିଲା ମାତ୍ର ୨୦ ବର୍ଷ। ସମୟେ ସମୟେ ଭିଡ଼ ମଧ୍ୟରୁ ଜଣେ ଜଣେ ଅସାଧାରଣ ବ୍ୟକ୍ତିଙ୍କ ଆବିର୍ଭାବ ହୁଏ, ଯେଉଁମାନେ କି ଅନ୍ୟମାନଙ୍କ ଠାରୁ ସ୍ୱତନ୍ତ୍ର ଓ ନିଆରା, ସେ ଥିଲେ ବାଞ୍ଛାନିଧି ବାବୁ। ସେ ଚାରୋଟି ଆନ୍ଦୋଳନରେ ସକ୍ରିୟ ଥିଲେ- ସ୍ୱାଧୀନତା, କନିକା, ଭାଷା ଓ ପ୍ରଦେଶ ଏକତ୍ରୀକରଣ।

ବଚ୍ଛଦା, ଇରମ, ଭଦ୍ରକ
ମୋ- ୭୦୦୮୨୩୯୪୫୪

## ପାଠକ ଶ୍ରେଷ୍ଠ ବିଚାରକ

### ଗଣତନ୍ତ୍ରର ତ୍ରୁଟିପୂର୍ଣ୍ଣ ନମୁନା

ମହାଶୟ,

ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ ସରକାରଙ୍କୁ ପରାମର୍ଶ ଦେବାର ଏକ ପ୍ରମୁଖ ଭୂମିକା ଅଛି ଗଣମାଧ୍ୟମର। କିନ୍ତୁ ତା ପରିବର୍ତ୍ତେ ଯେଉଁଦିନଠାରୁ ମାଫିଆ ଗ୍ୟାଙ୍ଗଷ୍ଟରଙ୍କ ଏନକାଉଣ୍ଟର ହେଲାଣି ସେଇଦିନଠାରୁ ପ୍ରାୟ ସବୁ ଟିଭି ଚ୍ୟାନେଲ ତା' ଉପରେ ଖବର ପ୍ରସାର କରିବାରେ ବ୍ୟସ୍ତ। ଟିଭି ଚ୍ୟାନେଲ ସେମାନଙ୍କ ନିଧନକୁ ବାରମ୍ବାର ପ୍ରସାର କରି ଅନ୍ୟାନ୍ୟ ଆନୁଷଙ୍ଗିକ ତ୍ରୁଟିପୂର୍ଣ୍ଣ ଖବର ପ୍ରସାରକୁ ଅଣଦେଖା କରିବା ଦର୍ଶକମାନଙ୍କୁ ବ୍ୟଥିତ କରୁଛି। ମାଫିଆମାନଙ୍କ ବିରୋଧରେ ବିଭିନ୍ନ ପ୍ରକାର ଫୌଜଦାରି ଆପରାଧିକ ମାମଲା ରୁଜୁ କରାଯାଇଥିବା ସତ୍ତ୍ୱେ ସେମାନେ ଜନପ୍ରତିନିଧି ହେବା ଭାରତ ଗଣତନ୍ତ୍ରର ତ୍ରୁଟିପୂର୍ଣ୍ଣ ନମୁନା। ରାଷ୍ଟ୍ରର ସୁରକ୍ଷା ନେଇ ମାଫିଆ ଡନ୍‌ମାନଙ୍କ ଦମନ ପାଇଁ ସକଳସ୍ତରରେ ଆଇନର ଦଣ୍ଡବିଧି ଧାରାର କାର୍ଯ୍ୟକାରିତାରେ କଠୋରତା ଆଣିବା ଲାଗି ଚେଷ୍ଟା କରାଯିବା ଆବଶ୍ୟକ। ନ୍ୟାୟିକ ବ୍ୟବସ୍ଥା ଏବଂ ବିଚାରଧାରାରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ଗୁରୁତ୍ୱପୂର୍ଣ୍ଣ। ଏଇ ପ୍ରସଙ୍ଗ ଉପରେ ସରକାର, ନ୍ୟାୟପାଳିକା ଓ ପୋଲିସ ବିଭାଗ ସଚେତନ ହେବା ଆବଶ୍ୟକ। ଏହା ଘଟିଲେ ହିଁ ସର୍ବୋପରି ରାଷ୍ଟ୍ରର ମଙ୍ଗଳ ସାଧିତ ହୋଇପାରିବ।

-ଅଶୋକ କୁମାର ଆଢ୍ୟ, ମରୀଚିକୋଟ ଗଳି, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ହେ ପୁରାଣ ପୁଣ୍ୟ ପାନ୍ଥ, ଦୀର୍ଘ ଯେଉଁ
ପଥ ଅତିକ୍ରମି
ଉଭା ହେଲ ଜୀବନର ଏକ ପ୍ରାନ୍ତେ
ଶ୍ରାନ୍ତ ପଦେ ଭ୍ରମି ?
-(ପ୍ରାଚୀନ ଓ ନବୀନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୨୦ ଏପ୍ରିଲ, ୨୦୨୩



## ସଂକ୍ଷେପରେ

### ନବବଧୂଙ୍କ ସନ୍ଦେହଜନକ ମୃତ୍ୟୁ
**ହତ୍ୟା ଅଭିଯୋଗ ଆଣିଲେ ବାପା**

**ଡେରାବିଶ,୧୯।୪(ସ୍ୱ.ପ୍ର.):** ବିବାହର ଦେଢ଼ମାସ ନ ପୁରୁଣୁ ଜଣେ ନବବଧୂଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ଏହାକୁ ନେଇ ବାପା ତାଙ୍କ ଝିଅକୁ ହତ୍ୟା କରାଯାଇଥିବା ଥାନାରେ ଅଭିଯୋଗ କରିଛନ୍ତି । ଡେରାବିଶ ଥାନା ପଲେଇ ପଞ୍ଚାୟତ ସବଲଙ୍ଗ କଣିପଡ଼ା ଗ୍ରାମରେ ଏଭଳି ଦୁଃଖଦ ଘଟଣା ଘଟିଛି । ସୂଚନା ଅନୁଯାୟୀ, ସବଲଙ୍ଗ କଣିପଡ଼ା ଗ୍ରାମର ଉତ୍ତମ ଦାସ (୨୬) ଗତ ମାର୍ଚ୍ଚ ୮ରେ ଯାଜପୁର ଜିଲା ବରୀ ଥାନା ଅନ୍ତର୍ଗତ ବିଦୁପା ଗ୍ରାମର ସନାତନ ବେହେରାଙ୍କ ଝିଅ ପିଙ୍କିରାଣୀ (୨୩)ଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ । ବିବାହ ସମୟରେ ବରପକ୍ଷର ଦାବି ମୁତାବକ ସୁନାଗହଣା ସହିତ ଯାନି ଯୌତୁକ ଓ ନଗଦ ୧ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା । ବିବାହ ପରେ ଜ୍ୱାଇଁ ଏକ ବାଇକ୍ ପାଇଁ ପିଙ୍କିଙ୍କ ମାଧମରେ ବାରମ୍ବାର ଦାବି କରି ଆସୁଥିଲେ । ତେବେ ସନାତନ ପ୍ରତିଶ୍ରୁତି ଦେଇଥିଲେ ମଧ ଆର୍ଥିକ ଦୂରାବସ୍ଥା ଯୋଗୁ ବାଇକ୍ ଦେବାକୁ ସମର୍ଥ ହୋଇ ନ ଥିଲେ। ବିବାହ ପରେ ବିଭିନ୍ନ ସମୟରେ ସ୍ୱାମୀ ଉତ୍ତମ, ଶ୍ୱଶୁର ଅଜିତ ଓ ଶାଶୁ ଲକ୍ଷ୍ମୀ ଏ ନେଇ ପିଙ୍କିଙ୍କୁ ନିର୍ଯାତନା ଦେଇ ଆସୁଥଲେ । ଦିନକୁ ଦିନ ନିର୍ଯାତନା ଅସହ୍ୟ ହେବାରୁ ପିଙ୍କି ନିଜ ବାପାଘରକୁ ଚାଲି ଆସିଥିଲେ । ପରେ ସବଲଙ୍ଗ କଣିପଡ଼ା ଓ ବିଦୁପା ଗ୍ରାମର କେତେଜଣ ମୁରବୀ ଏକାଠି ହୋଇ ଘଟଣାର ସମାଧାନ କରିଥିଲେ । ଫଳରେ ଗତ ୫ ତାରିଖରେ ପିଙ୍କି ଶାଶୁ ଘରକୁ ଯାଇଥିଲେ । ତେବେ ମଙ୍ଗଳବାର ଅପରାହ୍ନରେ ପିଙ୍କି ରଶି ଲଗାଇ ଆତ୍ମହତ୍ୟା କରିଥିବା ଖବର ପାଇବା ପରେ ସନାତନ ସବଲଙ୍ଗ ଆସିଥିଲେ । ପିଙ୍କିଙ୍କୁ ହତ୍ୟା କରିବା ପରେ ସ୍ୱାମୀ ଓ ପରିବାର ଲୋକେ ରଶି ଲଗାଇ ଟାଙ୍ଗିଦେଇଥିବା ସନାତନ ଅଭିଯୋଗରେ ଦର୍ଶାଯାଇଛି । ତାଙ୍କ ଅଭିଯୋଗକୁ ଭିତ୍ତିକରି ଥାନାରେ ଏକ ମାମଲା(ନଂ. ୧୩୪/୨୩) ରୁଜୁ ହୋଇଛି । ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି । ଏହି ଘଟଣାରେ ଶ୍ୱଶୁର ଅଜିତ୍‌ଙ୍କୁ ପୋଲିସ ଗିରଫ କରିଛି । ଏସଂକ୍ରାନ୍ତରେ ଅଧିକ ତଦନ୍ତ ଜାରି ରହିଥିବା ପୋଲିସ କହିଛି ।

### ନକଲି ଗେଟପାସ୍ ଦେଉଥିବା ୨ଗିରଫ

**କୁଜଙ୍ଗ,୧୯।୪(ଡି.ଏନ.ଏ.):** ପାରାଦୀପ ତୈଳ ବିଶୋଧନାଗାର ପରିସରକୁ ଯାଉଥିବା ଶ୍ରମିକଙ୍କ ପାଇଁ ନକଲି ଗେଟ୍ ପାଶ୍ କରୁଥିବା ୨ ଜଣଙ୍କୁ ଅଭୟଚାନ୍ଦପୁର ଥାନା ପୋଲିସ ବୁଧବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଲକୁନ କୁମାର ସେଠୀ ଓ ମିଥୁନ ବେହେରା। ଏ ନେଇ ନଂ.୯୮/୨୩ରେ ମାମଲା ରୁଜୁ ହୋଇଛି। ଏହି ଦୁଇଜଣ ଗତ୧୩ ତାରିଖରେ ଏପରି ଗେଟ୍ ପାଶ୍ ଦେଲା ବେଳେ ସିଆଇଏସ୍‌ଏଫ୍ କର୍ମଚାରୀ ଯଶପାଲ ଆର୍ଯ୍ୟ ଧରି ଥାନାରେ ଅଭିଯୋଗ କରିଥିଲେ।

# ବିଞ୍ଝାରପୁର ବିଡିଓଙ୍କୁ ଲୋକାୟୁକ୍ତଙ୍କ ନୋଟିସ

**ଜାଲ ବିଲ୍ କରି ସରକାରୀ ଅର୍ଥ ଆତ୍ମସାତ୍ ଘଟଣା**

**ଯାଜପୁର ଅଫିସ,୧୯।୪:** ଯାଜପୁର ଜିଲା ବିଞ୍ଝାରପୁର ବ୍ଲକରେ ସରକାରୀ ଅର୍ଥ ହେରାଫେରି ଅଭିଯୋଗ ପିଛା ଛାଡୁନି । ଏହି ବ୍ଲକ ସୟଦପୁର ପଞ୍ଚାୟତରେ ହୋଇଥିବା ବିଭିନ୍ନ ଦୁର୍ନୀତି ସମ୍ପର୍କରେ ପୂର୍ବତନ ସରପଞ୍ଚ ତଥା ସାମାଜିକ କର୍ମୀ ଅବଦୁଲ କାଦିର ଲୋକାୟୁକ୍ତଙ୍କ ଦ୍ୱାରସ୍ଥ ହୋଇଥିଲେ । ଏନେଇ ଲୋକାୟୁକ୍ତରେ ଏକ ମାମଲା (ନଂ.ଏଲୱାଇ– ୧୨୮/୨୦୨୩) ରୁଜୁ ହୋଇଥିଲା। ଉକ୍ତ ଆବେଦନକୁ ବିଚାର କରି ଲୋକାୟୁକ୍ତ ବିଞ୍ଝାରପୁର ବିଡିଓ ମିନତି ଜଗଦ୍ଦେବ, ସହକାରୀ ଯନ୍ତ୍ରୀ ପ୍ରସନ୍ନ କୁମାର ଦାସ, କନିଷ୍ଠ ଯନ୍ତ୍ରୀ ଶିଶିର କୁମାର ନାୟକ ଓ ବିକାଶ ରଞ୍ଜନ ଦାସଙ୍କୁ ୬ ସପ୍ତାହ ମଧ୍ୟରେ ଉତ୍ତର ରଖିବାକୁ ନିର୍ଦ୍ଦେଶ ଜାରି କରିଛନ୍ତି।

ପୂର୍ବରୁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା




(ଏମ୍‌ଜିଏନ୍‌ଆରଇଜିଏସ୍), ଆବାସ ଯୋଜନାରେ ଅନେକ କୋଟି ଟଙ୍କାର ଦୁର୍ନୀତି ଅଭିଯୋଗ ହୋଇଥିଲା । ଏଥିପାଇଁ କେତେଜଣ ସରକାରୀ କର୍ମଚାରୀ ନିଲମ୍ବିତ ହୋଇଥିଲେ । ଆହୁରି ମଧ କେତେଜଣ କର୍ମଚାରୀ ଓ ଜନପ୍ରତିନିଧିଙ୍କୁ ଟଙ୍କା ଫେରସ୍ତ ବା ରିକଭରି ପାଇଁ ନିର୍ଦ୍ଦେଶ ହୋଇଥିଲା । ଏବେ ବିଭିନ୍ନ ଯୋଜନାରେ ଜାଲ୍ ବିଲ୍ ଉପସ୍ଥାପନ କରି ବିପୁଳ ଅର୍ଥ ଲୁଟ ହୋଇଥିବା ନେଇ କାଦିର ଅଭିଯୋଗ କରିଛନ୍ତି । କେବଳ ସୟଦପୁର ପଞ୍ଚାୟତରେ ୬୫ ଲକ୍ଷ ଟଙ୍କାରୁ ଅଧିକ ଆତ୍ମସାତ୍ ହୋଇଥିବା ବେଳେ ସମସ୍ତ ପଞ୍ଚାୟତର ଉନ୍ନୟନମୂଳକ କାର୍ଯ୍ୟର ତଦନ୍ତ କରାଗଲେ ଏହି ଦୁର୍ନୀତି ୨୫ କୋଟି ଟଙ୍କାରୁ ଅଧିକ ହେବ ବୋଲି ଅଭିଯୋଗରେ ଦର୍ଶାଯାଇଛି । ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟକୁ ଆଧାର କରି ସେ ଏହି ଦୁର୍ନୀତିର ପର୍ଦ୍ଦାଫାଶ କରିଛନ୍ତି ବୋଲି ଜଣାପଡିଛି ।

ତେବେ ବିଞ୍ଝାରପୁର ବ୍ଲକରେ ହୋଇଥିବା ଦୁର୍ନୀତି ସମ୍ପର୍କରେ ରାଜ୍ୟ ସରକାର କିମ୍ବା ସ୍ଥାନୀୟ ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବାରୁ କାଦିର ଏହି ଦୁର୍ନୀତିକୁ ନେଇ ଓଡ଼ିଶା ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା (ନଂ.ଡବ୍ଲ୍ୟୁପିସି–୨୧୨୮/୨୦୨୩) ଆଗତ କରିଥିଲେ । ବିଚାରପତି ଜଷ୍ଟିସ୍ ବିଶ୍ୱଜିତ ରଥ ଏହି ଅଭିଯୋଗ ଉପରେ ବିଚାର କରିବାକୁ ରାଜ୍ୟ ସରକାର ତଥା ପଞ୍ଚାୟତିରାଜ ସଚିବଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏବେ ପୁଣି ଲୋକାୟୁକ୍ତଙ୍କ ନିର୍ଦ୍ଦେଶକୁ ନେଇ ବିଞ୍ଝାରପୁର ବ୍ଲକ ପ୍ରଶାସନ ହରଡ଼ଘଣାରେ ପଡିଛି। ଅଭିଯୋଗ ଅନୁଯାୟୀ, ବିଭିନ୍ନ ପ୍ରକଳ୍ପ ଶେଷ ହେବା ପରେ ଭେଣ୍ଡରଙ୍କଠାରୁ ସାମଗ୍ରୀ କିଣାଯିବା, ଯନ୍ତ୍ରୀଙ୍କ ଦ୍ୱାରା ବିଲ୍ ପ୍ରସ୍ତୁତ ହେବା ପରେ ସାମଗ୍ରୀ କିଣା ବାବଦ ବିଲ୍ ଦାଖଲ ହେବା, ବିଲ୍‌ରେ ଜିଏସ୍‌ଟି ସମ୍ପର୍କରେ ବିବରଣୀ ନ ଦେବା, ଗୋଟିଏ କାର୍ଯ୍ୟାଦେଶ ନମ୍ବରରେ ୧୧ଟି ପ୍ରକଳ୍ପ ହୋଇଥିବା ଭଳି ଅନିୟମିତତା ସାମ୍ନାକୁ ଆସିଛି। ବିଞ୍ଝାରପୁର ବ୍ଲକର ସୟଦପୁର ପଞ୍ଚାୟତରେ ୨୧ଟି ପ୍ରକଳ୍ପରେ ଏପରି ଭାବେ ଜାଲ୍ ବିଲ୍ ପ୍ରସ୍ତୁତ କରାଯାଇ ସରକାରୀ ଅର୍ଥ ଲୁଟ୍ ହୋଇଛି ବୋଲି ଅଭିଯୋଗ ହୋଇଛି । କେବଳ ସୟଦପୁର ପଞ୍ଚାୟତ ନୁହେଁ, ଏହି ବ୍ଲକର ୨୯ଟି ପଞ୍ଚାୟତରେ ଏଭଳି ଦୁର୍ନୀତି ହୋଇଛି ବୋଲି ଜଣାପଡିଛି ।

# ୩ ପଞ୍ଚାୟତରେ ହେବ ତଦନ୍ତ

**ପାନୀୟ ଜଳ ଯୋଗାଣରେ ଅନିୟମିତତା ମାମଲା**

**ଚଣ୍ଡିଖୋଲ,୧୯।୪(ଡି.ଏନ.ଏ.):** ବଡ଼ଚଣା ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରେ ଗତବର୍ଷ ପାନୀୟ ଜଳ ଯୋଗାଣରେ ଅନିୟମିତତା ହୋଇଥିବା ନେଇ ଅଭିଯୋଗ ପରେ ଜିଲା ପଞ୍ଚାୟତ ଅଧିକାରୀ ଅଶୋକ କୁମାର ସେଠୀ ବୁଧବାର ୩ ପଞ୍ଚାୟତରେ ଆସନ୍ତା ୨୪ ତାରିଖରେ ତଦନ୍ତ କରାଯିବ ବୋଲି ନିର୍ଦ୍ଦେଶ ଦେଇଛନ୍ତି। ଯାଜପୁର ଜିଲାପାଳଙ୍କ କାର୍ଯ୍ୟାଳୟର ଗ୍ରାମ ପଞ୍ଚାୟତ ବିଭାଗ ପକ୍ଷରୁ ପତ୍ର ସଂଖ୍ୟା ୭୫୦ରେ ଆସନ୍ତା ୨୪ ତାରିଖରେ ବ୍ଲକ ଅନ୍ତର୍ଗତ ଗୋପାଳପୁର, ଭରତପୁର ଓ ଚାରିନଙ୍ଗଳ ପଞ୍ଚାୟତରେ ତଦନ୍ତ କରାଯିବ ବୋଲି ଏହି ପଞ୍ଚାୟତର ସରପଞ୍ଚ ଓ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ (ପିଇଓ)ମାନଙ୍କୁ ଚିଠି ମାଧମରେ ଅବଗତ କରାଯାଇଛି। ଜିଲା ପଞ୍ଚାୟତ ଅଧିକାରୀ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି କି, ସରପଞ୍ଚ ଓ ପିଇଓମାନେ ପଞ୍ଚାୟତରେ ଉପସ୍ଥିତ ରହି ସମସ୍ତ କାଗଜପତ୍ର ଦେଖାଇବେ।

ସୂଚନାଥାଉକି, ପାନୀୟ ଜଳ ଯୋଗାଣରେ ଅନିୟମିତତା ନେଇ ନିକଟରେ ଜିଲାପାଳ ୨ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ(ପିଇଓ)ଙ୍କୁ ନିଲମ୍ବନ କରିଥିଲେ। ନିଲମ୍ବିତ ୨ ପିଇଓ ପ୍ରଶାନ୍ତ ଜେନା ଓ ସଞ୍ଜିତ କୁମାର କର ୬ଟି ପଞ୍ଚାୟତ ଦାୟିତ୍ୱରେ ରହିଥିଲେ। ପ୍ରଶାନ୍ତ ମଝିପଡ଼ା, ଗୋପାଳପୁର ଓ ବରପଦା ପଞ୍ଚାୟତ ଦାୟିତ୍ୱରେ ଥିବାବେଳେ ସଞ୍ଜିତ କୋଲଣଗିରି, ଭରତପୁର ଓ ଅଣକା ପଞ୍ଚାୟତ ଦାୟିତ୍ୱରେ ରହିଥିଲେ। ବରପଦା ଓ କୋଲଣଗିରି ପଞ୍ଚାୟତରେ ପାନୀୟଜଳ ଯୋଗାଣରେ ଅନିୟମିତତା ନେଇ ଜିଲା ପ୍ରଶାସନ ପକ୍ଷରୁ ତଦନ୍ତ କରାଯାଇ ପ୍ରମାଣ ମିଳିବା ପରେ ଏହି ୨ ପିଇଓଙ୍କୁ ନିଲମ୍ବିତ କରାଯାଇଥିଲା। ଏଥିସହିତ କୋଲଣଗିରି ପଞ୍ଚାୟତ ସରପଞ୍ଚଙ୍କୁ କାରଣଦର୍ଶାଅ ନୋଟିସ ଜାରି କରାଯାଇଥିଲା। ତେବେ ଦେଖିବାକୁ ବାକି ରହିଲା ଏହି ୩ ପଞ୍ଚାୟତରେ ତଦନ୍ତ ପରେ କ'ଣ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ଏହି ପାନୀୟ ଜଳ ଯୋଗାଣ ଦୁର୍ନୀତି ପ୍ରାୟ ୪୩ ପଞ୍ଚାୟତରେ ହୋଇଛି। ଏଥିରେ ବ୍ଲକ ପ୍ରଶାସନର ବହୁ ଅଧିକାରୀଙ୍କ ସମ୍ପୃକ୍ତି ରହିଥିବା ନେଇ ଚର୍ଚ୍ଚା ଜୋର ଧରିଛି।

# ପୋଷ୍ଟମର୍ଟମ ରିପୋର୍ଟ ପାଇଁ ୨୦ ହଜାର ଟଙ୍କା ଲାଞ୍ଚ

**ଦାନଗଦି ମେଡିକାଲ ଅଫିସର ଗିରଫ**

- ଡାକ୍ତରଙ୍କ ଘରୁ ଓ କ୍ୱାର୍ଟର୍ସରୁ ୧ ଲକ୍ଷ ୨୦ ହଜାର ଟଙ୍କା ଜବତ

**ଯାଜପୁର ଅଫିସ/କଳିଙ୍ଗନଗର/ ଧର୍ମଶାଳା (ଡି.ଏନ.ଏ.),୧୯।୪ :** ପୋଷ୍ଟମର୍ଟମ ରିପୋର୍ଟ ପ୍ରଦାନ ପାଇଁ ୨୦ ହଜାର ଟଙ୍କା ଦାବି କରି ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସର ପବିତ୍ର କୁମାର ସେଠୀ ବୁଧବାର ଭିଜିଲାନ୍ସ ହାତରେ ଧରା ପଡିଛନ୍ତି। ଏଥିରେ ସହଯୋଗ କରିଥିବା ସିକ୍ୟୁରିଟି ଗାର୍ଡ ଅଭିରାମ କାଣ୍ଡିଙ୍କୁ ମଧ ଗିରଫ କରାଯାଇଛି। ଏନେଇ କଟକ ଭିଜିଲାନ୍ସ କେଶ ନମ୍ବର ୮/୧୮।୪।୨୦୨୩ ଧାରା ୭ପିସି ଆଇନ ୧୯୮୮ରେ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରହିଛି।

ଅଭିଯୋଗ ଅନୁଯାୟୀ, ଯାଜପୁର ଜିଲା କାଳିଆପାଣି ଥାନା ଅନ୍ତର୍ଗତ ଗିରିଙ୍ଗାମାଳି ଗ୍ରାମରେ ଗତ ୩୧।୩।୨୦୨୩ରେ ବଜ୍ରପାତ ଯୋଗୁ ଦୁଃଖବନ୍ଧୁ ମହନ୍ତଙ୍କ ମୃତ୍ୟୁ ହୋଇଥିଲା। ରାଜ୍ୟ ସରକାରଙ୍କ ପ୍ରାକୃତିକ



ଡା.ପବିତ୍ର କୁମାର ସେଠୀ।



ଅଭିରାମ କାଣ୍ଡି।

ବିପର୍ଯ୍ୟୟ କ୍ଷୟକ୍ଷତି ଯୋଜନାରେ ବଜ୍ରପାତରେ ମୃତକଙ୍କ ପରିବାରକୁ ୪ଲକ୍ଷ ଟଙ୍କା ପ୍ରଦାନ କରାଯିବାକୁ ଘୋଷଣା ହୋଇଛି। ଏଥିପାଇଁ ଆବେଦନକାରୀ ତଥା ମୃତକଙ୍କ ପୁଅ ବିକାଶ ମହନ୍ତଙ୍କୁ ପୋଷ୍ଟମର୍ଟମ ରିପୋର୍ଟର ଆବଶ୍ୟକତା ପଡିଥିଲା। ତେଣୁ ପୋଷ୍ଟମର୍ଟମ ରିପୋର୍ଟ ପାଇଁ ଡାକ୍ତରଙ୍କ ପାଖକୁ ଦୌଡି ଦୌଡି ସେ ନିରାଶ ହୋଇଥିଲେ। ଡାକ୍ତର ସେଠୀ ୨୦ ହଜାର ଟଙ୍କା ଦେଲେ ରିପୋର୍ଟ ମିଳିବ ବୋଲି ଦାବି କରୁଥିଲେ। ଏହି ଲାଞ୍ଚ ଅର୍ଥ ନ ଦେଲେ ବ୍ୟବଚ୍ଛେଦ ରିପୋର୍ଟ ଦିଆଯିବ ନାହିଁ ବୋଲି ଡାକ୍ତର ବିକାଶଙ୍କୁ କହିବା ପରେ ସେ ଭିଜିଲାନ୍ସ ଅଧିକାରୀଙ୍କ ସହ ଯୋଗାଯୋଗ କରିଥିଲେ। ଏହାପରେ ଭିଜିଲାନ୍ସ ବିଭାଗ ଅଧିକାରୀମାନେ ପୂର୍ବ ଯୋଜନା ଅନୁସାରେ ସିକ୍ୟୁରିଟି ଗାର୍ଡ କାଣ୍ଡିଙ୍କ ମାଧ୍ୟମରେ ଡାକ୍ତର ସେଠୀଙ୍କୁ କେମିକାଲ ପ୍ରଲେପ ଦିଆଯାଇଥିବା ଟଙ୍କା ପ୍ରଦାନ କରାଯାଇଥିଲା। ଏହାପରେ ସାକ୍ଷୀଙ୍କ ଉପସ୍ଥିତିରେ ଡାକ୍ତରଙ୍କ ଠାରୁ ଲାଞ୍ଚ ଟଙ୍କା ଜବତ କରାଯାଇଥିଲା। ଏହାବାଦ୍ ଡାକ୍ତର ସେଠୀଙ୍କ ଧର୍ମଶାଳା ଥାନା ଅନ୍ତର୍ଗତ ଥାନୁଆଳ ଘରେ ଏବଂ ସରକାରୀ କ୍ୱାର୍ଟର୍ସରେ ଚଢ଼ାଉ କରାଯାଇ ନଗଦ ୧ ଲକ୍ଷ ୨୦ ହଜାର ଟଙ୍କା ଜବତ କରାଯାଇଛି। ଉଭୟ ଡାକ୍ତର ସେଠୀ ଓ ସିକ୍ୟୁରିଟି ଗାର୍ଡ କାଣ୍ଡିଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରାଯାଇଛି।

# ଚେକ୍ ବାଉନ୍ସ ମାମଲାରେ ୬ ମାସ ଜେଲ

**ଭଦ୍ରକ ଅଫିସ,୧୯।୪** ଭଦ୍ରକ ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଚିନ୍ମୟ କୁମାର ପାଢ଼ୀ ଏକ ଚେକ୍ ବାଉନ୍ସ ମାମଲାରେ ଜଣଙ୍କୁ ୬ ମାସ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ୯୦ ଲକ୍ଷ ଟଙ୍କା କ୍ଷତିପୂରଣ ନିର୍ଦ୍ଦେଶ ଦେଇଛନ୍ତି। ନିର୍ଦ୍ଧାରିତ ସମୟ ମଧ୍ୟରେ ଟଙ୍କା ପୈଠ ନ କଲେ ଅତିରିକ୍ତ ୧ ମାସ ଜେଲ ନେଇ ରାୟରେ ପ୍ରକାଶ କରିଛନ୍ତି। ସୂଚନା ଅନୁଯାୟୀ, ତିହିଡ଼ି ଥାନା ଆରସା ଗ୍ରାମର ନିରୁପମା ପଣ୍ଡା ଭୁବନେଶ୍ୱର ପାଣ୍ଡରା ମୌଜାରେ ଥିବା ଏକ ଜମିକୁ ବିକ୍ରି କରିବା ପାଇଁ ଗତ ୨୦୧୮ ଜୁନ୍ ୨୩ ରେ ଭଦ୍ରକ ଅପର୍ତିବିନ୍ଧା ଅଞ୍ଚଳର ଅନ୍ନପୂର୍ଣ୍ଣା ସାହୁଙ୍କ ସହ ଚୁକ୍ତି କରିଥିଲେ। ଚୁକ୍ତି ଅନୁଯାୟୀ ଭିନ୍ନ କିସ୍ତିରେ ୬୫ ହଜାର ଟଙ୍କା ନେଇ ସାରିଥିଲେ। କିଛିଦିନ ପରେ ଅନ୍ନପୂର୍ଣ୍ଣାଙ୍କ ଅଜାଣତରେ ଉକ୍ତ ଜମିକୁ ଅନ୍ୟ ଲୋକଙ୍କୁ ବିକ୍ରି କରି ଦେଇଥିଲେ। ଏହା ଜାଣିବା ପରେ ଅନ୍ନପୂର୍ଣ୍ଣା ଟଙ୍କା ଫେରସ୍ତ ମାଗିବାରୁ ନିରୁପମା ପଣ୍ଡା ତାଙ୍କୁ ଗତ ୨୦୧୮ ଡିସେମ୍ବର ୩୦ରେ ୬୫ ହଜାର ଟଙ୍କାର ଆନ୍ଧ୍ର ବ୍ୟାଙ୍କର ଏକ ଚେକ୍ ପ୍ରଦାନ କରିଥିଲେ। ଏହି ଚେକ୍ ବାଉନ୍ସ ହେବାରୁ ଅନ୍ନପୂର୍ଣ୍ଣା ଭଦ୍ରକ ଏସ୍‌ଡିଜିଏମ୍ କୋର୍ଟରେ ମାମଲା ରୁଜୁ କରିଥିଲେ।

# ଏଚ୍‌ଏଫ୍‌ସି କ୍ଲବର ଇଫ୍‌ତାର ପାର୍ଟି



ଇଫ୍‌ତାର ପାର୍ଟିରେ ମୁସଲମାନଭାଇମାନେ ସାମିଲ ହୋଇଛନ୍ତି।

**ବ୍ରହ୍ମବରଦା,୧୯।୪(ଡି.ଏନ.ଏ.):** ରସୁଲପୁର ବ୍ଲକ୍ ଅନ୍ତର୍ଗତ ବ୍ରହ୍ମବରଦା ପଞ୍ଚାୟତସ୍ଥିତ ଇଦ୍‌ଗାହା ପଡ଼ିଆଠାରେ ଏଚ୍‌ଏଫ୍‌ସି କ୍ଲବ ତରଫରୁ ଏକ ଇଫ୍‌ତାର ପାର୍ଟି ଆୟୋଜିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ବରୀ ବିଧାୟିକା ସୁନନ୍ଦା ଦାସ ଯୋଗଦେଇ ମୁସଲମାନ ଭାଇମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ବ୍ରହ୍ମବରଦା ମାଟି ଏକ ଭାଇଚାରାର ମାଟି। ଏଠାରେ ହିନ୍ଦୁ ମୁସଲମାନ ଭାଇମାନେ ଏକତ୍ରିତ ରହି ଏକ ନିଆରା ଉଦାହରଣ ସୃଷ୍ଟି କରିଥିବା ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ବରୀ ବିଜେଡି ସଂଯୋଜକ ଦେବେନ୍ଦ୍ର ଦାସ, ବ୍ରହ୍ମବରଦା ସରପଞ୍ଚ ମମତା ଶୁଭଦର୍ଶିନୀ ଦେଓ, ୩୬ନଂ. ଜୋନ୍ ଜିଲା ପରିଷଦ ସଭ୍ୟା ଭାରତୀ ବିଶ୍ୱାଳ, ସମିତିସଭ୍ୟା ରୁକସାନା ପରୱିନ, ଶ୍ରମିକ ନେତା ପ୍ରଦୀପ ଦାସ, ଯୁବନେତା ରାକେଶ ଦେଓ, ପୂର୍ବତନ ସରପଞ୍ଚ ବିଜୟ ଦାସ, ଜୁଲଫିକର ଅଲ୍ଲୀ, ସେକ୍ ରୋଉଫ ଖାଁ, ସେକ୍ ଫିରଦୋସ ଓ ସେକ୍ ଅବଦୁଲ ଦୟାନ ଖାଁ ପ୍ରମୁଖ ଯୋଗ ଦେଇଥିଲେ। କ୍ଲବର ସଦସ୍ୟ ସେକ୍ ମେହେଫୁଜ ଖାଁ, ଅଝର ଖାଁ, ମୋଜାଦିଦ ଖାଁ, ଅଜଗର ଖାଁ, ସେକ୍ ମାଜିଦ, ସେକ୍ ନେସାର ଅଲ୍ଲୀ ଓ ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଛତୁ ମଞ୍ଜି ଉତ୍ପାଦନ କେନ୍ଦ୍ର ଉଦ୍‌ଘାଟିତ

**ରସୁଲପୁର,୧୯।୪(ଡି.ଏନ.ଏ.):** ରସୁଲପୁର ବ୍ଲକ ଅନ୍ତର୍ଗତ ଓଡ଼ିଶୋ ପଞ୍ଚାୟତର ସଫଳ ଛତୁ ଚାଷୀ ଇଂ. ତପନ କୁମାର ଦଳେଇଙ୍କ ପ୍ରଚେଷ୍ଟା, ଉଦ୍ୟାନ କୃଷି ବିଭାଗ ଓ ଛତୁ ମିଶନ ପ୍ରୋତ୍ସାହନରେ ଏକ ଛତୁ ମଞ୍ଜି ଉତ୍ପାଦନ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ୧୦ ଲକ୍ଷ ଟଙ୍କା ବ୍ୟୟରେ ପ୍ରତିଷ୍ଠା କରାଯାଇଥିବା ଏହି କେନ୍ଦ୍ରରେ ୧୦ଜଣ ବେକାର ଯୁବତୀଯୁବକଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ। ଛତୁ ଚାଷର ଅଗ୍ରଗତି ଦିଗରେ ପ୍ରୋତ୍ସାହନ ଯୋଗାଇ ଦିଆଯାଇ ପାରିବ ବୋଲି ଲକ୍ଷ୍ୟ ରଖାଯାଇଛି। ଯାଜପୁର ଜିଲା ଉଦ୍ୟାନ କୃଷି ବିଭାଗ ଓ ଛତୁ ମିଶନ ପ୍ରୋତ୍ସାହନରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମହିଳା ଉଦ୍ୟୋଗୀ ମୋନାଲିସା ସେଠୀ ଅଧ୍ୟକ୍ଷତା କରିଥିଲେ। ରସୁଲପୁର ବ୍ଲକ୍ ଅଧ୍ୟକ୍ଷ ଅରୁଣ କୁମାର ରାଉତ ଯୋଗଦେଇ କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲା ଉଦ୍ୟାନ କୃଷି ନିର୍ଦ୍ଦେଶକ ସୂର୍ଯ୍ୟମଣି ମହାରଣା, ସମ୍ମାନିତ ଅତିଥି ରସୁଲପୁର ବ୍ଲକ ସହକାରୀ ଉଦ୍ୟାନ କୃଷି ଅଧିକାରୀ ଜୟଦେବ ସିଟ୍, ବ୍ଲକ କୃଷି ଅଧିକାରୀ ବିଶ୍ୱଜୟୀ ମିଶ୍ର, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ସୁନୀଲ କୁମାର ମହାପାତ୍ର, ଓଡ଼ିଶୋ ସରପଞ୍ଚ ଜିତେନ୍ଦ୍ର ନାୟକ, ୟୁନିୟନ ବ୍ୟାଙ୍କର ଓଡ଼ିଶୋ ଶାଖା ପରିଚାଳକ ବାପୁନି ବାରିକ, ଷ୍ଟେଟ ବ୍ୟାଙ୍କ ଗ୍ରାମୀଣ ଆତ୍ମ ନିଯୁକ୍ତି ପ୍ରଶିକ୍ଷଣ



ବ୍ଲକ୍ ଅଧ୍ୟକ୍ଷ ଅରୁଣ କୁମାର ରାଉତ ଛତୁ ମଞ୍ଜି ଉତ୍ପାଦନ କେନ୍ଦ୍ରକୁ ଉଦ୍‌ଘାଟନ କରୁଛନ୍ତି।

ପ୍ରତିଷ୍ଠାନ ପ୍ରଶିକ୍ଷକ ପ୍ରସନ୍ନ କୁମାର ରାଉତ ପ୍ରମୁଖ ଯୋଗଦେଇ ଯୁବ ଉଦ୍ୟୋଗୀ ତପନଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ।

ଏହି ୟୁନିଟରୁ ପ୍ରତ୍ୟେହ ୧୪ କୁଇଣ୍ଟାଲ ମଞ୍ଜି ଉତ୍ପାଦନ ହେବ। ଏଥିପାଇଁ ଏକ ଲାବରେଟୋରି ସ୍ଥାପନ କରାଯାଇଛି। ମଞ୍ଜି ଉତ୍ପାଦନ ଲାଭଦାୟକ ହେବା ସହ ସରକାରଙ୍କ ପକ୍ଷରୁ ବଜାରୀକରଣ ସୁବିଧା ଉପଲବ୍ଧ ହୋଇପାରିବ। ପ୍ରାଥମିକ ପର୍ଯ୍ୟାୟରେ ରାଜ୍ୟର ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, ବାରିପଦା, କେନ୍ଦ୍ରାପଡ଼ା ଓ ଯାଜପୁର ଜିଲା ଆଦି ସ୍ଥାନକୁ ମଞ୍ଜି ପଠାଯିବ। ପରେ ରାଜ୍ୟର ଅନ୍ୟ ସବୁ ଜିଲାକୁ ମଞ୍ଜି ଯୋଗାଇବା ଦିଗରେ ବ୍ୟବସ୍ଥା କରାଯିବ ବୋଲି ଚାଷୀ ତପନ ସୂଚନା ଦେଇଛନ୍ତି। ଉକ୍ତ ଉତ୍ସବରେ ଯାଜପୁର ଜିଲାର ୧୦ ବ୍ଲକରୁ ୩୦୦ଜଣ ଅଗ୍ରଣୀ ଛତୁ ଚାଷୀ ଯୋଗଦେଇ ଥିଲେ।

# ସ୍ଥାନୀୟ ବେକାରଙ୍କୁ ସ୍ଥାୟୀ ନିଯୁକ୍ତି ଦାବିରେ ସମର୍ଥନ

**ଓଏମ୍‌ସି ସାଉଥ୍ କାଳିଆପାଣି ଖଣି ପାଇଁ ଜନଶୁଣାଣି**

**କାଳିଆପାଣି,୧୯।୪(ଡି.ଏନ.ଏ.):** ଓଡ଼ିଶା ଖଣି ନିଗମ (ଓଏମ୍‌ସି) ସାଉଥ୍ କାଳିଆପାଣି ଖଣି ସମ୍ପ୍ରସାରଣ ଓ ବର୍ଜ୍ୟବସ୍ତୁ ଡମ୍ପ ନିର୍ମାଣ ନିମନ୍ତେ ବୁଧବାର ଖଣି ନିଗମ କଲୋନୀ ପରିସର ଖେଳ ପଡ଼ିଆରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଏକ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜନସାଧାରଣ ଯୋଗଦେଇ ସ୍ଥାନୀୟ ବେକାର ଯୁବତୀଯୁବକଙ୍କୁ ସ୍ଥାୟୀ ନିଯୁକ୍ତି ଦାବି କରି ଜନଶୁଣାଣିକୁ ସମର୍ଥନ କରିଛନ୍ତି।

ଓଏମ୍‌ସିର ପରିସୀମା ୫୫୨.୪୫୭ ହେକ୍ଟରରୁ ୭୨୦.୭୨୭ ହେକ୍ଟରକୁ ବୃଦ୍ଧି ପାଇଁ କାଳିଆପାଣି ଗାଁର ଜଙ୍ଗଲ କିସମ ୫.୩୦୫ ହେକ୍ଟର, ସରକାରୀ ଜମି ୧୧୭.୩୧୮ ହେକ୍ଟର, ଗୁରୁଜଙ୍ଗପାଳ ମୌଜାର ୧୩୪.୧୬୧ ହେକ୍ଟର ଜଙ୍ଗଲ କିସମ, ସୁକୁରୁଙ୍ଗି ମୌଜାର ୨୧୦. ୪୪୯ ହେକ୍ଟର ଜଙ୍ଗଲ କିସମ, ସରକାରୀ ଜମି ୧. ୭୩୨ ହେକ୍ଟର, ବେସରକାରୀ ୮.୦୦୯ ହେକ୍ଟର, ସରୁଆବିଲ ମୌଜାର ୨.୬୬୩ ହେକ୍ଟର ଜଙ୍ଗଲ କିସମ ଓ ଫରେଷ୍ଟ ବ୍ଲକ–୨୭ର ୨୪୧.୭୬୭ ହେକ୍ଟର ଜମିକୁ ବ୍ୟବହାର ପାଇଁ ଜନଶୁଣାଣି କରାଯାଇଥିଲା।



ଅଧିକାରୀଙ୍କୁ ଜନସାଧାରଣ ଦାବିପତ୍ର ପ୍ରଦାନ କରୁଛନ୍ତି।

କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଯାଜପୁର ଜିଲା ଅଧିକାରୀ ପ୍ରମୋଦ କୁମାର ବେହେରା ଯୋଗ ଦେଇଥିଲେ।

କାଳିଆପାଣି, କଅଁସ, ରାଁସୋଳ, କାଙ୍କଡପାଳ, ଚିଙ୍ଗୁଡ଼ିପାଳ ପଞ୍ଚାୟତର ନିର୍ବାଚିତ ଜନପ୍ରତିନିଧି ଓ ଗ୍ରାମବାସୀ ଯୋଗଦେଇ ଜନଶୁଣାଣିରେ ନିଜର ଦାବି ରଖିଥିଲେ। ରାଜ୍ୟରେ ପ୍ରବଳ ଉତ୍ତାପ ବୃଦ୍ଧି ସତ୍ତ୍ୱେ ଜନଶୁଣାଣିକୁ ନେଇ ସ୍ଥାନୀୟ ଲୋକଙ୍କ ମନରେ ସ୍ପୃହା ଦେଖାଯାଇ ନ ଥିଲା। ସବୁଥର ପରି ଏଥର ମଧ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧିକାରୀ ବେହେରା ଓ କଳିଙ୍ଗନଗର ଅତିରିକ୍ତ ମିଶ୍ର ନିର୍ଦ୍ଧାରିତ ସମୟଠାରୁ ବହୁ ବିଳମ୍ବରେ ପହଞ୍ଚିଥିଲେ। ଜନଶୁଣାଣି ପୂର୍ବାହ୍ନ ୧୧ଟା୩୦ରେ ଆରମ୍ଭ ହୋଇଥିବାବେଳେ ସମସ୍ତ ଜନ ପ୍ରତିନିଧି ଓ ଗ୍ରାମବାସୀ ଯୋଗଦେଇ ସ୍ଥାନୀୟ ଅଞ୍ଚଳର ବେକାର ଯୁବତୀଯୁବକଙ୍କୁ ଶିକ୍ଷାଗତ ଯୋଗ୍ୟତା ଅନୁଯାୟୀ ଓଏମ୍‌ସିରେ ସ୍ଥାୟୀ ନିଯୁକ୍ତି, ପାନୀୟ ଜଳ ଯୋଗାଣ, ଖଣି ନିଗମ ମୁଖ୍ୟ ଡାକ୍ତରଖାନାରେ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ, ଶିଶୁ ବିଶେଷଜ୍ଞ ନିଯୁକ୍ତି, ସ୍କୁଲ୍ ଛାତ୍ରୀଛାତ୍ରଙ୍କ ଯିବାଆସିବା ପାଇଁ ରାଁସୋଳ ପଞ୍ଚାୟତରୁ କଅଁସ ପଞ୍ଚାୟତ ପର୍ଯ୍ୟନ୍ତ ସ୍କୁଲ୍‌ବସ ଯାତାୟାତ, ଖଣି ଓ ଡମ୍ପ ସମ୍ପ୍ରସାରଣ ବେଳେ କ୍ଷତି ହେଉଥିବା ବୃକ୍ଷର ୧୦ ଗୁଣା ଅଧିକ ରୋପଣ ଓ ପ୍ରତି ଦିନ ରାସ୍ତାର ଧୂଳିକୁ ଆୟତ କରିବାକୁ ପାଣି ପକାଇବା ଆଦି ଦାବି ରଖି ଜନଶୁଣାଣିକୁ ସମର୍ଥନ କରିଥିଲେ। ଏହାସହ ପୂର୍ବ ଜନଶୁଣାଣିରେ ଦିଆଯାଇଥିବା ପ୍ରତିଶ୍ରୁତିକୁ ତୁରନ୍ତ ପୂରଣ କରିବାକୁ ଜନ ପ୍ରତିନିଧିମାନେ କହିଥିଲେ। ଓଏମ୍‌ସିର ଆଞ୍ଚଳିକ ପରିଚାଳକ ଆଶିଷ ସାମନ୍ତରାୟ ଖଣି ସମ୍ପ୍ରସାରଣ ଓ ବର୍ଜ୍ୟବସ୍ତୁ ଡମ୍ପ ନିମନ୍ତେ ଆବଶ୍ୟକୀୟ ଜମି ଓ କ୍ଷୟକ୍ଷତି ଆକଳନ କରି ପଦକ୍ଷେପ ଗ୍ରହଣ ନେବେ ବୋଲି ସୂଚନା ଦେଇଥିଲେ। ଓଏମ୍‌ସିର ପ୍ରଶାସନିକ ମହାପ୍ରବନ୍ଧକ ଅଶୋକ କୁମାର ବେହେରା ଜନଶୁଣାଣିର ସମସ୍ତଦାବିକୁ ଗୁରୁତର ସହ ନେଇ ପର୍ଯ୍ୟାୟକ୍ରମେ ପୂରଣ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ।

# ପାନୀୟ ଜଳର ଶୁଦ୍ଧତା ନାମରେ ବ୍ୟବସାୟ

**ପାଉଚ, ବୋତଲ ପାଣିର ବିଶୁଦ୍ଧତା ନେଇ ପ୍ରଶ୍ନ**

ପଟ୍ଟାମୁଣ୍ଡାଇ,୧୯।୪(ସ୍ୱ.ପ୍ର.)

ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରି ରହିଛି। ଏଥିରୁ ନିସ୍ତାର ମିଳିପାରିନାହିଁ। ଉପକୂଳ ଓଡ଼ିଶାରେ ଆଜିବି ତାପମାତ୍ରା ୪୦ ଡିଗ୍ରୀ ପାଖାପାଖି ରହିଛି। ଅସହ୍ୟ ଗରମ ଯୋଗୁ ଲୋକେ ଯେତେ କାମ ଥିଲେ ବି ଅପରାହ୍ନରୁ ବାହାରକୁ ବାହାରିବାକୁ ପସନ୍ଦ କରୁନାହାନ୍ତି। ଏପରିସ୍ଥଳେ ଯେଉଁମାନେ ବିଭିନ୍ନ କାର୍ଯ୍ୟରେ ବାହାରକୁ ଯାଉଛନ୍ତି, ସେମାନଙ୍କୁ ଶୋଷ ହେଲେ ପ୍ରାୟତଃ ଥଣ୍ଡା ପାଉଚ ଓ ବୋତଲ ପାଣି ଉପରେ ନିର୍ଭର କରିବାକୁ ପଡୁଛି। ପାଉଚ ଓ ବୋତଲ ପାନୀୟ ଜଳର ଶୁଦ୍ଧତା ନାମରେ କୋଟି କୋଟି ଟଙ୍କାର ବ୍ୟବସାୟ ଚାଲିଛି। ଏ ବାବଦରେ କେହି ଅସନ୍ତୋଷ ପ୍ରକାଶ କରୁନାହାନ୍ତି। ଆମେ ଯେଉଁ ପାଉଚ ପାଣି ପିଉଛୁ, ତାହାର ଶୁଦ୍ଧତା ଓ ଗୁଣବତ୍ତା ଜାଣିବାକୁ ଲୋକଙ୍କ ପକ୍ଷେ କିମ୍ବା ପ୍ରଶାସନର ସମୟ ନାହିଁ। କେବେ ମଧ ପ୍ରଶାସନ କିମ୍ବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହାର ଯାଞ୍ଚ କରାଯାଉନାହିଁ। ଏହାର ଫାଇଦା ନେଇ ବେପାରୀମାନେ ଖୋଲାଖୋଲି ବେଆଇନ ଭାବେ ପିଇବା ପାଣି ବିକ୍ରି କରୁଛନ୍ତି।

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ସହରରେ ପିଇବା ପାଣି କାରବାର ବିପୁଳ ମାତ୍ରାରେ ବଢ଼ିବାରେ ଲାଗିଛି। ଲାଇସେନ୍ସ ନ ନେଇ ଲକ୍ଷାଧିକ ଟଙ୍କାର ପିଇବା ପାଣିର କାରବାର ଚାଲିଛି। ବିଲ୍ ମାଗିଲେ ବି ଲୋକଙ୍କୁ ଦିଆଯାଉନି। ପିଇବା ପାଣି ନାଁରେ ଲୋକଙ୍କୁ ଏଠି ଠକେଇ ଚାଲିଛି। ନାମୀଦାମୀ କମ୍ପାନୀ ନାଁରେ ନକଲି ପାଣି ବୋତଲ ବି ବଜାରରେ ଯାହାକୁ ଯେତେ ମିଳୁଛି। କେବେ ଓ କେଉଁ କମ୍ପାନୀର ପାଣି ବୋତଲ ବଜାରକୁ ଆସୁଛି, ତାହାର କିଛି ସୂଚନା ଲେଖା ଯାଉ ନ ଥିବା ଦେଖିବାକୁ ମିଳୁଛି। ଶୁଦ୍ଧ ପାନୀୟ ଜଳ (ବୋତଲରେ ବିକ୍ରି ହେଉଥିବା ପାଣି)ର ବ୍ୟବସାୟ କରୁଥିବା ଲୋକେ ଭୂତଳ ଜଳକୁ ଛାଣି ବା ଫିଲ୍ଟର କରି ବୋତଲ ଏବଂ ଜାର୍‌ରେ ଭର୍ତ୍ତି କରି ଦେଉଛନ୍ତି। ଫିଲ୍ଟର କରାଯାଉଥିବା ଏହି ପାଣିକୁ ହାଲୁକା ନୀଳ ରଙ୍ଗ କରିବାକୁ ସେଥିରେ କେମିକାଲ୍ ମିଶାଯାଉଛି। କମ୍ପାନୀଗୁଡ଼ିକ ଏହି ପାଣିର ବେପାର ଚଳାଇଛନ୍ତି। ଆଜି ଫ୍ରେଶ ନାମରେ ତ କାଲି ରିଫ୍ରେଶ ନାମରେ ବୋତଲ ଓ ଜରି ପ୍ୟାକେଟ୍‌ରେ ପାଣି ମଧ ବିକ୍ରି କରାଯାଉଛି। ଏହି ବୋତଲ ଓ ପାଉଚ୍ ପାଣି କମ୍ପାନୀର ସଂଖ୍ୟା କେତେ ସେ ବାବଦରେ କୌଣସି ସୂଚନା ପ୍ରଶାସନ ବା ସରକାରଙ୍କ ପାଖରେ ନାହିଁ।


ଏକ କମ୍ପାନୀରେ ବୋତଲରେ ବିଶୁଦ୍ଧ ପାନୀୟ ଜଳ ଭରା ଯାଉଛି।

ଅଧ୍ୟାପକ କ୍ଷିତୀଶ କୁମାର ସିଂ କହିଛନ୍ତି, କୀଟାଣୁନାଶକ ବା ଅନ୍ୟ ଅର୍ଥରେ ଶୁଦ୍ଧ ବୋଲି କହି ବୋତଲ ପାଣିର ବିକ୍ରି ଚାଲିଛି। ବୋତଲ ବା ପାଉଚରେ ବିକ୍ରି ହେଉଥିବା ପାଣି ସ୍ୱାସ୍ଥ୍ୟ ପାଇଁ ହିତକର ବୋଲି କୁହାଯାଉଥିଲେ ମଧ ଅନେକ ଅଧ୍ୟୟନରୁ ଜଣାପଡ଼ିଛି ଯେ, ଶୁଦ୍ଧ ବୋଲି କୁହାଯାଇ ବିକ୍ରି ହେଉଥିବା ବୋତଲ ପାଣିର ଶୁଦ୍ଧତାର ମାତ୍ରା କମ୍। ନାଚୁରାଲ୍ ରିସୋର୍ସେସ୍ ଡିଫେନ୍ସ କାଉନ୍‌ସିଲ୍‌ର ଅଧ୍ୟୟନରୁ ଜଣାପଡ଼ିଛି ଯେ, ବୋତଲ ପାଣି ଓ ସାଧାରଣ ପାଣି ପ୍ରାୟତଃ ସମାନ। ମିନେରାଲ୍ ୱାଟର ନାମରେ ବିକ୍ରି ହେଉଥିବା ବୋତଲ ପାଣି ପାଇଁ ବ୍ୟବହୃତ ହେଉଥିବା ବୋତଲର ପ୍ରସ୍ତୁତି ବେଳେ ଏକ ବିଶେଷ ରସାୟନ ପେଥଲେଟସ୍‌ର ବ୍ୟବହାର କରାଯାଏ। ଏହି ରସାୟନ ବୋତଲକୁ ମୁଲାୟମ ରଖିବାରେ ସାହାଯ୍ୟ କରିଥାଏ। ଏହି ରସାୟନ ସୌନ୍ଦର୍ଯ୍ୟ ପ୍ରସାଧନ ଏବଂ ଖେଳଣା ନିର୍ମାଣ ପାଇଁ ମଧ୍ୟ ବ୍ୟବହାର କରାଯାଇଥାଏ। ସାଧାରଣ ତାପମାତ୍ରାଠାରୁ ଅଧିକ ତାପମାତ୍ରାରେ ଏହି ରସାୟନ ପାଣିରେ ମିଶିଯାଏ ଓ ଆମ ଶରୀରକୁ ଗଲେ ଅନେକ ପ୍ରକାର କୁପ୍ରଭାବ ଦେଖାଇଥାଏ। ଆଣ୍ଟିମନି ନାମକ ରସାୟନରୁ ପ୍ରସ୍ତୁତ ବୋତଲରେ ପାଣି ରଖାଗଲେ ପାଣି ଯେତିକି ପୁରୁଣା ହେବ ଆଣ୍ଟିମନିର ମାତ୍ରା ସେତିକି ବଢ଼ିବ। ଏଣୁ ଏହାର ବ୍ୟବହାର ଶରୀର ପାଇଁ କ୍ଷତିକାରକ। ସାମାଜିକ କର୍ମୀ ମନୋଜ ଦାସ କହିଛନ୍ତି, ବୋତଲ ଓ ପାଉଚ ପାଣିର ବ୍ୟବହାର ସାଧାରଣ ଲୋକଙ୍କର ସ୍ୱାସ୍ଥ୍ୟ ପ୍ରତି ଚିନ୍ତା ବଢ଼ାଇଛି। ଏଣୁ ପାଣି ପାଇଁ ଲୋକେ ପାଣି ଭଳି ଟଙ୍କା ବ୍ୟୟ କରୁଛନ୍ତି। କିନ୍ତୁ ଜନସାଧାରଣ ନା ସରକାର ନଦୀଜଳ, ଜଳଉତ୍ସ ସବୁକୁ ସଫା କରିବା ଦିଗରେ ଆବଶ୍ୟକ ପଦକ୍ଷେପ ନେଉନାହାନ୍ତି। ଏହା ହେଲେ ସମସ୍ତଙ୍କୁ ଶୁଦ୍ଧ ପାନୀୟଜଳ ମିଳିପାରନ୍ତା। ବୁଦ୍ଧିଜୀବୀ ପ୍ରଫୁଲ୍ଲ ଦାଶ କହିଛନ୍ତି, ଗୋଟିଏ କଥା ସତ୍ୟ ଯେ ମାଠିଆ ବା ସୁରେଇର ପାଣିଠାରୁ ବୋତଲ ପାଣି ଉତ୍କୃଷ୍ଟ ନୁହେଁ। ବୋତଲ ପାଣିର ଆବଶ୍ୟକତା ଶୁଦ୍ଧତା ଏବଂ ସ୍ୱଚ୍ଛତା ପରିବର୍ତ୍ତେ ଫେଶନ୍ ଏବଂ ଷ୍ଟାଟସ୍‌ର ସିମ୍ବଲରେ ପରିଣତ ହେବାରେ ଲାଗିଲାଣି। ପ୍ରତିଦିନ ଲକ୍ଷାଧିକ ବୋତଲ ପାଣି ବ୍ୟବହାର ପରେ ଫିଙ୍ଗି ଦିଆଯାଉଛି, ଯାହା ପରିବେଶ ପାଇଁ ସଙ୍କଟ ସୃଷ୍ଟି କରୁଛି। କିନ୍ତୁ ଆମ ସରକାର ଏ ଦିଗରେ ଆଖି ବୁଜି ଦେଇଛନ୍ତି। ବୋତଲ ପାଣିର ବିକ୍ରି ବନ୍ଦ କରାଗଲେ ପ୍ଲାଷ୍ଟିକ୍ ଆବର୍ଜନା ମଧ କମିଯାଆନ୍ତା। କେନ୍ଦ୍ର ଓ ରାଜ୍ୟ ସରକାର ଚାହିଁଲେ ଲୋକଙ୍କୁ ବିଶୁଦ୍ଧ ପାଣି ଯୋଗାଇ ପାରନ୍ତେ।

ପ୍ରକାଶଥାଉ କି ଲୋକେ ବୋତଲ ପାଣି କିଣିବା ପୂର୍ବରୁ ତାହାର ଶୁଦ୍ଧତା ବାବଦରେ ଜାଣିବାକୁ ଚାହୁଁନାହାନ୍ତି। ପ୍ରକୃତରେ କ'ଣ ବୋତଲ ପାଣି ସ୍ୱାସ୍ଥ୍ୟ ପାଇଁ ଆବଶ୍ୟକ। ଏହା କ'ଣ ଶତ ପ୍ରତିଶତ ଶୁଦ୍ଧ ବୋଲି କେନ୍ଦ୍ରାପଡ଼ା ଫୁଡ୍ ଇନ୍ସପେକ୍ଟର ମିଥୁନ ଶାହାଙ୍କୁ ପଚାରିବାରେ ଆମେ ଯାଞ୍ଚ ଜାରି ରଖିଛୁ। ପାଣିର ନମୁନା ନେଇ ଯାଞ୍ଚ କରାଯାଉଛି। ତିଳେମାତ୍ର ତ୍ରୁଟି ଆସିଲେ ଉକ୍ତ କମ୍ପାନୀ ନାମରେ ମକଦ୍ଦମା କରୁଛୁ। ତହସିଲଦାର ଦିଲୀପ କୁମାର ସେଠୀଙ୍କୁ ପଚାରିବାରେ ବେଆଇନ ପାଣି କାରବାର ଉପରେ ପ୍ରଶାସନିକ ଯାଞ୍ଚ ହେବ ବୋଲି କହିଛନ୍ତି। ପୌର ନିର୍ବାହୀ ଅଧିକାରୀ ସମ୍ପଦ କୁମାର ସ୍ୱାଇଁଙ୍କୁ ପଚାରିବାରେ ପାଣି ପାଉଚ୍ ବିକ୍ରି ସମ୍ପୂର୍ଣ୍ଣ ବନ୍ଦ କରିଥିଲୁ। ଯା' ଭିତରେ ଯଦି ପୁଣି ପାଣି ପାଉଚ୍ ବିକ୍ରି ଚାଲିଛି, ତେବେ ଏକ ସ୍ୱତନ୍ତ୍ର ଅଭିଯାନ କରି ବେଆଇନ ପାଣି ପାଉଚ୍ ବିକ୍ରିକୁ ବନ୍ଦ କରାଯିବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ନବବଧୂଙ୍କ ସନ୍ଦେହଜନକ ମୃତ୍ୟୁ

**ହତ୍ୟା ଅଭିଯୋଗ ଆଣିଲେ ବାପା**

**ଡେରାବିଶ,୧୯।୪(ସ୍ୱ.ପ୍ର.):** ବିବାହର ଦେଢ଼ମାସ ନ ପୁରୁଣୁ ଜଣେ ନବବଧୂଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ଏହାକୁ ନେଇ ବାପା ତାଙ୍କ ଝିଅକୁ ହତ୍ୟା କରାଯାଇଥିବା ଥାନାରେ ଅଭିଯୋଗ କରିଛନ୍ତି । ଡେରାବିଶ ଥାନା ପଲେଇ ପଞ୍ଚାୟତ ସବଳଙ୍ଗ କଣିପଡ଼ା ଗ୍ରାମରେ ଏଭଳି ଦୁଃଖଦ ଘଟଣା ଘଟିଛି । ସୂଚନା ଅନୁଯାୟୀ, ସବଳଙ୍ଗ କଣିପଡ଼ା ଗ୍ରାମର ଉତ୍ତମ ଦାସ (୨୬) ଗତ ମାର୍ଚ୍ଚ ୮ରେ ଯାଜପୁର ଜିଲା ବରୀ ଥାନା ଅନ୍ତର୍ଗତ ବିଦୁପା ଗ୍ରାମର ସନାତନ ବେହେରାଙ୍କ ଝିଅ ପିଙ୍କିରାଣୀ (୨୩)ଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ । ବିବାହ ସମୟରେ ବରପକ୍ଷର ଦାବି ମୁତାବକ ସୁନାଗହଣା ସହିତ ଯାନି ଯୌତୁକ ଓ ନଗଦ ୧ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା । ବିବାହ ପରେ ଜ୍ୱାଇଁ ଏକ ବାଇକ୍ ପାଇଁ ପିଙ୍କିଙ୍କ ମାଧମରେ ବାରମ୍ବାର ଦାବି କରି ଆସୁଥିଲେ । ତେବେ ସନାତନ ପ୍ରତିଶ୍ରୁତି ଦେଇଥିଲେ ମଧ ଆର୍ଥିକ ଦୂରାବସ୍ଥା ଯୋଗୁ ବାଇକ୍ ଦେବାକୁ ସମର୍ଥ ହୋଇ ନ ଥିଲେ। ବିବାହ ପରେ ବିଭିନ୍ନ ସମୟରେ ସ୍ୱାମୀ ଉତ୍ତମ, ଶ୍ୱଶୁର ଅଜିତ ଓ ଶାଶୁ ଲକ୍ଷ୍ମୀ ଏ ନେଇ ପିଙ୍କିଙ୍କୁ ନିର୍ଯାତନା ଦେଇ ଆସୁଥଲେ । ଦିନକୁ ଦିନ ନିର୍ଯାତନା ଅସହ୍ୟ ହେବାରୁ ପିଙ୍କି ନିଜ ବାପାଘରକୁ ଚାଲି ଆସିଥିଲେ । ପରେ ସବଳଙ୍ଗ କଣିପଡ଼ା ଓ ବିଦୁପା ଗ୍ରାମର କେତେଜଣ ମୁରବୀ ଏକାଠି ହୋଇ ଘଟଣାର ସମାଧାନ କରିଥିଲେ । ଫଳରେ ଗତ ୫ ତାରିଖରେ ପିଙ୍କି ଶାଶୁ ଘରକୁ ଯାଇଥିଲେ । ତେବେ ମଙ୍ଗଳବାର ଅପରାହ୍ନରେ ପିଙ୍କି ରଶି ଲଗାଇ ଆତ୍ମହତ୍ୟା କରିଥିବା ଖବର ପାଇବା ପରେ ସନାତନ ସବଳଙ୍ଗ ଆସିଥିଲେ । ପିଙ୍କିଙ୍କୁ ହତ୍ୟା କରିବା ପରେ ସ୍ୱାମୀ ଓ ପରିବାର ଲୋକେ ରଶି ଲଗାଇ ଟାଙ୍ଗିଦେଇଥିବା ସନାତନ ଅଭିଯୋଗରେ ଦର୍ଶାଯାଇଛି । ତାଙ୍କ ଅଭିଯୋଗକୁ ଭିତ୍ତିକରି ଥାନାରେ ଏକ ମାମଲା(ନଂ. ୧୩୪/୨୩) ରୁଜୁ ହୋଇଛି । ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି । ଏହି ଘଟଣାରେ ଶ୍ୱଶୁର ଅଜିତ୍‌ଙ୍କୁ ପୋଲିସ ଗିରଫ କରିଛି । ଏସଂକ୍ରାନ୍ତରେ ଅଧିକ ତଦନ୍ତ ଜାରି ରହିଥିବା ପୋଲିସ କହିଛି ।

### ଖବରକାଗଜ ଏଜେଣ୍ଟଙ୍କ ପିତୃ ବିୟୋଗ

**ବାଲିକୁଦା,୧୯।୪(ସ୍ୱ.ପ୍ର.):** ବାଲିକୁଦା ପୁରୁଖା ଖବର କାଗଜ ଏଜେଣ୍ଟ ଆର୍ତ୍ତବନ୍ଧୁ ଦାସଙ୍କ ପିତା ଶୁକଦେବ(୮୯)ଙ୍କ ତାଙ୍କ ବାଖରାବାଦ (ଭଉଁରୀ) ସ୍ଥିତ ବାସଭବନରେ ମଙ୍ଗଳବାର ସନ୍ଧ୍ୟାରେ ପରଲୋକ ଘଟିଛି। ସେ ଜଣେ ମିଷ୍ଟ ଭାଷୀ, ପରୋପକାରୀ, ଧର୍ମ ପରାୟଣ ବ୍ୟକ୍ତି ଭାବେ ବେସ ପରିଚିତ ଲାଭ କରିଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ଖବରଦାତା ପରେଶ ଦାସ, ସଂଜୟ ମହାନ୍ତି, ତାପସ ସ୍ୱାଇଁ, ଚନ୍ଦ୍ରକାନ୍ତ ସ୍ୱାଇଁ, ବିଧାନ ରାଉଳ, ଶିକ୍ଷକ ନେତା ମହେଶ ଚୌଧୁରୀ, ମିହିର ଚୌଧୁରୀ, ବାଲିକୁଦା ଯାଦବ ମହାସଭା ସଭାପତି ବାବାଜୀ ଚରଣ ଦାସ ପ୍ରମୁଖ ଦାସଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଗାଁଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡ଼ପୁଅ ଆର୍ତ୍ତବନ୍ଧୁ ମୁଖାଗ୍ନୀ ଦେଇଥିବାବେଳେ ଅନ୍ୟ ୩ ପୁଅ ଭରତ, ଶରତ, ହେମନ୍ତଙ୍କ ସମେତ ବନ୍ଧୁ ଓ ଜ୍ଞାତି କୁଟୁମ୍ବ ଉପସ୍ଥିତ ଥିଲେ।

# ନିଶାମୁକ୍ତି ଅଭିଯାନର ପ୍ରଶିକ୍ଷଣ ଶିବିର

କେନ୍ଦ୍ରାପଡ଼ା ଅଫିସ, ୧୯।୪

ନିଶା ସୁସ୍ଥ ସମାଜ ପାଇଁ ବାଧକ। ନିଶାଗ୍ରସ୍ତ ଲୋକଙ୍କ ପାଇଁ କେବଳ ଆଇନଶୃଙ୍ଖଳା ଭଙ୍ଗ ହେଉନାହିଁ, ସେମାନଙ୍କ ପାଇଁ ରାସ୍ତା ଦୁର୍ଘଟଣାଠାରୁ ଆରମ୍ଭ କରି ପରିବାର ମନୋମାଳିନ୍ୟ ପର୍ଯ୍ୟନ୍ତ ସମସ୍ୟା ବଢ଼ି ଚାଲିଛି। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାରଙ୍କ ପକ୍ଷରୁ ଓଡ଼ିଶାର ୧୦ ଜିଲାରେ ନିଶାମୁକ୍ତି ନିବାରଣ ଅଭିଯାନ ଆରମ୍ଭ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଏକ ପ୍ରଶିକ୍ଷଣ ଶିବିର ବୁଧବାର ଅନୁଷ୍ଠିତ ହୋଇଛି। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ଶିବିରରେ ଏଡିଏମ୍ ପୀତାମ୍ବର ସାମଲ ମୁଖ୍ୟ ଦିଗଦର୍ଶକ ଥିଲେ। ଏଥିରେ ଏଡିଏମ୍ ସାମଲ କହିଥିଲେ, ନିଶାମୁକ୍ତି ଅଭିଯାନ ପାଇଁ ପ୍ରଥମ ପର୍ଯ୍ୟାୟରେ ଶିକ୍ଷକ ଓ ଶିକ୍ଷାର୍ଥୀଙ୍କୁ ସାମିଲ କରାଯାଇଛି। ତୃଣମୂଳସ୍ତରରେ ଶିକ୍ଷକ ଓ ଶିକ୍ଷାର୍ଥୀ ଏ ସମ୍ପର୍କରେ ସଚେତନ ହେଲେ ନିଶାଗ୍ରସ୍ତଙ୍କ ଚିକିତ୍ସା ଓ ଥଇଥାନରେ ସୁଫଳ ମିଳିବ। ନିଶାମୁକ୍ତି ଅଭିଯାନରେ ନିଶାଗ୍ରସ୍ତଙ୍କ ହାରକୁ ନିୟନ୍ତ୍ରଣ କରିବା ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଏଡିଏମ୍ ସାମଲ ପ୍ରକାଶ କରିଛନ୍ତି। ଅନ୍ୟତମ ଆଲୋଚକ ଡିଇଓ ଶୁଭଲକ୍ଷ୍ମୀ ନାୟକ, ସମ୍ବଳ ଅଧିକାରୀ ଡ. ନିବେଦିତା ମହାନ୍ତି, ବିଶ୍ୱରଞ୍ଜନ ଦାଶ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଦାସ ପ୍ରମୁଖ ଶିକ୍ଷକଙ୍କ ସମ୍ପୃକ୍ତି, ମାନବ ସମ୍ବଳର ପ୍ରଶିକ୍ଷଣ, ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକୁ ପ୍ରଶିକ୍ଷଣ ସମ୍ପର୍କରେ ମତ ରଖିଥିଲେ । ଏହି ଶିବିରରେ ଜିଲାର ୯ ବ୍ଲକ ଓ ମ୍ୟୁନିସିପାଲିଟିରୁ ମୋଟ ୫୦ ଶିକ୍ଷକଙ୍କୁ ପ୍ରଶିକ୍ଷିତ କରାଯାଇଥିଲା। ଶିବିରକୁ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ରୂପାଲି ପ୍ରିୟଦର୍ଶନୀ ଓ ବିଭାଗୀୟ କର୍ମଚାରୀମାନେ ପରିଚାଳନା କରିଥିଲେ ।


ପ୍ରଶିକ୍ଷଣ ଶିବିରରେ ପ୍ରଶାସନିକ ଅଧିକାରୀଙ୍କ ସହ ଅନ୍ୟମାନେ ।

# ନକଲି ଗେଟ୍‌ପାସ୍ ଦେଉଥିବା ୨ ଗିରଫ

କୁଜଙ୍ଗ,୧୯।୪(ଡି.ଏନ.ଏ.)

ପାରାଦୀପ ତୈଳ ବିଶୋଧନାଗାର ପରିସରକୁ ଯାଉଥିବା ଶ୍ରମିକଙ୍କ ପାଇଁ ନକଲି ଗେଟ୍ ପାସ୍ କରୁଥିବା ୨ ଜଣଙ୍କୁ ଅଭୟଚାନ୍ଦପୁର ଥାନା ପୋଲିସ ବୁଧବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଲକୁନ କୁମାର ସେଠୀ ଓ ମିଥୁନ ବେହେରା। ଏ ନେଇ ନଂ.୯୮/୨୩ରେ ମାମଲା ରୁଜୁ ହୋଇଛି। ଏହି ଦୁଇଜଣ ଗତ୧୩ ତାରିଖରେ ଏପରି ଗେଟ୍ ପାଶ୍ ଦେଲା ବେଳେ ସିଆଇଏସ୍ଏଫ୍ କର୍ମଚାରୀ ଯଶପାଲ ଆର୍ଯ୍ୟ ଧରି ଥାନାରେ ଅଭିଯୋଗ କରିଥିଲେ।

# ଶୃଙ୍ଖଳା, ସମୟାନୁବର୍ତ୍ତିତାକୁ ଗୁରୁତ୍ୱ

**ବିସି କଲେଜ, ରେଢୁଆ**

■ ଯୁକ୍ତ ୩ ଶେଷ ବର୍ଷ ଛାତ୍ରୀଛାତ୍ରଙ୍କୁ ବିଦାୟ

ରଘୁନାଥପୁର,୧୯।୪(ଡି.ଏନ୍.ଏ.)

ରଘୁନାଥପୁର ବ୍ଲକ ରେଢୁଆସ୍ଥିତ ବୃନ୍ଦାବନ ଚନ୍ଦ୍ର (ବି.ସି.) ମହାବିଦ୍ୟାଳୟ ଯୁକ୍ତ ୩ ଶେଷବର୍ଷ ଛାତ୍ରୀଛାତ୍ରଙ୍କ ବିଦାୟକାଳୀନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧକ୍ଷ ସରୋଜ କୁମାର ପଣ୍ଡା ଏଥିରେ ଅଧକ୍ଷତା କରି ପିଲାମାନଙ୍କ ଭବିଷ୍ୟତ ଜୀବନର ମଙ୍ଗଳ କାମନା ସହ ଜଣେ ଜଣେ ସୁନାଗରିକ ଭାବେ ଆଗାମୀ ଦିନରେ ରାଷ୍ଟ୍ର ଗଠନରେ ସାମିଲ ହେବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଏହାଛଡା ଶୃଙ୍ଖଳା ଓ ସମୟାନୁବର୍ତ୍ତିତା ସାମାଜିକ ଚଳଣିରେ ପ୍ରମୁଖ ସୋପାନ ବୋଲି ଅଧକ୍ଷ ପଣ୍ଡା ମତ ରଖିଥିଲେ। ଅଧ୍ୟାପକ ହିମାଂଶୁ ଜେନା, ରଞ୍ଜନ ମହାନ୍ତି, କେଦାର ମୁଦୁଲି, ସରୋଜକାନ୍ତ ମିଶ୍ର, ସୁଜାତା ଦାସ, ସୌମ୍ୟା ମହାନ୍ତି, ଶାଶ୍ୱତୀ ନନ୍ଦ ଓ ସ୍ୱାଗତିକା ଦାସ ପ୍ରମୁଖ ପିଲାମାନଙ୍କୁ ଭବିଷ୍ୟତ ଜୀବନର ଆଭିମୁଖ୍ୟ ଓ ଗଠନମୂଳକ ଚିନ୍ତାଧାରା ସମ୍ପର୍କରେ ଦିଗ୍‌ଦର୍ଶନ ଦେଇଥିଲେ। ଛାତ୍ରୀ ଶୁଭଲକ୍ଷ୍ମୀ ଷଡଙ୍ଗୀ ସଭା ପରିଚାଳନା ଓ ବବିତା ଜେନା, ସ୍ୱାଧୀନ ପାତ୍ର, ଗିତିକା ସ୍ୱାଇଁ, ଶୁଭଲକ୍ଷ୍ମୀ ନାୟକ, ପୂଜା ସେଠୀ, ବିଜୟଲକ୍ଷ୍ମୀ ନାୟକ, ପ୍ରିୟଦର୍ଶନୀ ସାହୁ ଓ ଚିନ୍ମୟ ଜେନା ସେମାନଙ୍କର ଅନୁଭୂତି ବଖାଣିବା ସହ ଆଗାମୀ ପିଢିଙ୍କୁ ସେମାନଙ୍କ ଅନୁଗାମୀ ହେବା ପାଇଁ ଆହ୍ୱାନ ଦେଇଥିଲେ। ଛାତ୍ର କରୁଣାକର ପାଣି ଧନ୍ୟବାଦ ଦେଇଥିବାବେଳେ କର୍ମଚାରୀ ବାବୁଲି ସ୍ୱାଇଁ, ନକୁଳ ନାୟକ, ପ୍ରଦୀପ ନାୟକ, କୃଷ୍ଣ ସ୍ୱାଇଁ, ବଟକୃଷ୍ଣ ସ୍ୱାଇଁ ଓ କୈଳାସ ସ୍ୱାଇଁ ଏଥିରେ ସହଯୋଗ କରିଥିଲେ।



ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

# ତତଲା କଡ଼େଇରେ ଶିଝୁଛି ଡେରାବିଶ

■ ଭୂତଳ ଜଳସ୍ତର ହ୍ରାସ ପାଉଛି

■ କେନାଲ୍‌ରେ ପାଣି ନ ଥିବାରୁ ପଶୁପକ୍ଷୀ ତହଲ ବିକଳ

ଡେରାବିଶ,୧୯।୪(ସ୍ୱ.ପ୍ର.)

ଗତ ୧ ସପ୍ତାହ ହେବ କେନ୍ଦ୍ରାପଡ଼ା ଜିଲା ଅନ୍ତର୍ଗତ ଡେରାବିଶ ବ୍ଲକ ଅଞ୍ଚଳରେ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି । ସ୍ଥାନୀୟ ଅଞ୍ଚଳରେ ୪୦ ଡିଗ୍ରୀ ତାପମାତ୍ରା ରହୁଥିବା ବେଳେ ଜନଜୀବନ ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ ହୋଇପଡ଼ିଛି । ସକାଳ ୯ଟାରୁ ଅପରାହ୍ନ ୩ଟା ଯାଏ ଘରୁ ବାହାରିବା ଅସମ୍ଭବ ହୋଇପଡ଼ିଛି । ତେବେ ଏହି ତାପମାତ୍ରାର ବୃଦ୍ଧି ସହ ବ୍ଲକ ଅଞ୍ଚଳ ଦେଇ ଯାଇଥିବା କେନାଲ୍‌ଗୁଡ଼ିକ ସମ୍ପୂର୍ଣ୍ଣ ଶୁଖିଲା ପଡ଼ିଥିବାରୁ ପଶୁପକ୍ଷୀମାନେ ପାଣି ଟୋପାଏ ପାଇବା ପାଇଁ ତହଲ ବିକଳ ହେଉଛନ୍ତି । ବୁଧବାର ବ୍ଲକ ଅଞ୍ଚଳରେ ଦିନ ୧୧ଟା୩୦ ସୁଦ୍ଧା ୩୮ ଡିଗ୍ରୀ ପାରଦ ଥିବା ବେଳେ ଦିନ ୧ଟା୩୦ରୁ ଏହି ପାରଦ ବୃଦ୍ଧି ପାଇ ୪୦ ଡିଗ୍ରୀରେ ପହଞ୍ଚି ଥିଲା । ତେବେ ସନ୍ଧ୍ୟାରେ ଏହି ତାପମାତ୍ରା ୩୪ ଡିଗ୍ରୀ ରହିଥିଲା । ଗୁରୁବାର ଓ ଶୁକ୍ରବାର ତାପମାତ୍ରା ବୃଦ୍ଧି ପାଇବାର ସମ୍ଭାବନା ରହିଥିବା ନେଇ ପାଣିପାଗ ବିଭାଗ ପକ୍ଷରୁ ଦିଆଯାଇଥିବା ସୂଚନା ପାଇ ସାଧାରଣ ଲୋକେ ଚିନ୍ତାରେ ପଡିଛନ୍ତି । ଭୂତଳ ଜଳସ୍ତର ହ୍ରାସ ପାଇବାରେ ଲାଗିଛି । ଫଳରେ ଗ୍ରାମରେ ଥିବା ନଳକୂପରୁ ପାଣି ବାହାରୁ ନାହିଁ। ଏଣେ ଅଘୋଷିତ ବିଦ୍ୟୁତ୍ କାଟ ଜନଜୀବନକୁ ଆହୁରି ଅସ୍ତବ୍ୟସ୍ତ କରି ପକାଉଛି । ଏପରି ପରିସ୍ଥିତିରେ ଗ୍ରାମ୍ୟ ପାନୀୟ ଜଳଯୋଗାଣ ବିଭାଗ କର୍ତ୍ତୃପକ୍ଷ ପକ୍ଷରୁ ବିଭିନ୍ନ ଗ୍ରାମକୁ ପାନୀୟ ଜଳ ଯୋଗାଇବାରେ ମଧ ଅସମର୍ଥ ହୋଇଛନ୍ତି । ଏହି ରୌଦ୍ରତାପର ମୁକାବିଲା କରିବା ପାଇଁ ବ୍ଲକ ଅଞ୍ଚଳ ଦେଇ ଯାଇଥିବା କେନ୍ଦ୍ରାପଡ଼ା କେନାଲ୍‌ରେ ତୁରନ୍ତ ପାଣି ଛାଡ଼ିବାକୁ ଭବାନୀଶଙ୍କର ପଣ୍ଡା, ପ୍ରମୋଦ ପ୍ରତାପ ପ୍ରମୁଖ ଜିଲା ପ୍ରଶାସନ ନିକଟରେ ଦାବି କରିଛନ୍ତି । ଏ ସଂକ୍ରାନ୍ତରେ କେନ୍ଦ୍ରାପଡ଼ା ଜଳସମ୍ପଦ ବିଭାଗ ଛତା ଉପଖଣ୍ଡ ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରମୋଦ କୁମାର ରାୟଙ୍କୁ ପଚାରିବାରୁ ସେ କୁହନ୍ତି, ବିଭିନ୍ନ ସ୍ଥାନରେ କେନାଲ୍ କାମ ଚାଲୁଥିବାରୁ ପାଣି ଛାଡ଼ିବା ସମ୍ଭବପର ନୁହେଁ ।

# ଡେରାବିଶରେ ରାମଲୀଳା ସରିଲା

ଡେରାବିଶ,୧୯।୪ (ସ୍ୱ.ପ୍ର.)

ଉତ୍କଳୀୟ ସଂସ୍କୃତିର ରାମାୟଣ ଏକ ଅବିଚ୍ଛେଦ୍ୟ ଅଙ୍ଗ। ଶ୍ରୀରାମ ନବମୀଠାରୁ ଏ ନେଇ ଡେରାବିଶ ବ୍ଲକର ବିଭିନ୍ନ ଗ୍ରାମରେ ସଦାଶିବ ବୈଶ୍ୟଙ୍କ ଲିଖିତ ବୈଶ୍ୟ ରାମାୟଣର ଉପରେ ରାମଲୀଳା ସହ ରାମାୟଣ ପାଠ ଅନୁଷ୍ଠିତ ହୋଇଥିଲା। ଡେରାବିଶର ପରମଆରାଧ ଶ୍ରୀ ଦଧିବାମନ ଜୀଉଙ୍କ ମନ୍ଦିର ବେଢ଼ାରେ ୮ ତାରିଖରୁ ରାମାୟଣ କଥାବସ୍ତୁ ଉପରେ ଆରମ୍ଭ ହୋଇଥିବା ରାମଲୀଳା ମଙ୍ଗଳବାର ବିଳମ୍ବିତ ରାତିରେ ଶେଷ ହୋଇଛି। ଶ୍ରୀ ଦଧିବାମନ ଜୀଉ ରାମଲୀଳା ନାଟ୍ୟ ପରିଷଦ ପକ୍ଷରୁ ଏହି ରାମଲୀଳାରେ ଶ୍ରୀରାମଙ୍କ ଜନ୍ମଠାରୁ ଆରମ୍ଭ କରି ରାବଣ ନିଧନ ଓ ଅଯୋଧାରେ ରାମାଭିଷେକ ପ୍ରଦର୍ଶନ ହୋଇଥିଲା। ଡେରାବିଶ ମାଟିରେ ଜନ୍ମ ନେଇଥିବା ସଦାଶିବ ବୈଶ୍ୟଙ୍କ ଲିଖିତ ରାମାୟଣର କଥାବସ୍ତୁ ଉପରେ ମଞ୍ଚସ୍ଥ ରାମଲୀଳା ଦେଖିବାକୁ ଦର୍ଶକଙ୍କ ଗହଳି ଲାଗି ରହିଥିଲା। ପାରମ୍ପାରିକ ରୀତିନୀତି ଅନୁସାରେ ଏହି ରାମଲୀଳାରେ ଅଭିନୟ କରୁଥିବା ଅଭିନେତାମାନେ ଶ୍ରୀରାମନବମୀଠାରୁ ରାମଲୀଳା ପ୍ରଦର୍ଶନ ଶେଷ ପର୍ଯ୍ୟନ୍ତ ଶ୍ରୀଜୀଉଙ୍କ ନିକଟରେ ପୂଜାର୍ଚ୍ଚନା କରି ନାଳିସୂତା ହାତରେ ବାନ୍ଧିବା ସହ ହବିଷାନ୍ନ ଖାଇ ଅତି ନିଷ୍ଠାର ସହ ବିଭିନ୍ନ ଚରିତ୍ରରେ ଅଭିନୟ କରିଥାନ୍ତି। ପ୍ରତ୍ୟେକ ଦିନ ରାମଲୀଳା ପ୍ରଦର୍ଶନ ପୂର୍ବରୁ ଏକ ସୁସଜ୍ଜିତ ବିମାନରେ ମା' ଲକ୍ଷ୍ମୀଙ୍କୁ ଅଣାଯାଇ ପ୍ରଦର୍ଶନ ମଣ୍ଡପ ନିକଟରେ ଉପବେଶନ କରାଯାଏ। ଏଥିରେ ଅଭିନୟ କରୁଥିବା ଅଭିନେତାମାନଙ୍କ ନିଖୁଣ ଅଭିନୟ ଦର୍ଶକମାନଙ୍କୁ ଶେଷ ପର୍ଯ୍ୟନ୍ତ ମଞ୍ଚ ପାଖରେ ବାନ୍ଧି ରଖିଥିଲା।


ରାମ ଅଭିଷେକ ଦୃଶ୍ୟରେ ଅଭିନୟ କରୁଥିବା କଳାକାର।

# ବିଶୃଙ୍ଖଳିତ ଶିକ୍ଷକଙ୍କ ବଦଳି ଦାବି

■ ବିଇଓଙ୍କୁ ଘେରିଲେ ଗ୍ରାମବାସୀ

■ ନିଲମ୍ବିତ ପ୍ରଧାନ ଶିକ୍ଷକଙ୍କୁ ପୁଣି ଅବସ୍ଥାପିତ ଦାବି

■ ଚାଉଳ ମହଜୁଦ ରଖି ପିଲାଙ୍କୁ ଅରୁଆ ଖୁଆଇବା କାଳ ହେଲା

ରଘୁନାଥପୁର,୧୯।୪(ଡି.ଏନ୍.ଏ.)

ରଘୁନାଥପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶୃଙ୍ଖଳିତ ତଥା କର୍ତ୍ତବ୍ୟନିଷ୍ଠ ପ୍ରଧାନ ଶିକ୍ଷକ ରାଜକିଶୋର ଓଝାଙ୍କ ନିଲମ୍ବନ ଆଦେଶକୁ ରଦ୍ଦ କରାଯାଇ ତାଙ୍କୁ ପୁଣି ଅବସ୍ଥାପିତ କରିବାକୁ ଦାବି ହୋଇଛି। ଉକ୍ତ ବିଦ୍ୟାଳୟରେ ଦୀର୍ଘଦିନ ଧରି ରହିଥିବା ବିଶୃଙ୍ଖଳିତ ଶିକ୍ଷକଙ୍କ ବଦଳି ଦାବିକରି ଗ୍ରାମବାସୀ ବୁଧବାର ବିଇଓଙ୍କୁ (ବ୍ଲକ ଶିକ୍ଷାଧିକାରୀ) ଘେରାଉ କରିଛନ୍ତି। ତୁରନ୍ତ ଦାବି ସମ୍ପର୍କରେ ବିଚାର କରା ନ ଗଲେ ୨ଶହ ବର୍ଷର ଶିକ୍ଷାନୁଷ୍ଠାନର ମର୍ଯ୍ୟାଦା ଓ ପ୍ରଧାନ ଶିକ୍ଷକଙ୍କୁ ନ୍ୟାୟ ଦେବାକୁ ବାଧହୋଇ ପଞ୍ଚାୟତବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ବିଇଓ ବିଜୟ କୁମାର ସ୍ୱାଇଁଙ୍କୁ ଲିଖିତ ଅଭିଯୋଗ କରିଛନ୍ତି।

ମାର୍ଚ୍ଚ ୨୪ ତାରିଖରେ ବିଇଓ ସ୍ୱାଇଁ ଉକ୍ତ ବିଦ୍ୟାଳୟକୁ ଯାଇଥିବା ବେଳେ ମଧ୍ୟାହ୍ନଭୋଜନ ପାଇଁ ଧାର୍ଯ୍ୟ ପରିମାଣଠାରୁ ୫ କୁଇଣ୍ଟାଲ ୪୦ କେଜି ଅଧିକ ଚାଉଳ ଗଚ୍ଛିତ ଥିବା ସମ୍ପର୍କରେ ଦେଖିବାକୁ ପାଇଥିଲେ। ଏ ସମ୍ପର୍କରେ ସେ ପ୍ରଧାନ ଶିକ୍ଷକ ଓଝାଙ୍କୁ ଶୋ କଜ୍ ନୋଟିସ ମାଗିଥିଲେ। ଏପ୍ରିଲ ୪ରେ ପ୍ରଧାନ ଶିକ୍ଷକ ଓଝା ଏହାର ଉତ୍ତର ରଖିଥିଲେ। ଏସ୍ଏମ୍‌ସି(ସ୍କୁଲ ପରିଚାଳନା କମିଟି ସଦସ୍ୟ) ଓ ଅଭିଭାବକଙ୍କ ପରାମର୍ଶକ୍ରମେ ଛାତ୍ରୀଛାତ୍ରଙ୍କୁ ରୁଚିକର ଖାଦ୍ୟ ଦେବାକୁ ଯାଇ ସେ ମଧ୍ୟାହ୍ନଭୋଜନରେ ଅରୁଆ ଚାଉଳ କିଣି ଖାଇବାକୁ ଦେଇଥିବା ପ୍ରଧାନ ଶିକ୍ଷକ ଓଝା ପ୍ରକାଶ କରିଥିଲେ। ଫଳରେ ଜିଲା ଶିକ୍ଷାଧିକାରୀଙ୍କ ପରାମର୍ଶକ୍ରମେ ବିଇଓ ସ୍ୱାଇଁ ତାଙ୍କୁ ଏପ୍ରିଲ ୧୭ତାରିଖରେ କାର୍ଯ୍ୟରୁ ନିଲମ୍ବନ କରିଥିଲେ। ଜଣେ ଆଦର୍ଶ ଓ ଶୃଙ୍ଖଳିତ ପ୍ରଧାନ ଶିକ୍ଷକଙ୍କ ପ୍ରତି ହୋଇଥିବା ଅବିଚାରକୁ ସହଜରେ ଗ୍ରାମବାସୀ ହଜମ କରିପାରି ନ ଥିଲେ। ବିଶୃଙ୍ଖଳିତ ଅନ୍ୟ ୨ ଶିକ୍ଷକଙ୍କ ଚକ୍ରାନ୍ତରେ ପ୍ରଧାନ ଶିକ୍ଷକ ଓଝା ବଳିପଡ଼ିଲେ ବୋଲି ଏସ୍ଏମ୍‌ସି ସଭାପତି ପ୍ରଶାନ୍ତ କୁମାର ରାଉତ ଅଭିଯୋଗ କରିଛନ୍ତି। ବିଦ୍ୟାଳୟର ସମସ୍ତ କାର୍ଯ୍ୟକୁ ଶୃଙ୍ଖଳିତ ଭାବେ ନିର୍ବାହ କରୁଥିବା ଓ ପ୍ରଥମେ ଆସି ପିଲାମାନେ ବିଦ୍ୟାଳୟରୁ ଗଲାପରେ ଘରକୁ ପ୍ରତ୍ୟାବର୍ତ୍ତନ କରୁଥିବା ପ୍ରଧାନ ଶିକ୍ଷକ ଓଝାଙ୍କ ପ୍ରତି ହୋଇଥିବା କାର୍ଯ୍ୟାନୁଷ୍ଠାନ ଅମାନବୀୟ। ଏଥିରେ ଉକ୍ତ ବିଦ୍ୟାଳୟର ଦୀର୍ଘଦିନ ଧରି ଅବସ୍ଥାପିତ ଶିକ୍ଷକଙ୍କ ହାତ ଥିବା ଓ ଷଡ଼ଯନ୍ତ୍ର କରାଯାଇଛି ବୋଲି ଏସ୍ଏମ୍‌ସି ସଦସ୍ୟ ସୁବାସ ଚନ୍ଦ୍ର ସାହୁ, ସୁଦର୍ଶନ ସେଠୀ, ଅନୁପମା ସାହୁ, ଲିଲି ସେଠୀ, ପ୍ରଭାତୀ ସୁନାସିଙ୍ଗ, ବାସନ୍ତୀ ସାହୁ ଓ ରବିନାରାୟଣ ପଣ୍ଡା ବିଇଓଙ୍କ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି। ସେହିପରି ସରପଞ୍ଚଙ୍କ ପ୍ରତିନିଧି ଚନ୍ଦ୍ରକାନ୍ତ ପଣ୍ଡା ଓ ନାଏବ ସରପଞ୍ଚ ଶ୍ରୀନିବାସ ପଣ୍ଡା ଉକ୍ତ ପ୍ରଧାନ ଶିକ୍ଷକଙ୍କ ପ୍ରତି ହୋଇଥିବା କାର୍ଯ୍ୟାନୁଷ୍ଠାନ ଅତ୍ୟନ୍ତ ନିନ୍ଦନୀୟ ଓ ଅମାନବିକତାର ପରିଚୟ ବୋଲି ସେମାନେ ପ୍ରକାଶ କରିଛନ୍ତି।


ବ୍ଲକ ଶିକ୍ଷାଧିକାରୀଙ୍କୁ ଏସ୍ଏମ୍‌ସି ସଦସ୍ୟ ଓ ଗ୍ରାମବାସୀ ଅଭିଯୋଗପତ୍ର ଦେଉଛନ୍ତି।

ଏସ୍ଏମ୍‌ସି ଓ ଅଭିଭାବକଙ୍କ ପରାମର୍ଶକ୍ରମେ ମଧ୍ୟାହ୍ନ ଭୋଜନ ପାଇଁ ଅରୁଆ ଚାଉଳ ହାତରୁ କିଣି ଦେଇଥିବା ଏବଂ ସରକାରୀ ଚାଉଳ ଏଥିପାଇଁ ଗଚ୍ଛିତ ରହିଥିବା ପ୍ରଧାନ ଶିକ୍ଷକ ଓଝା ପ୍ରକାଶ କରିଛନ୍ତି। ଏଥିପାଇଁ ସେ କାହାକୁ ଦୋଷ ନ ଦେଇ ବିଚାର ଭଗବାନଙ୍କ ଉପରେ ନ୍ୟସ୍ତ କରିଛନ୍ତି। ଅନ୍ୟପକ୍ଷେ କାର୍ଯ୍ୟରେ ଅବହେଳା କରୁଥିବା ୨ ଜଣ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ବିଇଓ ସ୍ୱାଇଁଙ୍କୁ ପଚାରିବାରେ ପ୍ରଧାନ ଶିକ୍ଷକ ଓଝା ରଖିଥିବା ଶୋ କଜ୍ ନୋଟିସ ଉପରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏଥିରେ କୌଣସି ଷଡ଼ଯନ୍ତ୍ର କରାଯାଇନାହିଁ। ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଗ୍ରାମବାସୀଙ୍କ ଅଭିଯୋଗ ସମ୍ପର୍କରେ ଅବଗତ କରାଯାଇ ଯାହା କିଛି ପଦକ୍ଷେପ ନିଆଯିବ ବୋଲି ସେ ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ସ୍ଲାବ୍ ନାହିଁ, ଖୋଲା ପଡିଛି ଡ୍ରେନ



**ଖଣ୍ଡପଡ଼ା,୧୯।୪(ସ୍ୱ.ପ୍ର.):** ଖଣ୍ଡପଡ଼ା ସହରର ୧ନଂ. ୱାର୍ଡ ମଠସାହିରେ ଦୀର୍ଘ ୪ବର୍ଷ ତଳେ ଆବର୍ଜନା ଜଳ ନିଷ୍କାସନ ନିମନ୍ତେ ଡ୍ରେନ ନିର୍ମାଣ କରାଯାଇଥିଲା। ମାତ୍ର ଡ୍ରେନ ଉପରେ ସିମେଣ୍ଟ ସ୍ଲାବ୍ ପକାଯାଇ ନ ଥିବାରୁ ବିଭିନ୍ନ ସମସ୍ୟା ସୃଷ୍ଟି ହେଉଥିବା ଅଭିଯୋଗ ହେଉଛି। ଅଣଓସାରିଆ ସିମେଣ୍ଟ କଂକ୍ରିଟ ରାସ୍ତାରେ ଡ୍ରେନ ନିର୍ମାଣ ହୋଇଥିବା ବେଳେ ଡ୍ରେନ ଉପରେ ସିମେଣ୍ଟ ସ୍ଲାବ୍ ପକାଇବା ନିମନ୍ତେ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ମଠସାହି ବାସିନ୍ଦା ଜୋର ଦେଇଛନ୍ତି।

### ଡକାୟତି ଯୋଜନା ମାମଲା: ୧୬ବର୍ଷ ପରେ ୪ ନିର୍ଦ୍ଦୋଷ

ବ୍ରହ୍ମପୁର ଅଫିସ,୧୯।୪-ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ (ସିଜେଏମ୍) ବୁଧବାର ଏକ ଡକାୟତି ଯୋଜନା ମାମଲାର ଚୂଡାନ୍ତ ରାୟ ପ୍ରକାଶ କରିଛନ୍ତି। ଘଟଣାର ୧୬ ବର୍ଷ ପରେ ସେ ୪ଜଣଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସେମାନେ ହେଲେ ବିଶ୍ୱନାଥ ସାହୁ ଓରଫ କାଳିଆ, ଅଭି ନାୟକ, ପଦ୍ମ ନାୟକ ଓ ଉଆଳି ଦାସ। ପ୍ରକାଶ ଯେ, ୨୦୦୬ ନଭେମ୍ବର ୧୨ ତାରିଖ ବିଳମ୍ବିତ ରାତିରେ ବଡବଜାର ପୋଲିସ ରାତ୍ରିକାଳୀନ ପାଟ୍ରୋଲିଂ କରୁଥିଲା। ହର୍ଷ ବିହାର ନିକଟ ବାହାନାନାଳ କଡରେ କେତେକ ଯୁବକ ବିଭିନ୍ନ ପ୍ରକାର ମାରଣାସ୍ତ୍ର ଧରି ଏକତ୍ରିତ ହୋଇଥିବା ଖବର ପାଇ ପୋଲିସ ସେଠାରେ ଚଢ଼ାଉ କରିଥିଲା। ଘଟଣା ସ୍ଥଳରୁ ଉପରୋକ୍ତ ୪ଜଣଙ୍କୁ ଗିରଫ କରିଥିଲା। ମାମଲା ନମ୍ବର ୨୩୩/୦୬ ରେ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ପରେ ସେମାନେ ଜାମିନ ପାଇଥିଲେ। ଉକ୍ତ ମାମଲାର ବିଚାର ବେଳେ ୭ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ବୁଧବାର ରାୟ ପ୍ରକାଶ ବେଳେ ଉପରୋକ୍ତ ୪ ଜଣଙ୍କୁ କୋର୍ଟରେ ହାଜର କରାଯାଇଥିଲା। ସାକ୍ଷୀମାନଙ୍କ ବୟାନକୁ ଆଧାର କରି ଉପଯୁକ୍ତ ପ୍ରମାଣ ମିଳି ନ ଥିବାରୁ ସିଜେଏମ୍ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି।

### ଚିକିଟିରେ ବଢୁଛି ସଟ୍ଟା ଖେଳ

ଚିକିଟି,୧୯।୪(ଡି.ଏନ.ଏ.):ଗତ କିଛିଦିନ ଧରି ଚାଲିଥିବା ଆଇପିଏଲ କ୍ରିକେଟ ବର୍ତ୍ତମାନ ଗଞ୍ଜାମ ଜିଲା ଚିକିଟି ଅଞ୍ଚଳରେ ମେଧାବୀ ଛାତ୍ର ଓ କିଛି ଲୋକଙ୍କୁ ସର୍ବସ୍ୱାନ୍ତ କରିବାକୁ ବସିଛି । ଅଧିକାଂଶ ଇଂଜିନିୟରିଂ ଓ ସ୍କୁଲ, କଲେଜ ଛାତ୍ର ଏହି କ୍ରିକେଟ ପାଇଁ ସଟ୍ଟା ଖେଳରେ ମାତିଛନ୍ତି। ମ୍ୟାଚ ଆରମ୍ଭ ହେବା ମାତ୍ରେ ମୋବାଇଲ ଫୋନ ଚାଲୁ ହୋଇଯାଏ। ରନ୍ ହାର, ଉଇକେଟ ପତନ, ଉଭର ହାରରେ ରନ୍ ଖେଳାଳି ପ୍ରତି ରନ ସଂଗ୍ରହ ଏପରି ବିଭିନ୍ନ ଶୈଳିରେ ବାଜି ମରାହୁଏ। ଗୋଟିଏ ଥରରେ ସର୍ବନିମ୍ନ ୫ହଜାରରୁ ଆରମ୍ଭ ହୋଇ ଲକ୍ଷେ ଟଙ୍କାରୁ ଉର୍ଦ୍ଧ୍ୱ ପର୍ଯ୍ୟନ୍ତ ବାଜି ପଡିଥାଏ । ସଟ୍ଟାପ୍ରେମୀମାନେ ବିଭିନ୍ନ ସ୍ଥାନରେ ସେମାନଙ୍କ ଆଡ୍ଡା ଜମାଇଛନ୍ତି। ପୋଲିସ ତରଫରୁ ଏହି ସଟ୍ଟା ବଜାର ସୃଷ୍ଟି କରୁଥିବା ଯୁବକମାନଙ୍କୁ ତାଗିଦ କରାନଗଲେ ଆଗାମୀ ଦିନରେ ଅଞ୍ଚଳରେ ବହୁ ଯୁବକ ଦଳିତଳାନ୍ତ ହୋଇପଡ଼ିବେ। ବିଭିନ୍ନ ଛକରେ ପୋଲିସ୍ କର୍ମଚାରୀମାନେ ସାଦା ପୋଷାକରେ ଏହି ଖେଳ ଧରିବା ନିହାତି ଆବଶ୍ୟକ ବୋଲି ବୁଦ୍ଧିଜୀବୀ ମହଲରେ ସାଧାରଣରେ ମତପ୍ରକାଶ ପାଇଛି।

### ରମ୍ଭାରେ ବଢୁଛି ଟ୍ରାଫିକ ସମସ୍ୟା

ରମ୍ଭା,୧୯।୪-ରମ୍ଭା ସହରରେ କ୍ରମାଗତ ଭାବେ ଟ୍ରାଫିକ ସମସ୍ୟା ବଢୁଛି । ରାସ୍ତା ପାର୍ଶ୍ୱରେ ଅବାଧରେ ଗୋରୁ ବିଚରଣ, ଷଣ୍ଢ ଲଢେଇ, ସ୍ଥାୟୀ ଅଟୋ ଷ୍ଟାଣ୍ଡ ନିର୍ମାଣ ନ ଥିବା, ପାର୍ଶ୍ୱବର୍ତ୍ତୀ ମୁକୁଳା ଡ୍ରେନ ସହିତ ରାସ୍ତା ସଙ୍କୁଚିତ ଟ୍ରାଫିକ ସମସ୍ୟା ବୃଦ୍ଧିକୁ ମୁଖ୍ୟ କାରଣ ବୋଲି ଅଭିଯୋଗ ହେଉଛି। ଅଟୋ ଚାଳକ ସଂଘ ପକ୍ଷରୁ ଦୀର୍ଘଦିନ ଧରି ଷ୍ଟାଣ୍ଡ ପାଇଁ ଦାବି ହେଉଥିଲେ ମଧ ଆଜି ଯାଏ ନିର୍ମାଣ ହୋଇନାହିଁ। ରାସ୍ତା ପାର୍ଶ୍ୱରେ ବେପାରୀ ମାନଙ୍କର ଯାନ ବାହାନ ରଖି ଲୋଡିଂ ଅନଲୋଡିଂ କରୁଥିବା ସମୟରେ ଯାନବାହାନ ଅଟକ ରହୁଛି। ଏତଦ ବ୍ୟତୀତ ରମ୍ଭା ଭିଆଇପି ରୋଡ଼ ପୂର୍ବ ପ୍ରସ୍ତୁତି କ୍ରମେ ଘର ତାଲା ପଡ଼ିଥିବା ଦେଖି ଚୋରି ହାରି ବୃଦ୍ଧି ଘଟୁଥିବା ଅଭିଯୋଗ ମିଳିଛି। ଉପରୋକ୍ତ ସମସ୍ୟାକୁ ଦୃଷ୍ଟିରେ ରଖି ପୋଲିସର ପାଟ୍ରୋଲିଂ କଡାକଡ଼ି କରାଯିବା ପାଇଁ ଦାବି ହେଉଛି।

# ଓଡ଼ିଶା ପାଣି ଲୁଟିବାକୁ ଆଉ ପାଦେ ଆଗେଇଲା ଆନ୍ଧ୍ର

**ପାରଳାଖେମୁଣ୍ଡି, ୧୯।୪ (ଡି.ଏନ୍.ଏ):** ଗଜପତି ଜିଲାର ଦୁଇ ନଦୀ ଉପରେ ଆନ୍ଧ୍ରର ଲୋଲୁପ ଦୃଷ୍ଟି ରହିଛି । ମହେନ୍ଦ୍ରତନୟା ଓ ବଂଶଧାରା ନଦୀ ଉପରେ ଆନ୍ଧ୍ର ପ୍ରକଳ୍ପ ନିର୍ମାଣ କରି ବିବାଦକୁ ଆସିବା ପରେ ସୁପ୍ରିମକୋର୍ଟରେ ଦ୍ୱାରସ୍ଥ ହୋଇଥିଲେ ଉଭୟ ରାଜ୍ୟ। ତେବେ ସୁପ୍ରିମକୋର୍ଟ ଆନ୍ଧ୍ର ସପକ୍ଷରେ ରାୟ ଦେବାପରେ ଏବେ ଆଉପାଦେ ଆଗେଇଛନ୍ତି ଆନ୍ଧ୍ର ସରକାର। ବୁଧବାର ଆନ୍ଧ୍ର ମୁଖ୍ୟମନ୍ତ୍ରୀ ଜଗନମୋହନ ରେଡ୍ଡୀ ଦିନିକିଆ ଗସ୍ତରେ ଶ୍ରୀକାକୁଲମ ଜିଲା ମୁଲାପେଟାଠାରେ ବନ୍ଧ ନିର୍ମାଣ ପାଇଁ ସମୁଦ୍ର ପୂଜା କରିଛନ୍ତି। ଉଭୟ ନଦୀରେ ପ୍ରକଳ୍ପ ପାଇଁ ୪୭୬.୩୫ କୋଟି ଟଙ୍କା ଖର୍ଚ୍ଚ କରିବା ଲକ୍ଷ୍ୟରେ ଭୂମିପୂଜନ କରିଛନ୍ତି ଜଗନମୋହନ । ମହେନ୍ଦ୍ରତନୟା ନଦୀରେ ଆପସୋର ପ୍ରକଳ୍ପ ବାବଦକୁ ୩୦୦ କୋଟି ଟଙ୍କା ବ୍ୟୟରେ ଏକ ରିଜର୍ଭର ନିର୍ମାଣ କରିବାକୁ ପ୍ରସ୍ତୁତ ହୋଇଥିବା ବେଳେ ବଂଶଧାରା ନଦୀରେ କାଟ୍ରାଗଡ଼ା ପ୍ରକଳ୍ପରୁ ବଂଶଧାରା ପାଣି ନେଇ ହୀରାମଣ୍ଡଳମ ନିକଟରେ ରିଜର୍ଭର ନିର୍ମାଣ ପାଇଁ ୧୭୬.୩୫ କୋଟି ଟଙ୍କା ଖର୍ଚ୍ଚ କରିବା ଲକ୍ଷ୍ୟ ରଖିଛନ୍ତି । ଓଡ଼ିଶାର ଜଳ ନେବା ପାଇଁ ଆନ୍ଧ୍ର ଗୋଟିଏ ପରେ ଗୋଟିଏ ପ୍ରୟାସ ଜାରି ରଖିଥିବା ବେଳେ ଏଠାକାର ରାଜ୍ୟ ସରକାର ଏ ଦିଗରେ କୋଣସି ଆଖିଦୃଶିଆ ପଦକ୍ଷେପ ନେଉନାହାନ୍ତି । ବିଗତ ଦିନରେ ମହେନ୍ଦ୍ରତନୟା ନଦୀର ତଳ ମୁଣ୍ଡରେ ଆପସୋର ପ୍ରକଳ୍ପ ନିର୍ମାଣକୁ ଗଜପତି ଜିଲାରେ ତୀବ୍ର ବିରୋଧ କରାଯାଇଥିଲା। ଫଳରେ ନଦୀର ଉପର ମୁଣ୍ଡରେ ଜିଲାର ରାୟଗଡ ବ୍ଲକ ଡମ୍ବାପୁର ଓ ଚମ୍ପାପୁର ନିକଟରେ ଦୁଇଟି ପ୍ରକଳ୍ପ ନିର୍ମାଣ କରିବା ପାଇଁ ଓଡ଼ିଶା ସରକାର ନିଷ୍ପତ୍ତି ନେଇ ୨୦୦୭ରେ ଡମ୍ବାପୁର ପ୍ରକଳ୍ପର କାର୍ଯ୍ୟ ଆରମ୍ଭ କରିଥିଲେ। କିନ୍ତୁ ଦୁର୍ଭାଗ୍ୟର କଥା ପ୍ରକଳ୍ପର ଉପର ମୁଣ୍ଡର କାର୍ଯ୍ୟ ସରିଥିଲେ ମଧ୍ୟ କେନାଲ କାର୍ଯ୍ୟ ଆରମ୍ଭ ହୋଇପାରିନାହିଁ । ଏହି ପ୍ରକଳ୍ପ ନିର୍ମାଣ ହେଲେ ଗଜପତି ଜିଲାର ରାୟଗଡ଼ ଓ ଗୋସାଣି ବ୍ଲକର ଲୋକଙ୍କ ଚାଷକାର୍ଯ୍ୟ ଓ ପାନୀୟ ଜଳର ସମସ୍ୟା ଦୂର ହେବା ସହିତ ତଳ ମୁଣ୍ଡରେ ଆନ୍ଧ୍ରର ପ୍ରସ୍ତାବିତ ପ୍ରକଳ୍ପକୁ କଡ଼ା ଜବାବ ଦିଆଯାଇପାରନ୍ତା। ରାଜ୍ୟ ସରକାରଙ୍କ ପ୍ରକଳ୍ପ କାର୍ଯ୍ୟର ମନ୍ଥରତା ଯୋଗୁଁ ଆନ୍ଧ୍ର ଗୋଟିଏ ପରେ ଗୋଟିଏ ପ୍ରକଳ୍ପ କରିଚାଲିଛି । ବର୍ତ୍ତମାନ ସମୟ ଆସିଛି ଗଜପତିବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଉପଯୁକ୍ତ ପଦକ୍ଷେପ ନେବା ଆବଶ୍ୟକ ବୋଲି ବୁଦ୍ଧିଜୀବୀଙ୍କ ମହଲରେ ମତପ୍ରକାଶ ପାଇଛି।

**ମୁଲାପେଟାଠାରେ ବନ୍ଧ ନିର୍ମାଣ ପାଇଁ ସମୁଦ୍ର ପୂଜା**



ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଜଗନମୋହନ ରେଡ୍ଡୀ ସମୁଦ୍ର ପୂଜା କରୁଛନ୍ତି।

# ବିଜେଡିର ମିଶ୍ରଣ ପର୍ବ, ୧୩୭ କଂଗ୍ରେସ କର୍ମୀ ସାମିଲ

**ଦାରିଙ୍ଗବାଡି, ୧୯।୪(ଡି.ଏନ୍.ଏ):** କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ ପର୍ଡ଼ମାହା ପଞ୍ଚାୟତରେ ବିଜେଡିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସଭାପତି ପ୍ରଫୁଲ୍ଲ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏବଂ ବ୍ଲକ ସଭାପତି ଜ୍ୟୋତିରାଜ ପ୍ରଧାନଙ୍କ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ସାଲୁଗା ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇ ଥିବାବେଳେ ବ୍ଲକ ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନ, ଦିଲ୍ଲୀପ କୁମାର ପ୍ରଧାନ, ଜିଲାପରିଷଦ ସଦସ୍ୟ ରଞ୍ଜନ କୁମାର ପ୍ରଧାନ, ଶ୍ରୀନିକେତା ସରପଞ୍ଚ ଗଙ୍ଗାଧର ପ୍ରଧାନ, ସରପଞ୍ଚ ନାବଜିନୀ ପ୍ରଧାନ ଏବଂ ସମିତିସଭ୍ୟା ସୁଶୀଳା ପ୍ରଧାନ, ବିଧାୟକ ପ୍ରତିନିଧି ଦୀପକ ସାହୁ, ଏମ୍‌ପି ପ୍ରତିନିଧି ଅକ୍ଷୟ ନାୟକ, ଯୁବ ଛାତ୍ର ସଭାପତି ରୂପକ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ବୈଠକରେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଇଥିଲା। ଏହି ମିଶ୍ରଣ ପର୍ବରେ ୫ଟି ଗ୍ରାମ ତଥା କହମ୍ପଡି, ଡଲାବାଡ଼ି, ସାରୁମାହା, କେରକେବାଡି ଓ ଝିମବାଡି ଗ୍ରାମର ୧୩୭ଜଣ କଂଗ୍ରେସ କର୍ମୀ ବିଜେଡିରେ ସାମିଲ ହୋଇଥିଲେ। ବିଧାୟକ କହିଛନ୍ତି, ରାଜ୍ୟ ସରକାରଙ୍କ ବିକାଶକୁ ଦେଖି ଏବେ ତାଙ୍କ ଦଳରେ ଲୋକେ ସାମିଲ ହେଉଛନ୍ତି।

# ଶ୍ରୀ ଅରବିନ୍ଦଙ୍କ ଜୟନ୍ତୀ ଉପଲକ୍ଷେ ପାଠଚକ୍ର



ଆଲୋଚନାଚକ୍ରରେ ଉପସ୍ଥିତ ଛାତ୍ରୀଛାତ୍ର।

**ଭଞ୍ଜନଗର,୧୯।୪(ଡି.ଏନ.ଏ)** ସ୍ଥାନୀୟ ବେଲଲଗୁଣ୍ଠା ରୋଡ଼ସ୍ଥିତ ମାତୃକୃପା ଟ୍ୟୁଟୋରିଅଲଠାରେ ଶ୍ରୀଅରବିନ୍ଦଙ୍କ ୧୫୦ ତମ ଜୟନ୍ତୀ ବୁଧବାର ପାଳିତ ହୋଇଯାଇଛି। ଏଥିରେ ଭଞ୍ଜନଗର ଅଞ୍ଚଳ ସଙ୍ଗଠକ ରଘୁନାଥ ପଣ୍ଡା ମୁଖ୍ୟ ଅତିଥି, ନବରଙ୍ଗପୁର ସ୍ଥିତ ଆଶ୍ରମର ସାଧକ ହରେକୃଷ୍ଣ ପ୍ରଧାନ ମୁଖ୍ୟବକ୍ତା, ଶିକ୍ଷାବିତ ବିପ୍ରଚରଣ ରାଉତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରାକ୍ତନ ଅଧ୍ୟକ୍ଷ କୃତିବାସ ବିଶ୍ୱାଳ ଆଲୋଚନା ଚକ୍ରରେ ଅଧ୍ୟକ୍ଷତା କରିଥିଲେ। ଶ୍ରୀଅରବିନ୍ଦଙ୍କ ସ୍ୱାଧୀନତା ସଂଗ୍ରାମରେ ଯୋଗଦାନ, ଯୁବପିଢିଙ୍କୁ ସ୍ୱାଧୀନତା ସଂଗ୍ରାମରେ ଯୋଗଦାନ ପାଇଁ ଆହ୍ୱାନ, ଇଂରେଜ ମାନଙ୍କ ବିରୋଧରେ ବିଭିନ୍ନ ପତ୍ରପତ୍ରିକା ମାଧ୍ୟମରେ ଲେଖା ପ୍ରକାଶ ବିଷୟରେ ଅତିଥିମାନେ ସେମାନଙ୍କ ବକ୍ତବ୍ୟରେ ଉଲ୍ଲେଖ କରିଥଲେ। ଅନୁଷ୍ଠାନର ପରିଚାଳକ ରାଜେଶ ରଞ୍ଜନ ବିଶ୍ୱାଳ ଧନ୍ୟବାଦ ପ୍ରଦାନ କରିଥିଲେ। ସେହିଭଳି ସ୍ଥାନୀୟ ଘୁମୁସର ଆବାସିକ ମହାବିଦ୍ୟାଳୟରେ ମଧ ସତନ୍ତ୍ର ପାଠଚକ୍ର ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ତ୍ରୈଲୋକ୍ୟ ପଣ୍ଡାଙ୍କ ସହଯୋଗରେ ଉକ୍ତ କାର୍ଯ୍ୟକ୍ରମ ହୋଇଥିଲା।

# ଖେମୁଣ୍ଡି ଓକିଲ ସଂଘର ପରିବର୍ଦ୍ଧିତ ଆଲୋଚନା ସଭା

**ଦିଗପହଣ୍ଡି,୧୯।୪(ଡି.ଏନ.ଏ.)** ଦିଗପହଣ୍ଡି ସ୍ଥିତ ଖେମୁଣ୍ଡି ଓକିଲ ସଂଘର ପରିବର୍ଦ୍ଧିତ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି। ସଂଘର ସ୍ଥାୟୀ କାର୍ଯ୍ୟାଳୟ ପରିସରରେ ଆୟୋଜିତ ସଭାରେ ଓକିଲ ସଂଘ ସଭାପତି ଲକ୍ଷ୍ମୀନାରାୟଣ ପାଢ଼ୀ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ କୁରେଶୁ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ସଂଘର ନୂତନ କାର୍ଯ୍ୟକାରୀ କମିଟି ଗଠନ କରାଯାଇଥିଲା। ଆଇନଜୀବୀ ଅଶେଷ ନାଥ ମିଶ୍ର, ହର ପ୍ରସାଦ ରଥ, ମନୋରଞ୍ଜନ ପଣ୍ଡା, ହେମନ୍ତ କୁମାର ପାଣିଗ୍ରାହୀ, ମନୋଜ କୁମାର ପଣ୍ଡା ଏବଂ ପ୍ରଦୀପ କୁମାର ନାୟକଙ୍କୁ ସଂଘର କାର୍ଯ୍ୟକାରୀ କମିଟି ସଦସ୍ୟ ରୂପେ ସର୍ବସମ୍ମତ କ୍ରମେ ମନୋନୀତ କରାଯାଇଥିଲା। ସେହିପରି ହୃଦୟ ରଞ୍ଜନ ମେକାପ, ପ୍ରଭାକର ରାଉତ, ଏ.ସୋମେଶ୍ୱର ରାଓ, ଚନ୍ଦ୍ରଧ୍ୱଜ ସିଂହ, ସୂର୍ଯ୍ୟନାରାୟଣ ସାହୁଙ୍କୁ ସଂଘର ଉପଦେଷ୍ଟା ରୂପେ ଚୟନ କରାଯାଇଥିଲା। ସଙ୍ଘର ବିବିଧ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇ ସର୍ବସମ୍ମତ ପ୍ରସ୍ତାବ ଗୃହୀତ କରାଯାଇଥିଲା। ଆସନ୍ତା ୨୮ ତାରିଖ ଆଇନଜୀବୀ ଦିବସ ତଥା ମଧୁବାବୁ ଜୟନ୍ତୀ ଅବସରରେ ସଂଘ ପକ୍ଷରୁ ଏକ ଆଲୋଚନା ଚକ୍ର ଏବଂ କବିତା ପାଠୋତ୍ସବ ଅନୁଷ୍ଠିତ କରାଯିବା ନିମନ୍ତେ ସଭାରେ ନିଷ୍ପତ୍ତି ନିଆଯାଇଥିଲା। ସେହିପରି କୋର୍ଟ ପରିସରରେ ମଧୁବାବୁଙ୍କ ସମେତ ଅନ୍ୟାନ୍ୟ ବରପୁତ୍ର ମାନଙ୍କ ପ୍ରତିମୂର୍ତ୍ତି ସ୍ଥାପନ ନିମନ୍ତେ ବିଧିବଦ୍ଧ ପ୍ରସ୍ତାବ ଗୃହୀତ କରାଯାଇଥିଲା। ସଭାରେ ଓକିଲ ସଂଘର ବହୁସଂଖ୍ୟକ ସଦସ୍ୟ ଉପସ୍ଥିତ ରହି ବିଭିନ୍ନ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ପାନୀୟ ଜଳ ବଣ୍ଟନ

**ସୋରଡା,୧୯।୪(ଡି.ଏନ୍.ଏ.)** ପ୍ରତିବର୍ଷପରି ଚଳିତ ଥର ମଧ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସୋରଡ଼ା ଏନ୍‌ଏସି ତରଫରୁ ସହର ମଧ୍ୟରେ ପାନୀୟ ଜଳ ବଣ୍ଟନ କେନ୍ଦ୍ର ବୁଧବାର ଶୁଭାରମ୍ଭ ହୋଇଛି। କାର୍ଯ୍ୟ ନିର୍ବାହୀ ଅଧିକାରୀ ଦ୍ୟୁତିକୃଷ୍ଣ ପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ବଣ୍ଟନ କାର୍ଯ୍ୟକ୍ରମରେ ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଯୋଗଦେଇ ବଣ୍ଟନ ଆରମ୍ଭ କରିଥିଲେ। ପ୍ରତିଦିନ ଏଠାକୁ ବ୍ଲକର ଶହଶହ ଯାତ୍ରୀ, ଛାତ୍ରୀଛାତ୍ର,ବ୍ୟବସାଇ ବିଭିନ୍ନ କାମରେ ଆସୁଥିବା ବେଳେ ସେମାନଙ୍କ ତୃଷା ମେଣ୍ଟେଇବାକୁ ଏହି ପ୍ରକ୍ରିୟା ଆରମ୍ଭ କରାଯାଇଛି ।




କନ୍ଧମାଳ ଜିଲା ଗୋଚ୍ଛାପଡା ଥାନା ବାରାହାଲା ଜଙ୍ଗଲରେ କମ୍ବିଂ ବେଳେ ଲୋବେରିକେଟା ଗ୍ରାମର ଜଣେ ବୃଦ୍ଧା ଅସୁସ୍ଥ ଥିବା ଦେଖି ଯବାନମାନେ ଏକ ଭାରାରେ ଜଙ୍ଗଲ ପାର କରି ମେଡିକାଲକୁ ନେଉଛନ୍ତି। (ଫଟୋ-ରାକେଶ)

# ପାଣି ପାଇଁ ଡହଳବିକଳ ଲଣ୍ଡାଗାଁ ପଞ୍ଚାୟତବାସୀ

**ବାଲିଗୁଡା,୧୯।୪(ଡି.ଏନ୍.ଏ.):** କନ୍ଧମାଳ ଜିଲା ବାଲିଗୁଡା ତଥା ଏହାର ଆଖପାଖ ଅଞ୍ଚଳରେ କିଛିଦିନ ହେଲା ପ୍ରବଳ ଖରା ସାଙ୍ଗକୁ ଗରମ ଓ ଗୁଳୁଗୁଳି ଅନୁଭୂତ ହେଉଛି। ପ୍ରତିଦିନର ତାପମାତ୍ରା ୪୦ ରୁ ୪୧ଡିଗ୍ରୀ ରହୁଛି। ତାପମାତ୍ରା ବୃଦ୍ଧି କାରଣରୁ ନଦୀ ନାଳ ଓ କୂପରେ ଜଳସ୍ତର କମିବାରେ ଲାଗିଛି। ଲୋକମାନେ ଜଳ ସଂଗ୍ରହ କରିବାରେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଭଳି ପରିସ୍ଥିତିରେ ବାଲିଗୁଡା ବ୍ଲକ୍ ଉପାନ୍ତ ପଞ୍ଚାୟତ ଲଣ୍ଡାଗାଁରେ ୧୧ଟି ୱାର୍ଡରେ ରହନ୍ତି ୧୫ଶହରୁ ଅଧିକ ଲୋକ। ସରକାର ବିଶୁଦ୍ଧ ପାଣି ପାଇଁ ଗାଁଗାଁକୁ ବସୁଧା ଯୋଜନାରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ଗ୍ରାମ୍ୟ ଜଳଯୋଗାଣ ବିଭାଗ ପକ୍ଷରୁ



ଓଭର ଟ୍ୟାଙ୍କ ଯୋଗାଇ ଦିଆଯାଇଥିବା ବେଳେ ଲଣ୍ଡାଗାଁ ପଞ୍ଚାୟତରେ ଏହାର ଅଭାବ ପରିଲକ୍ଷିତ ହୋଇଛି। ଏଠାରେ ଥିବା ନଳକୂପ ଖରାପ ଥିବା ବେଳେ କାଁଭାଁ ଯେଉଁଗୁଡିକ ଠିକ୍ ଅଛି ତାହାକୁ ବହୁ ସମୟ କସରତ କଲେ ବାଲଟିଏ ପାଣି ବାହାରୁଛି। ପିଇବା ପାଣି ପାଇଁ ଲୋକେ ନାହିଁ ନଥିବା ହଇରାଣ ହେଉଛନ୍ତି। ପଞ୍ଚାୟତ ପକ୍ଷରୁ ଜଳଛତ୍ର ଖୋଲା ଯାଇନଥିବା ବେଳେ ଲଣ୍ଡାଗାଁ ପଞ୍ଚାୟତ ଉପରେ ନିର୍ଭର କରୁଥିବା ଲୋକ ଟୋପାଏ ପିଇବା ପାଣି ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସରକାର ଜଳଛତ୍ର ଖୋଲିବାକୁ ନିର୍ଦ୍ଦେଶ ଦେଇଥିଲେ ସୁଦ୍ଧା ଏଠାରେ ତାହା ଦେଖିବାକୁ ମିଳିନାହିଁ। ସରପଞ୍ଚ ତୁଳସୀ ଝଙ୍କାରଙ୍କୁ ପଚାରିବାରୁ ସେ ଏନେଇ କିଛି ଉତ୍ତର ନ ଦେଇ ଫୋନ କାଟିଦେଇଥିଲେ। ଏ ନେଇ ଅଞ୍ଚଳବାସୀଙ୍କ ତରଫରୁ ଅଭିରାମ ରଣା, ରାଜେନ୍ଦ୍ର ମାଲିକ୍, ମୋତିଲାଲ ରଣା,ଟଙ୍କଧର ରଣା, କବିରାଜ ରଣା, ସଦାନନ୍ଦ କୁଦେଇ ପ୍ରମୁଖ ଅଭିଯୋଗ କରିଛନ୍ତି।

# ୨୧ ବର୍ଷ ହେଲା ନାହାନ୍ତି ସ୍ଥାୟୀ ପ୍ରଧାନ ଶିକ୍ଷକ

**ଗଞ୍ଜାମ,୧୯।୪(ଡି.ଏନ.ଏ.)** ଗଞ୍ଜାମ ସହର ବଡ଼ବଜାରଠାରେ ବହୁ ପୁରାତନ ଭାରତୀ ବିଦ୍ୟାପୀଠ ହାଇସ୍କୁଲ ଅବସ୍ଥିତ। ଏଠାରେ ସ୍କୁଲ ନିର୍ମାଣ ପାଇଁ ଗଞ୍ଜାମ ତଥା ସ୍ଥାନୀୟ ଅଞ୍ଚଳର ଶିକ୍ଷାବିତ୍ ଗୋବିନ୍ଦ ଚନ୍ଦ୍ର ପଣ୍ଡାଙ୍କ ମା' ସ୍ୱର୍ଗତ ଯଶୋଦା ପଣ୍ଡା ଜମି ପ୍ରଦାନ କରିଥିଲେ। ଏହି ସ୍କୁଲଟି ୧୯୫୪ରେ ସ୍ଥାପିତ ହୋଇଥିଲା। ୬୮ତମ ବାର୍ଷିକ ଉତ୍ସବ ପାଳନ କରିଥିବା ଏହି ବହୁ ପୁରାତନ ସ୍କୁଲଟି ବର୍ତ୍ତମାନ ଅବ୍ୟବସ୍ଥା ଘେରରେ ରହିଥିବା ପରିଲକ୍ଷିତ ହୋଇଛି। ଦୀର୍ଘ ୨୧ ବର୍ଷରୁ ଉର୍ଦ୍ଧ୍ୱ ହେବ ଏଠାରେ ସ୍ଥାୟୀ ପ୍ରଧାନ ଶିକ୍ଷକ ନାହାନ୍ତି। ଏ ନେଇ ସ୍ଥାନୀୟ ଲୋକଙ୍କ ପକ୍ଷରୁ ବାରମ୍ବାର ଅଭିଯୋଗ ହୋଇ ଆସୁଥିବା ଏବଂ ବାରମ୍ବାର ଖବର ପ୍ରସାରଣ ହୋଇଥିଲେ ମଧ ଜିଲା ଶିକ୍ଷା ବିଭାଗ ଏଥିପ୍ରତି ଦୃଷ୍ଟି ଦେଉ ନାହାନ୍ତି। ଏଥିସହ ୫-ଟି ଯୋଜନାରେ ସ୍କୁଲ ରୂପାନ୍ତରିତ ହୋଇ ସ୍ମାର୍ଟ କ୍ଲାସ୍‌ରୁମ୍ ନିର୍ମାଣ ହୋଇଛି। ଲକ୍ଷ ଲକ୍ଷ ଟଙ୍କା ବିନିମୟରେ ନିର୍ମାଣ ହୋଇଥିବା ସ୍ମାର୍ଟ କ୍ଲାସ୍‌ରୁମ୍ ୬ ମାସ ନ ପୁରୁଣୁ ସିମେଣ୍ଟ ଛଡ଼ ଖସୁଥିବା ଦେଖିବାକୁ ମିଳିଛି। ଦୀର୍ଘ ବର୍ଷ ହେବ ଏହି ସ୍କୁଲରେ ନିୟମିତ ହିନ୍ଦୀ ଶିକ୍ଷକ ନାହାନ୍ତି। ଜଣେ ହିନ୍ଦୀ ଶିକ୍ଷକ ହୁମା ବୀରଭଦ୍ର ହାଇସ୍କୁଲ ଏବଂ ଭାରତୀ ବିଦ୍ୟାପୀଠ ଦାୟିତ୍ୱରେ ଥିବା କ୍ଲର୍କ ବାରିକି କହିଛନ୍ତି। ଏହାକୁ ନେଇ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏଥିପାଇଁ ଦିନକୁ ଦିନ ଛାତ୍ରଙ୍କ ଉପସ୍ଥାନ କମୁଥିବା ଜଣାପଡିଛି। ଏଥିପ୍ରତି ଦୃଷ୍ଟି ଦେଇ ସମାଧାନ କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି। ତା' ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ପୂର୍ବତନ ସରପଞ୍ଚ ଡି. ଗୋବିନ୍ଦ ରେଡ୍ଡି, ଅଶୋକ ମାଳି, ଛୁରିଆ ମହାପାତ୍ର ପ୍ରମୁଖ ସୂଚନା ଦେଇଛନ୍ତି।

# ପର୍ଡ଼ମାହା ପଞ୍ଚାୟତରେ ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଧାୟକ ସାଲୁଗା ପ୍ରଧାନଙ୍କ ସହ ଅନ୍ୟମାନେ।

**ଦାରିଙ୍ଗବାଡି,୧୯।୪(ଡି.ଏନ୍.ଏ.)** କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ ପର୍ଡ଼ମାହା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବୁଧବାର ଦୁଇଟି ନୂତନ କୋଠା ଉଦ୍‌ଘାଟିତ ହୋଇଛି। ଏଥିମଧ୍ୟରେ ଏକ ବ୍ୟାଙ୍କ ଗୃହ ରହିଥିବା ବେଳେ ଅନ୍ୟଟି ରାତ୍ରି ଆଶ୍ରୟସ୍ଥଳ ରହିଛି। ଜି. ଉଦୟଗିରି ବିଧାୟକ ସାଲୁଗା ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିବା ବେଳେ ବ୍ଲକ ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନ, ଜିଲା ପରିଷଦ ସଦସ୍ୟ ରଞ୍ଜନ କୁମାର ପ୍ରଧାନ, ସରପଞ୍ଚ ନାବଜିନୀ ପ୍ରଧାନ ଏବଂ ସମିତିସଭ୍ୟା ସୁଶୀଳା ପ୍ରଧାନ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ବିରଜ ସାହୁ, ଗ୍ରାମ ରୋଜଗାର ସେବିକା ପ୍ରିୟଙ୍କା ସାହୁ ପ୍ରମୁଖ ପରିଚାଳନା କରିଥିଲେ। ପରେ ରାଜୀବଗାନ୍ଧୀ ସେବାକେନ୍ଦ୍ରରେ ବିଧାୟକ ସାଲୁଗା ପ୍ରଧାନ ଲୋକଙ୍କ ସମସ୍ୟା ଶୁଣିଥିଲେ। ବିଶେଷ କରି ପିଇବା ପାଣିର ସମସ୍ୟା ସମାଧାନ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ପଞ୍ଚାୟତ କାର୍ଯ୍ୟାଳୟର ବିଭିନ୍ନ କୋଠା, ପାଚେରି ଆଦି ନିର୍ମାଣ କାର୍ଯ୍ୟ କରାଯିବାକୁ ବିଧାୟକ ପଞ୍ଚାୟତ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଓଡିଶା ଦକ୍ଷତା ସମ୍ମିଳନୀରେ ନୟାଗଡ଼ର ୩୦ ଛାତ୍ରୀଛାତ୍ର

**ନୟାଗଡ଼ ଅଫିସ,୧୯।୪** ଗୁରୁବାରଠାରୁ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ୩ ଦିନିଆ ଓଡିଶା ଦକ୍ଷତା ସମ୍ମିଳନୀ ଅନୁଷ୍ଠିତ ହେବାକୁ ଯାଉଛି। ରାଜ୍ୟ ତଥା ରାଜ୍ୟ ବାହାରୁ ଅନେକ ଅନୁଷ୍ଠାନ ଏଥିରେ ଯୋଗ ଦେବାର ରହିଛି। ଏଥି ନିମନ୍ତେ ନୟାଗଡ଼ ଜିଲା ହାଇସ୍କୁଲଠାରୁ ଆରମ୍ଭ କରି ବିଭିନ୍ନ କଲେଜର ଇଞ୍ଜିନିୟରିଂ ଓ ଆଇଟିଆଇ ୩୦ ଛାତ୍ରୀଛାତ୍ର ଓ ୧୦ ଶିକ୍ଷକ ସାମିଲ ହୋଇଛନ୍ତି। ଏଥିରେ ୧୫ ଛାତ୍ରୀ ୧୫ ଛାତ୍ର ଅଛନ୍ତି। ବୁଧବାର ଜିଲାପାଳ ରବିନ୍ଦ୍ର ନାଥ ସାହୁ ଏକ ସ୍ୱତନ୍ତ୍ର ଗାଡ଼ିକୁ ପତାକା ଦେଖାଇ ଉଦଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟ, ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ସୁବାସ ଚନ୍ଦ୍ର ରାୟ, ୱେଲଫେୟାର ଅଫିସର ଦୟାନିଧି ନାୟକ ଓ ଜିଲା ନିୟୋଜନ ଅଧିକାରୀ ଦୁର୍ଗାଚରଣ ଦାସ ସାମିଲ ହୋଇଥିଲେ।




ଜିଲାପାଳଙ୍କ ସହ ୩୦ ଛାତ୍ରୀଛାତ୍ର, ୧୦ ଶିକ୍ଷକ।

# ୪ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ

**ଜାଲ୍ ଜାତିଗତ ପ୍ରମାଣପତ୍ର ମାମଲା**

- ଆର୍‌ଡିସି ଅଫିସରେ ରଫାଦଫା ହେଉଛି ତାଲିକା
- ସନ୍ଦିଗ୍ଧ ବିଇଓଙ୍କୁ କେନ୍ଦ୍ରାପଡ଼ା ବଦଳି
- ପୁରୁଣା ତଥ୍ୟ ଆଧାରରେ ୯ ଶିକ୍ଷକଙ୍କୁ କ୍ଲିନ୍‌ଚିଟ୍

ଯାଜପୁର ଅଫିସ/କୋରେଇ (ଡି.ଏନ୍.ଏ.),୧୯।୪

ବଲାଙ୍ଗୀର ଜିଲାରେ ଯେଭଳି ନକଲି ପ୍ରମାଣପତ୍ରକୁ ନେଇ ଛାନ୍‌ଭିନ୍ ହେଲା ଏବଂ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ସେଭଳି ପଦକ୍ଷେପ ଯାଜପୁର ଜିଲାରେ ଦେଖିବାକୁ ମିଳିନାହିଁ। ବରଂ ଏହି ଜିଲାରେ ନକଲି ଶିକ୍ଷୟିତ୍ରୀ ଓ ଶିକ୍ଷକ କଟକ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର (ଆର୍‌ଡିସି)କାର୍ଯ୍ୟାଳୟର କେତେଜଣ କର୍ମଚାରୀଙ୍କୁ ହାତକରି ତାଲିକାରୁ ନାମ କାଟିବାରେ ସକ୍ଷମ ହୋଇଛନ୍ତି। ଅନ୍ୟପକ୍ଷେ ବ୍ୟାସନଗର ତହସିଲ କାର୍ଯ୍ୟାଳୟ ପକ୍ଷରୁ ନକଲି ଶିକ୍ଷକଙ୍କ ମୂଳ ପରିବାରକୁ ନେଇ ଉପଯୁକ୍ତ ତଦନ୍ତ କରାଯାଇନାହିଁ । କେବଳ ବିଭାଗୀୟ ରିପୋର୍ଟ ଆଧାରରେ ୯ ଶିକ୍ଷକଙ୍କୁ କ୍ଲିନ୍‌ଚିଟ୍ ଦିଆଯାଇଛି। ଅନ୍ୟ ୪ ଶିକ୍ଷକଙ୍କୁ କୋରେଇ ବିଇଓ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଏହାବାଦ୍ ଜିଲାର ଜଣେ ନକଲି ଆଦିବାସୀ ପ୍ରମାଣପତ୍ରଧାରୀ ଏବିଇଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ବଦଳରେ କେନ୍ଦ୍ରାପଡ଼ା ଜିଲାକୁ ବଦଳି ହୋଇଛି। ଏନେଇ କୋରେଇ ବ୍ଲକ ଅସନଝର ଗ୍ରାମବାସୀ କେନ୍ଦ୍ରାପଡ଼ା ଜିଲାପାଳ, ଜିଲା ଶିକ୍ଷାଧିକାରୀ ଏବଂ ସ୍କୁଲ ଓ ଗଣଶିକ୍ଷା ବିଭାଗକୁ ପତ୍ର ଲେଖି ଦୃଷ୍ଟି ଆକର୍ଷଣ କରିଛନ୍ତି। ନକଲି ଶିକ୍ଷକଙ୍କ ସହିତ ଆର୍‌ଡିସି ଏବଂ ତହସିଲ କର୍ତ୍ତୃପକ୍ଷଙ୍କ ଏଭଳି ଅସାଧୁ ମେଣ୍ଟ ସହିତ କୋହଳ ମନୋଭାବ ଯୋଗୁ ଉପଯୁକ୍ତ ପ୍ରତିଭାଧାରୀ ତଥା ଆଦିବାସୀ ଛାତ୍ରୀଛାତ୍ର ନିଯୁକ୍ତି ପାଇବାରୁ ବଞ୍ଚିତ ହେଉଥିବା ମତ ପ୍ରକାଶ ପାଇଛି।

ଯାଜପୁର ଜିଲାରେ ଜାତିଗତ ପ୍ରମାଣପତ୍ରକୁ ନେଇ ଉପଯୁକ୍ତ ତଦନ୍ତ କରାଗଲେ ହଜାରେରୁ ଊର୍ଦ୍ଧ୍ୱ ସରକାରୀ କର୍ମଚାରୀ ଏବଂ ଶିକ୍ଷକଙ୍କ ଅସଲ ମୁଖା ଖୋଲିବ ବୋଲି ଦାବି ହେଉଛି। ସେଥିମଧ୍ୟରୁ କୋରେଇ ବ୍ଲକରେ ସର୍ବାଧିକ ଥାଇପାରନ୍ତି ବୋଲି ଚର୍ଚ୍ଚା ହେଉଛି। ନକଲି ଜାତିଗତ ପ୍ରମାଣପତ୍ର ଆଧାରରେ ଯାଜପୁର ଜିଲାରେ କୋରେଇ ବ୍ଲକ ଅଧୀନ ଅସନଝର ପଞ୍ଚାୟତ ଅସନଝର ଗ୍ରାମର ଜଣେ ବ୍ୟକ୍ତି କେନ୍ଦ୍ରାପଡ଼ା ଜିଲାରେ ବିଇଓ(ବ୍ଲକ ଶିକ୍ଷାଧିକାରୀ) ଭାବେ କାର୍ଯ୍ୟ କରୁଛନ୍ତି। ଏନେଇ ଅସନଝର ଗ୍ରାମର ସାମାଜିକ କର୍ମୀ ରଞ୍ଜନ କୁମାର ନାୟକଙ୍କ ଅଭିଯୋଗ ମୁତାବକ ସେ ଏସ୍‌ଇବିସି ବର୍ଗର ହୋଇଥିଲେ ହେଁ ମିଥ୍ୟା ଅନୁସୂଚିତ ଜନଜାତି (ଏସ୍‌ଟି) ପ୍ରମାଣପତ୍ର ଦାଖଲକରି ଶିକ୍ଷକ ଭାବେ ନିଯୁକ୍ତି ପାଇଥିଲେ । ପରେ ଉପରିସ୍ଥ ଅଧିକାରୀଙ୍କୁ ଧରାଧରି କରି ସେହି ଆଦିବାସୀ ପ୍ରମାଣପତ୍ର ବଳରେ ପଦୋନ୍ନତି ପାଇ ଯାଜପୁର ଜିଲା ବଡ଼ଚଣା ବିଇଓ ରହିଥିଲେ। ଏନେଇ ଜିଲା ଶିକ୍ଷାଧିକାରୀ ରଞ୍ଜନ କୁମାର ଗିରିଙ୍କ ନିକଟରେ କେତେଜଣ ସାମାଜିକ କର୍ମୀ ବାରମ୍ବାର ଅଭିଯୋଗ କରିଥିଲେ। ହେଲେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ବଦଳରେ ତାଙ୍କୁ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକକୁ ବଦଳି ହୋଇଥିଲା। ଏହାବାଦ୍ ଉକ୍ତ ଗ୍ରାମର ୮ ଜଣ ଶିକ୍ଷକ ନକଲି ଜାତିଗତ ପ୍ରମାଣପତ୍ର ଦାଖଲକରି ବିଭିନ୍ନ ସ୍କୁଲରେ ନିୟୋଜିତ ହୋଇଥିବା ଗ୍ରାମର ଶତାଧିକ ବ୍ୟକ୍ତି ଆର୍‌ଡିସିଙ୍କୁ ପତ୍ର ମାଧ୍ୟମରେ ଅଭିଯୋଗ କରିଥିଲେ। ଏହାପରେ ଆର୍‌ଡିସିଙ୍କ ପକ୍ଷରୁ କୋରେଇ ବିଇଓ ଏବଂ ଯାଜପୁର ଡିଇଓଙ୍କୁ ୮।୮।୨୦୨୨ରେ ପତ୍ରସଂଖ୍ୟା ୭୬୩୧ରେ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ତେବେ ଆର୍‌ଡିସି କାର୍ଯ୍ୟାଳୟର କେହି ଜଣେ ଦୁର୍ନୀତିଗ୍ରସ୍ତ ଅଧିକାରୀ ଏଥିରୁ ବେଣୁଧର ଦେହୁରୀ ଓ ସନ୍ଦିଗ୍ଧ ବିଇଓ ହରିହର ଦଳେଇଙ୍କ ନାମ ବାଦ୍ ଦେଇଥିବା ସେତେବେଳେ ଅଭିଯୋଗ ହୋଇଥିଲା । ଏହି ତଦନ୍ତ ନିର୍ଦ୍ଦେଶର ୭ମାସ ପରେ କୋରେଇ ବିଇଓଙ୍କ ଚିଠି ଆଧାରରେ ବ୍ୟାସନଗର ତହସିଲଦାର ଅଶୋକ କୁମାର ମାଝି ତଦନ୍ତ ରିପୋର୍ଟ କୋରେଇ ବିଇଓଙ୍କୁ ହସ୍ତାନ୍ତର କରିଥିଲେ। ଉପଯୁକ୍ତ ଭାବେ ତଦନ୍ତ ନ କରି ଶୀତତାପ ନିୟନ୍ତ୍ରିତ କୋଠରିରେ ବସି ପ୍ରସ୍ତୁତ ହୋଇଥିବା ରିପୋର୍ଟରେ ୯ ଜଣ ଶିକ୍ଷକଙ୍କୁ କ୍ଲିନ୍‌ଚିଟ୍ ଦେଇଥିବା ନେଇ ଧରିତ୍ରୀରେ ୩।୪।୨୦୨୩ରେ ସବିଶେଷ ତଥ୍ୟ ସହ ଏକ ରିପୋର୍ଟ ପ୍ରକାଶ ପାଇଥିଲା। ଅନ୍ୟ ଯେଉଁ ୪ ଜଣ ଶିକ୍ଷକଙ୍କ ପ୍ରମାଣପତ୍ର ବ୍ୟାସନଗର ତହସିଲରୁ ଜାରି ହୋଇନାହିଁ ସେମାନଙ୍କୁ କୋରେଇ ବିଇଓ ମାସେ ଭିତରେ କାରଣ ଦର୍ଶାଅ ନୋଟିସ ପ୍ରଦାନ କରିଛନ୍ତି । ଏସବୁ ଘଟଣାକୁ ଅବଲୋକନ କଲେ ଯାଜପୁର ଜିଲାରେ ନକଲି ଶିକ୍ଷକଙ୍କୁ ସୁରକ୍ଷା ଦେବାରେ ଏକ ବଡ଼ ର୍‍ୟାକେଟ କାମ କରୁଥିବା ସନ୍ଦେହ ସୃଷ୍ଟି ହୋଇଛି । ଏ ସଂକ୍ରାନ୍ତରେ ଯାଜପୁର ଜିଲା ଶିକ୍ଷାଧିକାରୀ ରଞ୍ଜନ କୁମାର ଗିରିଙ୍କ ମତାମତ ନେବାକୁ ତାଙ୍କ ମୋବାଇଲକୁ ବୁଧବାର ସନ୍ଧ୍ୟା ୬ଟା ସମୟରେ ଯୋଗାଯୋଗ କରିଥିଲେ ହେଁ ସେ ଫୋନ କଲ୍ ଗ୍ରହଣ କରି ନ ଥିଲେ।

## ସୟଦପୁର ପଞ୍ଚାୟତ ପକ୍ଷରୁ ଇଫ୍‌ତାର ପାର୍ଟି



ଇଫ୍‌ତାର ପାର୍ଟିରେ ମନ୍ତ୍ରୀ ପ୍ରମିଳା ମଲ୍ଲିକ୍ ଓ ଅନ୍ୟମାନେ ।

ବିଞ୍ଝାରପୁର,୧୯।୪(ଡି.ଏନ.ଏ.):

ବିଞ୍ଝାରପୁର ବ୍ଲକ୍ ସୟଦପୁର ପଞ୍ଚାୟତ ପକ୍ଷରୁ ଫାଜିଲା ମହଲ୍ଲା ମସଜିଦ ପ୍ରାଙ୍ଗଣରେ ବୁଧବାର ସନ୍ଧ୍ୟାରେ ଏକ ଇଫ୍‌ତାର ପାର୍ଟି ଅନୁଷ୍ଠିତ ହୋଇଯାଇଛି। ସୟଦପୁର ସରପଞ୍ଚ ସେକ୍ ମହମ୍ମଦ ସବିରଙ୍କ ଆୟୋଜନରେ ଅନୁଷ୍ଠିତ ପାର୍ଟିରେ ଇଂ. ଲାୟକ ଅଲ୍ଲି ଖାନ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ମନ୍ତ୍ରୀ ପ୍ରମିଳା ମଲ୍ଲିକ ଯୋଗଦେଇ ଇଫତାର ପାର୍ଟି ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ, ଉପାଧ୍ୟକ୍ଷ ସେକ୍ ଇର୍ସାଦ, ଜିଲା ପରିଷଦ ସଭ୍ୟ ନନ୍ଦକିଶୋର ସାମଲ, ମନ୍ତ୍ରୀଙ୍କ ପ୍ରତିନିଧି ପ୍ରଦୀପ ମହାନ୍ତି, ବିଜେଡି ବିଞ୍ଝାରପୁର ନିର୍ବାଚନମଣ୍ଡଳୀ ସଭାପତି ମୁରଲୀ ବେହେରା, ବ୍ଲକ ବିଜେଡି ଛାତ୍ର ସଭାପତି ଲେଲିନ କୁମାର, ଚନ୍ଦ୍ରଶେଖର ବେହେରା, ହବିବୁର ରେହମାନ ଖାନ, ବାସତ ଅଲ୍ଲି ଖାନ, ଇମ୍ରାନ ଅଲ୍ଲି ଖାନ, ଲାଲବାବୁ, ଯାହିଦ ଅଲ୍ଲି ଖାନ, ଆଦମ୍ ଅଲ୍ଲି ଖାନ, ଇସଲାମ ସଫିଉଲ୍ଲା, ରେହାନ ଖାନ, ସେକ୍ ନୱାବୁଦ୍ଦିନ, ସଲାମତ ଅଲ୍ଲି ଖାନ, କୈଳାଶ ଚନ୍ଦ୍ର ସେଠୀ, ୨୯ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟଙ୍କ ସମେତ ବହୁ ବିଜେଡି କର୍ମୀ ଉପସ୍ଥିତ ରହି ରମଜାନ ମାସ ସମ୍ପର୍କରେ ଅଭିମତ ପ୍ରକାଶ କରିଥିଲେ।

## ହେଲ୍‌ପର ମୃତ, ଡ୍ରାଇଭର ଗୁରୁତର

**ଟ୍ରେଲର ପଛରେ ପିଟିହେଲା ପିକ୍‌ଅପ୍ ଭ୍ୟାନ୍**

ଧର୍ମଶାଳା,୧୯।୪(ଡି.ଏନ.ଏ.):

ଧର୍ମଶାଳା ଥାନା ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥର ସାରୋଇ ଛକ ନିକରେ ବୁଧବାର ଅପରାହ୍ନ ପ୍ରାୟ ୪ଟା୩୦ରେ ରାସ୍ତା କଡ଼ରେ ଛିଡ଼ା ହୋଇଥିବା ଏକ ଟ୍ରେଲର ପଛରେ ପିକ୍‌ଅପ୍ ଭ୍ୟାନ ପିଟି ହୋଇଛି। ଫଳରେ ଘଟଣାସ୍ଥଳରେ ପିକଅପ୍ ଭ୍ୟାନ ହେଲପରଙ୍କ ମୃତ୍ୟୁ ହୋଇଥିବାବେଳେ ଡ୍ରାଇଭର ଗୁରୁତର ହୋଇଛନ୍ତି। ମୃତକ ହେଲେ ବଡ଼ଚଣା ଥାନା ଗୁଣ୍ଡୁଣୀ ଗ୍ରାମର ବାଜିଆ(୨୯)। ଗୁରୁତର ହେଲେ ବୈରୀ ଥାନା ଉପୁଲା ଗ୍ରାମର ବୁଟୁ।

ସୂଚନା ଅନୁଯାୟୀ, ଓଡି-୦୪-କ୍ୟୁ-୭୧୩୧ନଂ. ପିକଅପ୍ ଭ୍ୟାନ ବେଲେଶ୍ୱର ଅଞ୍ଚଳରୁ ଷ୍ଟ୍ରିଟ୍ ଲାଇଟ୍ ବୋଝେଇ କରି ଛତିଆ ଅଞ୍ଚଳକୁ ଫେରୁଥିଲାବେଳେ ଘଟଣାସ୍ଥଳରେ ଟ୍ରେଲର ଏଚ୍‌ଆର-୩୮-ୱାଇ-୮୦୨୨ ପଛପଟେ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ଗାଡ଼ିର ହେଲ୍‌ପର ଚାପି ହୋଇ ଯାଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇ ଯାଇଥିଲା। ଡ୍ରାଇଭର ଗୁରୁତର ହୋଇଥିଲେ। ଚଣ୍ଡିଖୋଲ ଦମକଳ ବାହିନୀ ପହଞ୍ଚି ଗୁରୁତର ଡ୍ରାଇଭରଙ୍କୁ ଉଦ୍ଧାର କରି ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଧର୍ମଶାଳା ପୋଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ହେଲପରଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଦୁର୍ଘଟଣାଗ୍ରସ୍ତ ଗାଡ଼ି ୨ଟିକୁ ଜବତ କରି ତଦନ୍ତ ଚଳାଇଛି। ବେଆଇନଭାବେ ରାସ୍ତାକଡ଼ରେ ଗାଡି ପାର୍କିଂ ଯୋଗୁ ଏଠାରେ ବାରମ୍ବାର ଦୁର୍ଘଟଣାମାନ ଘଟି ନିରୀହ ଲୋକଙ୍କ ଜୀବନ ଯାଉଛି। ଏନ୍‌ଏଚ୍ କର୍ତ୍ତୃପକ୍ଷ ଓ ପୋଲିସ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

## ପ୍ରଫୁଲ୍ଲ କର ମ୍ୟୁଜିକାଲ ନାଇଟ୍



ପ୍ରଫୁଲ୍ଲ କର ମ୍ୟୁଜିକାଲ ନାଇଟ୍‌ରେ ଯୋଗଦେଇଥିବା ଅତିଥି।

ଯାଜପୁର ଟାଉନ,୧୯।୪(ଡି.ଏନ.ଏ.):

କଳିଙ୍ଗ ଭାରତୀ ଫୋକ୍‌ଡ୍ୟାନ୍ସ ଏବଂ ରିସର୍ଚ ସେଣ୍ଟର ପକ୍ଷରୁ ଯାଜପୁର ଗୌତମବୁଦ୍ଧ ସଂସ୍କୃତି ଭବନରେ ମଙ୍ଗଳବାର ପଦ୍ମଶ୍ରୀ ପ୍ରଫୁଲ୍ଲ କର ମ୍ୟୁଜିକାଲ ନାଟଇ୍ର ସ୍ମରଣୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ହରିହର ସ୍ୱାଇଁ, ଅନୁଷ୍ଠାନର ସମ୍ପାଦକ ଡ. କୈଳାସ ଚନ୍ଦ୍ର ବେହେରାଙ୍କ ସଞ୍ଚାଳନାରେ ସଂଗୀତ ସନ୍ଧ୍ୟାର ଉଦ୍‌ଘାଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିରିକ୍ତ ଆୟୁକ୍ତ (ଭୂଲେଖ ଓ ବନ୍ଦୋବସ୍ତ) ଅକ୍ଷୟ କୁମାର ମଲ୍ଲିକ ଓ ପଣ୍ଡିତ ଭୂପତି ଭୂଷଣ ମିଶ୍ର ଅତିଥି ଭାବେ ଯୋଗଦେଇଥିଲେ।। ଅନୁଷ୍ଠାନର ଉପଦେଷ୍ଟା ସୁବାସ ପାଣି ଯୋଗଦେଇ ଶିଳ୍ପୀ ପ୍ରଫୁଲ୍ଲ କରଙ୍କ ସଂଗୀତ ସାଧାନ ଓଡ଼ିଶାର ସଂଗୀତ ଜଗତ ପାଇଁ ଏକ ଆଲୋକ ବର୍ତ୍ତିକା ତଥା ମାଇଲ୍‌ଖୁଣ୍ଟ ବୋଲି ସ୍ୱୀକାର କରିଥିଲେ। ଏହି ସଂଗୀତ ସନ୍ଧ୍ୟାରେ ଅନେକ ସଂଗୀତ ଶିଳ୍ପୀ ଯୋଗଦେଇ ପ୍ରଫୁଲ୍ଲ କରଙ୍କ ସଂଗୀତ ପରିବେଷଣ କରିଥିଲେ।

## ସ୍ତ୍ରୀଙ୍କ ତଣ୍ଟି ଚିପି ହତ୍ୟା ଘଟଣା: ଜେଲ ଗଲେ ଅଭିଯୁକ୍ତ ସ୍ୱାମୀ

ଭୁବନେଶ୍ୱର,୧୯।୪ (ବ୍ୟୁରୋ)

ଭରତପୁର ଥାନା ମହାଲକ୍ଷ୍ମୀବିହାରସ୍ଥିତ ତେଲଗୁ ବସ୍ତିରେ ସ୍ତ୍ରୀଙ୍କୁ ତଣ୍ଟିଚିପି ହତ୍ୟା ଘଟଣାରେ ଅଭିଯୁକ୍ତ ସ୍ୱାମୀ ଗଞ୍ଜାମ ଜିଲା ଗୋଳନ୍ଥରା ଥାନା ଅଞ୍ଚଳର ସାଗର ପ୍ରଧାନ(୨୬)ଙ୍କ ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପରକୀୟା ପ୍ରୀତି ସନ୍ଦେହରେ ବହୁ ଦିନଧରି ମନରେ କୁହୁଳିଥିବା ରାଗର ବଶବର୍ତ୍ତୀ ହୋଇ ଅଭିଯୁକ୍ତ ସାଗର ତାଙ୍କ ସ୍ତ୍ରୀ ମାମା ପ୍ରଧାନଙ୍କୁ ତଣ୍ଟି ଚିପି ହତ୍ୟା କରିଥିଲେ। ଏପରିକି ହତ୍ୟା ପରେ ସେ ଫେରାର ନ ହୋଇ ଘର ବାହାରେ ବସି ଲୋକଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ ବୋଲି ଜୋନ୍-୩ ଏସିପି ପ୍ରଦୀପ ରାଉତ କହିଛନ୍ତି।

ପୋଲିସ ସୂଚନାନୁସାରେ, ଅଭିଯୁକ୍ତ ସାଗର ମାମାଙ୍କୁ ୨୦୧୯ ପ୍ରେମ ବିବାହ କରିବା ପରେ ଘର ଛାଡ଼ି କଟକ ଆସି ରହୁଥିଲେ। ସେମାନଙ୍କର ଏକ ୧୮ମାସର ଶିଶୁ ପୁତ୍ର ରହିଛି। ଗତ ଦୁଇମାସ ତଳେ କଟକରୁ ଭୁବନେଶ୍ୱର ଚାଲି ଆସି ତେଲୁଗୁ ବସ୍ତିରେ ଏକ ଘର ଭଡା ନେଇ ରହୁଥିଲେ। ମାମା କାହା ସହ ଫୋନ୍‌ରେ କଥା ହେଉଥିବାରୁ ତାଙ୍କ ଚରିତ୍ରକୁ ନେଇ ସାଗରଙ୍କ ମନରେ ସନ୍ଦେହ ହେବା ସହ ଏହାକୁ ନେଇ ଦୁହିଁଙ୍କ ମଧ୍ୟରେ ଝଗଡ଼ା ହେଉଥିଲା। ମଙ୍ଗଳବାର ଉଭୟଙ୍କ ମଧ୍ୟରେ ପୁନର୍ବାର ଝଗଡା ହେବା ସହିତ ଉଗ୍ରରୂପ ନେଇଥିଲା। ସାଗର ଉତ୍‌କ୍ଷିପ୍ତ ହୋଇ ସ୍ତ୍ରୀଙ୍କୁ ମାଡ଼ ମାରିବା ସହ ତଣ୍ଟିଚିପି ହତ୍ୟା କରିଥିଲେ। ଘର ମାଲିକାଣୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା (ନଂ.୧୬୭/୨୦୨୩) ରୁଜୁ କରି ଅଭିଯୁକ୍ତ ସାଗରଙ୍କୁ ଗିରଫ କରିଥିଲା।

ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଭରୁଆମୁଣ୍ଡା
ODISHA ADARSHA VIDYALAYA, BHARUAMUNDA
BLOCK-BELPADA, DIST-BALANGIR
Govt. of Odisha, Under Ministry of School & Mass Education
Email - oavbharuamunda@gmail.com

U-DISE CODE- 21240407003 CBSE Affiliation No. 1520382
Letter No.519/OAV/BRM/2023 Date:18.04.2023

WALK-IN INTERVIEW

A walk- in-interview will be held on dt.01-05-2023 (MONDAY) at 10.30 AM. in the premises of Odisha Adarsha Vidyalaya, Bharuamunda , Belpada, Bolangir for the engagement of the post mentioned in the table below , purely on a temporary basis tor the academic session 2023-24 or till the vacancy is filled up, whichever is earlier. The interested candidate, who is below 65 years of age only, can attend the interview. The candidate must come with their original certificates along with photocopy of the same.

| Serial No. | Name of the Post | Total No. of Vacancy | Essential Qualification & Eligibility | Monthly Salary |
|---|---|---|---|---|
| 01 | TGT English | 01 | Graduation in the concerned subject alongwith B.Ed. Degree | Rs.20000/- |

For details visit the Balangir district website (www.balangir.nic.in)
N.B.: No TA/DA will provided for attending this interview.
SD./-PRINCIPAL
OAV BHARUAMUNDA, BELPADA, BALANGIR

## ଚୋରା ମୋବାଇଲ ଫୋନ୍ ବିକ୍ରିବେଳେ ୨ ଗିରଫ

ଭୁବନେଶ୍ୱର,୧୯।୪ (ବ୍ୟୁରୋ)

ଚୋରା ମୋବାଇଲକୁ କମ୍ ଦାମ୍‌ରେ କିଣି ଅଧିକରେ ବିକ୍ରି କରୁଥିବାବେଳେ କ୍ୟାପିଟାଲ ଥାନା ପୋଲିସ ସଂପୃକ୍ତ ୨ଜଣ ଯୁବକଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସ୍ଥାନୀୟ ବଡଗଡ ଥାନା ଅଞ୍ଚଳର ଦୀପକ ସାହା ଓ ଜୟନ୍ତ କୁମାର ସେଠୀ। ସେମାନଙ୍କ ୩ଟି ଚୋରା ମୋବାଇଲ ଜବତ କରାଯାଇଛି। ସୂଚନାନୁସାରେ, ଅଭିଯୁକ୍ତଦ୍ୱୟ ୟୁନିଟ୍-୨ ବଜାର ନିକଟରେ ଚୋରା ମୋବାଇଲ ଫୋନ ବିକ୍ରି ଲାଗି ଗ୍ରାହକ ଖୋଜୁଥିବା ପୋଲିସ ସୂଚନା ପାଇବା ପରେ ପାଟ୍ରୋଲିଂ ଟିମ୍ ଘଟଣା ସ୍ଥଳରେ ଚଢାଉ କରି ସେମାନଙ୍କୁ କାବୁ କରିଥିଲା। ଯାଞ୍ଚବେଳେ ଉଭୟଙ୍କ ନିକଟରୁ ୩ ଗୋଟି ଚୋରା ମୋବାଇଲ ଜବତ ହୋଇଥିଲା। ପଚରାଉଚରାବେଳେ ଅଭିଯୁକ୍ତଦ୍ୱୟ ଏହି ଚୋରା ମୋବାଇଲ ଗୁଡ଼ିକୁ ଜଣେ ଅଚିହ୍ନା ବ୍ୟକ୍ତିଙ୍କ ନିକଟରୁ କମ୍ ଦାମରେ କିଣିଥିବା କଥା କହିଥବଲେ।

## ଜଳଦାନ କେନ୍ଦ୍ରର ଶୁଭାରମ୍ଭ

ଯାଜପୁର ଟାଉନ,୧୯।୪(ଡି.ଏନ.ଏ.):

ଯାଜପୁରର ସାଂସ୍କୃତିକ ଅନୁଷ୍ଠାନ ଅନ୍ୱେଷଣ ଥିଏଟର ଗ୍ରୁପ୍ ପକ୍ଷରୁ ଯାଜପୁର ଟାଉନସ୍ଥିତ ଗାନ୍ଧୀ ଛକଠାରେ ଜଳଦାନ କେନ୍ଦ୍ର ଶୁଭାରମ୍ଭ କରାଯାଇଛି। ଏହିକେନ୍ଦ୍ରକୁ ଯାଜପୁର ଅତିରିକ୍ତ ଜିଲାପାଳ ଦୁଃଖବନ୍ଧୁ ନାୟକ, ଯାଜପୁର ପୌରପରିଷଦ ଅଧ୍ୟକ୍ଷା ରଞ୍ଜୁଲତା ହୋତା, ଉପାଧ୍ୟକ୍ଷ ସନ୍ତୋଷ କୁମାର ମଲ୍ଲିକ, ଅନ୍ୱେଷଣର ମୁଖ୍ୟ ଉପଦେଷ୍ଟା ପଣ୍ଡିତ ଭୂପତି ଭୂଷଣ ମିଶ୍ର, ଉପଦେଷ୍ଟା ହରିହର ସ୍ୱାଇଁ ଯୋଗଦେଇ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନ ସଭାପତି ବୃନ୍ଦାବନ ମିଶ୍ର, ଉପସଭାପତି ସୁବାସ ଚନ୍ଦ୍ର ଦେବତା, ସାଂସ୍କୃତିକ ସମ୍ପାଦକ ଶଙ୍କର ସାହୁ, କୋରକମିଟିର ଅଧ୍ୟକ୍ଷ ସେକ୍ ଅବ୍ଦୁଲ୍ ସାଜିଦ୍, ସମରଜିତ୍ ମହାନ୍ତି , ଅନିଲ୍ କୁମାର ଜେନା, ସ୍ୱାତୀ ପଣ୍ଡା, ମାମାଲି ସାହୁ, ତପସ୍ୱିନୀ ମଲ୍ଲିକ, ମୋନାଲିସା ବେହେରା, ଜମୁନା ସାହୁ ଓ ତାନିୟା ପ୍ରିୟଦର୍ଶନୀ ବେହେରା ପ୍ରମୁଖ ସାମିଲ ହୋଇଥିଲେ। ସମ୍ପାଦକ ଅଭିମନ୍ୟୁ ମିଶ୍ର ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

GOVT. OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, NUAPADA
Email: rd_nuapada@rediffmail.com
BID IDENTIFICATION NO. RWNPD-01 (ONLINE) OF 2023-24
"e" PROCUREMENT NOTICE

No.O-67:- Bid documents consisting of Work, Estimated Cost, Cost of tender paper, EMD/ BID security, Time of completion, Class of contractor and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in

1 Name of the work : Bridge work in the District of Nuapada as mentioned in DTCN
2 Total No. works : 01 No.
3 Estimated cost : Rs.59.29 Lakhs
4 Period of completion : 01 (One) calendar month
5 Other details :

| Procurement Officer | Bid Identification No. | Availability of tender online for bidding | | Last date & time of seeking tender clarification | Date & time of opening of bid | |
|---|---|---|---|---|---|---|
| | | From | To | | Technical bid | Financial bid |
| Superintending Engineer, Rural Works Division, Nuapada | RWNPD-01/ 2023-24 (Online) | 25.04.2023 at 10.00 A.M. | 09.05.2023 upto 5.00 P.M. | 08.05.2023 upto 02.00 P.M. | 10.05.2023 at 11.00 A.M. | Will be intimated later on |

Further details can be seen from the website www.tendersorissa.gov.in
OIPR-25050/11/0001/2324 Sd./- Executive Engineer, Rural Works Division, Nuapada

## ରାଜ୍ୟର ପ୍ରଥମ ଆଦର୍ଶ ମହିଳା ଭେଣ୍ଡିଂ ଜୋନ୍ ଖୋଲିଲା

**ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ**

ଭୁବନେଶ୍ୱର,୧୯।୪(ବ୍ୟୁରୋ)

ରାଜଧାନୀରେ ଖୋଲିଲା ରାଜ୍ୟର ପ୍ରଥମ ଆଦର୍ଶ ମହିଳା ଭେଣ୍ଡିଂ ଜୋନ୍। ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ପକ୍ଷରୁ ଡୁମୁଡୁମା କସ୍‌ମୋପୋଲିସ୍ ଅଞ୍ଚଳରେ ନିର୍ମିତ ଏହି ଭେଣ୍ଡିଂ ଜୋନ୍‌କୁ ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଛନ୍ତି। ଏହି ଭେଣ୍ଡିଂ ଜୋନ୍‌ରେ ୪୧ଟି ଦୋକାନ ଘର ରହିଥିବାବେଳେ ଏହାର ପରିବେଶକୁ ଅତ୍ୟାଧୁନିକ ରୂପ ଦିଆଯାଇଛି। ସୁନ୍ଦର ଆଲୋକ ଓ ସ୍ୱଚ୍ଛ ପାନୀୟ ଜଳର ବ୍ୟବସ୍ଥା ସହ ଶୌଚାଳୟର ସୁବିଧା ରହିଛି। ସେହିପରି ଗ୍ରାହକଙ୍କ ବସିବା ପାଇଁ ସ୍ଥାନ ଓ ପାର୍କିଂର ବନ୍ଦୋବସ୍ତ କରାଯାଇଛି। ସ୍ଥାନୀୟ ଅଭିରାମ ଆଞ୍ଚଳିକ ମହିଳା ମହାସଂଘ ଏହାର ନିର୍ମାଣ ଦାୟିତ୍ୱ ନେଇଥିବାବେଳେ ଏଠାରେ ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ନିଜେ ଉତ୍ପାଦନ କରିଥିବା ବିଭିନ୍ନ ସାମଗ୍ରୀ ବିକ୍ରି କରିବେ।


ମୁଖ୍ୟମନ୍ତ୍ରୀ ଏକ ଭେଣ୍ଡିଂ ଜୋନ୍‌ର ଉଦ୍‌ଘାଟନ କରୁଛନ୍ତି।

ଭେଣ୍ଡିଂ ଜୋନ୍ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟମନ୍ତ୍ରୀଙ୍କ ସହ ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀ, ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ମେୟର ସୁଲୋଚନା ଦାସ ପ୍ରମୁଖ ଯୋଗଦେଇଥିଲେ। ପାରମ୍ପରିକ ନୃତ୍ୟଗୀତ ସହ ଶଙ୍ଖବାଦନ ତଥା ହୁଳହୁଳି ପକାଇ ମହିଳାମାନେ ଅତିଥିଙ୍କୁ ସ୍ୱାଗତ କରିଥିଲେ। ଆଗାମୀ ଦିନରେ ମହାନଗର ନିଗମାଞ୍ଚଳରେ ଅଧିକ ସଂଖ୍ୟକ ମହିଳା ଭେଣ୍ଡିଂ ଜୋନ୍ ନିର୍ମାଣ କରାଯିବ ଓ ଏଥିରେ ଅଧିକରୁ ଅଧିକ ମହିଳା ଲାଭବାନ ହେବେ ବୋଲି ମନ୍ତ୍ରୀ ଉଷାଦେବୀ କହିଛନ୍ତି। ମେୟର ସୁଲୋଚନା ଦାସ କହିଲେ, ମହିଳାଙ୍କ ବିକାଶ ଦିଗରେ ମୁଖ୍ୟମନ୍ତ୍ରୀ ଯେଉଁ ସ୍ୱପ୍ନ ଦେଖିଛନ୍ତି, ତାହାକୁ ପୂରଣ କରିବାର ଏହା ଏକ ଛୋଟ ପ୍ରୟାସ। ମହିଳାମାନେ ପ୍ରସ୍ତୁତ କରୁଥିବା ସାମଗ୍ରୀର ବଜାର ସୃଷ୍ଟି ସହ ସେମାନେ କିପରି ଜଣେ ଜଣେ ସଫଳ ଉଦ୍ୟୋଗୀ ହୋଇପାରିବେ ସେଥିପ୍ରତି ଗୁରୁତ୍ୱ ଦିଆଯାଉଥିବା ସେ କହିଥିଲେ। ବିଧାୟକ ସୁଶାନ୍ତ ରାଉତ, ବିଧାୟକ ଅନନ୍ତ ନାରାୟଣ ଜେନା, ବିଏମ୍‌ସି ଡେପୁଟି ମେୟର ମଞ୍ଜୁଲତା କହଁର, ବିଭିନ୍ନ ୱାର୍ଡର କର୍ପୋରେଟରଙ୍କ ସମେତ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି)ର ମହିଳାମାନେ ଉପସ୍ଥିତ ଥିଲେ। ତେବେ ମୁଖ୍ୟମନ୍ତ୍ରୀ ମହିଳାଙ୍କ ଦୋକାନ ଘର ବୁଲି ଦେଖିବା ସହ କିଛି ଅଭିଭାଷଣ ଦେବେ ବୋଲି ସମସ୍ତେ ଅପେକ୍ଷା କରିଥିଲେ। ହେଲେ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନୀ ଫଳକ ଅନାବରଣ କରି କିଛି ମିନିଟ୍ ମଧ୍ୟରେ ଫେରିଯିବାରୁ ଅନେକଙ୍କ ମଧ୍ୟରେ ନିରାଶା ଭାବ ଦେଖିବାକୁ ମିଳିଥିଲା।

ପୂର୍ବ ତଟ ରେଳପଥ

(1) ଇ-ଟେଣ୍ଡର ବିଜ୍ଞପ୍ତି ସଂ.: e-Tender-Elect-G-01-23
କାର୍ଯ୍ୟର ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ସମସ୍ତ NSG 2,3,4,5 ବର୍ଗ ଷ୍ଟେସନଗୁଡ଼ିକ ଠାରେ LED ସାଇନେଜ୍ (Signage)ର ବ୍ୟବସ୍ଥା ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 1,86,57,347.70
EMD (ଟଙ୍କାରେ): 2,43,300/-

(2) ଇ-ଟେଣ୍ଡର ବିଜ୍ଞପ୍ତି ସଂ.: e-Tender-Elect-G-02-23
କାର୍ଯ୍ୟର ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ବିଭିନ୍ନ ସ୍ଥାନଗୁଡ଼ିକ ଠାରେ ରନିଙ୍ଗ୍ ପ୍ରକୋଷ୍ଠଗୁଡ଼ିକରେ ସୌର ୱାଟର ହିଟର ପ୍ଲାଣ୍ଟର ବ୍ୟବସ୍ଥା ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 41,29,737.21
EMD (ଟଙ୍କାରେ): 82,600/-

(3) ଇ-ଟେଣ୍ଡର ବିଜ୍ଞପ୍ତି ସଂ.: e-Tender-Elect-G-03-23
କାର୍ଯ୍ୟର ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର 87 କୋଚ୍‌ଗୁଡ଼ିକ ନିମନ୍ତେ ଉଚ୍ଚ କ୍ଷମତା ବିଶିଷ୍ଟ IV କପଲର (500 Amps) ଏବଂ 150 sq mm ଫିଡର କେବୁଲର କ୍ରୟ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 48,25,020/-
EMD (ଟଙ୍କାରେ): 96,500/-

(4) ଇ-ଟେଣ୍ଡର ବିଜ୍ଞପ୍ତି ସଂ.: e-Tender-Elect-G-04-23
କାର୍ଯ୍ୟର ବିବରଣୀ : ରେଳକୁଞ୍ଜ, ଚନ୍ଦ୍ରଶେଖରପୁର ଠାରେ ଲିଫ୍ଟଗୁଡ଼ିକର ବ୍ୟବସ୍ଥା ସହିତ ଟ୍ରାଞ୍ଜିଟ୍ ବ୍ଲକ୍ 1 ଏବଂ 2 ରେ ଆବାସ ସୁବିଧାର ଉନ୍ନୟନ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 34,43,632.78
EMD (ଟଙ୍କାରେ): 68,900/-

ଶେଷ ହେବା ଅବଧି : 06 ମାସ (କ୍ରମ ସଂ. 1,2 ଏବଂ 4 ପାଇଁ) ଏବଂ 12 ମାସ (କ୍ରମ ସଂ. 3 ପାଇଁ) ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.08.05.2023 ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ) ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।
ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ । ନିର୍ଦ୍ଦେଶାବଳୀ ଅନୁଯାୟୀ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜାତ ନିଶ୍ଚିତ ଭାବେ ଅପଲୋଡ୍ ହେବା ଆବଶ୍ୟକ ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।
ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (OP)
ଖୋର୍ଦ୍ଧା ରୋଡ଼
PR-69/O/23-24

झारखण्ड सरकार
ग्रामीण कार्य विभाग, मुख्य अभियंता का कार्यालय
102, द्वितीय तल्ला, अभियंत्रण भवन, कचहरी रोड, राँची

ई–अल्पकालीन पुनर्निविदा आमंत्रण सूचना

ई–अल्पकालीन पुनर्निविदा संख्या:- 238/RII/2023-24/RWD/LATEHAR दिनांक :- 19.04.2023

मुख्य अभियंता, ग्रामीण कार्य विभाग, झारखण्ड, राँची द्वारा निम्न विवरण के अनुसार e-procurement पद्धति से पैकेज के रूप में निविदा आमंत्रित की जाती है।

| क्र0 सं0 | आईडेन्टी फिकेशन संख्या/पैकेज संख्या | कार्य का नाम | प्राक्कलित राशि (रूपये में) | | कार्य समाप्ति की अवधि | टेण्डर कॉल नं0 |
|---|---|---|---|---|---|---|
| | | | अंक में | अक्षर में | | |
| 1. | RWD/ LATEHAR/10/ SRPKG-01/ 2022-23 | (i) सुरकुमी गाँव से चिरोपाट कुकुद पथ तक पथ का विशेष मरम्मति कार्य (लं– 5.600 कि0मी0)<br>(ii) पोखरीकला से कुसाहाबथान औरंगानदी तक पथ का विशेष मरम्मति कार्य (लं– 1.900 कि0मी0)<br>(iii) केन्द्रीय विद्यालय लातेहार से भाया मोंगरा तुरुडीह, निन्दिर तक पथ का विशेष मरम्मति कार्य (लं– 8.200 कि0मी0)<br>(iv) चटनाही पी0डब्लू0डी0 रोड से बाजकुम आर0ई0ओ0 रोड भाया नवोदय स्कूल तक पथ का विशेष मरम्मति कार्य (लं– 3.100 कि0मी0) | 8,23,80,290.00 | आठ करोड़ तेईस लाख अस्सी हजार दो सौ नब्बे रू0 मात्र | 15 माह | तृतीय |

2. वेबसाईट में निविदा प्रकाशन की तिथि:– 25.04.2023
3. ई–निविदा प्राप्ति की अंतिम तिथि एवं समय:– 04.05.2023 अपराह्न 5.00 बजे तक।
4. (क) मुख्य अभियंता कार्यालय, ग्रामीण कार्य विभाग, अभियंत्रण भवन, कचहरी, राँची अथवा (ख) जिला नियंत्रण कक्ष, राँची अथवा (ग) जिला नियंत्रण कक्ष, लातेहार में से किसी भी कार्यालय में निविदा शुल्क एवं अग्रधन की राशि जमा करने की अंतिम तिथि एवं समय:– 08.05.2023 अपराह्न 3.30 बजे तक।
5. निविदा शुल्क एवं अग्रधन की राशि स्पीड पोस्ट के माध्यम से भी मुख्य अभियंता, ग्रामीण कार्य विभाग, 102, द्वितीय तल्ला, अभियंत्रण भवन, कचहरी चौक, राँची, झारखण्ड, पिन– 834001 को भेजा जा सकता है। यह निविदाकार की जिम्मेवारी होगी कि स्पीड पोस्ट के माध्यम से भेजा जाने वाला निविदा शुल्क एवं अग्रधन की राशि निर्धारित तिथि एवं समय (08.05.2023 अपराह्न 3.30 बजे तक) से पूर्व प्राप्त हो जाय। अंतिम तिथि एवं समय से पूर्व प्राप्त निविदा शुल्क एवं अग्रधन की राशि पर ही विचार किया जायेगा।
6. निविदा खोलने की तिथि एवं समय:– 09.05.2023 अपराह्न 3.30 बजे।
7. निविदा आमंत्रित करने वाले पदाधिकारी का नाम एवं पता:– मुख्य अभियंता, ग्रामीण कार्य विभाग, 102, द्वितीय तल्ला, अभियंत्रण भवन, कचहरी चौक, राँची, झारखण्ड, पिन– 834001
8. ई–निविदा प्रकोष्ठ का दूरभाष सं0– 0651–2207818
9. निविदा शुल्क झारखण्ड राज्य में अवस्थित भारतीय स्टेट बैंक/राष्ट्रीयकृत बैंक/अनुसूचित बैंक द्वारा निर्गत बैंक ड्राफ्ट के रूप में जो कार्यपालक अभियंता, ग्रामीण कार्य विभाग, कार्य प्रमण्डल, लातेहार के पक्ष में एवं लातेहार में भुगतेय जमा करना होगा जो लौटाया नहीं जायेगा।

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।
नोडल पदाधिकारी
ई–प्रोक्युर्मन्ट सेल
PR.NO.295513 Rural Work Department(23-24):D

## ସଂକ୍ଷେପରେ

### ଖଣ୍ଡପଡ଼ା ତହସିଲଦାର, କଣ୍ଟିଲୋ ଆର୍‌ଆଇଙ୍କ ନାମରେ ମାମଲା

**ନୟାଗଡ଼ ଅଫିସ,୧୯।୪:** ନୟାଗଡ଼ ଜିଲା ଦୌରାଜଜଙ୍କ କୋର୍ଟରେ ଖଣ୍ଡପଡ଼ା ତହସିଲଦାର ଲିପ୍ସା ରାୟ, କଣ୍ଟିଲୋ ଆର୍‌ଆଇ ହେମନ୍ତ କୁମାର ସାହୁ, ବଳରାମ ପ୍ରସାଦର ଅଶୋକ କୁମାର ସାହୁ, ଲଣ୍ଡା ପରିଡା, ପ୍ରଫୁଲ୍ଲ କୁମାର ସ୍ୱାଇଁ, ଶଙ୍କର ରାଉତ, ନାରଣ ପାଣିଗ୍ରାହୀଙ୍କ ସମେତ ୭ଜଣଙ୍କ ନାଁରେ ଆଟ୍ରୋସିଟ କମ୍ପ୍ଲେନ କେଶ ୩୩୯/୨୩ ହୋଇଛି। ମାମଲାରେ ୩୨୩, ୨୯୪, ୫୦୬ ଆଇପିସି, ସେକ୍ସନ ୩ ଏସ୍‌ସି/ଏସ୍‌ଟି ଆକ୍ଟ ୧୯୮୯, ୩୪ ଆଇପିସି ଦଫା ରହିଛି। ବଳରାମପ୍ରସାଦ ଧୋବାସାହିର କୃଷ୍ଣଚନ୍ଦ୍ର ସେଠୀଙ୍କ ଅଭିଯୋଗ ଅନୁସାରେ ବଳରାମପ୍ରସାଦ ଧୋବାସାହିର କୋଠଘର ଏପ୍ରିଲ ୧୧ ମଧ୍ୟାହ୍ନରେ ଜବରଦଖଲ ଉଚ୍ଛେଦ କରାଯାଇଥିଲା। ଉଚ୍ଛେଦ ସମୟରେ ତାଙ୍କର ଜାତି ପ୍ରତି ଆକ୍ଷେପ ସହ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରାଯାଇଥିଲା। କୋର୍ଟ କଚେରୀରେ ମାମଲା କଲେ ଜୀବନରେ ମାରି ଦେବାର ଧମକ ଦିଆ ଯାଇଥିଲା। ଥାନାରେ ଅଭିଯୋଗ କରାଯାଇଥିଲେ ମଧ୍ୟ ପୋଲିସ ଘଟଣାକୁ ଅଣଦେଖା କରିଥିଲା ବୋଲି କୃଷ୍ଣଚନ୍ଦ୍ର ସେଠୀଙ୍କ ଓକିଲ ତ୍ରିନାଥ ନାୟକ କହିଛନ୍ତି।

### ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଜାରି, ଖୋଲୁନି ଜଳଛତ୍ର

**ଖଣ୍ଡପଡ଼ା,୧୯।୪(ସ୍ୱ.ପ୍ର.):** ସମ୍ପ୍ରତି ସାରା ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ ବି ସେଥିରୁ ବାଦ୍ ପଡ଼ିନି। ପ୍ରଚଣ୍ଡ ରୌଦ୍ରତାପର ପ୍ରଭାବ ଯୋଗୁ ଅସହ୍ୟ ଗୁଳୁଗୁଳି ଅନୁଭୂତ ହେଉଛି। ପ୍ରତିବର୍ଷ ପ୍ରଶାସନ ପକ୍ଷରୁ ବିଭିନ୍ନ ସ୍ଥାନରେ ଜଳଛତ୍ର ଖୋଲା ଯାଇ ଜନସାଧାରଣଙ୍କ ନିମନ୍ତେ ପାନୀୟ ଜଳର ବ୍ୟବସ୍ଥା କରାଯାଇଥାଏ। ହେଲେ ଚଳିତ ବର୍ଷ ଜଳଛତ୍ରର ବ୍ୟବସ୍ଥା କରାଯାଇ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଖଣ୍ଡପଡ଼ା ଏନଏସି କାର୍ଯ୍ୟାଳୟ ପକ୍ଷରୁ ସହରାଞ୍ଚଳର କେଉଁଠାରେ ହେଲେ ଏବେ ସୁଦ୍ଧା ଜଳଛତ୍ର ଖୋଲା ଯାଇ ନ ଥିବା ବେଳେ ଖଣ୍ଡପଡ଼ା ଜନସ୍ୱାସ୍ଥ୍ୟ ବିଭାଗ କର୍ତ୍ତୃପକ୍ଷ ମଧ୍ୟ ଏଥିପ୍ରତି ଦୃଷ୍ଟି ଦେଇ ନ ଥିବା ଅଭିଯୋଗ ହୋଇଛି। ପ୍ରତିବର୍ଷ ଗ୍ରୀଷ୍ମ ଋତୁର ପ୍ରାରମ୍ଭରେ ଖଣ୍ଡପଡ଼ା ସହରାଞ୍ଚଳର ପ୍ରମୁଖ ଛକରେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପାଣି ଟ୍ୟାଙ୍କରର ବ୍ୟବସ୍ଥା କରାଯାଉଥିଲା। ହେଲେ ଚଳିତ ବର୍ଷ ସେଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ଖଣ୍ଡପଡ଼ା ସହରର ବସ୍‌ଷ୍ଟାଣ୍ଡ, ରଥଗଡ଼ା ଛକ, ବ୍ଲକ ଓ ତହସିଲ କାର୍ଯ୍ୟାଳୟ ସମେତ ଥାନା ଓ ଡ଼ାକ୍ତରଖାନା ଛକରେ ଜଳଛତ୍ର ଖୋଲିବା ନିମନ୍ତେ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି। ଖଣ୍ଡପଡ଼ା ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜନସ୍ୱାସ୍ଥ୍ୟ ବିଭାଗ ସହକାରୀ ଯନ୍ତ୍ରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

# ଜିଲାପାଳଙ୍କୁ ଭେଟିଲେ ୧୫ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ

### ହରିଡାବନ୍ଧ ମୌଜାରେ କରାଯାଉ ଆଦର୍ଶ ବିଦ୍ୟାଳୟ

**ନୟାଗଡ଼ ଅଫିସ,୧୯।୪**

ନୂଆଗାଁ ବ୍ଲକର ଓଡ଼ିଶା ଆଦର୍ଶ ବିଦ୍ୟାଳୟ ମହିପୁର ନିକଟସ୍ଥ ହରିଡାବନ୍ଧ ମୌଜାରେ କରାଯାଉ ବୋଲି ବ୍ଲକର ୧୫ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟଙ୍କ ସମେତ ନୂଆ ବ୍ଲକ ଚେୟାରମ୍ୟାନ୍ ଓ ଭାଇସ ଚେୟାରମ୍ୟାନ ଜିଲାପାଳଙ୍କୁ ବୁଧବାର ଭେଟି ଅନୁରୋଧ କରିଛନ୍ତି। ଏନେଇ ଏକ ସ୍ମାରକପତ୍ର ମଧ୍ୟ ଦେଇଛନ୍ତି।

ଅଭିଯୋଗ ଅନୁସାରେ ନୂଆଗାଁ ବ୍ଲକର ମହିପୁର ହେଉଛି ମଧ୍ୟବର୍ତ୍ତୀ ଅଞ୍ଚଳ। ଏହା ଶୈକ୍ଷିକ, ସାଂସ୍କୃତିକ, ବ୍ୟବସାୟିକ ଓ ଯୋଗାଯୋଗ କ୍ଷେତ୍ରରେ ମଧ୍ୟ କେନ୍ଦ୍ରସ୍ଥଳୀ। ପୁଣି ମହିପୁରରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, କେନ୍ଦ୍ର ସମବାୟ ବ୍ୟାଙ୍କର ଶାଖା, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗର କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଜଳସେଚନ ବିଭାଗର କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ମଧ୍ୟ ରହିଛି। ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପାଇଁ ସ୍ଥାନ ଚୟନ ନିମନ୍ତେ ଜିଲାପାଳଙ୍କ କାର୍ଯ୍ୟାଳୟର ୧୦୫୩, ୧୩।୭।୨୦୨୦ ଓ ନୂଆଗାଁ ତହସିଲଦାର ପତ୍ରାଙ୍କ ସଂଖ୍ୟା ୩୦୩୨,୮।୧୧।୨୦୧୯ ମୁତାବକ ଜିଲା ଶିକ୍ଷା ଅଧିକାରୀ ୧୭।୬।୨୦୨୦ରେ ନୂଆଗାଁ ମହିତମା ଓ ମହିପୁର ପରି ୩ଟି ସ୍ଥାନ ପରିଦର୍ଶନ କରି ରିପୋର୍ଟ ପ୍ରଦାନ କରିଛନ୍ତି। ୩ଟି ସ୍ଥାନ ପରିଦର୍ଶନ ସମୟରେ ନୂଆଗାଁ ତହସିଲଦାର ଓ ନୟାଗଡ଼ ଉପଜିଲାପାଳ ଉପସ୍ଥିତ ଥିଲେ। ୩ଟି ସ୍ଥାନ ମଧ୍ୟରୁ ମହିପୁର ନିଟସ୍ଥ ମହିପୁର ବାହାଡାଝୋଲା ରାସ୍ତାର ହରିଡାବନ୍ଧ ବେଛାପୁରୀ ମୌଜା ୨୫ ଏକର ୬୨ ଡେସିମିଲ ଜମି ଗୋଚର ଜମ ଉପଯୁକ୍ତ ବୋଲି କୁହାଯାଇଛି। ଏଠାରେ ସ୍କୁଲ କରା ନ ଯାଇ ଅନ୍ୟ କେଉଁଠି କରାଗଲେ ଛାତ୍ରୀଛାତ୍ରଙ୍କ ପାଇଁ ଉପଯୁକ୍ତ ହେବନି। ୨୦୨୨-୨୩ ଆର୍ଥିକ ବର୍ଷରେ ଷଷ୍ଠ ଶ୍ରେଣୀରେ ନାମ ଲେଖାଇ ଥିବା ମାଳିସାହି, ମହିପୁର ଓ ବାହାଡାଝୋଲାର ୮ ଛାତ୍ରୀଛାତ୍ର ନିଜ ଘରଠାରୁ ନୂଆଗାଁ ବିଭିନ୍ନ କ୍ଷେତ୍ରରେ ଅସୁବିଧା ଦେଖାଇ ଟିସି ନେଇ ଯାଇଥିଲେ। ଏଣୁ ସବୁ ଦୃଷ୍ଟିକୁ ଗୁରୁତ୍ୱ ଦେଇ ହରିଡାବନ୍ଧ ଅଞ୍ଚଳକୁ ଗୁରୁତ୍ୱ ଦେଇ ସ୍କୁଲ ନିର୍ମାଣ କରାଯାଉ ବୋଲି ଅନୁରୋଧ କରାଯାଇଛି। ସୁଦର୍ଶନ ସିଠ, ତ୍ରିନାଥ ବେହେରା, ଧିରେନ ଦାଶ, ରାଜେନ୍ଦ୍ର ପାତ୍ର, ରତ୍ନାକର ପ୍ରଧାନ, ଆଲୋକ ଦାସ, ଶିବରାମ ଡାକୁଆ, ଧିରେନ ସାହୁ, ବ୍ରଜବନ୍ଧୁ ବେହେରା ଓ ଲୁଟୁ ଦାସଙ୍କ ନେତୃତ୍ୱରେ ଜିଲାପାଳଙ୍କୁ ସ୍ଥାନୀୟ ବାସିନ୍ଦା ଓ ଜନ ପ୍ରତିନିଧି ଭେଟିଥିଲେ।



ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ସରପଞ୍ଚ ଓ ସମିତି ସଭ୍ୟ।

# ବିଦ୍ୟୁତ୍ ବିଭାଗ ଉର୍ଜା ମେଳାରେ ୨୫ ସ୍କୁଲର ଶହେ ଛାତ୍ରୀଛାତ୍ର

**ନୟାଗଡ଼ ଅଫିସ,୧୯।୪**

ନୟାଗଡ଼ ସହରର ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ବୁଧବାର ବିଦ୍ୟୁତ୍ ବିଭାଗ ପକ୍ଷରୁ ଆର୍ଥିକ ବର୍ଷର ପ୍ରଥମ ଉର୍ଜା ମେଳା ଅନୁଷ୍ଠିତ ହୋଇଯାଇଛି। ଗ୍ରୀଷ୍ମ ଋତୁରେ ଅଧିକ ବିଦ୍ୟୁତ୍ ଶକ୍ତି ଆବଶ୍ୟକ ହେଉଥିବାରୁ ଆଗାମୀ ପିଢ଼ିଙ୍କ ଉଦ୍ଦେଶ୍ୟରେ ସବୁଜ ଭବିଷ୍ୟତକୁ ଧ୍ୟାନରେ ରଖି ବିଦ୍ୟୁତ୍‌ର ସଠିକ ବ୍ୟବହାର କରିବା ନିହାତି ଜରୁରୀ ବୋଲି ଏଥିରେ ସଚେତନତା ସୃଷ୍ଟି କରାଯାଇଥିଲା। ୨୫ ବିଦ୍ୟାଳୟର ପ୍ରାୟ ଶତାଧିକ ଛାତ୍ରୀଛାତ୍ର ଭାଗ ନେଇ ଉର୍ଜାମେଳାର ପୋଷ୍ଟର ଡିଜାଇନ, ସ୍ଲୋଗାନ ଏବଂ ବିଜ୍ଞାନ ପ୍ରଦର୍ଶନୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏଥିରେ ସଚେତନ ହୋଇଥିବା ଛାତ୍ରୀଛାତ୍ର ରାଷ୍ଟ୍ରଦୂତ ଭାବେ ଆଗକୁ ଭାର ବହନ କରିବାକୁ ସୁଯୋଗ ପାଇବେ। ବୁଧବାରର ପ୍ରତିଯୋଗିତା ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିବା ସହ ଆଞ୍ଚଳିକସ୍ତରରେ ବୈଦ୍ୟୁତିକ ବିଭାଗର ଏକ ସକାରାତ୍ମକ ଭାବମୂର୍ତ୍ତିକୁ ମଧ୍ୟ ପ୍ରୋତ୍ସାହିତ କରିବ ବୋଲି ବକ୍ତାମାନେ କହିଥିଲେ। ଏଥିରେ ଟିପିସିଓଡିଲର ଗ୍ରାହକ ସେବା ମୁଖ୍ୟ ପ୍ରଦୀପ ଘୋଷାଲ, ମୁଖ୍ୟ ନିର୍ବାହୀଯନ୍ତ୍ରୀ ସନ୍ତୋଷ କୁମାର ମହାପାତ୍ର, ନୟାଗଡ଼ ସହକାରୀ ଯନ୍ତ୍ରୀ ଆଦିତ୍ୟ କୁମାର ଦାଶ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉମାକାନ୍ତ ସେଠୀ ଅତିଥି ରୂପେ ଯୋଗ ଦେଇଥିଲେ।



ବିଦ୍ୟୁତ୍ ସଂରକ୍ଷଣ ପ୍ରକଳ୍ପକୁ ଜଣେ ଛାତ୍ର ପ୍ରଦର୍ଶନ କରୁଛନ୍ତି।

# ଜ୍ଞାନାର୍ଥ ପବ୍ଲିକ ସ୍କୁଲର ସ୍ୱାଗତ ଉତ୍ସବ



କୁନି କୁନି ଛାତ୍ରୀଛାତ୍ର ନୃତ୍ୟ ପରିବେଷଣ କରୁଛନ୍ତି।

**ଦଶପଲ୍ଲା,୧୯।୪(ଡି.ଏନ.ଏ.)**

ବୁଧବାର ଦଶପଲ୍ଲା ଜ୍ଞାନାର୍ଥ ପବ୍ଲିକ ସ୍କୁଲର ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ବିଦ୍ୟାଳୟର ସଭାପତି ପ୍ରଫେସର ହୁକୁମ ସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ସମ୍ମାନୀତ ଅତିଥି ଭାବେ ଦଶପଲ୍ଲା ତହସିଲଦାର ଶ୍ରୀକୁମାର ରଥ ଯୋଗ ଦେଇଥିଲେ। ଅନ୍ୟତମ ଅତିଥିଭାବେ ପୂର୍ବତନ ନାବାର୍ଡ ଜି.ଏମ. କୃଷ୍ଣ ଚନ୍ଦ୍ର ମିଶ୍ର, ବରିଷ୍ଠ ଆଇନଜୀବୀ ଗୌର ଚନ୍ଦ୍ର ମିଶ୍ର, ସମ୍ପାଦିକା ଅରୁନ୍ଧତୀ ମୁଖାର୍ଜୀ ପ୍ରମୁଖ ଉପସ୍ଥିତ ରହି ଜ୍ଞାନାର୍ଥ ପବ୍ଲିକ ସ୍କୁଲର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଉତ୍ସବରେ ବିଦ୍ୟାଳୟର ସମସ୍ତ କର୍ମଚାରୀଙ୍କ ସହ ଛାତ୍ରୀଛାତ୍ର ଓ ଅଭିଭାବକମାନେ ଯୋଗ ଦେଇଥିଲେ। ସଭାର ପ୍ରାରମ୍ଭରେ ଛାତ୍ରୀଛାତ୍ରମାନେ ନୃତ୍ୟ ପରିବେଷଣ କରିଥିଲେ।

# ଋଣ ଖିଲାପକାରୀଙ୍କ ସମ୍ପତ୍ତି ଜବତ କଲେ ବ୍ୟାଙ୍କ କର୍ତ୍ତୃପକ୍ଷ

**ଓଡ଼ଗାଁ,୧୯।୪(ସ୍ୱ.ପ୍ର)**

ଓଡ଼ଗାଁ ବ୍ଲକ୍ ପନ୍ତିଖାରୀ ପଞ୍ଚାୟତ ଓଡ଼ଗାଁ -ବାହାଡାଝୋଲା ରାସ୍ତା କୈବଲ୍ୟପୁରଠାରେ ଥିବା ଏକ ହଲର ମିଲ୍‌କୁ ଭାରତୀୟ ଷ୍ଟେଟ ବ୍ୟାଙ୍କ ଓଡ଼ଗାଁ ଶାଖା ତରଫରୁ ସିଲ୍ କରାଯାଇଛି। ଆଞ୍ଚଳିକ ବ୍ୟବସାୟିକ କେନ୍ଦ୍ର ଖୋର୍ଦ୍ଧାର ମୁଖ୍ୟ ପରିଚାଳକ ରଶ୍ମି ରଞ୍ଜନ ମିଶ୍ର, ମାଜିଷ୍ଟ୍ରେଟ ଓଡ଼ଗାଁ ଅତିରିକ୍ତ ତହସିଲଦାର ଅକ୍ଷୟ କୁମାର ବେହେରା, ଓଡ଼ଗାଁ ଆଦର୍ଶ ଥାନା ଆଇଆଇସି ପୂର୍ଣ୍ଣଚନ୍ଦ୍ର ପଟ୍ଟାୟତଙ୍କ ଏବଂ ୨ୟୁନିଟ ପୋଲିସ ଫୋର୍ସ ସହିତ ଶାଖା ପରିଚାଳକ ସନ୍ତୋଷ କୁମାର ସେଠୀଙ୍କ ଉପସ୍ଥିତିରେ ବନ୍ଧକ ଥିବା ଜାଗା ଓ ହଲର ମିଲ୍‌କୁ ବ୍ୟାଙ୍କ ନିଜ ଅଧୀନକୁ ନେଇଛି। ଏହି ଘଟଣାରେ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇ ନାହିଁ। ସୂଚନାଯୋଗ୍ୟ, ମଶାବାରୀ ରୋଡ଼ ସାହିର ପତିତପାବନ ବେହେରା ୨୦୧୩ରେ ହଲର ମିଲ୍ ଓ ବ୍ୟବସାୟିକ କେନ୍ଦ୍ର ନିର୍ମାଣ କରିବା ପାଇଁ ବ୍ୟାଙ୍କରୁ ୧୦ ଲକ୍ଷ ଟଙ୍କା ଋଣ ଆଣିଥିଲେ। ୨୦୧୫ରେ ତାହା ସୁଧମୂଳ ମିଶି ୨୦ ଲକ୍ଷ ଟଙ୍କା ହୋଇଥିଲା। ୩୦।୬। ୨୦୧୯କୁ ସେହି ମିଲ୍ ଅଚଳ ହୋଇଥିଲା। ସେଟଲମେଣ୍ଟ କରିବା ପାଇଁ ସୁଯୋଗ ଦିଆଯାଇଥିଲେ ମଧ୍ୟ ଋଣ ଗ୍ରହୀତା ପତିତପାବନ ସହଯୋଗ କରି ନ ଥିଲେ। ପର୍ଯ୍ୟାୟକ୍ରମେ ଆବଶ୍ୟକ ପ୍ରକ୍ରିୟା ସାରିବା ପରେ ବୁଧବାର ମିଲକୁ ସିଲ୍ କରାଯାଇଥିଲା।

ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଭରୁଆମୁଣ୍ଡା
ODISHA ADARSHA VIDYALAYA, BHARUAMUNDA
BLOCK-BELPADA, DIST-BALANGIR
Govt. of Odisha, Under Ministry of School & Mass Education
Email - oavbharuamunda@gmail.com

U-DISE CODE- 21240407003 CBSE Affiliation No. 1520382
Letter No.519/OAV/BRM/2023 Date:18.04.2023

WALK-IN INTERVIEW

A walk- in-interview will be held on dt.01-05-2023 (MONDAY) at 10.30 AM. in the premises of Odisha Adarsha Vidyalaya, Bharuamunda , Belpada, Bolangir for the engagement of the post mentioned in the table below , purely on a temporary basis tor the academic session 2023-24 or till the vacancy is filled up, whichever is earlier. The interested candidate, who is below 65 years of age only, can attend the interview. The candidate must come with their original certificates along with photocopy of the same.

| Serial No. | Name of the Post | Total No. of Vacancy | Essential Qualification & Eligibility | Monthly Salary |
|---|---|---|---|---|
| 01 | TGT English | 01 | Graduation in the concerned subject alongwith B.Ed. Degree | Rs.20000/- |

For details visit the Balangir district website (www.balangir.nic.in)
N.B.: No TA/DA will provided for attending this interview.
SD./-PRINCIPAL
OAV BHARUAMUNDA, BELPADA, BALANGIR

# ଡ୍ରାଇଭରଙ୍କୁ ମରଣାନ୍ତକ ଆକ୍ରମଣ: ବ୍ୟବସାୟୀଙ୍କ ବିରୋଧରେ ଏତଲା



ଅଭିଯୋଗ କରିବାକୁ ଥାନାକୁ ଆସିଥିବା ଡ୍ରାଇଭର ସଂଘର କର୍ମକର୍ତ୍ତା।

**ନୟାଗଡ଼ ଅଫିସ,୧୯।୪:** ଦଶପଲ୍ଲା ଥାନା ଡିଣ୍ଡାଭୂଇଁ ଗାଁର ଡ୍ରାଇଭର ପ୍ରଭାତ ବିଶ୍ୱାଳଙ୍କୁ ମାଡ଼ ମାରିବା ସମ୍ପର୍କରେ ନୟାଗଡ଼ ସହରର ପ୍ରତିଷ୍ଠିତ ବ୍ୟବସାୟୀ ରଞ୍ଜନ କୁମାର ପୃଷ୍ଟିଙ୍କ ନାଁରେ ମାମଲା ରୁଜୁ ପାଇଁ ନୟାଗଡ଼ ଟାଉନ ଥାନାରେ ଏତଲା ହୋଇଛି। ଅଭିଯୋଗ ଅନୁସାରେ ସମ୍ବଲପୁରରୁ କିଛି ଉପକରଣ ଧରି ଡିଣ୍ଡାଭୂଇଁ ଗାଁର ଡ୍ରାଇଭର ପ୍ରଭାତ ବିଶ୍ୱାଳ ଓଡି୦୨ ଏଭି ୩୦୯୬ ଟ୍ରକରେ ନୟାଗଡ଼ରେ ପହଞ୍ଚି ବ୍ୟବସାୟୀ ରଞ୍ଜନ ପୃଷ୍ଟିଙ୍କ ଦୋକାନ କେଉଁଠି ବୋଲି ରଞ୍ଜନଙ୍କୁ ପଚାରିଥିଲେ। ତେବେ ରଞ୍ଜନ ରାଗି ଯାଇ ଡ୍ରାଇଭରଙ୍କୁ କାଠଫାଳିଆରେ ମାଡ଼ ମାରିଥିଲେ। ସେ ଡ୍ରାଇଭର ସଂଘ ସହଯୋଗରେ ନୟାଗଡ଼ ଟାଉନ ଥାନାରେ ପହଞ୍ଚି ଅଭିଯୋଗ କରିଛନ୍ତି। ଏନେଇ ବ୍ୟବସାୟୀ ରଞ୍ଜନ କୁମାର ପୃଷ୍ଟିଙ୍କୁ ପଚାରିବାରୁ କୁହନ୍ତି ମୋ ନାଁରେ ହୋଇଥିବା ଅଭିଯୋଗ ମିଥ୍ୟା। ମୁଁ କୌଣସି ଡ୍ରାଇଭରଙ୍କୁ ମାରପିଟ୍ କରି ନାହିଁ। ଅଯଥାରେ ମୋତେ ଫସାଇବାକୁ ଉଦ୍ୟମ କରାଯାଉଛି। ସବୁ ପ୍ରକାରର ତଦନ୍ତକୁ ମୁଁ ସ୍ୱାଗତ କରୁଛି ବୋଲି ସେ କହିଛନ୍ତି।

ପୂର୍ବ ତଟ ରେଳପଥ

(1) ଇ-ଟେଣ୍ଡର ବିଜ୍ଞପ୍ତି ସଂ.: e-Tender-Elect-G-01-23
କାର୍ଯ୍ୟର ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ସମସ୍ତ NSG 2,3,4,5 ବର୍ଗ ଷ୍ଟେସନଗୁଡ଼ିକ ଠାରେ LED ସାଇନେଜ୍ (Signage)ର ବ୍ୟବସ୍ଥା।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 1,86,57,347.70
EMD (ଟଙ୍କାରେ): 2,43,300/-

(2) ଇ-ଟେଣ୍ଡର ବିଜ୍ଞପ୍ତି ସଂ.: e-Tender-Elect-G-02-23
କାର୍ଯ୍ୟର ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ବିଭିନ୍ନ ସ୍ଥାନଗୁଡ଼ିକ ଠାରେ ରନିଙ୍ଗ୍ ପ୍ରକୋଷ୍ଠଗୁଡ଼ିକରେ ସୌର ୱାଟର ହିଟର ପ୍ଲାଣ୍ଟର ବ୍ୟବସ୍ଥା।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 41,29,737.21
EMD (ଟଙ୍କାରେ): 82,600/-

(3) ଇ-ଟେଣ୍ଡର ବିଜ୍ଞପ୍ତି ସଂ.: e-Tender-Elect-G-03-23
କାର୍ଯ୍ୟର ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର 87 କୋଚ୍‌ଗୁଡ଼ିକ ନିମନ୍ତେ ଉଚ୍ଚ କ୍ଷମତା ବିଶିଷ୍ଟ IV କପଲର (500 Amps) ଏବଂ 150 sq mm ଫିଡର କେବୁଲର କ୍ରୟ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 48,25,020/-
EMD (ଟଙ୍କାରେ): 96,500/-

(4) ଇ-ଟେଣ୍ଡର ବିଜ୍ଞପ୍ତି ସଂ.: e-Tender-Elect-G-04-23
କାର୍ଯ୍ୟର ବିବରଣୀ : ରେକକୁଞ୍ଜ, ଚନ୍ଦ୍ରଶେଖରପୁର ଠାରେ ଲିଫ୍ଟଗୁଡ଼ିକର ବ୍ୟବସ୍ଥା ସହିତ ଟ୍ରାଞ୍ଜିଟ୍ ବ୍ଲକ୍ 1 ଏବଂ 2 ରେ ଆବାସ ସୁବିଧାର ଉନ୍ନୟନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 34,43,632.78
EMD (ଟଙ୍କାରେ): 68,900/-
ଶେଷ ହେବା ଅବଧି : 06 ମାସ (କ୍ରମ ସଂ. 1,2 ଏବଂ 4 ପାଇଁ) ଏବଂ 12 ମାସ (କ୍ରମ ସଂ. 3 ପାଇଁ)।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.08.05.2023 ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଛି।
ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ। ନିର୍ଦ୍ଦେଶାବଳୀ ଅନୁଯାୟୀ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜାତ ନିଶ୍ଚିତ ଭାବେ ଅପଲୋଡ୍ ହେବା ଆବଶ୍ୟକ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (OP)
ଖୋର୍ଦ୍ଧା ରୋଡ଼
PR-69/O/23-24

GOVT. OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, NUAPADA
Email: rd_nuapada@rediffmail.com
BID IDENTIFICATION NO. RWNPD-01 (ONLINE) OF 2023-24
"e" PROCUREMENT NOTICE

No.O-67:- Bid documents consisting of Work, Estimated Cost, Cost of tender paper, EMD/ BID security, Time of completion, Class of contractor and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in

1 Name of the work : Bridge work in the District of Nuapada as mentioned in DTCN
2 Total No. works : 01 No.
3 Estimated cost : Rs.59.29 Lakhs
4 Period of completion : 01 (One) calendar month
5 Other details :

| Procurement Officer | Bid Identification No. | Availability of tender online for bidding | | Last date & time of seeking tender clarification | Date & time of opening of bid | |
|---|---|---|---|---|---|---|
| | | From | To | | Technical bid | Financial bid |
| Superintending Engineer, Rural Works Division, Nuapada | RWNPD-01/ 2023-24 (Online) | 25.04.2023 at 10.00 A.M. | 09.05.2023 upto 5.00 P.M. | 08.05.2023 upto 02.00 P.M. | 10.05.2023 at 11.00 A.M. | Will be intimated later on |

Further details can be seen from the website www.tendersorissa.gov.in
OIPR-25050/11/0001/2324 Sd./- Executive Engineer, Rural Works Division, Nuapada

# ନାଟକ ମାଧ୍ୟମରେ କଳା ପ୍ରଦର୍ଶନ କଲେ କଳାକାର

### କୋରଡ଼ାଗଡ଼ ଲଙ୍କାପୋଡ଼ି ମହୋତ୍ସବ, ପଲ୍ଲିଶ୍ରୀ ମେଳା

**ନୂଆଗାଁ,୧୯।୪(ଡି.ଏନ.ଏ.)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ କୋରଡା ପଞ୍ଚାୟତ କୋରଡାଗଡ଼ ଲଙ୍କାପୋଡ଼ି ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା -୨୦୨୩ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ରାମାୟଣ ବର୍ଣ୍ଣିତ ଚରିତ୍ରମାନଙ୍କ ମୁଖା ପରିଧାନ କରି ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ରାମ ନବମୀଠାରୁ ଚାଲିଥିବା ରାମଲୀଳାର ମଙ୍ଗଳବାର ଥିଲା ଅନ୍ତିମ ଦିବସ। ଏହି ଅବସରରେ ସନ୍ଧ୍ୟାରେ ଉଦ୍‌ଯାପନୀ ସଭାର ଆୟୋଜନ କରାଯାଇଥିଲା। ନୂଆଗାଁ ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ଶଙ୍କର୍ଷଣ ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏପରି ମହାନ ପରମ୍ପରାକୁ ବଞ୍ଚାଇ ରଖିବା ସହ ଦିନକୁ ଦିନ ଅଧିକ ଆକର୍ଷଣୀୟ କରି ପାରିଥିବାରୁ ଆୟୋଜକ କମିଟି ଓ କୋରଡାଗଡବାସୀଙ୍କୁ ସେ କୃତଜ୍ଞତା ଜଣାଇଥିଲେ। ବୈଠକ ପରେ ରାମଲୀଳା ଶେଷ ଅଧ୍ୟାୟ ରାବଣପୋଡ଼ି ଉତ୍ସବ ପାଳନ କରାଯାଇଥିଲା। ଏଥିରେ ୧୫ ଫୁଟ ଉଚ୍ଚତା ରାବଣର ଏକ ପ୍ରତିମୂର୍ତ୍ତିକୁ ବାଣ ମାରି ଅଗ୍ନି ସଂଯୋଗ କରାଯାଇଥିଲା। ପରେ ଆତାସବାଜି କାର୍ଯ୍ୟକ୍ରମ ଦୀର୍ଘ ସମୟ ଧରି ଚାଲିଥିଲା। କୋରଡାଗଡ଼ ଲଙ୍କାପୋଡ଼ି ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାର ବୁଧବାର ଦ୍ୱିତୀୟ ଦିବସରେ ଆୟୋଜିତ ସଭାରେ ଦଶପଲା ବିଧାୟକ ରମେଶ ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ କୋରଡା ସରପଞ୍ଚ ନିରୁପମା ପାତ୍ର, କୋରଡ଼ା ସଭାପତି ପ୍ରମୋଦ କୁମାର ଦାଶ, ନାଟ୍ୟ ନିର୍ଦ୍ଦେଶକ ବ୍ରଜ କିଶୋର ସାହୁ, ମହୋତ୍ସବ କମିଟି ସଭାପତି ଗୋଲକ ବିହାରୀ ଗୋଛାୟତ, ସଂଯୋଜକ ବିଜୟ କୁମାର ଦାସ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ମହୋତ୍ସବର ଦ୍ୱିତୀୟ ଦିବସରେ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ପରିବେଶିତ ନାଟକ ରାମ ଦେବେ ଆଜି ଅଗ୍ନି ପରୀକ୍ଷା ଦର୍ଶକମାନଙ୍କ ମନକୁ ବେଶ୍ ଆକୃଷ୍ଟ କରିପାରିଥିଲା।



ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥି।

झारखण्ड सरकार
ग्रामीण कार्य विभाग, मुख्य अभियंता का कार्यालय
102, द्वितीय तल्ला, अभियंत्रण भवन, कचहरी रोड, राँची

ई–अल्पकालीन पुनर्निविदा आमंत्रण सूचना

ई–अल्पकालीन पुनर्निविदा संख्या:- 238/RII/2023-24/RWD/LATEHAR दिनांक :- 19.04.2023

मुख्य अभियंता, ग्रामीण कार्य विभाग, झारखण्ड, राँची द्वारा निम्न विवरण के अनुसार e-procurement पद्धति से पैकेज के रूप में निविदा आमंत्रित की जाती है।

| क्र0 सं0 | आईडेन्टी फिकेशन संख्या/पैकेज संख्या | कार्य का नाम | प्राक्कलित राशि (रूपये में) | | कार्य समाप्ति की अवधि | टेण्डर कॉल नं0 |
|---|---|---|---|---|---|---|
| | | | अंक में | अक्षर में | | |
| 1. | RWD/ LATEHAR/10/ SRPKG-01/ 2022-23 | (i) सुरकुमी गाँव से चिरोपाट कुकुद पथ तक पथ का विशेष मरम्मति कार्य (लं– 5.600 कि0मी0)<br>(ii) पोखरीकला से कुसाहाबथान औरंगानदी तक पथ का विशेष मरम्मति कार्य (लं– 1.900 कि0मी0)<br>(iii) केन्द्रीय विद्यालय लातेहार से भाया मोंगरा तुरूडीह, निन्दिर तक पथ का विशेष मरम्मति कार्य (लं– 8.200 कि0मी0)<br>(iv) चटनाही पी0डब्लू0डी0 रोड से बाजकुम आर0ई0ओ0 रोड भाया नवोदय स्कूल तक पथ का विशेष मरम्मति कार्य (लं– 3.100 कि0मी0) | 8,23,80,290.00 | आठ करोड़ तेईस लाख अस्सी हजार दो सौ नब्बे रू0 मात्र | 15 माह | तृतीय |

2. वेबसाईट में निविदा प्रकाशन की तिथि:– 25.04.2023
3. ई–निविदा प्राप्ति की अंतिम तिथि एवं समय:– 04.05.2023 अपराह्न 5.00 बजे तक।
4. (क) मुख्य अभियंता कार्यालय, ग्रामीण कार्य विभाग, अभियंत्रण भवन, कचहरी, राँची अथवा (ख) जिला नियंत्रण कक्ष, राँची अथवा (ग) जिला नियंत्रण कक्ष, लातेहार में से किसी भी कार्यालय में निविदा शुल्क एवं अग्रधन की राशि जमा करने की अंतिम तिथि एवं समय:– 08.05.2023 अपराह्न 3.30 बजे तक।
5. निविदा शुल्क एवं अग्रधन की राशि स्पीड पोस्ट के माध्यम से भी मुख्य अभियंता, ग्रामीण कार्य विभाग, 102, द्वितीय तल्ला, अभियंत्रण भवन, कचहरी चौक, राँची, झारखण्ड, पिन– 834001 को भेजा जा सकता है। यह निविदाकार की जिम्मेवारी होगी कि स्पीड पोस्ट के माध्यम से भेजा जाने वाला निविदा शुल्क एवं अग्रधन की राशि निर्धारित तिथि एवं समय (08.05.2023 अपराह्न 3.30 बजे तक) से पूर्व प्राप्त हो जाय। अंतिम तिथि एवं समय से पूर्व प्राप्त निविदा शुल्क एवं अग्रधन की राशि पर ही विचार किया जायेगा।
6. निविदा खोलने की तिथि एवं समय:– 09.05.2023 अपराह्न 3.30 बजे।
7. निविदा आमंत्रित करने वाले पदाधिकारी का नाम एवं पता:– मुख्य अभियंता, ग्रामीण कार्य विभाग, 102, द्वितीय तल्ला, अभियंत्रण भवन, कचहरी चौक, राँची, झारखण्ड, पिन– 834001
8. ई–निविदा प्रकोष्ठ का दूरभाष सं0– 0651–2207818
9. निविदा शुल्क झारखण्ड राज्य में अवस्थित भारतीय स्टेट बैंक/राष्ट्रीयकृत बैंक/अनुसूचित बैंक द्वारा निर्गत बैंक ड्राफ्ट के रूप में जो कार्यपालक अभियंता, ग्रामीण कार्य विभाग, कार्य प्रमण्डल, लातेहार के पक्ष में एवं लातेहार में भुगतेय जमा करना होगा जो लौटाया नहीं जायेगा।

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

नोडल पदाधिकारी
ई–प्रोक्युर्मन्ट सेल
PR.NO.295513 Rural Work Department(23-24):D



**ବ୍ୟାସନଗର ବନ୍ଦ ପ୍ରଭାବ:** ସହରରେ ଦୋକାନ ବଜାର, ଗାଡ଼ିଚଳାଚଳ ବନ୍ଦ ରହିଛି ।



ଏକ ଶପିଂ ମଲ୍ ତାଲା ପଡ଼ିଛି ।



ପେଟ୍ରୋଲ ପମ୍ପ ବନ୍ଦ କରାଯାଇଛି ।

# ଠପ୍ ହୋଇଗଲା ଜନଜୀବନ

## ବ୍ୟାସନଗର ବନ୍ଦ ସଫଳ

- ବନ୍ଦରେ ସାମିଲ ହେଲେ ଭାଜପା, କଂଗ୍ରେସ କର୍ମୀ
- ୧୪ ଜଣଙ୍କ ନାମରେ ରୁଜୁ ହୋଇଥିବା ମାମଲା ପ୍ରତ୍ୟାହାର ଦାବି


ବନ୍ଦ ବେଳେ ସହରରେ ଶୋଭାଯାତ୍ରା କରାଯାଉଛି ।

**ଯାଜପୁର ରୋଡ୍, ୧୯।୪(ଡି.ଏନ.ଏ.):** ଯାଜପୁର ଜିଲାର ବ୍ୟାସନଗର ସହର ପ୍ରତି ଉପେକ୍ଷା ଓ ୫ ଦଫା ଦାବି ନେଇ ନାଗରିକ କମିଟି ଦ୍ୱାରା ବିଭିନ୍ନ ଗଣ ସଂଗଠନକୁ ନେଇ ଗଠିତ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବୁଧବାର ଦିଆଯାଇଥିବା ବନ୍ଦ ଡାକରା ସଫଳ ହୋଇଛି। ଶାନ୍ତିପୂର୍ଣ୍ଣ ଭାବେ ବ୍ୟାପକ ଜନସମର୍ଥନରୁ ବନ୍ଦକୁ ଅଭୂତପୂର୍ବ ସଫଳତା ମିଳିଛି। ଦୋକାନ, ବଜାର, ମହଲ, ସରକାରୀ, ବେସରକାରୀ ଦପ୍ତର, ବ୍ୟାଙ୍କ ବୀମା କାର୍ଯ୍ୟାଳୟ, ସ୍କୁଲ, କଲେଜ, ପେଟ୍ରୋଲ ପମ୍ପ ବନ୍ଦ ରହିବା ସହ ଜନ ଜୀବନ ସମ୍ପୂର୍ଣ୍ଣ ଠପ ହୋଇଯାଇଥିଲା। ବସ ସେବା ଓ ଭାରିଯାନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ଲୋକମତ ନିକଟରେ ପୋଲିସ ଓ ପ୍ରଶାସନ ହାତଟେକି ଦେଇଥିଲେ।

ସହର ପ୍ରତି ଉପେକ୍ଷା, ଟିକସ ବୃଦ୍ଧି, ଫ୍ଲାଏ ଓଭର ନିର୍ମାଣ, ଶହେ ଶଯ୍ୟା ବିଶିଷ୍ଟ ହସ୍ପିଟାଲ ନିର୍ମାଣ ଆଦି ୫ ଦଫା ଦାବିକୁ ନେଇ ୧୫ ଦିନର ଧାରଣା ପରେ ବ୍ୟାସନଗର ନାଗରିକ କମିଟି ସମେତ ମିଳିତ କ୍ରିୟାନୁଷ୍ଠାନ କମିଟି ଆହ୍ୱାନରେ ବ୍ୟାସନଗର ବନ୍ଦ କରାଯାଇଥିଲା। ସହର ପ୍ରତି ଉପେକ୍ଷାକୁ ସହର ବାସି ବରଦାସ୍ତ କରିବେ ନାହିଁ ବୋଲି ବନ୍ଦରୁ ଏହା ପ୍ରମାଣିତ ହୋଇଛି। ହୋଲଡିଂ ଟିକସର ଅହେତୁକ ବୃଦ୍ଧିକୁ ପ୍ରତ୍ୟାହାର, ରେଳ ଫ୍ଲାଏ ଓଭର ଓ ଗଳିପୋଲ, ଦୀର୍ଘ ୪୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଚାଲିଥିବା ବନ୍ଦୋବସ୍ତ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରି ଲୋକଙ୍କୁ ପଟ୍ଟା ପ୍ରଦାନ କରିବା ଓ ୧୦୦ ଶଯ୍ୟା ବିଶିଷ୍ଟ ସୁପର ସ୍ପେସିଆଲିଷ୍ଟ ହସ୍ପିଟାଲ ନିର୍ମାଣ ଓ ସର୍ବୋପରି ଅହେତୁକ ବିଦ୍ୟୁତ୍ କାଟର ପ୍ରତିବାଦ କରି ଅତିରିକ୍ତ ଜିଲାପାଳଙ୍କ ଦପ୍ତର ସମ୍ମୁଖରେ ଗତ ୫ ତାରିଖରୁ ୧୫ ଦିନ ଧରି ଏହି ଧାରଣା ଚାଲି ଆସିଥିଲା। ହେଲେ ଧାରଣାସ୍ଥଳକୁ ପ୍ରଶାସନିକ ଅଧିକାରୀ କିମ୍ବା ରାଜନୈତିକ ବ୍ୟକ୍ତି ବିଶେଷ ଆସି ଆଲୋଚନା କରିବାକୁ ଉଚିତ ମଣି ନ ଥିଲେ। ଧାରଣା ପୂର୍ବରୁ ଜିଲାପାଳ ଏବଂ ରାଜ୍ୟ ସରକାରଙ୍କୁ ସହରବାସୀଙ୍କ ନ୍ୟାଯ୍ୟ ଦାବି ସମ୍ପର୍କରେ ଲିଖିତ ଭାବରେ ଜଣାଇଥିଲେ ମଧ୍ୟ ପ୍ରଶାସନ ଓ ସରକାର କୌଣସି ପ୍ରତିକାର ନ କରି ନିଦାବିଷ୍ଣୁ ସାଜିଥିଲେ। ଏହାର ଫଳ ସ୍ୱରୂପ ସ୍ୱତଃସ୍ଫୂର୍ତ୍ତ ଭାବରେ ବନ୍ଦ ଡାକରାକୁ ବିପୁଳ ଜନ ସମର୍ଥନ ମିଳିଥିଲା।

ବନ୍ଦକୁ କଂଗ୍ରେସ, ଭାଜପା ସମର୍ଥନ ଜଣାଇଥିବାବେଳେ ଶାସକ ବିଜେଡି ଏହାକୁ ଖୋଲା ସମର୍ଥନ ଦେଇ ନ ଥିଲେ ମଧ୍ୟ କେତେଜଣ ବିଜେଡି ପାରିଷଦଙ୍କ ଭିତିରିଆ ସମର୍ଥନ ଥିଲା। ଅନ୍ୟପକ୍ଷରେ ସ୍ଥାନୀୟ ବିଧାୟକଙ୍କ ସହରବାସୀଙ୍କ ଦାବିପ୍ରତି ଅହେତୁକ ଉଦାସୀନତା ତଥା ଆଜ୍ଞାତବାସ ସାଧାରଣରେ ବିଧାୟକଙ୍କ ପ୍ରତି ଆକ୍ରୋଶ ସୃଷ୍ଟି କରିଛି। ସହରବାସୀ ଧୂଳିଧୂଆଁରେ ସଢୁଥିବା ବେଳେ ୨୦୧୫ରେ ଆରମ୍ଭ ହୋଇଥିବା ଜିଲା ଖଣିଜ ପାଣ୍ଠିରେ ୨୦୨୧ରୁ ବ୍ୟାସନଗର ସହରକୁ ଅନ୍ତର୍ଭୁକ୍ତ କରାଯାଇଛି। ମାତ୍ର ଜମି ଅଧିଗ୍ରହଣ ନ କରି ଜୋରଜବରଦସ୍ତ ବ୍ୟାସସରୋବର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଜିଲା ଖଣିଜ ପାଣ୍ଠି ଦ୍ୱାରା କରାଯାଉଥିବାରୁ ଏନ୍‌ଜିଟି ପକ୍ଷରୁ କାମ ବନ୍ଦ କରାଯାଇଛି। ସହରବାସୀଙ୍କ ପୁଞ୍ଜିଭୂତ ଅସନ୍ତୋଷ ଏହି ବନ୍ଦରେ ଦେଖିବାକୁ ମିଳିଥିଲା। ସମ୍ପୂର୍ଣ୍ଣ ଶାନ୍ତିପୂର୍ଣ୍ଣ ଢଙ୍ଗରେ ସହରବାସୀ ସେମାନଙ୍କ ପ୍ରତିବାଦ ବନ୍ଦ ମାଧ୍ୟମରେ ଜଣାଇଥିଲେ। କ୍ରିୟାନୁଷ୍ଠାନ କମିଟିର ଆବାହକ ୧୪ ଜଣଙ୍କ ନାମରେ ଜିଲା ପୋଲିସ ପକ୍ଷରୁ ୧୦୭ ଦଫାରେ ମକଦ୍ଦମା କରି ବନ୍ଦ ପୂର୍ବ ସନ୍ଧ୍ୟାରେ ନୋଟିସ କରାଯାଇଥିଲା। ନାଗରିକ କମିଟିର ସଭାପତି ଡ. ହେମନ୍ତ କିଶୋର ସାହୁ, ସମ୍ପାଦକ ଦୁର୍ଯ୍ୟୋଧନ ରାଉତ, ମିଳିତ କ୍ରିୟାନୁଷ୍ଠାନ କମିଟିର ଆବାହକ ବିଦ୍ୟାଧର ମହାନ୍ତି, ଆଇନଜୀବୀ ଚନ୍ଦ୍ରଶେଖର ପଣ୍ଡା, ବିବେକାନନ୍ଦ ମହାନ୍ତି, ଦୁଷ୍ମନ୍ତ ନାୟକ, ସଦାଶିବ ଦାସ, ରାଜେନ୍ଦ୍ର ବିଶ୍ୱାଳ, ଚନ୍ଦ୍ରମଣି ସାମଲ, ହୃଦାନନ୍ଦ ସାମଲ, ପ୍ରଫୁଲ୍ଲ ନାୟକ, ସାମ୍ବାଦିକ ଚିନ୍ତାମଣି ପାଢ଼ୀ, ହୃଷୀକେଶ ସାହୁ ଓ ସାମ୍ବାଦିକ ପୀତବାସ ଭୂୟାଁ ପ୍ରମୁଖଙ୍କ ନାମରେ ପୋଲିସ ମିଛ ମାମଲା ରୁଜୁ କରିବାକୁ ସହରବାସୀ ନାପସନ୍ଦ କରିଛନ୍ତି। ବୁଧବାର ସେମାନେ ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟଙ୍କ କୋର୍ଟରେ ହଜାରହୋଇ ଜାମିନରେ ଆସିଛନ୍ତି। ବନ୍ଦ ଶାନ୍ତିପୂର୍ଣ୍ଣ ଭବେ ଚାଲିଥିଲାବେଳ ଏହି କେଶ କରିବା ନିନ୍ଦନୀୟ। ତୁରନ୍ତ ଏହାର ପତ୍ୟାହାର ପାଇଁ ବୁଦ୍ଧିଜୀବୀଙ୍କ ପକ୍ଷରୁ ଦାବି କରାଯାଇଛି। ସହର ବିକାଶ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ଦୃଷ୍ଟି ନ ଦେଲେ ଆଗାମୀ ଦିନରେ ଆନ୍ଦୋଳନ ତ୍ରୀବତର ହେବ ବୋଲି ସୂଚାଇ ଦିଆଯାଇଛି। ଏହି ବନ୍ଦରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡ଼ା, ଆରତି ସ୍ୱାଇଁ, ପ୍ରମୋଦ ପରିଡ଼ା, ପଦ୍ମନାଭ ସ୍ୱାଇଁ, ଭାଜପାର ପ୍ରସନ୍ନ କୁମାର ସାମଲ, ନିତ୍ୟାନନ୍ଦ ମହାଲିକ, ପ୍ରଶାନ୍ତ ବୋଇତାଇ, ନିରଞ୍ଜନ ଘଡେଇ, ଅଶୋକ କୁମାର ବଳଙ୍କ ସମେତ ମିଳିତ କ୍ରିୟାନୁଷ୍ଠାନ କମିଟିର ଆବାହକ, ସହରର ବୁଦ୍ଧିଜୀବୀ, ଯୁବକ ଏବଂ ଜନସାଧାରଣ ସାମିଲ ହୋଇଥିଲେ।

# ପାରାଦୀପ ମାଛଧରା ବନ୍ଦର ଶୂନ୍‌ଶାନ୍


ସମୁଦ୍ରକୁ ବୋଟ୍ ଚଳାଚଳ ବନ୍ଦ ଥିବାରୁ ମତ୍ସ୍ୟଜୀବୀମାନେ ମାଛଧରା ବନ୍ଦର ବର୍ଥ ପାଖରେ ପୁରୁଣା ଜାଲକୁ ମରାମତି କରୁଛନ୍ତି ।

**ପାରାଦୀପ, ୧୯।୪(ସ୍ୱ.ପ୍ର.)**

ରାଜ୍ୟର ଅନ୍ୟତମ ବୃହତ୍ ପାରାଦୀପ ମାଛଧରା ବନ୍ଦର ଏବେ ଶୂନ୍‌ଶାନ୍ ଅବସ୍ଥାରେ ରହିଛି। କାରଣ ଏପ୍ରିଲ ୧୫ରୁ ଜୁନ୍ ୧୪ ତାରିଖ ପର୍ଯ୍ୟନ୍ତ ୨ମାସ ସାମୁଦ୍ରିକ କଟକଣା ଜାରି ହୋଇଛି। ଏହାଦ୍ୱାରା ସର୍ବଦା ଚଳଚଞ୍ଚଳ ଥିବା ପାରାଦୀପ ମାଛଧରା ବନ୍ଦର ଏବେ ଫାଙ୍କା ପଡିଛି। ଶୁଭୁନାହିଁ କୋଳାହଳ, ଚାଲୁନି ବରଫ କଳ, ଗାଡ଼ି ମଟର, ବୋଟର ଇଞ୍ଜିନ୍ ଆଦି। ଆର୍ଥିକ କାରବାର ସମ୍ପୂର୍ଣ୍ଣ ବନ୍ଦ। ମାଛଧରା ବନ୍ଦରକୁ ଆୟୁଧକରି ଚାଲୁଥିବା ନେହେରୁ ବଙ୍ଗଳା ବଜାର ମଧ୍ୟ ଏକ ପ୍ରକାର ବନ୍ଦ ଅବସ୍ଥାରେ ଅଛି। ଏହି ମାଛଧରା ବନ୍ଦର ଉପରେ ପ୍ରତ୍ୟକ୍ଷ ପରୋକ୍ଷ ଭାବେ ନିର୍ଭରଶୀଳ ପ୍ରାୟ ୫୦ ହଜାରରୁ ଅଧିକ ଲୋକ ରୋଜଗାର ବିହୀନ ହୋଇଯାଇଛନ୍ତି। କେବଳ ସାମାନ୍ୟ କେତେଜଣ ଲୋକ ବୋଟ୍‌କୁ ଜଗିଛନ୍ତି। ଆଉ କେତେଜଣ ପୁରୁଣା ଜାଲକୁ ମରାମତି କରୁଛନ୍ତି। କେତେଜଣ ବୋଟ୍ ମାଲିକ ଏହି ସମୟରେ ତାଙ୍କର ବୋଟକୁ ସଜାଡୁଛନ୍ତି। ପାରାଦୀପ ସମେତ

### ଏପ୍ରିଲ ୧୫ରୁ ଜୁନ୍ ୧୫ ତାରିଖ ପର୍ଯ୍ୟନ୍ତ ସାମୁଦ୍ରିକ କଟକଣା

ଓଡ଼ିଶାର ୪୮୨ କି.ମି. ସମୁଦ୍ର ସୀମାରେ ଏବେ ସମୁଦ୍ର ଖାଲି ଖାଲି ଦେଖିବାକୁ ମିଳିଛି। ଏସବୁ ହୋଇଛି ସରକାରଙ୍କ ପକ୍ଷରୁ ଜାରି କଟକଣା ପାଇଁ। କାରଣ ଏହି ସମୟରେ ମାଛମାନେ ପ୍ରଜନନ, ଅଣ୍ଡାଦାନ କରିଥାନ୍ତି। ଏଭଳି ସମୟରେ ମାଛ ଧରିଲେ ମାଛ ବଂଶ ହ୍ରାସ ପାଇଯିବା ସମ୍ଭାବନା ରହିଛି। ମା' ମାଛ ଓ ଯାଆଁଳ ସୁରକ୍ଷା ପାଇଁ ଦେଶର ସମସ୍ତ ଉପକୂଳରେ ଏହି କଟକଣା ପ୍ରତିବର୍ଷ କରାଯାଉଛି। ଏହା ମତ୍ସ୍ୟଜୀବୀଙ୍କ ପାଇଁ ଭଲ ବୋଲି ସାମୁଦ୍ରିକ ମତ୍ସ୍ୟ ଅଧିକାରୀ ବିଜୟ ମିଶ୍ର କୁହନ୍ତି।

ପାରାଦୀପ ମାଛଧରା ବନ୍ଦର ପରିସରରେ ଏବେ ଉନ୍ନତିମୂଳକ କାର୍ଯ୍ୟ ଆରମ୍ଭ ହୋଇଛି। ପ୍ରଧାନମନ୍ତ୍ରୀ ମତ୍ସ୍ୟ କଲ୍ୟାଣ ଯୋଜନାରେ ୧୦୦ କୋଟି ଟଙ୍କା ମିଳିଛି। ଏହି ଅର୍ଥ ଜରିଆରେ ବରଫ କଳ, ନୂତନ ବର୍ଥ, ମହାନଦୀ ମୁହାଣ ଖନନ, ଦ୍ୱିତୀୟ ଅକ୍ସନ ହଲ୍ ଆଦି ନିର୍ମାଣ ହେବାର ପ୍ରସ୍ତାବ ରହିଛି। ଏହି ଦୁଇ ମାସରେ ନବୀକରଣ କାମ ସହଜ ହେବ ବୋଲି ଓମ୍ପା (ଓଡ଼ିଶା ସାମୁଦ୍ରିକ ମତ୍ସ୍ୟ ଉତ୍ପାଦକ ସଂଘ) ସାଧାରଣ ସମ୍ପାଦକ ଅରବିନ୍ଦ ସ୍ୱାଇଁ କୁହନ୍ତି।

କଟକଣା ସମୟରେ ସରକାର କେତେକ ସୁବିଧା ପାରମ୍ପରିକ ମତ୍ସ୍ୟଜୀବୀଙ୍କ ପାଇଁ ରହିଛି। ଯଥା ସେମାନଙ୍କୁ ଆର୍ଥିକ ସହାୟତା, ଅନ୍ନ କଲ୍ୟାଣ ଯୋଜନାରେ ଚାଉଳ, ଗହମ ଦେବା ଭଳି ବ୍ୟବସ୍ଥା ଅଛି। କିନ୍ତୁ ଏହି ସୁବିଧା ପାରାଦୀପର ମତ୍ସ୍ୟଜୀବୀଙ୍କ ପାଇଁ ଉପଲବ୍ଧ ନାହିଁ। ନଦୀ ଉପରେ ନିର୍ଭରଶୀଳ ଲୋକଙ୍କୁ ଏହା ମିଳୁଛି, ଆମକୁ ମିଳୁନାହିଁ ବୋଲି କୁହନ୍ତି ମତ୍ସ୍ୟଜୀବୀ ରାମଣା। ୫୬୦ ବୋଟ୍ ଓ ୨୫୦ ଡଙ୍ଗାରେ ପ୍ରାୟ ୫ ହଜାରରୁ ଅଧିକ ମତ୍ସ୍ୟଜୀବୀ ଅଛନ୍ତି। ଏ ସମ୍ପର୍କରେ ମତ୍ସ୍ୟ ଅଧିକାରୀ ମିଶ୍ରଙ୍କୁ ପଚାରିବାରେ ଏହି ଯୋଜନା ପାରାଦୀପ ପାଇଁ ଲାଗୁ ହୋଇ ନ ଥିବାରୁ ସେମାନଙ୍କୁ କିଛି ସୁବିଧା ମିଳୁନାହିଁ। ଏ ପ୍ରସଙ୍ଗ ସରକାରୀ ସ୍ତରରେ ନିଷ୍ପତ୍ତି ହେବ। ମାଛଧରା ବନ୍ଦ ଥିବାରୁ ଏବେ ଷଣ୍ଢକୁଦ ନୋଳିଆସାହି ବସ୍ତି ଖାଁ ଖାଁ ରହିଛି। ଅଧିକାଂଶ ମତ୍ସ୍ୟଜୀବୀ ଆନ୍ଧ୍ରପ୍ରଦେଶ ପଳାଇଛନ୍ତି।



ପାରାଦୀପ ମାଛଧରା ବନ୍ଦର ବନ୍ଦ ଥିବାରୁ ଲୋକଙ୍କ ଯାତାୟାତ ନାହିଁ ।

# ମୃତଦେହ ଦାହ ପାଇଁ ଆସି ବୁଡ଼ିଗଲେ ଯୁବକ

**ଯାଜପୁର ଟାଉନ, ୧୯।୪(ଡି.ଏନ.ଏ.):** ଯାଜପୁର ସହରସ୍ଥ ବୈତରଣୀ ନଦୀ ଦଶାଶ୍ୱମେଧ ଘାଟରେ ଜଣେ ଯୁବକ ପାଣିରେ ବୁଡ଼ି ମୃତ୍ୟୁବରଣ କରିଛନ୍ତି। ମୃତକ ହେଲେ ଯାଜପୁର ଥାନା ଅନ୍ତର୍ଗତ ହିରାପୁର ଗ୍ରାମର ନୃସିଂହ ଚରଣ ମଲ୍ଲିକଙ୍କ ପୁଅ ନିଶିକାନ୍ତ ମଲ୍ଲିକ(୪୨)। ସେ ତାଙ୍କ ସମ୍ପର୍କୀୟଙ୍କ ମୃତଦେହ ଦାହ କରିବା ପାଇଁ ବୈତରଣୀ ନଦୀର ଦଶାଶ୍ୱମେଧ ଘାଟ ବାରୁଣୀ ମହାଶ୍ମଶାନକୁ ଆସିଥିଲେ। ଦାହ କାର୍ଯ୍ୟ ଶେଷ ହେବାପରେ ବୈତରଣୀ ନଦୀର ଦଶାଶ୍ୱମେଧ ଘାଟକୁ ଗାଧୋଇବା ପାଇଁ ଯାଇଥିଲେ। ସେଠାରେ ତାଙ୍କ ଗୋଡ ଖସିଯିବାରୁ ପାଣିରେ ବୁଡ଼ି ନିଖୋଜ ହୋଇଯାଇଥିଲେ। ତାଙ୍କ ସାଙ୍ଗରେ ଥିବା ବନ୍ଧୁବାନ୍ଧବ ଅନେକ ଖୋଜାଖୋଜି କରିବା ପରେ ନିରାଶ ହୋଇ ଦମକଳବାହିନୀକୁ ଖବର ଦେଇଥିଲେ। ଦମକଳବାହିନୀ ପହଞ୍ଚି ମୃତଦେହ ଉଦ୍ଧାର କରି ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ତାଙ୍କ ଅକାଳ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଅନ୍ୟପକ୍ଷରେ ବୈତରଣୀ ନଦୀ ପ୍ରାୟତଃ ଶୁଖିଲା ଥିବାବେଳେ ବେଆଇନଭାବେ ଖୋଳାଯାଉଥିବା ବାଲି ଘାଟ ଯୋଗୁ ସେଠାରେ ବିରାଟ ଗଣ୍ଡ ସୃଷ୍ଟି ହୋଇଛି। ପ୍ରଶାସନ ପକ୍ଷରୁ ଏଠାରେ ଥିବା ଗଣ୍ଡର କୌଣସି ସୂଚନା ମଧ୍ୟ ପ୍ରଦାନ କରାଯାଇନାହିଁ। ଯାହା ଫଳରେ ଏପରି ଅଘଟଣ ଘଟିଲା ବୋଲି ଚର୍ଚ୍ଚା ହେଉଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ

## ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ପ୍ରଶାନ୍ତ


@ ପ୍ରିୟଙ୍କା


@ ସରୋଜ


@ ସ୍ମୃତିରଞ୍ଜନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପ୍ରମାଣପତ୍ର ପାଇବାକୁ ଭୂମିହୀନ ହନ୍ତସନ୍ତ

- ସଂରକ୍ଷଣ, ଷ୍ଟାଇପେଣ୍ଡରୁ ଛାତ୍ରୀଛାତ୍ର ବଞ୍ଚିତ
- ଏସ୍‌ଇସିସି ତଥ୍ୟ ନ ଥିବାରୁ ଆବାସ ଯୋଜନା ନାହିଁ
- ଶିକ୍ଷାର୍ଥୀଙ୍କୁ ସ୍କୁଲରେ ଜାତି ପ୍ରମାଣପତ୍ର ମିଳୁଛି

**କେନ୍ଦ୍ରାପଡ଼ା ଅଫିସ, ୧୯।୪**

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଟିକରପଙ୍ଗା ପଞ୍ଚାୟତ ନାରାୟଣପୁର ଗାଁରେ ପ୍ରାୟ ୩୦୦ ପରିବାର ଅଛନ୍ତି। ଏମାନଙ୍କ ମଧ୍ୟରୁ ପ୍ରାୟ ୭୦ ପ୍ରତିଶତ ଅନୁସୂଚିତ ଜାତି ବର୍ଗ। ତେବେ ଏସ୍‌ଇସିସି (ସୋସିଓ ଇକୋନୋମିକ ଆଣ୍ଡ କାଷ୍ଟ ସେନ୍‌ସସ୍)ର ତଥ୍ୟ ଜିଲା ପ୍ରଶାସନ ନିକଟରେ ନ ଥିବାରୁ ଗ୍ରାମବାସୀ ଆବାସ ଯୋଜନାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହେଉଛି। ଉପାନ୍ତ ଅଞ୍ଚଳରେ ବସବାସ କରୁଥିବା ଏହିପରି ଅନେକ ପରିବାର ଆବାସ ଯୋଜନାରୁ ବଞ୍ଚିତ ହୋଇଥିବା ବେଳେ କେନ୍ଦ୍ରାପଡ଼ା ଜିଲାରେ ଭୂମିହୀନ ପଛୁଆବର୍ଗଙ୍କ ପାଇଁ ଜାତି ପ୍ରମାଣପତ୍ର ପାଇବା ଏବେ ସ୍ୱପ୍ନ ସଦୃଶ ହୋଇଛି। ଫଳରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ମିଳୁଥିବା ବିଭିନ୍ନ ସୁବିଧା ଓ ଯୋଜନା, ଶିକ୍ଷାନୁଷ୍ଠାନରେ ଆଡ୍‌ମିଶନ, କର୍ମ ନିଯୁକ୍ତି, ରିହାତି, ଛାତ୍ରବୃତ୍ତି ଆଦିରୁ ପଛୁଆବର୍ଗ ବଞ୍ଚିତ ହେଉଛନ୍ତି।

ଏ ସମ୍ପର୍କରେ ଆଇନଜୀବୀ ବିଧୁ ଭୂଷଣ ମହାପାତ୍ର କହିଛନ୍ତି, ୨୦୦୯ ଜାନୁୟାରୀ ୯ରେ କେନ୍ଦ୍ର ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଭୂମିହୀନଙ୍କୁ ଜାତି ପ୍ରମାଣପତ୍ର ପ୍ରଦାନ ପାଇଁ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏଥିରେ ଜମିର ପଟ୍ଟାକୁ ବାଧ୍ୟତାମୂଳକ ରଖାଯାଇଥିବା ବେଳେ ଏହି ବିଜ୍ଞପ୍ତିର କେତେକ ଅଂଶରେ ଭୂମିହୀନଙ୍କ ପାଇଁ କୋହଳ ସର୍ତ୍ତ ରଖାଯାଇଥିଲା। ଜାତି ପ୍ରମାଣପତ୍ର ପ୍ରସ୍ତୁତ ସମୟରେ ମାତାପିତା ଓ ଅଭିଭାବକଙ୍କ ଜାତି ପ୍ରମାଣପତ୍ର, ସେମାନଙ୍କ ସଂସ୍କୃତି, ସାମାଜିକ ବ୍ୟବସ୍ଥା, ଦେବତା, ରୀତିନୀତି, ବିବାହର ଧାରା, ମୃତ୍ୟୁ ସମାରୋହ, ମୃତଦେହର ସଂସ୍କାର ବିଧି ଆଦି ପଦ୍ଧତି ଲକ୍ଷ୍ୟ କରି ଜାତି ସ୍ଥିର ହେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସେହିପରି ସାମାଜିକ ସ୍ଥିତି ଯାଞ୍ଚ କରିବା ପାଇଁ ସ୍ଥାନାନ୍ତରର କାରଣ ଓ ମୂଳ ସ୍ଥାନ ନିରୀକ୍ଷଣ ପାଇଁ ବିଜ୍ଞପ୍ତିରେ ଉଲ୍ଲେଖ ଅଛି। ଏହାସତ୍ତ୍ୱେ ଜିଲାର ବହୁସ୍ଥାନରେ ପଛୁଆବର୍ଗ ଭୂମିହୀନ ଭାବେ ରହି ଆସୁଥିଲେ ମଧ୍ୟ ଆବେଦନକାରୀଙ୍କୁ ପ୍ରଶାସନିକ ଅସହଯୋଗ କାରଣରୁ ଜାତି ପ୍ରମାଣପତ୍ର ମିଳୁ ନ ଥିବା ଆଇନଜୀବୀ ମହାପାତ୍ର ମତ ଦେଇଛନ୍ତି। ରାଜନଗର ବ୍ଲକ ଭେଙ୍କ୍ଟା ଗ୍ରାମର ପ୍ରୀତିଲଗ୍ନା ଦାସ କହିଛନ୍ତି, ଚଳିତବର୍ଷ ମାଟ୍ରିକ ପରୀକ୍ଷା ଦେଇଛନ୍ତି। ପରିବାର ସଦସ୍ୟ ଅନୁସୂଚିତ ବର୍ଗର ହୋଇଥିଲେ ମଧ୍ୟ ଭୂମିହୀନ ହୋଇଥିବାରୁ ତାଙ୍କୁ ଜାତି ପ୍ରମାଣ ପତ୍ର ମିଳିନାହିଁ। ଫଳରେ ସାଧାରଣ ବର୍ଗର ଛାତ୍ରୀ ଭାବେ ସେ ପାଠ ପଢ଼ିଥିବା ବେଳେ ସରକାରଙ୍କ ଷ୍ଟାଇପେଣ୍ଡ ଯୋଜନାରେ ସାମିଲ ହୋଇପାରି ନାହାନ୍ତି। ଆର୍ଥିକ ଦୁର୍ବଳ ସ୍ଥିତି ଥିବାରୁ କଲେଜରେ ପାଠ ପଢ଼ିବା ସମ୍ଭବ ନୁହେଁ ବୋଲି ସେ ମତ ଦେଇଛନ୍ତି। ପଟ୍ଟାମୁଣ୍ଡାଇର ସାମାଜିକ କର୍ମୀ ପ୍ରତାପ ଚନ୍ଦ୍ର ପାଢ଼ୀ କହିଛନ୍ତି, ୨୦୧୧ ସାମାଜିକ ଅର୍ଥନୈତିକ ଜନଗଣନା ଅନୁଯାୟୀ, ରାଜ୍ୟରେ ୮.୩୩ ପ୍ରତିଶତ ଭୂମିହୀନ ଦଳିତ ପରିବାର ଅଛନ୍ତି। ଏମାନଙ୍କ ପାଇଁ ଜାତି ପ୍ରମାଣପତ୍ର ଯୋଗାଡ କରିବା ଏକ କଷ୍ଟକର ବ୍ୟାପାର। ଏଥିପାଇଁ ବହୁ ସମୟରେ ସରକାରୀ ସୁବିଧା ସୁଯୋଗ ପାଇ ପାରୁନାହାନ୍ତି। ତେବେ ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ୨୦୨୦ ଫେବୃୟାରୀ ୨୬ ରେ ଚିଠି ନଂ. ୯୬୧୮ରେ ଛାତ୍ରୀଛାତ୍ରଙ୍କୁ ଚିହ୍ନଟ କରି ଜାତି ପ୍ରମାଣପତ୍ର ଦେବା ପାଇଁ ପ୍ରତ୍ୟେକ ଜିଲା ଶିକ୍ଷା ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ଏ ନେଇ ସ୍କୁଲ ଓ ଗଣଶିକ୍ଷା ବିଭାଗ, ଏସ୍‌ସି/ଏସ୍‌ଟି ବିଭାଗ, ସଂଖ୍ୟାଲଘୁ ଓ ପଛୁଆ ଶ୍ରେଣୀ କଲ୍ୟାଣ ବିଭାଗ ସ୍ୱତନ୍ତ୍ର ଗାଇଡ୍ ଲାଇନ ପ୍ରସ୍ତୁତ କରିଛନ୍ତି। ଏସବୁ ସତ୍ତ୍ୱେ ପରିଚାଳନାଗତ ତ୍ରୁଟି କାରଣରୁ ପଛୁଆବର୍ଗର ଛାତ୍ରୀଛାତ୍ର ଓ ଲୋକମାନେ ବିଭିନ୍ନ ପ୍ରମାଣପତ୍ର ପାଇବାରୁ ବଞ୍ଚିତ ହେଉଛନ୍ତି। ପ୍ରଶାସନିକ ଅଧିକାରୀମାନେ ଠିକ ଭାବେ ତଦାରଖ କଲେ ସମସ୍ୟାର ସମାଧାନ ହୋଇପାରନ୍ତା ବୋଲି ସେ ମତ ଦେଇଛନ୍ତି। ଏ ସମ୍ପର୍କରେ ଏଡିଏମ୍ ପୀତାମ୍ବର ସାମଲଙ୍କୁ ପଚାରିବାରେ ଭୂମିହୀନଙ୍କୁ ଜମି ଯୋଗାଇଦେବା ପାଇଁ ବସୁନ୍ଧରା ଯୋଜନା କାର୍ଯ୍ୟକାରୀ ହେଉଛି। ସେହିପରି ସ୍ଥାନୀୟ ଲୋକ ପ୍ରତିନିଧିଙ୍କ ସହଯୋଗରେ ଆବାସ ଯୋଜନାର ହିତାଧିକାରୀଙ୍କୁ ଚିହ୍ନଟ କରାଯାଉଛି। ସ୍କୁଲରେ ଛାତ୍ରୀଛାତ୍ରଙ୍କୁ ଜାତି ପ୍ରମାଣପତ୍ର ଯୋଗାଇ ଦେବା ପାଇଁ ବ୍ୟବସ୍ଥା ହୋଇଥିବା ସେ କହିଛନ୍ତି।

# ଶରଣକୁଳ କଲେଜରେ ଛାତ୍ରୀଛାତ୍ରଙ୍କୁ ନିର୍ଯାତନା

- ଜିଲାପାଳ, ଉପଜିଲାପାଳଙ୍କୁ ଫେରାଦ
- ଅଧ୍ୟକ୍ଷ, ଅଧ୍ୟାପକଙ୍କ କୋଚିଂ ସେଣ୍ଟରରେ ନ ପଢ଼ିବାରୁ ବିବାଦ
- ୨୪ ବିଜ୍ଞାନ ଛାତ୍ରୀଛାତ୍ର ବାର୍ଷିକ ପରୀକ୍ଷା ଦେଇପାରିଲେନି
- ଟିସି ନେଇ ଅନ୍ୟ କଲେଜରେ ପଢ଼ିବା ପାଇଁ ନିବେଦନ

**ନୟାଗଡ଼ ଅଫିସ,୧୯।୪**

ନୟାଗଡ଼ ଜିଲା ଶରଣକୁଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୨୦୨୨-୨୪ ବ୍ୟାଚ୍ ବିଜ୍ଞାନ ବିଭାଗର ପ୍ରଥମ ବର୍ଷର ୨୪ ଛାତ୍ରୀଛାତ୍ରଙ୍କୁ ନିର୍ଯାତନା ଦିଆଯାଉଥିବା ଅଭିଯୋଗ ହୋଇଛି। ଏନେଇ ସମସ୍ତ ଛାତ୍ରୀଛାତ୍ର ବୁଧବାର ଜିଲାପାଳ ଓ ଉପଜିଲାପାଳଙ୍କୁ ଭେଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଓ ଅଧ୍ୟାପକମାନଙ୍କ ବିରୋଧରେ ଫେରାଦ ହୋଇଛନ୍ତି। ଅଧ୍ୟକ୍ଷ ଓ ଅଧ୍ୟାପକଙ୍କ କୋଚିଂ ସେଣ୍ଟରରେ ପାଠ ନ ପଢ଼ିବାରୁ ଛାତ୍ରୀଛାତ୍ରଙ୍କୁ ପ୍ରାୟ ୧ବର୍ଷ ହେଲା ନିର୍ଯାତନା ଦିଆଯାଉଥିବା ଅଭିଯୋଗ କରାଯାଇଛି। ଅନ୍ୟପକ୍ଷେ ଛାତ୍ରୀଛାତ୍ରମାନଙ୍କୁ ମାରପିଟ୍ କରି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ କାଢ଼ିଦେବା ପରେ ବାର୍ଷିକ ପରୀକ୍ଷା ଦେବାରୁ ସେମାନେ ବଞ୍ଚିତ ହୋଇଛନ୍ତି। ଜୀବନ ପ୍ରତି ବିପଦଥିବାରୁ ଟିସି ନେଇ ଅନ୍ୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପାଠ ପଢ଼ାଇବାକୁ ଛାତ୍ରୀଛାତ୍ର ନିବେଦନ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ନୟାଗଡ଼ ଅଞ୍ଚଳର ୨୪ ଛାତ୍ରୀଛାତ୍ର ୨୦୨୨ରେ ଶରଣକୁଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଜ୍ଞାନ ଶ୍ରେଣୀରେ ନାମ ଲେଖାଇଥିଲେ। ସେମାନେ କିନ୍ତୁ ନୟାଗଡ଼ର ଏକ କୋଚିଂ ସେଣ୍ଟରରେ କୋଚିଂ ନେଉଛନ୍ତି। ତେବେ ଶରଣକୁଳରେ ଅଧ୍ୟାପିକା, ଅଧ୍ୟାପକଙ୍କ ରାମକୃଷ୍ଣ କୋଚିଂ ସେଣ୍ଟର ଥାଉ ଥାଉ ନୟାଗଡ଼ରେ କୋଚିଂ ନେବା ଠିକ୍ ନୁହେଁ ବୋଲି ବିଭିନ୍ନ ସମୟରେ ଶରଣକୁଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପିକା ଅଧ୍ୟାପକମାନେ କହିଥିଲେ। ଛାତ୍ରୀଛାତ୍ରମାନେ କୋଚିଂ ସେଣ୍ଟର ନ ବଦଳାଇବାରୁ ସେମାନଙ୍କ ଉପରେ ମାନସିକ ଓ ଶାରୀରିକ ନିର୍ଯାତନା, ଅଶ୍ଳୀଳ ବ୍ୟବହାର, ମାରପିଟ୍ କରାଯାଇଥିଲା। ପ୍ରାକ୍ଟିକାଲରେ ନମ୍ବର କାଟି ଦେବେ, ପରୀକ୍ଷା ନ ଦେବା ପାଇଁ ବ୍ୟବସ୍ଥା କରିବେ ଓ କଲେଜ କ୍ୟାମ୍ପସରେ ପୂରାଇ ଦେବୁନି ବୋଲି ଧମକ ଦେଲେ। ଏନେଇ ବିଭିନ୍ନ ସମୟରେ ଅଧ୍ୟକ୍ଷଙ୍କୁ ଅଭିଯୋଗ ପରେ ସୁଫଳ ମିଳିଲା ନାହିଁ। ଅଧ୍ୟକ୍ଷ କୋଚିଂ ସେଣ୍ଟରରେ ସାମିଲଥିବାରୁ କାର୍ଯ୍ୟାନୁଷ୍ଠାନ ଫାଇଲ ଅଟକିଗଲା। ପରେ ଗତ ୧୩ ତାରିଖରେ ୧୫ ଜଣ ଛାତ୍ରଙ୍କୁ ମାରପିଟ୍ କରାଗଲା। ୧୫ ତାରିଖରେ ପୁଣି ୧୫ ଜଣ ଛାତ୍ରଙ୍କୁ ମାରପିଟ୍ କରାଗଲା। ବାର୍ଷିକ ପରୀକ୍ଷା ନ ଦେବା ପାଇଁ ଚାପ ପଡ଼ିଲା। କେତେଜଣ ଛାତ୍ର ଅଧ୍ୟାପିକା ଅଧ୍ୟାପକଙ୍କ ନିର୍ଦ୍ଦେଶ ଅନୁସାରେ ମାରପିଟ୍ କରି କାଢ଼ି ଦେବାରୁ ୨୪ ଛାତ୍ରୀଛାତ୍ର ପରୀକ୍ଷା ଦେବାରୁ ବଞ୍ଚିତ ହେଲୁ। ଘଟଣା ଶରଣକୁଳ ଥାନାକୁ ଗଲା। ଭବିଷ୍ୟତକୁ ଆଖି ଆଗରେ ରଖି ଚୁପ ରହିଲୁ। ତେବେ ଜୀବନ ପ୍ରତି ବିପଦ ଥିବା ଓ ପାଠପଢ଼ା ସମ୍ଭବ ନ ହେବାରୁ ଜିଲାପାଳ, ଉପଜିଲାପାଳଙ୍କୁ ଭେଟି ସ୍ମାରକପତ୍ର ଦେଇଛୁ। ଘଟଣାର ନିରପେକ୍ଷ ତଦନ୍ତ କରି ପଦକ୍ଷେପ ନେବା ସହ ଛାତ୍ରୀଛାତ୍ରଙ୍କୁ ଅନ୍ୟ କଲେଜରେ ପାଠ ପଢ଼ାଇବାର ବ୍ୟବସ୍ଥା କରିବାକୁ ନିବେଦନ କରିଛୁ ବୋଲି ସେମାନେ କହିଛନ୍ତି।


ଜିଲାପାଳ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରୁଛନ୍ତି।

ଏ ସଂକ୍ରାନ୍ତରେ ଜିଲାପାଳ ରବୀନ୍ଦ୍ର ନାଥ ସାହୁ ଓ ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟ କହିଛନ୍ତି ଅଭିଯୋଗ ପାଇଛୁ। ଘଟଣାର ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ। ତେବେ ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ଯେପରି ଅସୁବିଧା ନ ହେବ, ସେଥିପ୍ରତି ଗୁରୁତ୍ୱ ଦିଆଯିବ। ଉପଜିଲାପାଳ ଶକ୍ତିକାନ୍ତ ରାୟ କୁହନ୍ତି, ଅଭିଯୋଗ ପାଇଛି। କାହିଁକି ଏଭଳି ଘଟଣା ଘଟିଛି, କେଉଁମାନେ ଏଥିରେ ଦାୟୀ ସେନେଇ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଛାତ୍ରୀଛାତ୍ରମାନେ ନିଜ ପସନ୍ଦ ମୁତାବକ କଲେଜରେ ପାଠ ପଢ଼ିପାରିବେ ବୋଲି କହିଛନ୍ତି। ଶରଣକୁଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ବସନ୍ତ ରଥ କୁହନ୍ତି, ନୟାଗଡ଼ର ୨୪ ଛାତ୍ରୀଛାତ୍ର ଯେଉଁ ଅଭିଯୋଗ ଆଣିଛନ୍ତି ତାହା ଭିତ୍ତିହୀନ। ସେମାନେ ବିଦ୍ୟାଳୟକୁ ଆସୁ ନ ଥିଲେ। ସେମାନଙ୍କୁ କୌଣସି ଅଧ୍ୟାପିକା, ଅଧ୍ୟାପକ ନିର୍ଯାତନା ଦେଇନାହାନ୍ତି। ପୁଣି ଅଧ୍ୟାପିକା, ଅଧ୍ୟାପକଙ୍କ କୋଚିଂ ସେଣ୍ଟରରେ ପାଠ ପଢ଼ାଇବାକୁ ବାଧ୍ୟ କରାଇବା ପ୍ରସଙ୍ଗ ମଧ୍ୟ ମିଥ୍ୟା ବୋଲି କହିଛନ୍ତି। ରାମକୃଷ୍ଣ କୋଚିଂ ସେଣ୍ଟରର ମାଲିକ ଆଲୋକ ପ୍ରଧାନ କୁହନ୍ତି, ଛାତ୍ରୀଛାତ୍ର ଯେଉଁ ଅଭିଯୋଗ ଜିଲାପାଳ ଓ ଉପଜିଲାପାଳଙ୍କ ନିକଟରେ କରିଛନ୍ତି ସେଥିରେ ଆମ ଅନୁଷ୍ଠାନର କୌଣସି ସମ୍ପୃକ୍ତି ନାହିଁ। ଆମ କୋଚିଂ ସେଣ୍ଟରରେ କୌଣସି ଛାତ୍ରୀଛାତ୍ରଙ୍କୁ ଆସିବାକୁ ବାଧ୍ୟ କରାଯାଇ ନାହିଁ।

## ପ୍ରତି ପଞ୍ଚାୟତରେ ସ୍ୱତନ୍ତ୍ର ଗ୍ରାମସଭା


ସ୍ୱତନ୍ତ୍ର ଗ୍ରାମସଭାରେ ଯୋଗଦେଇଥିବା ଜନପ୍ରତିନିଧି ଓ ଗ୍ରାମବାସୀ।

**ଖଣ୍ଡପଡ଼ା,୧୯।୪(ସ୍ୱ.ପ୍ର.)**

ନୟାଗଡ଼ ଜିଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ଖଣ୍ଡପଡ଼ା ବ୍ଲକ ଅଧୀନ ୨୨ ପଞ୍ଚାୟତରେ ସ୍ୱତନ୍ତ୍ର ଗ୍ରାମସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟେକ ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ, ୱାର୍ଡ ସଭ୍ୟାସଭ୍ୟ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଆରଏସ୍‌ଙ୍କ ଉପସ୍ଥିତିରେ ଅନୁଷ୍ଠିତ ଗ୍ରାମସଭାରେ ଚଳିତ ବର୍ଷ ପାଇଁ ବିଭିନ୍ନ ଉନ୍ନୟନ ମୂଳକ ଯୋଜନା ସମ୍ପର୍କରେ ଆଲୋଚନା କରାଯାଇଥିଲା। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ୯ଟି ଯୋଜନା ମଧ୍ୟରୁ କେଉଁ ପଞ୍ଚାୟତରେ କେଉଁ ଯୋଜନା ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟକାରୀ ହେବ ସେ ନେଇ ଆଲୋଚନା ହୋଇଛି। ବିଶେଷକରି ଦାରିଦ୍ର୍ୟ ମୁକ୍ତ ଏବଂ ଉନ୍ନତ ଜୀବିକା ଗ୍ରାମ, ସୁସ୍ଥ ଗ୍ରାମ, ଶିଶୁପ୍ରିୟ ଗ୍ରାମ, ପର୍ଯ୍ୟାପ୍ତ ଜଳ ଥିବା ଗ୍ରାମ, ସ୍ୱଚ୍ଛ ଓ ସବୁଜ ଗ୍ରାମ, ଆତ୍ମନିର୍ଭରଶୀଳ ଭିତ୍ତିଭୂମି ଥିବା ଗ୍ରାମ, ସାମାଜିକସ୍ତରରେ ସୁରକ୍ଷିତ ଥିବା ଗ୍ରାମ, ସୁଶାସନ ଯୁକ୍ତ ଗ୍ରାମ ଏବଂ ମହିଳା ଅନୁକୂଳ ଗ୍ରାମ ଆଦି ୯ ଯୋଜନା କାର୍ଯ୍ୟକାରୀ ହେବ। ଚଳିତ ବର୍ଷ ଏଥିପାଇଁ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରାଯାଇଥିବା ଖଣ୍ଡପଡ଼ା ବ୍ଲକ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଅନିତ କୁମାର ବଡ଼ସେଟଙ୍କଠାରୁ ସୂଚନା ମିଳିଛି।

## ଜାମୁଗଣ୍ଡ ଗାଁରେ ସ୍ଥାପନ ହେବ ମୋବାଇଲ ଟାୱାର

**ନୟାଗଡ଼ ଅଫିସ,୧୯।୪**

ନୟାଗଡ଼ ଜିଲା ରଣପୁର ବ୍ଲକ ବନ୍ଧମୁଣ୍ଡା ପଞ୍ଚାୟତର ଜାମୁଗଣ୍ଡ ଗାଁରେ ମୋବାଇଲ ଟାୱାର ପ୍ରତିଷ୍ଠା ହେବ। ଏଥିପାଇଁ କେନ୍ଦ୍ରମନ୍ତ୍ରୀ ଅଶିନୀ ବୈଷ୍ଣବ ଗ୍ରୀନ ସିଗନାଲ ଦେଇଛନ୍ତି। ଗତ ୧୦ ତାରିଖରେ ଭାଜପାର ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର ଜାମୁଗଣ୍ଡ ଗାଁକୁ ଯାଇଥିଲେ। ସ୍ଥାନୀୟ ଲୋକ ମୋବାଇଲ ଟାୱାର ଗାଁରେ ନ ଥିବା ଜଣାଇଥିଲେ। ପରେ ସମ୍ବିତ ପାତ୍ର ଦିଲ୍ଲୀରେ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟ ବନ୍ଧମୁଣ୍ଡା ପଞ୍ଚାୟତର ଜାମୁଗଣ୍ଡ ଗାଁରେ ମୋବାଇଲ ନେଟୱର୍କର ବ୍ୟବସ୍ଥା କରିବା ପାଇଁ ଜଣାଇଥିଲେ। ଟାୱାର କରାଗଲେ ବନ୍ଧମୁଣ୍ଡା ପଞ୍ଚାୟତର ୫ ହଜାର ଲୋକେ ଉପକୃତ ହେବେ ବୋଲି କହିଥିଲେ।


କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସହ ସମ୍ବିତ ପାତ୍ର।

## ଶିଶୁ ମଙ୍ଗଳ, ସୁରକ୍ଷା ପାଇଁ ସଚେତନତା କାର୍ଯ୍ୟକ୍ରମ


କାର୍ଯ୍ୟକ୍ରମରେ ଉପସ୍ଥିତ ସରପଞ୍ଚ ଓ ଅନ୍ୟମାନେ।

**ଭାପୁରର,୧୯।୪(ଡି.ଏନ୍.ଏ.)**

ନୟାଗଡ଼ ଜିଲା ଭାପୁର ବ୍ଲକ କଇଁଫୁଲିଆ ଗ୍ରାମପଞ୍ଚାୟତର ସରପଞ୍ଚ ରମେଶ ପ୍ରସାଦ ରାଉତଙ୍କ ଅଧ୍ୟକ୍ଷତାରେ ବୁଧବାର ଶିଶୁମାନଙ୍କ ସୁରକ୍ଷା ପାଇଁ ମିଶନ ବାତ୍ସଲ୍ୟ ୨୦୨୩ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିଶୁମାନଙ୍କର ସୁରକ୍ଷା ଓ ଶିଶୁ ମଙ୍ଗଳ ପାଇଁ ସଚେତନତା ବାର୍ତ୍ତା ପଞ୍ଚାୟତସ୍ତରରେ ବଣ୍ଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଶିଶୁ ହେଉଛନ୍ତି ଦେଶର ଆଗାମୀ ଭବିଷ୍ୟତ ତେଣୁ ସେମାନଙ୍କୁ ଶ୍ରମିକ ଭାବେ ଖଟାଇବା ବନ୍ଦ କରିବା, ବାଲ୍ୟ ବିବାହ ବନ୍ଦ କରିବା, ବିଦ୍ୟାଳୟ ଓ ଘରେ ଶିଶୁମାନଙ୍କ ନିର୍ଯାତନା ହ୍ରାସ ପାଇଁ ସଚେତନତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଆଗକୁ ଅକ୍ଷୟ ତୃତୀୟା ଆସୁଥିବାରୁ ବାଲ୍ୟ ବିବାହ ସେଦିନ ଯେପରି ନ ହେବ ସେଥିପାଇଁ ପଞ୍ଚାୟତସ୍ତରରେ ବାଲ୍ୟ ବିବାହ ବନ୍ଦ ପାଇଁ ସଚେତନତା ବାର୍ତ୍ତା ବାଣ୍ଟିବା ପାଇଁ ପରାମର୍ଶ ଦିଆଯାଇଥିଲା। ଯଦି ସେ ଦିନ ବାଲ୍ୟବିବାହ ହେଉଥିବାର ଖବର ପ୍ରକାଶ ପାଏ ଓ ବାଲ୍ୟ ବିବାହ ହେଉଥିବା ବେଳେ ଧରାଯାଏ ତେବେ କର୍ମଚାରୀଙ୍କ ଉପରେ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବା ପାଇଁ ପ୍ରସ୍ତାବ ପାରିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଆଇସିଡିଏସ୍ ସୁପରଭାଇଜର ଜ୍ୟୋତିର୍ମୟୀ ସାହୁ, ସ୍ୱାସ୍ଥ୍ୟ ବିଭାଗ ସୁପରଭାଇଜର, ଶିକ୍ଷକ ଜନ୍ମେଜୟ ପଣ୍ଡା, ଅଙ୍ଗନୱାଡ଼ି କର୍ମୀ ବିଷ୍ଣୁ ପ୍ରିୟା ସେଠୀ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

## ନୂଆଗାଁ ବ୍ଲକରେ ୨ କରୋନା ରୋଗୀ ଚିହ୍ନଟ

**ନୂଆଗାଁ,୧୯।୪(ଡି.ଏନ.ଏ.)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକରେ ପ୍ରଥମ କରି ବୁଧବାର ୨ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି। ସେମାନେ ନିଜ ଘରେ ଏକାକୀ ରହି ଚିକିତ୍ସିତ ହେଉଛନ୍ତି ବୋଲି ମହିପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ସୂଚନା ଦେଇଛନ୍ତି। ନୂଆଗାଁ ବ୍ଲକର ବାହାଡାଖୋଲାରୁ ଜଣେ ଓ ମହିପୁର ଅଞ୍ଚଳରୁ ଜଣେ ବ୍ୟକ୍ତି କରୋନାରେ ଆକ୍ରାନ୍ତ ହୋଇଥିବା ଆଣ୍ଟିଜେନ ଟେଷ୍ଟରୁ ଜଣାପଡିଛି। ଆର୍ଟିପିସିଆଲ ଟେଷ୍ଟ ପାଇଁ ପୁନର୍ବାର ସେମାନଙ୍କ ସ୍ୱାବ୍ ପଠାଯାଇଥିବା ସ୍ୱାସ୍ଥ୍ୟ ଅଧିକାରୀ କହିଛନ୍ତି। କୋଭିଡ୍ ଗାଇଡ୍ ଲାଇନ ଅନୁଯାୟୀ ସେମାନଙ୍କ ଚିକିତ୍ସା କରାଯିବ ବୋଲି ସୂଚନା ମିଳିଛି। ପ୍ରାଥମିକ ଚିକିତ୍ସାରେ ଯଦି ସେମାନେ ସୁସ୍ଥ ନ ହୁଅନ୍ତି ଉଭୟଙ୍କୁ ଖଣ୍ଡପଡାସ୍ଥିତ କୋଭିଡ୍ ହସ୍ପିଟାଲକୁ ପଠାଯିବ ବୋଲି କହିଛନ୍ତି ମହିପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡ.ଶତିଶ ନିବେଦନ। ଏ ଖବର ଜଣାପଡିବା ପରେ ସମସ୍ତ ଜନସାଧାରଣ ସ୍ୱାସ୍ଥ୍ୟ ବିଭାଗର କୋଭିଡ୍ ଗାଇଡ ଲାଇନ ମାନିବା ଓ ସତର୍କ ରହିବା ପାଇଁ ନୂଆଗାଁ ବିଡିଓ ସଚ୍ଚିଦାନନ୍ଦ ମିଶ୍ର ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି।

## ବିଶ୍ୱ ହାସ୍ୟ ଦିବସ
## ହସି ହସାଅ ପ୍ରସ୍ତୁତି ବୈଠକ

**ନୟାଗଡ଼ ଅଫିସ,୧୯।୪**

ମେ ୭ ତାରିଖ ସନ୍ଧ୍ୟାରେ ବିଶ୍ୱ ହାସ୍ୟ ଦିବସ ଏବଂ ହସି ହସାଅ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ମହର୍ଷି ଖେଳ ପଡ଼ିଆରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ ପ୍ରମୋଦ ପଟ୍ଟନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ନୟାଗଡ଼ ପୁରୁଣା ସହରସ୍ଥିତ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ମନ୍ଦିର ନିକଟ ଯଦୁମଣି ମଣ୍ଡପରେ ଅନୁଷ୍ଠିତ ହେବ। ଏହି ଅବସରରେ ରାଜ୍ୟର ଲବ୍ଧ ପ୍ରତିଷ୍ଠିତ ବ୍ୟଙ୍ଗ କବି ଜ୍ଞାନ ହୋତା, ସତ୍ୟାନାଶ, କୁଳାଙ୍ଗାର, ବୋଲଗଡ଼ ଏକ୍ସପ୍ରେସ, ମନ ମାଷ୍ଟ୍ରେ, ରବିନ୍ଦ୍ର ରାଉତ ସମେତ ୧୨ଜଣ ବ୍ୟଙ୍ଗକାର ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ବିଶେଷ ଆକର୍ଷଣ ଭାବେ ଓଟିଭି ନ୍ୟୁଜ୍‌ଫିଉଜର ଉଦ୍‌ଘୋଷକ ହଇରେ ନାରଣ(ହୃଷିକେଶ) ଏବଂ ଚଳଚ୍ଚିତ୍ର ଓ ଟିଭି ଜଗତର ବିଶିଷ୍ଟ ହାସ୍ୟ ଅଭିନେତା ବ୍ରଜ ସିଂ ଯୋଗଦେଇ ଉପସ୍ଥିତ ଜନତାଙ୍କୁ ହସେଇବେ। ଶେଷରେ ଚଳିତ ବର୍ଷ ରାଜ୍ୟସ୍ତରୀୟ ଉତ୍କଳ ଘଣ୍ଟ ହାସ୍ୟରସିକ ଉପାୟନ ସତ୍ୟାନାଶଙ୍କୁ ପ୍ରଦାନ କରାଯିବା ସହିତ ନଗଦ ୨୧ ହଜାର ଟଙ୍କା ଅର୍ଥ ରାଶି ପ୍ରଦାନ କରାଯିବ। ଏହି ପ୍ରସ୍ତୁତି ବୈଠକରେ ନାଟ୍ୟଭୂଷଣ ବିଜୟ ଚୌଧୁରୀ, ସମ୍ପାଦକ ନିର୍ମଳ ଶୁରଦେଓ, କଣ୍ଠଶିଳ୍ପୀ ନବକିଶୋର ମିଶ୍ର, ପୂର୍ଣଚନ୍ଦ୍ର ଶତପଥୀ, ଶ୍ରମିକ ନେତା ଶ୍ରୀକାନ୍ତ ପଟ୍ଟନାୟକ, ହାସ୍ୟରସିକ ମି.କାଳିଆ, ରବୀନ୍ଦ୍ର ରାଉତ ପ୍ରମୁଖ ଯୋଗଦେଇ ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ। ଶିକ୍ଷକ ପ୍ରଦୀପ୍ତ ଡାକୁଆ ଧନ୍ୟବାଦ ଅର୍ପଣ କରିଥିଲେ।


ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା କର୍ମକର୍ତ୍ତା।

# କାର୍ଯ୍ୟକ୍ଷମ ହୋଇପାରୁନି କ୍ଲଷ୍ଟର ପ୍ରକଳ୍ପ

- ଉପକୃତ ହୋଇପାରୁନାହାନ୍ତି କାରିଗର
- ବିକାଶ ନାଁରେ ଚାଲିଛି ଅର୍ଥ ବ୍ୟୟ

**ଖଣ୍ଡପଡ଼ା,୧୯।୪(ସ୍ୱ.ପ୍ର.)**

ନୂତନ ଜ୍ଞାନକୌଶଳ ତଥା ପ୍ରଶିକ୍ଷଣ ମାଧ୍ୟମରେ କଂସା ପିତଳ ଏବଂ କାଠ ଖୋଦେଇର ବିଭିନ୍ନ ସୌଖୀନ ସାମଗ୍ରୀ ଉତ୍ପାଦନ କରିବା ଲକ୍ଷ୍ୟ ନେଇ ନୟାଗଡ଼ ଜିଲା କଣ୍ଟିଲୋରେ ଏକ ପ୍ରଶିକ୍ଷଣ ପ୍ରକଳ୍ପ ନିର୍ମାଣ ହୋଇଛି। ୫କୋଟିରୁ ଊର୍ଦ୍ଧ୍ୱ ଟଙ୍କାର କେନ୍ଦ୍ରୀୟ ଅନୁଦାନ ତଥା ପିପିପି ମୋଡରେ ପ୍ରତିଷ୍ଠିତ ଏହି ପ୍ରକଳ୍ପର କାମ ସମ୍ପ୍ରତି ଶେଷ ହୋଇଥିବା ବେଳେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଉଦାସୀନତା ଯୋଗୁ ତାହା କାର୍ଯ୍ୟକ୍ଷମ ହୋଇ ପାରିନାହିଁ। କାରିଗରମାନେ ଉକ୍ତ ପ୍ରକଳ୍ପ ଦ୍ୱାରା ଉପକୃତ ହୋଇପାରିବେ ବୋଲି ଆଶା କରାଯାଇଥିଲା। ହେଲେ ଆଜି ପର୍ଯ୍ୟନ୍ତ ସେଥିରେ ସଫଳତା ମିଳିନାହିଁ। ଅନ୍ୟପକ୍ଷେ ଭୁବନେଶ୍ୱର ସିଟିସି ପକ୍ଷରୁ ହୋଇଥିବା ଉଦ୍ୟମ କାର୍ଯ୍ୟକାରୀ ହୋଇପାରୁ ନ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ଗଞ୍ଜାମ ଜିଲା ବ୍ରହ୍ମପୁର ଆମ୍ବପୁଆ ଅଞ୍ଚଳର ସ୍ୱେଚ୍ଛାସେବୀ ସଙ୍ଗଠନ ରଘୁନନ୍ଦନ ପାଠାଗାର ମାଧ୍ୟମରେ ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ ପାଣ୍ଡୁସାହୁପାଟଣାସ୍ଥିତ ବାପୁଜୀ କଂସା ପିତଳ ସମବାୟ ସମିତି ପରିସରରେ ପ୍ରତିଷ୍ଠା ହୋଇଛି କଂସା ପିତଳ ଓ କାଠ ନିର୍ମାଣ କ୍ଲଷ୍ଟର ପ୍ରକଳ୍ପ। କଣ୍ଟିଲୋ ଓ ଏହାର ଆଖପାଖ ଅଞ୍ଚଳର କାରିଗରମାନେ ସୌଖୀନ ସାମଗ୍ରୀ ନିର୍ମାଣ କରି କିପରି ସ୍ୱାବଲମ୍ବୀ ହୋଇ ପାରିବେ ଓ ନୂତନ କାରିଗର ସୃଷ୍ଟି କରାଯାଇ ଆଗାମୀ ଦିନରେ ଏକ ସ୍ୱତନ୍ତ୍ର ବିପଣୀ କେନ୍ଦ୍ର ସୃଷ୍ଟି କରିବା ଥିଲା ଏହି ପ୍ରକଳ୍ପର ମୁଖ୍ୟ ଲକ୍ଷ୍ୟ। ଏହି ପ୍ରକଳ୍ପକୁ ତତ୍କାଳୀନ ନୟାଗଡ଼ ଜିଲାପାଳ ଡ. ପୋମା ଟୁଡୁ ୨୦୨୨ ଅଗଷ୍ଟ ୮ରେ ପରିଦର୍ଶନ କରି ସେଠାରେ ସ୍ଥାନିତ ହୋଇଥିବା ଯନ୍ତ୍ରପାତି ଓ ମେଶିନର ପ୍ରାଥମିକ ସର୍ବେକ୍ଷଣ ଦେଖି ସନ୍ତୋଷ ପ୍ରକାଶ କରିଥିଲେ। ଖୁବ୍‌ଶୀଘ୍ର ଏହି ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଆୟୋଜିତ ବୈଠକରେ ଭୁବନେଶ୍ୱରରୁ ଆସିଥିବା ବିଭାଗୀୟ ଅଧିକାରୀ ଓ ଅଭିଜ୍ଞ ତଥା କୁଶଳୀ କାରିଗରମାନେ ନୂତନ ଭାବେ ସ୍ଥାପିତ ହୋଇଥିବା ମେଶିନକୁ ଚଳାଇ ପରୀକ୍ଷା ନିରୀକ୍ଷା କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ କାଠର ସୌଖୀନ ସାମଗ୍ରୀ ଉତ୍ପାଦନ ପାଇଁ ମେଶିନ ସବୁ ସ୍ଥାନିତ ହେବ ବୋଲି ସଂସ୍ଥାର ପରିଚାଳକ ତଥା ନୋଡାଲ ଏଜେନ୍ସି ନିର୍ମଳ ନାୟକ ପ୍ରକାଶ କରିଥିଲେ। ତେବେ କେଉଁ କାରଣ ପାଇଁ ଉକ୍ତ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇ ପାରୁନାହିଁ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଇତିମଧ୍ୟରେ ୮ମାସ ଅତିବାହିତ ହୋଇଗଲାଣି। କଣ୍ଟିଲୋରେ ପ୍ରତିଷ୍ଠା ହୋଇଥିବା ପ୍ରକଳ୍ପଠାରୁ ପ୍ରାୟ ୧୫୦ କିଲୋମିଟର ଦୂରରେ ପ୍ରକଳ୍ପର ମୁଖ୍ୟ କାର୍ଯ୍ୟାଳୟ ରହିଥିବାରୁ କୌଣସି ତଥ୍ୟ ଜାଣିବାରେ ସମସ୍ୟା ସୃଷ୍ଟି ହେଉଛି। ପ୍ରକଳ୍ପରେ ଜଣେ ବେତନଭୋଗୀ(କ୍ଲଷ୍ଟର ପ୍ରୋଜେକ୍ଟ ଏକ୍‌ଜିକ୍ୟୁଟିଭ)କର୍ମଚାରୀ ନିଯୁକ୍ତି ପାଇଥିଲେ ମଧ୍ୟ ତାଙ୍କ ପାଖରୁ ପ୍ରକଳ୍ପ ସମ୍ପର୍କରେ ଠିକ ତଥ୍ୟ ମିଳିବା ସମ୍ଭବ ହେଉନାହିଁ। ଅପରପକ୍ଷେ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇ ନ ଥିଲେ ମଧ୍ୟ ପ୍ରତି ମାସରେ ବିଦ୍ୟୁତ୍ ବିଲ ବାବଦରେ ୭ରୁ ୮ ହଜାର ଟଙ୍କା ପୈଠ କରିବାକୁ ପଡୁଛି। ଏହି ପ୍ରକଳ୍ପରେ ବହୁ କାରିଗର ନୂତନ ପ୍ରଣାଳୀରେ ସୌଖୀନ ସାମଗ୍ରୀ ଉତ୍ପାଦନ କରିବାର ପ୍ରଶିକ୍ଷଣ ନେଇ କଂସା ପିତଳ ବାସନ ଓ ଖୋଦେଇ କାଷ୍ଠ ଶିଳ୍ପର ବିକାଶ କରିପାରିବେ ବୋଲି ନାୟକ ସୂଚନା ଦେଇଛନ୍ତି। ହେଲେ ବହୁ କାରିଗରଙ୍କ ଆଶା କେବେ ପୂରଣ ହେବ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅଞ୍ଚଳର ବିକାଶ ସାଙ୍ଗକୁ କାରିଗରମାନଙ୍କ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ନୟାଗଡ଼ ଜିଲାପାଳ ହସ୍ତ ଓ କୁଟୀର ଶିଳ୍ପ ବିଭାଗ ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।


ଉଦ୍‌ଘାଟନ ଅପେକ୍ଷାରେ ଥିବା କଂସା ପିତଳ ଓ କାଠ ନିର୍ମାଣ କ୍ଲଷ୍ଟର ପ୍ରକଳ୍ପ।

ଏ ସମ୍ପର୍କରେ ସଂସ୍ଥାର ପରିଚାଳକ ନାୟକଙ୍କ ସହ ଯୋଗାଯୋଗ କରିବାରେ କେନ୍ଦ୍ର ସରକାରଙ୍କ ବିଧି ବ୍ୟବସ୍ଥା ଅନୁଯାୟୀ, ଉକ୍ତ ପ୍ରକଳ୍ପ ପାଇଁ ଆବଶ୍ୟକ ପଡୁଥିବା କଞ୍ଚାମାଲ ପାଇବାର ଟେଣ୍ଡର ପ୍ରକ୍ରିୟା କାମ ସମ୍ପନ୍ନ ହୋଇଛି। ଅପରପକ୍ଷେ ତାଲିମ ପାଇବାକୁ ଥିବା କାରିଗରମାନଙ୍କୁ ନୂତନ ପ୍ରଣାଳୀରେ କଂସା ପିତଳ ସାମଗ୍ରୀ ଉତ୍ପାଦନ ପାଇଁ ମୋରାଦାବାଦରୁ ମାଷ୍ଟର କ୍ରାଫ୍ଟସ୍‌ମ୍ୟାନ୍ ଆଣିବା ପାଇଁ କେନ୍ଦ୍ର ସରକାରଙ୍କ ଏସ୍‌ଏଚ୍‌ଡିସି ବିଭାଗକୁ ଆବେଦନ କରାଯାଇଥିଲା। ମାତ୍ର ଏତେ ଦୂରରୁ କ୍ରାଫ୍ଟସମ୍ୟାନ୍ ଆସି ପ୍ରଶିକ୍ଷଣ ଦେବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି। ତେବେ ଏ ଦିଗରେ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରାଯାଇ ଖୁବ୍‌ଶୀଘ୍ର ଉକ୍ତ ପ୍ରକଳ୍ପ କାମ ଆରମ୍ଭ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ପ୍ରଶାନ୍ତ


@ ପ୍ରିୟଙ୍କା


@ ସରୋଜ


@ ସ୍ମୃତିରଞ୍ଜନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବିଜେଡି ଆସୁନି, ଭାଜପା ଗଲେ ବାରଣ: ମନମୋହନ

## ଖବରଦାତା ସମ୍ମିଳନୀରେ ବର୍ଷିଲେ ଭାଜପା ନେତୃବୃନ୍ଦ

ସମ୍ବଲପୁର, ୧୯।୪(ବ୍ୟୁରୋ)

ସମ୍ବଲପୁର ଜିଲା ଗସ୍ତରେ ଦଙ୍ଗା ପୀଡିତ ଓ ମୃତକଙ୍କ ପରିବାରକୁ ଭେଟିବାକୁ ଆସୁଥିବା ବେଳେ ଭାଜପା ପ୍ରତିନିଧି ଦଳକୁ ମଙ୍ଗଳବାର ସମ୍ବଲପୁର ଜିଲା ପ୍ରଶାସନ ଝାରସୁଗୁଡା-ସମ୍ବଲପୁର ସୀମାନ୍ତ ଠେଲକୋଲି ଥାନାରେ ୧୦ ଘଣ୍ଟା ଅଟକ ରଖି ଜିଲାକୁ ପୂରେଇ ଦେଇ ନ ଥିଲା। ଏହି ଘଟଣାରେ ଭାଜପା ବୁଧବାର ଝାରସୁଗୁଡାଠାରେ ଖବରଦାତା ସମ୍ମିଳନୀ କରି ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି, ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଦେଶ ଗସ୍ତ କରୁଛନ୍ତି। ହେଲେ ସମ୍ବଲପୁରରେ ଦଙ୍ଗା ଓ ୬ଦିନ ହେଲା ଆଇନଶୃଙ୍ଖଳା ପରିସ୍ଥିତି ଉପୁଜିଥିବା ବେଳେ ଏଠାକୁ ଆସି ଲୋକଙ୍କ ସହ ଛିଡା ହେଉନାହାନ୍ତି। ଅନ୍ୟପଟେ ଭାଜପା ପ୍ରତିନିଧି ଦଳ ପ୍ରଭାବିତଙ୍କୁ ଭେଟିବାକୁ ଗଲେ ରାସ୍ତାରେ ଅଟକାଯାଉଛି। ବିଜେଡି ଯାଉ ନାହିଁ, ଭାଜପା ଗଲେ ବାରଣ କରାଯାଉଛି ବୋଲି ସେ କହିଥିଲେ। ବରଗଡ ଏମ୍‌ପି ସୁରେଶ ପୂଜାରୀ କହିଥିଲେ, ଜିଲା ପ୍ରଶାସନ ଓ ପୋଲିସର ଅବହେଳା ପଦାରେ ପଡିଯିବା କାରଣରୁ ବାରଣ କରାଯାଉଛି। ଭାଜପା ପ୍ରତିନିଧି ଦଳ ଶାନ୍ତି ଫେରାଇ ଆଣିବାକୁ ଯୋଜନା କରି ଯାଉଥିଲା। ହେଲେ ପ୍ରଶାସନ ଅଟକାଇ ନିୟମ ଭାଙ୍ଗିଛି। ଶୀଘ୍ର ଶାନ୍ତି ଫେରି ଆସିବା ନେଇ ଦଳ ଅନୁରୋଧ କରୁଛି ବୋଲି ସେ କହିଥିଲେ। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା, ସୁନ୍ଦରଗଡ ଏମ୍‌ପି ଜୁଏଲ ଓରାମ, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ସମେତ ବହୁ ନେତୃବୃନ୍ଦ ଉପସ୍ଥିତ ଥିଲେ।



ଝାରସୁଗୁଡ଼ାଠାରେ ବୁଧବାର ଭାଜପା ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳୀୟ ନେତୃବୃନ୍ଦ।

## ଭାଜପା ଖବରଦାତା ସମ୍ମିଳନୀକୁ ବିଜେଡିର ଟାର୍ଗେଟ

# 'ହିଂସା ଘଟଣାରୁ ଫାଇଦା ଉଠାଇବାକୁ ଚେଷ୍ଟା କରାଯାଉଛି'

ଭୁବନେଶ୍ୱର, ୧୯।୪(ବ୍ୟୁରୋ)

ସମ୍ବଲପୁରରେ ସଂଘଟିତ ହିଂସା ଘଟଣାକୁ ନେଇ ଏବେ ରାଜ୍ୟ ରାଜନୀତି ସରଗରମ। ଭାଜପା ଏହି ଘଟଣାରେ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଥିବା ବେଳେ ବିଜେଡି ପାଲଟା ବିରୋଧୀ ଦଳଙ୍କ ବିରୋଧରେ ଦୋଷ ବାଢୁଛି। ସମ୍ବଲପୁରରେ ଶାନ୍ତି ଫେରି ଆସୁଥିବା ବେଳେ ଏହି ହିଂସା ଘଟଣାରୁ ଭାଜପା ଫାଇଦା ନେବାକୁ ଚେଷ୍ଟା ଆରମ୍ଭ କରିଥିବା ବିଜେଡି ଅଭିଯୋଗ କରିଛି।

ବିଜେଡି ମୁଖପାତ୍ର ସଞ୍ଜୟ ବାବୁ ଝାରସୁଗୁଡ଼ାଠାରେ ଭାଜପା ବୁଧବାର କରିଥିବା ଖବରଦାତା ସମ୍ମିଳନୀ ଉପରେ ପ୍ରତିକ୍ରିୟା ରଖି କହିଛନ୍ତି, ସମ୍ବଲପୁରରେ ଘଟିଥିବା ଅତ୍ୟନ୍ତ ସ୍ୱର୍ଶକାତର ଘଟଣା ପରେ ଶାନ୍ତି ଫେରି ଆସୁଛି। ହେଲେ ଭାଜପା ଖବରଦାତା ସମ୍ମିଳନୀ କରି ପୁଣିଥରେ ଏହି ପ୍ରସଙ୍ଗକୁ ତେଜିବାକୁ ଚାହୁଁଛି। ଏଥିରୁ ରାଜନେତିକ ଫାଇଦା ନେବାକୁ ମଧ୍ୟ ଉଦ୍ୟମ କରୁଛି। ସମ୍ବଲପୁରରେ ଘଟିଥିବା ଏହି ଘଟଣା ପଛର ଅପରାଧୀମାନଙ୍କ ବିରୋଧରେ ପୋଲିସ କିଭଳି କଠୋର କାର୍ଯ୍ୟାନୁଷ୍ଠାନ ନେଇଛି, ତାହା ଜିଲାବାସୀ ଦେଖିଛନ୍ତି। ତେଣୁ ଜିଲାବାସୀଙ୍କୁ ଭ୍ରମିତ କରିବାରେ ସେମାନେ କେବେ ବି ସଫଳ ହେବେ ନାହିଁ। ଯେହେତୁ ଏହି ଘଟଣାରେ ସମ୍ପୃକ୍ତ ଅପରାଧୀମାନେ ଗିରଫ ହୋଇ ସାରିଲେଣି, ସ୍ୱାଭାବିକ ଭାବେ ସେମାନଙ୍କୁ ଉସୁକାଇଥିବା ଲୋକମାନେ ବି ଖୁବ୍‌ଶୀଘ୍ର ଧରା ପଡ଼ିଯିବେ। ଏହାକୁ ନେଇ ଭାଜପା ବିବ୍ରତ ହୋଇପଡ଼ିଛି କି ବୋଲି ସେ ପ୍ରଶ୍ନ କରିଛନ୍ତି। ପିତାଙ୍କୁ ହରାଇ ରାଜନୀତି ଭିତରକୁ ଆସିଥିବା ମହିଳାଙ୍କୁ କିପରି ସର୍ବସାଧାରଣରେ ଅପମାନିତ ଓ ଲାଞ୍ଛିତ କରାଯାଇଛି, ତାହା ରାଜ୍ୟବାସୀ ଦେଖିଛନ୍ତି। ଧାନକିଣା, ଏମ୍‌ଏସ୍‌ପି, ଫସଲବୀମା ଆଦି ପଶ୍ଚିମ ଓଡ଼ିଶାବାସୀଙ୍କ ହିତରେ ଥିବା କୌଣସି ପ୍ରସଙ୍ଗରେ ଭାଜପା କେବେ ଖବରଦାତା ସମ୍ମିଳନୀ ଆୟୋଜନ କରେ ନାହିଁ। ଭାଜପାର ସଦ୍‌ବୁଦ୍ଧି ଜାତ ହୋଇଥିଲେ, ସେମାନେ ଏଭଳି ଖବରଦାତା ସମ୍ମିଳନୀ ନ କରି ଶାନ୍ତି ପାଇଁ ଆହ୍ୱାନ ଦେଇଥାନ୍ତେ ବୋଲି ସଞ୍ଜୟ କହିଛନ୍ତି।



କର୍ନାଟକ ନିର୍ବାଚନ: ଦଳୀୟ ପ୍ରାର୍ଥୀଙ୍କ ସମର୍ଥନରେ ଆମ୍ ଆଦମୀ ପାର୍ଟି (ଏଏପି) ଏମ୍‌ପି ରାଘବ ଚଢ଼ା ବୁଧବାର ପ୍ରଚାର କରୁଛନ୍ତି।

## ଜଗନ୍ନାଥ ମନ୍ଦିର ଫାଇଲ ହଜିବା ପ୍ରସଙ୍ଗ

# ସରକାରଙ୍କୁ ଘେରିଲେ ବିରୋଧୀ

■ ହଜିନି, ଲୁଚାଇ ଦିଆଯାଇଛି: ବିଜୟ

■ ଫାଇଲ ହଜେନି, କେଉଁଠି ରହିଯାଇଥିବ: ମନ୍ତ୍ରୀ

ଭୁବନେଶ୍ୱର, ୧୯।୪(ବ୍ୟୁରୋ)

ଜଗନ୍ନାଥ ମନ୍ଦିର ପ୍ରଶାସନର ୨୦୦୬ ଓ ୨୦୧୪ ମସିହାର ଦୁଇଟି ଫାଇଲ ଆଇନ ବିଭାଗ ପାଉନି। ଏହାକୁ ଗୁରୁତର ଭାବେ ନେଇ ଫାଇଲ୍ ଖୋଜିବାକୁ ଆଇନ ବିଭାଗ ସମସ୍ତ ସେକ୍ସନକୁ ଚିଠି ଲେଖିଛି। ଫାଇଲ୍ ମିଳିଲା କି ନାହିଁ ଶୀଘ୍ର ଜଣାଇବାକୁ କୁହାଯାଇଛି। ପୂର୍ବରୁ ଶ୍ରୀମନ୍ଦିର ରତ୍ନଭଣ୍ଡାର ଚାବି ହଜିବା ଘଟଣା ନେଇ ସାରା ରାଜ୍ୟରେ ଆଲୋଡନ ସୃଷ୍ଟି ହୋଇଥିଲା। ଏବେ ପୁଣି ଶ୍ରୀମନ୍ଦିର ପ୍ରଶାସନର ଫାଇଲ ମିଳୁ ନ ଥିବାରୁ ସରକାରଙ୍କୁ ବିରୋଧୀ ଟାର୍ଗେଟ କରିଛନ୍ତି। ଭାଜପା ବରିଷ୍ଠ ନେତା ବିଜୟ ମହାପାତ୍ର ଅଭିଯୋଗ କରିଛନ୍ତି, ଫାଇଲ ହଜିନି, ବରଂ ତାକୁ ଲୁଚେଇ ଦିଆଯାଇଛି। ଫାଇଲରେ ଏମିତି କିଛି ଅଛି, ଯାହାକୁ ଲୋକଲୋଚନକୁ ଆଣିବାକୁ ସରକାର ଚାହୁଁନାହାନ୍ତି। ଏଥିସହ ଶ୍ରୀମନ୍ଦିରକୁ ରାଜ୍ୟ ସରକାର ସବୁବେଳେ କାହିଁକି ଅବହେଳା କରୁଛନ୍ତି ବୋଲି ବିଜୟ ପ୍ରଶ୍ନ କରିଛନ୍ତି।

ଅନ୍ୟପକ୍ଷରେ ଭାଜପା ଏକ ଖବରଦାତା ସମ୍ମିଳନୀ କରି ରାଜ୍ୟ ସରକାର ଜଗନ୍ନାଥ ବିରୋଧୀ ବୋଲି କହିଛି। ମହାପ୍ରଭୁ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନର ଯେଉଁ ୨ଟି ଗୁରୁତ୍ୱପୂର୍ଣ୍ଣ ଫାଇଲ ବିଭାଗରୁ ହଜିଯାଇଛି ବୋଲି ଆଇନ ବିଭାଗ କହୁଛି ବାସ୍ତବରେ ସେ ଫାଇଲ ହଜିନାହିଁ ବରଂ ରାଜ୍ୟ ସରକାର ନିଜେ ସେହି ଫାଇଲକୁ ନଷ୍ଟ କରିବାର ଷଡ଼ଯନ୍ତ୍ର କରିଛନ୍ତି। ଆଗରୁ ଖଣି ଦୁର୍ନୀତି ବାବଦରେ ଏକ ଫାଇଲ ହଜିଥିଲା। ଯେବେ ସରକାରଙ୍କର ଦୁର୍ନୀତି ଧରାପଡ଼ିବାର ସମ୍ଭାବନା ଆସେ ସେତେବେଳେ ସଚିବାଳୟରୁ ଫାଇଲ ହଜିଯାଏ। ରାଜ୍ୟ ସରକାର ୨୦୦୭ରୁ ଇ-ଫାଇଲିଂ ବ୍ୟବସ୍ଥା ଲାଗୁକଲେଣି। ଇ-ଫାଇଲିଂ ବ୍ୟବସ୍ଥା ରାଜ୍ୟରେ ଲାଗୁହୋଇଥିବା ବେଳେ ପୁଣି ଫାଇଲ ହଜିଲା କେମିତି। ସରକାର ଡ୍ରାମା ନ କରି ତୁରନ୍ତ ସ୍ପଷ୍ଟ କରନ୍ତୁ ବୋଲି ଭାଜପା ରାଜ୍ୟ ମୁଖପାତ୍ର ଅନିଲ ବିଶ୍ୱାଳ ପ୍ରଶ୍ନ କରିଛନ୍ତି। ଅନ୍ୟପକ୍ଷରେ କଂଗ୍ରେସ ମଧ୍ୟ ଏହି ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛି। କଂଗ୍ରେସର ବରିଷ୍ଠ ନେତା ନିରଞ୍ଜନ ପଟ୍ଟନାୟକ କହିଛନ୍ତି, ତଥ୍ୟ ପ୍ରଘଟ ଆଶଙ୍କାରେ ସରକାର ହଜିଯିବା ବାହାନାର ଆଶ୍ରା ନେଇଛନ୍ତି। ଯଦି ଜଗନ୍ନାଥଙ୍କ ଫାଇଲ ହଜିଯିବ ଓଡ଼ିଶାରେ ଶାସନ ରହିବା ଉଚିତ ନୁହେଁ। ରାଜ୍ୟ ସରକାର ମନ୍ଦିର ପ୍ରତି ବିପଦ ଆଣିବାକୁ ନିମନ୍ତ୍ରଣ କରୁଛନ୍ତି।

ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା କହିଛନ୍ତି, ଫାଇଲ୍ ହଜିନାହିଁ, କେଉଁଠି ରହିଯାଇଛି। ଫାଇଲ୍ କେବେ ହଜେନା, କେଉଁଠିନା କେଉଁଠି ରହିଯାଇଥିବ। ଏ ନେଇ ତର୍ଜମା କରାଯାଉଛି, ବିଭାଗ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ସେ କହିଛନ୍ତି।

# ବନ୍ଦ ପାଳନକୁ ଅପରାଜିତାଙ୍କ ସମର୍ଥନ ଉସୁକାଇବାର ମାନସିକତା: ବିଜେଡି

ଭୁବନେଶ୍ୱର, ୧୯।୪(ବ୍ୟୁରୋ)

ସମ୍ବଲପୁର ହିଂସା ଘଟଣାକୁ ନେଇ ବିଜେଡି ଓ ଭାଜପା ନେତାମାନଙ୍କ ମଧ୍ୟରେ ବାରମ୍ବାର ମୁହାଁମୁହିଁ ସ୍ଥିତି ସୃଷ୍ଟି ହେଉଛି। ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ବୁଧବାର ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ଦିଆଯାଇଥିବା ହରତାଳ ଡାକରାକୁ ସମର୍ଥନ କରିଛନ୍ତି। ଅନ୍ୟପଟେ ସମ୍ବଲପୁର ହିଂସା ଘଟଣାରୁ ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଥିବା ବେଳେ ରାଜ୍ୟ ସରକାର ଏହାକୁ ରୋକିବାରେ ବିଫଳ ହୋଇଛନ୍ତି। ସରକାର ଗଭୀର ନିଦ୍ରାରେ ଶୋଇଥିବା ସେ ଅଭିଯୋଗ କରିଛନ୍ତି। ଅପରାଜିତାଙ୍କ ମନ୍ତବ୍ୟ ପରେ ବିଜେଡି ଏହାର ପାଲଟା ଜବାବ ରଖିଛି। ବିଜେଡି ମୁଖପାତ୍ର ଶ୍ରୀମୟୀ ମିଶ୍ର କହିଛନ୍ତି, ସାଢେ ଚାରି କୋଟି ଲୋକ ଆଇନହୀନ କହି କେତେଜଣ ଭାଜପା ନେତା ଯେଉଁ ଅପମାନଜନକ ମନ୍ତବ୍ୟ ଦେଇଥିଲେ, ଭାଜପା ନେତ୍ରୀ ଅପରାଜିତା ଷଡ଼ଙ୍ଗୀ ଏହାକୁ ନିନ୍ଦା କରିବେ ବୋଲି ଆଶା କରାଯାଉଥିଲା। ହେଲେ ତାଙ୍କର ନୀରବତା ଭାଜପା ନେତାଙ୍କ ଏପରି ଅପମାନଜନକ ବିବୃତିକୁ ସମର୍ଥନ କରୁଥିବା ନେଇ ଦର୍ଶାଉଛି। ସେ ଆହୁରି କହିଛନ୍ତି, ଏଥିରୁ ସ୍ପଷ୍ଟ ହେଉଛି ଅପରାଜିତା ଜାଣିନାହାନ୍ତି ଏନ୍‌ସିଆର୍‌ବିର ସଦ୍ୟତମ ରିପୋର୍ଟରେ ମହିଳାଙ୍କ ପ୍ରତି ହେଉଥିବା ଜଘନ୍ୟ ଅପରାଧ କ୍ଷେତ୍ରରେ ଭାଜପା ଶାସିତ ରାଜ୍ୟଗୁଡ଼ିକ ଢେର ଆଗରେ ଅଛନ୍ତି। ଯଦି ସେ ଏପରି ଅପମାନଜନକ ବିବୃତି ଦେବା ପୂର୍ବରୁ ଜାତୀୟ କ୍ରାଇମ ରେକର୍ଡ ବ୍ୟୁରୋ(ଏନ୍‌ସିଆର୍‌ବି)ର ସବିଶେଷ ରିପୋର୍ଟକୁ ଅନୁଧ୍ୟାନ କରିଥାନ୍ତେ ତେବେ ଭଲ ହୋଇଥାନ୍ତା। ଏନ୍‌ସିଆର୍‌ବି ରିପୋର୍ଟ ଅନୁଯାୟୀ, ଉତ୍ତରପ୍ରଦେଶ ଏବଂ ମହାରାଷ୍ଟ୍ର ଭଳି ଭାଜପା ଶାସିତ ରାଜ୍ୟ ଅପେକ୍ଷା ଓଡ଼ିଶାର ସ୍ଥିତି ବହୁତ ଭଲ। ବଳାତ୍କାର ମାମଲାରେ ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ହରିୟାଣା ଏବଂ ଆସାମ ଭଳି ଭାଜପା ଶାସିତ ରାଜ୍ୟଗୁଡ଼ିକର ସ୍ଥିତି ଅତ୍ୟନ୍ତ ଶୋଚନୀୟ। ବଳାତ୍କାର ସହିତ ହତ୍ୟା ମାମଲାରେ ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, କର୍ନାଟକ ଏବଂ ଆସାମ ପରି ଭାଜପା ଶାସିତ ରାଜ୍ୟରେ ଓଡ଼ିଶା ତୁଳନାରେ ମାମଲା ଢେର ଅଧିକ। ଅନେକ ଭାଜପା ଶାସିତ ରାଜ୍ୟ ତୁଳନାରେ ଓଡ଼ିଶା ଏକ ଶାନ୍ତିପୂର୍ଣ୍ଣ ରାଜ୍ୟ। ଏହା ଦୁର୍ଭାଗ୍ୟଜନକ ଯେ ଅପରାଜିତା ସତ୍ୟ କହିବା ପରିବର୍ତ୍ତେ ମହିଳାଙ୍କ ବିରୋଧରେ ହୋଇଥିବା ଅପରାଧରେ ଭାଜପା ଶାସିତ ରାଜ୍ୟଗୁଡ଼ିକର ବିଫଳତାକୁ ଲୁଚାଇବାକୁ ଚେଷ୍ଟା କରିଆସୁଛନ୍ତି। ସେହିଭଳି ଆଜିର ବନ୍ଦକୁ ତାଙ୍କର ସମର୍ଥନ ପରିସ୍ଥିତିକୁ ଶାନ୍ତ ପାଇଁ ଆହ୍ୱାନ ଦେବା ପରିବର୍ତ୍ତେ ଏହାକୁ ଉସୁକାଇ ଅଶାନ୍ତ ସୃଷ୍ଟି ଲାଗି ଚେଷ୍ଟା କରିବାର ମାନସିକତାକୁ ପଦାରେ ପକାଇଛି ବୋଲି ଶ୍ରୀମୟୀ କହିଛନ୍ତି।

**OFFICE OF THE SUPERINTENDENT**
**UTKAL BALASHRAM, BALASORE**
Letter No: 454 /UBBS; Date: 17.04.2023

**CORRIGENDUM NOTICE**

No. g-07:- Further to tender call notice no **372 dt.03.02.2023** regarding supply of Office item, Kitchen Equipments, Library Equipments, Study Materials, Hostel Room Equipments, Wash Room Equipments for the use of Inmates of Utkal Balashram Balasore Sakha, it is to inform that the last date of submission of Tender which was on initially on **21.02.2023**, is hereby extended till **dt.01.05.2023 at 5:00PM**.The details of the tender documents are available in the District Website www.balasore.nic.in. The same can be purchased from the Honorary Secretary, Utkal Balashram, Balasore on any working day till 5 P.M. of 30.04.2023 on payment as per Specification. The additional Term & Condition are as follows:
1. Last two year income Tax return documents of tenderer
2. Annual Turnover of minimum 20 lakhs & above
3. Updated GST return i.e. filling of GSTR-3B & GSTR-1

**Sd./- Superintendent**
OIPR-33045/11/0001/2324 **Utkal Balashram, Balasore**

**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BALASORE**
E-Mail ID: serw_balasore@yahoo.in, Ph. No.: 06782-260318, Balia, Balasore
No. O-65
**"e" Procurement Notice for Bridge Work**
Identification No. Online Tender - Bridge NCB No. 03 of 2023-24
Letter No. 1714/WE Date: 13.04.2023

1. Name of the Work : Bridge Works
2. Total No. of Work : 03 Nos. (Three)
3. Estimated Cost : Rs.453.96 lakh to Rs.907.79 lakh (Approximately)
4. Eligible Class of Contractor : "Special" Class & "A" Class (of Odisha P.W.D.) or relevant Class of other licensing authorities (as per annexure)
5. Period of Completion : 18 to 24 (Eighteen to Twenty Four) Calendar Months (As per Annexure)
6. Other details :

| Procurement Officer | Bid Identification No. | Availability of tender Online for Bidding | | Last date & time of seeking tender clarification | Date & time of Opening of Tender in O/o. C.C.E., R.W. Circle, Balasore | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Balasore | N.C.B. No. 03 of 2023-24 | 20.04.2023 at 11.00 A.M. | 03.05.2023 upto 5.00 P.M. | 02.05.2023 upto 5.00 P.M. | 04.05.2023 at 11.00 A.M. | Will be intimated later |

• Further details can be seen from the website: **www.tendersodisha.gov.in**.
OIPR-25105/11/0003/2324 Sd./- Er. S.K. Mishra, Chief Construction Engineer, R.W. Circle, Balasore

**Bhubaneswar Municipal Corporation**
*Progress through Partnership for better Bhubaneswar*
**File No. XXXVI(Project) - 31-2018-2021(P T)/2**
**RFP No. 18201 Date: 17.04.2023**

**RFP for "Selection of a Consulting firm for setting up a Project Management Unit (PMU) at Bhubaneswar Municipal Corporation"**

**No.C-118:** Bhubaneswar Municipal Corporation intends to select a Consulting Firm for setting up Project Management Unit at BMC. Interested agencies may participate for this tender and submit their proposal. The detailed Request for Proposal (RFP) document can be downloaded from BMC website i.e. **bmc.gov.in** from 18.04.2023 to 12.05.2023. Any further information (i.e. Corrigendum/Addendum/Responses to the queries/clarification) shall be uploaded in BMC website only. The Pre-bid meeting is scheduled to be held on 27.04.2023, 11.30 A.M. in the 4th Floor, Conference Hall of BMC Office, ICOMC tower, Satya Nagar. The last date of receipt of proposal is 12.05.2023 by 3 P.M. and the same would be opened on 12.05.2023 at 4 P.M. Please refer the RFP document for further details.

**By Order**
**Sd./- Deputy Commissioner, Revenue**
**Bhubaneswar Municipal Corporation**
OIPR-13002/11/0017/2324

**ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ**
(ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ଅଧୀନର ଏକ ଉଦ୍ୟୋଗ)
**ODISHA BRIDGE & CONSTRUCTION CORPORATION LIMITED**
**(A Government of Odisha Undertaking under Works Department)**
No.3277
File:SMT-1891
**NOTICE INVITING TENDER** Date:17.04.2023
No.CAD-217:

| | | |
|---|---|---|
| 1. | Name of Work | Selection of Agency for Comprehensive Facility Manageement Services for Shree Mandira Parikrama Project, with Operation & Maintenance of Electric Buses, Battery operated Vehicles at Puri, Odisha. |
| 2. | Bid Identification No. of the Tender Document | 07/Tender/OBCC/2023-24 |
| 3. | Date of availability of the tender document in e-procurement portal | 24.04.2023 to 26.05.2023 till 5.00 P.M. |
| 4. | Due Date & Time of receipt of proposals through online mode | 26.05.2023 till 5.00 P.M. |
| 5. | Date & Time of Opening of Technical Proposals | 29.05.2023 at 11.30 A.M. |
| 6. | Date and VC link of Pre-Bid Meeting | 03.05.2023 at 11.30 A.M. https://meet.google.com/vpj-rtqn-yup |
| 7. | Last date of receipt of pre-bid queries | 02.05.2023 till 5.00 PM |
| 8. | Date of issue of pre-bid clarifications | 08.05.2023 |
| 9. | Contract Duration | 36 (Thirty-Six) Calendar Months |
| 10. | Eligible bidders | Agencies who are empaneled with OBCC under Catagory-A of Facility Management Services are eligible to participate in the tender process. |
| 11. | Bid Processing Fee | Rs.20,000.00 only (Including GST) |

12.Further details can be seen from the e-Procurement portal https://www.tendersodisha.gov.in. For any queries please email at md@obcc.in or circle1@obcc.in. OBCC has the right to accept or reject the Notice/RFP/Proposal without assigning any reasons thereof.
**OIPR-34161/11/0009/2324 Sd./- Sr.Chief General Manager-I**

**Office of the Deputy Director of Horticulture**
**Keonjhar, Odisha**
**RFP NO: 2520 Date: 17.04.2023**

**REQUEST FOR PROPOSAL**

**SELECTION OF AGENCIES FOR LIVELIHOOD ENHANCEMENT OF SMALL AND MARGINAL FARMERS IN 13 BLOCKS OF KEONJHAR DISTRICT THROUGH ORCHARD PLANTATION**

No. L-13:- **Office of the Deputy Director of Horticulture, Keonjhar, Government of Odisha,** invites sealed proposals from eligible bidders for **"Selection of Agencies for Livelihood Enhancement of Small and Marginal Farmers of Keonjhar District Through Orchard Plantation" under District Mineral Foundation, Keonjhar.** Bidders fulfilling the prescribed eligibility criteria of the RFP can access and download the complete RFP Document and other details from **https://kendujhar.nic.in**.
The major events under the bid process are:

| Sr. No. | List of Key Events | Critical Dates |
|---|---|---|
| 1 | Date of Issue of RFP | 17.04.2023 |
| 2 | Deadline for Submission of Pre-Proposal Query | 24.04.2023 by email |
| 3 | Issue of Pre-proposal Clarifications | 26.04.2023 via online mode |
| 4 | Last Date for Submission of Bid | 11.05.2023 by 05.30 PM |
| 5 | Date of Opening of Technical Bid | 12.05.2023 at 11.00 AM |
| 6 | Date of Technical Presentation | To be intimated to selected bidders at later stage |
| 7 | Method of Selection | Quality Based Selection |

The proposal complete in all respects must reach the undersigned by **Speed Post/Registered Post** only latest by 11.05.2023 before 5.30 PM in a sealed envelope clearly mentioning on the top of it **"Selection of Agencies for Livelihood Enhancement of Small and Marginal Farmers of Keonjhar District Through Orchard Plantation, under District Mineral Foundation, Keonjhar".** The proposals received beyond the last date and time will be rejected. The authority reserves the right to reject any/ all proposals without assigning any reason thereof.
**Address for Submission of Proposal:**
Office of the Deputy Director of Horticulture, Kashipur, Keonjhar
Pin-758001, Odisha
**Sd./- Deputy Director of Horticulture**
**Keonjhar**
**OIPR-01405/11/0001/2324**

**OFFICE OF THE PRINCIPAL**
**ODISHA ADARSHA VIDYALAYA**
**Talachampei, Banspal Block**
**Dist.: Keonjhar, Odisha - 758018**
**(Under the Department of S&ME, Govt. of Odisha)**
**Affiliated to CBSE, New Delhi**
**Affiliation No. - 1520039, School No. 17194**
**Email Id: banspal@oav.edu.in, Ph. No.: 9658094709**
**Advertisement No. 03/OAVTBK/2023 Date: 18.04.2023**

**TENDER CALL NOTICE**

No. n-16: Sealed tenders are invited from registered supplier/firms having own sale counter, valid GST registration. PAN and IT Certificate 2023-24 for supply of recurring/non-recurring items/articles for KGBV Type-IV Girls Hostel of OAV, Talachampei, Banspal, Keonjhar. The tender paper containing detailed scope of work along with terms and conditions displayed at **www.kendujhar.nic.in** and notice board of OAV, Talachampei, Banspal, BEO Banspal, BDO Banspal, DPC, SS Keonjhar. Last date of receipt of the tender paper is 02.05.2023 at 4 P.M. The authority reserves the right to cancel all or any/part of the tender without assigning any reason thereof.
By the Order of Chairman, VMDC
**Sd./- Principal (I/C)**
**OAV, Talachampei, Banspal**
OIPR-27091/11/0001/2324

**CUTTACK DEVELOPMENT AUTHORITY**
**Arunodaya Bhawan, Link Road, Cuttack - 12**
**Fax No. 0671-231229, email: cda.cuttack@ori.nic.in**
**Notice No. 4380/CDA Date: 17.04.2023**

**E-AUCTION**
**of Residential Plots at Sector - 13 in Bidanasi Project Area, Cuttack on as-is-where-is-basis**

No. CAD-199: Cuttack Development Authority (CDA) invites application for E-auction of 264 Nos. of residential Plots at Sector - 13 in Bidanasi Project Area, Cuttack on as-is-where-is-basis.
**Brief Description of Auction Process:** Applications are invited online from individuals for allotment of 264 Nos. of residential plots of different sizes available at Sector-13 in Bidanasi, Cuttack through e-auction.
The selection shall be based on the eligibility and highest quoted amount over the reserve price specified in the brochure. The bidders are requested to make themselves aware of the site conditions before participating in the e-auction process. The brochure for the same can be downloaded from CDA website **http://www.cdacuttack.nic.in** from **Dt.24.04.2023** and the bidders can register in the e-auction process by **Dt.21.06.2023 by 17.00 hrs.** The online auction will start at 11.30 A.M. on **Dt.24.07.2023**. CDA, Cuttack reserves the right to accept or reject any application and to annul the auction process at any time, without incurring any liability and without assigning any reason thereof.
**OIPR-13037/11/0011/2324 Sd./- Secretary**

**DISTRICT PROJECT MANAGEMENT UNIT, PM-POSHAN (MDM), MALKANGIRI**

**TENDER CALL NOTICE**

**No.25/ DPMU (PM POSHAN)-2023 Dated. 17.04.2023**

No. n-17:- Sealed tender in prescribed forms are invited from intending registered transport contractors/ firms/ corporations / agents / individuals for undertaking the work of transportation of rice per quarter from Malkangiri / O.S.W.C., Malkangiri and from SPEG, Khairput to all School points of concerned Blocks of Malkangiri district under PM POSHAN Programme for the year 2023-24. The tender paper / terms and condition can be obtained from the Office of the District Project Management Unit (PM POSHAN), Malkangiri, O/o the District Education Officer, Malkangiri, also available at District website (www.malkangiri.nic.in) from **20.04.2023 to 29.04.2023** on any working day during office hour on payment of Rs. 15000/ - (Rupees Fifteen thousand) only in shape of Demand Draft (non refundable) in favour of District Nodal Officer (PM POSHAN)-cum-DEO, Malkangiri payable at Malkangiri. The tender shall be received by the District Education Officer, Malkangiri during the office hour from 7.00 AM to 1.00 PM through Registered Post/ Speed Post only and will be opened by the undersigned on **01.05.2023** at **10 A.M** in the presence of the tenderers or their authorized Agent. There shall be two stages of bidding — Technical and Financial. The interested bidders must submit the Technical bid in a envelope super-scribed as **"Technical Bid for Tender of Transportation of PM POSHAN Food stuff in Malkangiri district for 2023-24"**. The Financial Bid must be submitted in a separate envelope super-scribed as **"Financial Bid for Tender of Transportation of PM POSHAN Food stuff in Malkangiri district for 2023-24"**. Both these envelopes must then be placed in a third envelopes super-scribed as **"Bid for Tender of Transportation of Pradhan Mantri Poshan Shakti Nirman Food stuff in Malkangiri District for 2023-24".** The tenders received beyond the scheduled date and time shall be rejected.

Notwithstanding anything else contained to the contrary in this tender document, the undersigned reserves the right to cancel/ withdraw/ modify fully or partially the invitation for Bids, or to reject one or more of the bids or cancel the entire tender process without assigning any reason thereof and shall bear no liability whatsoever consequent upon such a decision.
**Sd./- District Nodal Officer (PM POSHAN)-cum-DEO, Malkangiri**
OIPR-21035/11/0002/2324

ଧରିତ୍ରୀ DHARITRI
ଭୁବନେଶ୍ୱର, ଗୁରୁବାର, ୨୦ ଏପ୍ରିଲ, ୨୦୨୩

**ଜଳିଗଲା ୧୦୦ ଦୋକାନ**

ପଶ୍ଚିମବଙ୍ଗ ହାୱଡ଼ା ଜିଲାରେ ଥିବା ଲୁଡ଼ୋ ବଜାରରେ ବୁଧବାର ସକାଳେ ଅଗ୍ନିକାଣ୍ଡ ଘଟିବା ଫଳରେ ୧୦୦ ଦୋକାନ ଜଳିଯାଇଛି। ସୂଚନା ପାଇ ଅଗ୍ନିଶମ ବିଭାଗର ୧୦ ଗାଡ଼ି ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଏଥିରେ କେହି ମୃତାହତ ହୋଇ ନ ଥିବାବେଳେ ଅନେକ ଲକ୍ଷ ଟଙ୍କାର ସାମଗ୍ରୀ ଜଳି ନଷ୍ଟ ହୋଇଯାଇଛି।



## ୨୪ ଘଣ୍ଟାରେ ୧୦,୫୪୨ ସଂକ୍ରମିତ

**ନୂଆଦିଲ୍ଲୀ,୧୯।୪:** ଗତ ୨୪ ଘଣ୍ଟା ମଧ୍ୟରେ ଦେଶରେ ମୋଟ ୧୦,୫୪୨ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କେନ୍ଦ୍ରୀୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ତଥ୍ୟ ଅନୁସାରେ ୬ ଦିନ ଧରି କୋଭିଡ୍ ସଂକ୍ରମଣରେ ହ୍ରାସ ପରିଲକ୍ଷିତ ହେଉଥିବାବେଳେ ପୁଣିଥରେ ସଂକ୍ରମଣ ବୃଦ୍ଧି ପାଇଛି। ବର୍ତ୍ତମାନ ସୁଦ୍ଧା ଦେଶରେ ଆକ୍ଟିଭ୍ ମାମଲା ୬୩,୫୬୨ ରହିଛି। ସେହିପରି ଗତ ୨୪ ଘଣ୍ଟା ମଧ୍ୟରେ ଦେଶରେ ୮,୧୭୫ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି।

## ଆଶାଙ୍କୁ ଲତା ଦୀନାନାଥ ମଙ୍ଗେସ୍କର ପୁରସ୍କାର

**ମୁମ୍ବାଇ,୧୯।୪:** ଖ୍ୟାତନାମା ଗାୟିକା ଆଶା ଭୋସଲେଙ୍କୁ ଲତା ଦୀନାନାଥ ମଙ୍ଗେସ୍କର ପୁରସ୍କାରରେ ସମ୍ମାନିତ କରାଯିବ। ଏ ନେଇ ମଙ୍ଗଳବାର ମଙ୍ଗେସ୍କର ପରିବାର ପକ୍ଷରୁ ସୂଚନା ଦିଆଯାଇଛି। ଲତା ମଙ୍ଗେସ୍କରଙ୍କ ଉଦ୍ଦେଶ୍ୟରେ ପରିବାର ଓ ଟ୍ରଷ୍ଟ ପକ୍ଷରୁ ଏହି ପୁରସ୍କାର ପାଇଁ ଆଶାଙ୍କୁ ଚୟନ କରାଯାଇଛି।


ଆଶା ଭୋସଲେ

ତେବେ ଆସନ୍ତା ୨୪ରେ ଲତାଙ୍କ ବାପା ତଥା ଥିଏଟର-ମ୍ୟୁଜିକ୍ ଭେଟେରାନ୍ ଦୀନାନାଥ ମଙ୍ଗେସ୍କରଙ୍କ ସ୍ମାରକୀ ଦିବସ ଅବସରରେ ଆଶାଙ୍କୁ ପୁରସ୍କୃତ କରାଯିବ। ପ୍ରତିବର୍ଷ ଦେଶ ଉଦ୍ଦେଶ୍ୟରେ ଉତ୍କୃଷ୍ଟ କାର୍ଯ୍ୟ କରିଥିବା ବ୍ୟକ୍ତିଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଏ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ହେଉଛନ୍ତି ପ୍ରଥମ ବ୍ୟକ୍ତି, ଯେ ପ୍ରଥମ କରି ଏହି ପୁରସ୍କାର ଗ୍ରହଣ କରିଥିଲେ। ତେବେ ଗତବର୍ଷ ଫେବୃୟାରୀ ୬ରେ ସ୍ୱର ସାମ୍ରାଜ୍ଞୀ ଲତା ମଙ୍ଗେସ୍କରଙ୍କ ପରଲୋକ ଘଟିଥିଲା।

# ‘ସମଲିଙ୍ଗୀ ବିବାହ ସହରୀ ସମ୍ଭ୍ରାନ୍ତ ଧାରଣା ନୁହେଁ’





**ନୂଆଦିଲ୍ଲୀ,୧୯।୪**

■ରାଜ୍ୟ, କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ପକ୍ଷଭୁକ୍ତ କରାଯାଉ: କେନ୍ଦ୍ର

■ଏଲ୍‌ଜିବିଟିକ୍ୟୁଆଇଏ ବ୍ୟକ୍ତିଙ୍କୁ ସମ୍ମାନ ଓ ସ୍ୱୀକୃତି ମିଳୁ: ଆବେଦନକାରୀ

ସମଲିଙ୍ଗୀ ବିବାହ ଅଧିକାର ପାଇଁ ସୁପ୍ରିମକୋର୍ଟରେ ଦାଖଲ ପିଟିଶନଗୁଡ଼ିକ ଦେଶର ଦୃଷ୍ଟିକୋଣକୁ ପ୍ରତିନିଧିତ୍ୱ କରୁନାହିଁ। ସେଗୁଡ଼ିକରୁ କେବଳ ସହରାଞ୍ଚଳ ସମ୍ଭ୍ରାନ୍ତ ବିଚାରଧାରା ପ୍ରତିଫଳିତ ହେଉଛି ବୋଲି କେନ୍ଦ୍ର ସରକାର ଜବାବ ଦାଖଲ କରିଛନ୍ତି। କେନ୍ଦ୍ରର ଏଭଳି ଯୁକ୍ତିକୁ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ ବୁଧବାର ଦୃଢ଼ ଭାବେ ଖଣ୍ଡନ କରିଛନ୍ତି। ସିଜେଆଇ କହିଛନ୍ତି, ସମଲିଙ୍ଗୀ ବିବାହକୁ ସହରୀ ସମ୍ଭ୍ରାନ୍ତ ବିଚାରଧାରା ବୋଲି ବିବେଚନା କରିବା ସକାଶେ ଏ ସମ୍ପର୍କିତ କୌଣସି ତଥ୍ୟ କେନ୍ଦ୍ର ପାଖରେ ନାହିଁ। ସହରଗୁଡ଼ିକରେ ଅଧିକ ଲୋକ ସମଲିଙ୍ଗୀ ବିବାହ ପାଇଁ ଆଗେଇ ଆସୁଥିବା ଦେଖି ଏହାକୁ ସହରାଞ୍ଚଳର ସମ୍ଭ୍ରାନ୍ତ ଧାରଣା ବୋଲି ଅଭିହିତ କରାଯାଇପାରିବ ନାହିଁ। ଜଣେ ବ୍ୟକ୍ତିଙ୍କ ଯେଉଁ ବୈଶିଷ୍ଟ୍ୟ ଉପରେ ନିୟନ୍ତ୍ରଣ ନ ଥିବ ସେହି ଆଧାରରେ ତାଙ୍କ ବିରୋଧରେ ରାଷ୍ଟ୍ର ଭେଦଭାବ କରିପାରିବ ନାହିଁ ବୋଲି ସିଜେଆଇ ସ୍ପଷ୍ଟ କରିଛନ୍ତି।

ସିଜେଆଇ ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ତଥା ଜଷ୍ଟିସ୍ ଏସ୍.କେ. କୌଲ, ରବୀନ୍ଦ୍ର ଭଟ୍ଟ, ହିମା କୋହଲି ଏବଂ ପି.ଏସ୍. ନରସିଂହାଙ୍କ ଖଣ୍ଡପୀଠରେ ସମଲିଙ୍ଗୀ ବିବାହ ପ୍ରସଙ୍ଗରେ ଚାଲିଥିବା ଶୁଣାଣିକୁ କେନ୍ଦ୍ର ସରକାର ବିରୋଧ କରିଛନ୍ତି। ଏକ ନୂଆ ସାମାଜିକ ସମ୍ପର୍କ ତିଆରି ଉପରେ କେବଳ ପାର୍ଲାମେଣ୍ଟ ନିଷ୍ପତ୍ତି ନେଇପାରିବ ବୋଲି ଗତ ନଭେମ୍ବର ୨୫ରେ ସୁପ୍ରିମକୋର୍ଟ ମାଗିଥିବା ଜବାବରେ ସରକାର ଯୁକ୍ତି ବାଢ଼ିଛନ୍ତି। ଆବେଦନକାରୀମାନଙ୍କ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ବରିଷ୍ଠ ଆଇନଜୀବୀ ମୁକୁଲ ରୋହତଗୀ କହିଥିଲେ, ବିଷମଲିଙ୍ଗତାର ଧାରଣାକୁ ଭାଙ୍ଗିବାକୁ ପଡ଼ିବ। ସମ୍ବିଧାନ ଦ୍ୱାରା ପ୍ରଦତ୍ତ ମୌଳିକ ଅଧିକାରଗୁଡ଼ିକ ବିଷମଲିଙ୍ଗୀ ହୁଅନ୍ତୁ କି ଅପ୍ରାକୃତିକ ଯୌନ ସମ୍ପର୍କ ରକ୍ଷାକାରୀ ସମସ୍ତ ବ୍ୟକ୍ତିଙ୍କ ପାଇଁ ଉଦ୍ଦିଷ୍ଟ। ତେଣୁ ସେମାନଙ୍କୁ ବିବାହ କରିବାକୁ ବାରଣର କୌଣସି କାରଣ ନାହିଁ। କେନ୍ଦ୍ର ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ପକ୍ଷଭୁକ୍ତ କରିବା ପାଇଁ ୫ ଜଣିଆ ସାମ୍ବିଧାନିକ ପୀଠଙ୍କୁ ଅନୁରୋଧ କରିଛନ୍ତି। ଦାଖଲ ସତ୍ୟପାଠରେ ମେହେଟ୍ଟା କହିଛନ୍ତି, ସମଲିଙ୍ଗୀ ବିବାହକୁ ଆଇନଗତ ବୈଧତା ପ୍ରଦାନ ପ୍ରସଙ୍ଗରେ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ପକ୍ଷଭୁକ୍ତ କରାଯାଉ। ଆବେଦନଗୁଡ଼ିକରେ ଉଠାଯାଇଥିବା ପ୍ରଜନନ ସମ୍ପର୍କିତ ପ୍ରସଙ୍ଗରେ ମତାମତ ଆହ୍ୱାନ କରି ଏପ୍ରିଲ ୧୮ରେ ପତ୍ର ପ୍ରେରଣ କରାଯାଇଛି। ଇତିମଧ୍ୟରେ ବିଷମଲିଙ୍ଗୀଙ୍କ ଭଳି ସମ୍ମାନର ସହ ଜୀବନ ଧାରଣ ଲାଗି ସମଲିଙ୍ଗୀ ବିବାହକୁ ସୁପ୍ରିମକୋର୍ଟ ସ୍ୱୀକୃତି ପ୍ରଦାନ କରନ୍ତୁ ବୋଲି ଆବେଦନକାରୀମାନେ ନିବେଦନ କରିଛନ୍ତି। ସେମାନଙ୍କ ମତରେ ଏଲ୍‌ଜିବିଟିକ୍ୟୁଆଇଏ ବ୍ୟକ୍ତିମାନଙ୍କ ପାଇଁ ‘ସମ୍ମାନ ଓ ନୈତିକ କର୍ତ୍ତୃତ୍ୱ’ ସମାଜକୁ ସ୍ୱୀକୃତି ପ୍ରଦାନ ଲାଗି ବାଧ୍ୟ କରିବ।

## ଅତିକ୍, ଅଶ୍ରଫ ହତ୍ୟାକାଣ୍ଡ: ୫ ପୋଲିସ ନିଲମ୍ବିତ

**ପ୍ରୟାଗରାଜ,୧୯।୪**

ଉତ୍ତର ପ୍ରଦେଶ ଗ୍ୟାଙ୍ଗଷ୍ଟର ଅତିକ୍ ଓ ତାଙ୍କ ଭାଇ ଅଶ୍ରଫ ଅହମ୍ମଦ ହତ୍ୟାକାଣ୍ଡରେ ବୁଧବାର ୫ ପୋଲିସ ଅଧିକାରୀଙ୍କୁ ନିଲମ୍ବନ କରାଯାଇଛି। ନିଲମ୍ବିତ ଅଧିକାରୀଙ୍କ ମଧ୍ୟରେ ବରିଷ୍ଠ ଶାହଗଞ୍ଜ ପୋଲିସ ଅଫିସର ଅଶ୍ୱନୀ କୁମାର ସିଂ, ୨ ଇନ୍‌ସ୍ପେକ୍ଟର ଏବଂ ୨ ଜଣ କନ୍‌ଷ୍ଟେବଲ୍ ରହିଛନ୍ତି। ଅତିକ୍ ଓ ଅଶ୍ରଫଙ୍କୁ ଅଣାଯାଇଥିବା ଡାକ୍ତରଖାନା ଶାହଗଞ୍ଜ ପୋଲିସ ଷ୍ଟେଶନ ଅଧୀନରେ ଆସୁଥିବାବେଳେ ଉକ୍ତ ପୋଲିସ ଅଧିକାରୀ ମୁତୟନ ହୋଇଥିଲେ। ଅନ୍ୟପକ୍ଷେ ଅତିକ୍ ଓ ଅଶ୍ରଫଙ୍କ ୩ ହତ୍ୟା ଅଭିଯୁକ୍ତ ଲଭଲେସ ତିୱାରୀ, ଅରୁଣ କୁମାର ଓ ମୋହିତଙ୍କୁ ପ୍ରୟାଗରାଜର କୋର୍ଟ ଅଫ୍ ଚିଫ୍ ଜୁଡିସିଆଲ୍ ମାଜିଷ୍ଟ୍ରେଟ୍ ୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି। ଗତ ୧୫ ତାରିଖରେ ଅତିକ୍ ଓ ଅଶ୍ରଫଙ୍କୁ ଡାକ୍ତରଖାନା ନିଆଯାଉଥିବାବେଳେ ଅଭିଯୁକ୍ତମାନେ ନିଜକୁ ଖବରଦାତା ପରିଚୟ ଦେଇ ସେମାନଙ୍କ ନିକଟତର ହୋଇଥିଲେ ଓ ପରେ ସେମାନଙ୍କୁ ଗୁଳି କରି ହତ୍ୟା କରିଥିଲେ।

## ୨୦୨୪ ଲୋକ ସଭା ନିର୍ବାଚନ
# ପ୍ରସ୍ତୁତି ଆରମ୍ଭକଲେ ଇସି

**ନୂଆଦିଲ୍ଲୀ,୧୯।୪**

୨୦୨୪ ଭୋଟ ପାଇଁ ନିର୍ବାଚନ କମିଶନ (ଇସି) ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଏହିକ୍ରମରେ ଏମ୍‌୨ ମଡେଲ୍‌ର ପୂର୍ବ ବ୍ୟବହୃତ ୨.୭୧ ଲକ୍ଷ ଭୋଟର ଭେରିଫିଏବୁଲ୍ ପେପର ଅଡିଟ୍ ଟ୍ରାଏଲ୍ (ଭିଭିପିଏଟି) ମେଶିନ୍‌କୁ ବଦଳାଯାଇ ୮.୯୨ ଲକ୍ଷ ନୂଆ ମେଶିନ୍ ନିର୍ମାଣ ଆରମ୍ଭ ହୋଇଛି। ମେଶିନ୍ ବଦଳାଯିବା ହାରକୁ କମ୍ କରିବା ପାଇଁ ୩.୪୩ ଲକ୍ଷ ଭିଭିପିଏଟିକୁ ‘ପ୍ରିଭେଣ୍ଟିଭ୍ ମେଣ୍ଟେନାନ୍ସ’ ପାଇଁ ଚିହ୍ନଟ କରାଯାଇଥିବାବେଳେ ୨.୪୩ ଲକ୍ଷ ମେଶିନକୁ ଏମ୍‌୩ ମଡେଲରେ ଅପ୍‌ଗ୍ରେଡ୍ କରିବାକୁ ନିଷ୍ପତ୍ତି ନିଆଯାଇଛି। ଅନୁରୂପ ଭାବେ ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ୍ (ଇଭିଏମ୍)ଗୁଡ଼ିକର ପ୍ରଦର୍ଶନ ଯାଞ୍ଚ କରାଯାଉଛି। ୨୦୧୯ ଲୋକ ସଭା ନିର୍ବାଚନ ବେଳେ ଦେଶରେ ପ୍ରଥମ ଥର ପାଇଁ ୧୭.୪ ଲକ୍ଷ ଭିଭିପିଏଟି ମେଶିନ୍ ବ୍ୟବହାର କରାଯାଇଥିଲା। ଭୋଟ ପରବର୍ତ୍ତୀ ସମୟରେ ଭାରତ ଇଲେକ୍ଟ୍ରୋନିକ୍ସ ଲିମିଟେଡ୍ ଏବଂ ଇଲେକ୍ଟ୍ରୋନିକ୍ସ କର୍ପୋରେଶନ୍ ଅଫ୍ ଇଣ୍ଡିଆ ସହ ମିଶି ବୈଷୟିକ ବିଶେଷଜ୍ଞ କମିଟି ସେଗୁଡ଼ିକର ବିସ୍ତୃତ ବିଶ୍ଳେଷଣ କରିଥିଲେ। ତେବେ କୋଭିଡ୍-୧୯ ମହାମାରୀ ଯୋଗୁ ଏହା ବିଳମ୍ବିତ ହୋଇଥିଲା।

## ଟିଏମ୍‌ସିର ଜାତୀୟ ମାନ୍ୟତା ପାଇଁ ଶାହାଙ୍କୁ ଫୋନ୍
# ପ୍ରମାଣିତ କଲେ ଇସ୍ତଫା ଦେବି: ମମତା

**କୋଲକାତା,୧୯।୪:** ପଶ୍ଚିମବଙ୍ଗର ଶାସକ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଜାତୀୟ ଦଳ ମାନ୍ୟତା ହରାଇଛି। ନିକଟରେ ନିର୍ବାଚନ କମିଶନ ଏନେଇ ସମୀକ୍ଷା କରିବା ପରେ ଜାତୀୟ ଦଳ ମାନ୍ୟତା ପ୍ରତ୍ୟାହାର କରିଥିଲେ। ତେବେ ଜାତୀୟ ମାନ୍ୟତା ବଞ୍ଚାଇବା ପାଇଁ ଟିଏମ୍‌ସି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କୁ ଫୋନ୍ କରି ସହାୟତା


ମମତା ବାନାର୍ଜୀ

ଲୋଡ଼ିଥିଲେ ବୋଲି ମଙ୍ଗଳବାର ପଶ୍ଚିମବଙ୍ଗ ବିଧାନସଭାର ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀ ସମାଲୋଚନା କରିଥିଲେ। ରାଜ୍ୟ ସଚିବାଳୟରେ ବୁଧବାର ଖବରଦାତାଙ୍କୁ ସମ୍ବୋଧିତ କରି ମମତା କହିଛନ୍ତି, ଶୁଭେନ୍ଦୁଙ୍କ କଥା ଶୁଣି ସେ ଆଶ୍ଚର୍ଯ୍ୟଚକିତ। ୨୦୨୧ ବିଧାନସଭା ନିର୍ବାଚନ ପୂର୍ବରୁ ତାଙ୍କ ଘନିଷ୍ଠ ସହଯୋଗୀ ଥିବା ତଥା ବର୍ତ୍ତମାନର ଭାଜପା ନେତା ଶୁଭେନ୍ଦୁ ମିଛ କହୁଛନ୍ତି। ଶାହାଙ୍କୁ ସହାୟତା ମାଗିଥିବା ବିଷୟ ପ୍ରମାଣିତ କଲେ ସେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବେ ବୋଲି ମମତା କହିଛନ୍ତି।

## ଏଲ୍‌ଏସିରେ ବଢ଼ୁଛି ପିଏଲ୍‌ଏ ଉପସ୍ଥିତି

**ନୂଆଦିଲ୍ଲୀ,୧୯।୪**

### ସେନାକୁ କଡ଼ା ସତର୍କତା ପାଇଁ ପ୍ରତିରକ୍ଷା ମନ୍ତ୍ରୀଙ୍କ ନିର୍ଦ୍ଦେଶ

ନର୍ଦ୍ଦର୍ନ ସେକ୍ଟର ସଂଲଗ୍ନ ପ୍ରକୃତ ନିୟନ୍ତ୍ରଣରେଖା (ଏଲ୍‌ଏସି)ରେ ଚାଇନାର ପିପୁଲ୍ସ ଲିବରେଶନ୍ ଆର୍ମି (ପିଏଲ୍‌ଏ) ସୈନ୍ୟଙ୍କ ଉପସ୍ଥିତି ବୃଦ୍ଧି ପାଉଛି। ଦିନକୁ ଦିନ ସୈନ୍ୟ ଓ ସାମରିକ ଉପକରଣ ସଂଖ୍ୟା ବଢ଼ିବାରେ ଲାଗିଥିବାରୁ ସର୍ବାଧିକ ସତର୍କତା ଅବଲମ୍ବନ କରିବା ପାଇଁ ବୁଧବାର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଭାରତୀୟ ସେନାକୁ ନିର୍ଦ୍ଦେଶ ଦେଇଛନ୍ତି। ଆର୍ମି କମାଣ୍ଡର୍ସ କନ୍‌ଫରେନ୍ସକୁ ସମ୍ବୋଧିତ କରି ରାଜନାଥ କହିଛନ୍ତି, ସାରା ବିଶ୍ୱରେ ଭୂରାଜନୈତିକ ପରିବର୍ତ୍ତନ ଦେଖିବାକୁ ମିଳୁଛି। ଏହାକୁ ଦୃଷ୍ଟିରେ ରଖି ସେନା ନିଜ ଯୋଜନା ଓ ରଣନୀତି ପ୍ରସ୍ତୁତ କରିବା ଉଚିତ। ବିଶେଷକରି ନର୍ଦ୍ଦର୍ନ ସେକ୍ଟରରେ ପିଏଲ୍‌ଏ ସୈନ୍ୟଙ୍କ ମୁତୟନ ବଢ଼ୁଛି। ଏଲ୍‌ଏସିରେ ଶାନ୍ତି ଓ ସୁରକ୍ଷା ବଜାୟ ରଖିବା ପାଇଁ ଭାରତୀୟ ସେନାକୁ ନିରନ୍ତର


ରାଜନାଥ ସିଂ

ସଜାଗ ରହିବାକୁ ପଡ଼ିବ। ଦେଶର ସୁରକ୍ଷା ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା ବୋଲି ରାଜନାଥ ସ୍ପଷ୍ଟ କରିଛନ୍ତି। ଲଦାଖ ସେକ୍ଟରରେ ୩ ବର୍ଷ ହେଲା ସୀମା ବିବାଦ ବଢ଼ିବାରେ ଲାଗିଥିବାରୁ ପ୍ରତିରକ୍ଷା ମନ୍ତ୍ରୀଙ୍କ ଏହି ମନ୍ତବ୍ୟ ବିଶେଷ ଗୁରୁତ୍ୱ ବହନ କରେ।

# ସ୍ପାଏ ଡ୍ରୋନ୍ ମୁତୟନ କରିବ ଚାଇନା

**ୱାଶିଂଟନ୍, ୧୯।୪**



### ଆମେରିକୀୟ ଯୁଦ୍ଧ ଜାହାଜ ଓ ତାଇୱାନ ଉପରେ ନଜର

ଚାଇନା ମିଲିଟାରି ଖୁବ୍‌ଶୀଘ୍ର ଉଚ୍ଚ-ତୀବ୍ରତା ବିଶିଷ୍ଟ ଗୋଇନ୍ଦା ଡ୍ରୋନ୍ ମୁତୟନ କରିବାକୁ ଯୋଜନା କରୁଛି। ଲିକ୍ ହୋଇଥିବା ଆମେରିକୀୟ ମିଲିଟାରି ଡକ୍ୟୁମେଣ୍ଟରେ ଏହା ଉଲ୍ଲେଖ କରାଯାଇଛି। ଚାଇନା ମୁତୟନ କରିବାକୁ ଥିବା ଏହି ଡ୍ରୋନ୍‌ର ବେଗ ଶବ୍ଦର ବେଗଠାରୁ ୩ ଗୁଣା ଅଧିକ ବୋଲି କୁହାଯାଉଛି। ତେବେ ଏହି ଡ୍ରୋନ୍ ସାହାଯ୍ୟରେ ଚାଇନାର ସର୍ଭିଲାନ୍ସ ଅପରେଶନ୍ ସହଜ ହୋଇଯିବ। ନ୍ୟାଶନାଲ ଜିଓସ୍ପାଟିଆଲ ଇଣ୍ଟେଲିଜେନ୍ସର ତଥ୍ୟ ଅନୁଯାୟୀ, ତାଇୱାନରେ ମୁତୟନ ଆମେରିକୀୟ ଯୁଦ୍ଧ ଜାହାଜ ଏବଂ ମିଲିଟାରି ବେସ୍ ଉପରେ ନଜର ରଖିବା ପାଇଁ ଚାଇନା ଉନ୍ନତ ଟେକ୍ନୋଲୋଜି ବ୍ୟବହାର କରୁଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍ ପିଏଲ୍‌ଏ ସେନା ଦ୍ୱାରା ୨୦୨୭ ସୁଦ୍ଧା ତାଇୱାନ୍‌କୁ ବଳପୂର୍ବକ ହାସଲ କରିବାକୁ ଚାହୁଁଥିବାବେଳେ ଚାଇନା ତାଇୱାନ ଉପରେ ଆକ୍ରମଣ କରିବାକୁ ଚାହୁଁ ନ ଥିବା ସେଣ୍ଟ୍ରାଲ ଇଣ୍ଟେଲିଜେନ୍ସ ଏଜେନ୍ସି (ସିଆଇଏ)ର ନିର୍ଦ୍ଦେଶକ ୱିଲିୟମ୍ ଜେ. ବର୍ନର କହିଛନ୍ତି। ଚାଇନା ଯେ କୌଣସି ମୁହୂର୍ତ୍ତରେ ଆକାଶ ମାର୍ଗରୁ ଆକ୍ରମଣ କରିବା ନେଇ ତାଇୱାନ ନିଜକୁ ଅସୁରକ୍ଷିତ ମନେ କରୁଥିବା ପ୍ରଘଟ ହୋଇଥିବା ଡକ୍ୟୁମେଣ୍ଟରେ କୁହାଯାଇଛି। ଆମେରିକା ମିଲିଟାରି ଡକ୍ୟୁମେଣ୍ଟ ପ୍ରଘଟ ନେଇ ଗତ ଗୁରୁବାର ୨୧ ବର୍ଷୀୟ ଏୟାର ନ୍ୟାଶନାଲ ଗାର୍ଡ ଜ୍ୟାକ୍ ଡୋଗଲାସ ଟେକ୍ସେରାଙ୍କୁ ଗିରଫ କରାଯାଇଛି।

## ସ୍ପାଏ ସାଟେଲାଇଟ୍ ଲଞ୍ଚ୍ ନିର୍ଦ୍ଦେଶ ଦେଲେ କିମ୍

**ସେଓଲ, ୧୯।୪:** ଶତ୍ରୁ ରାଷ୍ଟ୍ରରୁ ଦେଶକୁ ସୁରକ୍ଷା ଦେବା ଉଦ୍ଦେଶ୍ୟରେ ଉତ୍ତର କୋରିଆ ସ୍ପାଏ ସାଟେଲାଇଟ୍ ଲଞ୍ଚ୍ କରିବାକୁ ଯାଉଛି। ଏ ନେଇ ଉତ୍ତର କୋରିଆର କଠୋରପନ୍ଥୀ ଶାସକ କିମ୍ ଜୋଙ୍ଗ ଉନ୍ ନିର୍ଦ୍ଦେଶ ଦେଇଛନ୍ତି। ଗୁପ୍ତଚରଗିରି ପାଇଁ ସମ୍ପୃକ୍ତ ଅଞ୍ଚଳର ସ୍ଥିତି ସମ୍ପର୍କରେ ପୂର୍ବରୁ ଅବଗତ ହେବା ଉଦ୍ଦେଶ୍ୟରେ ଏହି ସାଟେଲାଇଟ୍ ସାହାଯ୍ୟ କରିବ। ବିଶେଷ କରି ଆମେରିକା ଓ ସାଉଥ୍ କୋରିଆର ସମ୍ଭାବ୍ୟ ଆକ୍ରମଣଠାରୁ ନିଜକୁ ସୁରକ୍ଷିତ ରଖିବା ପାଇଁ କିମ୍ ସାଟେଲାଇଟ୍ ଲଞ୍ଚ କରୁଥିବା କୁହାଯାଉଛି। ଗତ


କିମ୍ ଜୋଙ୍ଗ ଉନ୍

ଡିସେମ୍ବରରେ ଏହି ସ୍ପାଏ ଉପଗ୍ରହର ଶେଷ ପର୍ଯ୍ୟାୟ ପରୀକ୍ଷଣ ଶେଷ ହୋଇଥିବାବେଳେ ଏପ୍ରିଲ ଶେଷ ସୁଦ୍ଧା ଏହାକୁ ମହାକାଶକୁ ପ୍ରେରଣ ନେଇ ଘୋଷଣା କରାଯାଇଥିଲା। ମଙ୍ଗଳବାର ନ୍ୟାଶନାଲ ସ୍ପେସ୍ ଡେଭଲପ୍‌ମେଣ୍ଟ ଏଜେନ୍ସି ଗସ୍ତ ସମୟରେ କିମ୍ ସ୍ପାଏ ସାଟେଲାଇଟ୍ ଲଞ୍ଚ ନିର୍ଦ୍ଦେଶ ଦେଇଛନ୍ତି।

**ଫୁରସତ୍**

## ପୋଲରେ ବସତି ସ୍ଥାପନ

**ବେଜିଂ**

ସାଧାରଣତଃ ପୋଲ ଏକ ବିଚ୍ଛିନ୍ନ ଅଞ୍ଚଳକୁ ଯୋଡିଥାଏ। ଫଳରେ ଲୋକେ ଏପଟୁ ସେପଟକୁ ଯାଇ ଆସି ପାରନ୍ତି। ହେଲେ ନିକଟରେ ଏକ ବସ୍ତିକୁ ନେଇ ବେଶ୍ ଚର୍ଚ୍ଚା ଶୁଣିବାକୁ ମିଳିଛି, ଯାହାକି ଏକ ନଦୀକୂଳରେ ନୁହେଁ, ନଦୀ ଉପରେ ଥିବା ପୋଲ ଉପରେ ରହିଛି। ଚାଇନାର ଚଙ୍ଗ୍‌କିଙ୍ଗ୍ ସହରରେ ଅବସ୍ଥିତ ଏହି ପୋଲ ଉପରେ ଧାଡ଼ି ଧାଡ଼ି ରଙ୍ଗବେରଙ୍ଗର ଘର ରହିଛି, ଯାହା ଅତି ସୁନ୍ଦର ଦେଖାଯାଉଥିବାବେଳେ ତାହା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରୁଛି। ଏହାର ଏକ ଭିଡିଓ ଉଦ୍ୟୋଗପତି ହର୍ଷ ଗୋଏଙ୍କା ତାଙ୍କ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ଏଥିରେ କ୍ୟାପ୍ସନ ଲେଖିଛନ୍ତି, ‘ଏଠାରେ ରହିବା ବାବଦରେ ଭାବନ୍ତୁ’। ରିପୋର୍ଟ ମୁତାବକ, ୪୦୦ ମିଟର ଲମ୍ବା ଏହି ପୋଲ ଟୁରିଷ୍ଟଙ୍କ ପାଇଁ ଖାସ୍ ଆକର୍ଷଣ। ଚଙ୍ଗ୍‌କିଙ୍ଗ୍‌ର ଏହି ପାହାଡ଼ ଭର୍ତ୍ତି ସହରରେ ମୋଟ ୧୩ ହଜାରରୁ ଅଧିକ ପୋଲ ରହିଛି। କେତେକ ଅବ୍ୟବହୃତ ପୋଲକୁ ପାର୍କିଂ ଏରିଆ, ଖେଳ ପଡ଼ିଆ, ପାର୍କରେ ବଦଳାଇ ଦିଆଯାଇଛି। ଚଙ୍ଗ୍‌କିଙ୍ଗ୍‌ର ଖାସ୍ ପରିଚୟ ହେଉଛି ଏହାର ପୋଲ ଏବଂ ରେଳ ଯାତାୟାତ। ତେବେ ଏହି ବ୍ୟବହୃତ ପୋଲକୁ ଏକ ବସ୍ତିବାସିନ୍ଦା ଏପରି ଭାବେ ବ୍ୟବହୃତ କରିଛନ୍ତି, ଯାହା ଅତ୍ୟନ୍ତ କାଳ୍ପନିକ।



## ମନ୍ଦିରରେ ପ୍ରବେଶ ପାଇଁ ରୁଟି ଦାନ



**ଗାନ୍ଧୀନଗର:** ଅନେକ ସ୍ଥାନରେ ମନ୍ଦିରକୁ ଯିବାକୁ ହେଲେ ଟିକେଟ କରିବାକୁ ପଡିଥାଏ। ହେଲେ ଗୁଜରାଟର ପାଟନରେ ରୋଟାଲିଆ ହନୁମାନ ମନ୍ଦିରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମନ୍ଦିରରେ ପ୍ରବେଶ ପାଇଁ ଟିକେଟ ବଦଳରେ ରୁଟି ଦେବାକୁ ପଡୁଛି। ଏହା ଶୁଣିଲେ ଅଜବ ଲାଗୁଥିବ, ହେଲେ ଏହା ସତ। ନିକଟରେ ମନ୍ଦିରରେ ଭଜନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଗାୟକଙ୍କ ଚତୁଃପାର୍ଶ୍ୱରେ ରୁଟି ଗଦା ହୋଇଥିବା ଦେଖିବାକୁ ମିଳିଛି। ସାଧାରଣତଃ ଲୋକେ ମନ୍ଦରରେ ସୁନା, ଚାନ୍ଦି, ପଇଡ଼, ପେଡ଼ା ଆଦି ବିଭିନ୍ନ ପଦାର୍ଥ ପ୍ରସାଦ ସ୍ୱରୂପ ଏବଂ ଦାନ କରିଥାନ୍ତି। ପାଟନର ହନୁମାନ ମନ୍ଦିରର ବାର୍ଷିକ ଉତ୍ସବରେ ‘ଲୋକ ଦୟରୋ’ କାର୍ଯ୍ୟକ୍ରମ କରାଯାଇଥାଏ। ଏଥିରେ ଭଜନ, ପୌରାଣିକ କଥା ବର୍ଣ୍ଣନ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ହୁଏ। ଗୁଜରାଟରେ ଏପରି କାର୍ଯ୍ୟକ୍ରମ ଆୟୋଜିତ ହେଲେ ଏଠାକୁ ଅନେକ ଲୋକ ଆସିବା ସହ ବହୁ ଟଙ୍କା ଦାନ ସ୍ୱରୂପ ଦେଇଥାନ୍ତି। କିନ୍ତୁ ରୋଟାଲିଆ ହନୁମାନ ମନ୍ଦିରରେ ରୁଟି ଦେବା ନିୟମ ମାଧ୍ୟମରେ ବୁଲା ପ୍ରାଣୀଙ୍କ ପାଇଁ ଆହାରର ବ୍ୟବସ୍ଥା କରାଯାଇଥାଏ, ଯାହା ବୁଲା ପ୍ରାଣୀଙ୍କ ପାଇଁ କଲ୍ୟାଣର ଏକ ଉଦାହରଣ। ଆୟୋଜିତ କାର୍ଯ୍ୟକ୍ରମରେ ରୋଟ୍‌ଲା (ମୋଟା ରୁଟି) ନ ହେଲେ ୧୦ ରୋଟ୍‌ଲି (ପତଳା ରୁଟି) ମାଧ୍ୟମରେ ଲୋକଙ୍କୁ ମନ୍ଦିର ଭିତରକୁ ପ୍ରବେଶ ଅନୁମତି ମିଳିଥିଲା। ଏଥିରେ ବହୁ ଲୋକଙ୍କ ଆଗମନ ଫଳରେ ମଞ୍ଚ ଉପରେ ଗାଉଥିବା ଗାୟକଙ୍କ ଚତୁଃପାର୍ଶ୍ୱରେ ରୋଟ୍‌ଲା ଏବଂ ରୋଟ୍‌ଲିର ପାହାଡ଼ ଗଦା ହୋଇଥିଲା। କାର୍ଯ୍ୟକ୍ରମ ସରିବା ପରେ ଦାନସ୍ୱରୂପ ମିଳିଥିବା ରୁଟିକୁ ବୁଲା ପ୍ରାଣୀଙ୍କ ପାଇଁ ଖାଦ୍ୟ ଆକାରରେ ପ୍ରଦାନ କରାଯିବ ବୋଲି ଜଣାପଡିଛି।

## ସାଉଥ୍ ଅଭିନେତାଙ୍କ ସହ କାମ କରିବାକୁ ଚାହାନ୍ତି ଶେହନାଜ୍



**ମୁମ୍ବାଇ:** ବିଗ୍‌ବସ୍ ଫେମ୍ ଶେହନାଜ୍ ଗିଲ୍ ଆଗାମୀ ଫିଲ୍ମ ‘କିସି କା ଭାଇ କିସି କି ଜାନ୍’କୁ ନେଇ ଚର୍ଚ୍ଚାରେ। ବଲିଉଡ୍‌ରେ ଡେବ୍ୟୁ କରୁଥିବା ଶେହନାଜ୍ ସଲ୍‌ମାନ ଖାନ୍‌ଙ୍କ ସହ ଏକାଠି ପରଦାରେ ନଜରକୁ ଆସିବେ। କିନ୍ତୁ ଶେହନାଜ୍ ଦକ୍ଷିଣ ଭାରତର ସୁପରଷ୍ଟାର ଯଶ୍‌ଙ୍କ ସହ କାମ କରିବାକୁ ଚାହୁଁଥିବା ନିକଟରେ କହିଛନ୍ତି। ସେ ଏବେ ଫିଲ୍ମର ପ୍ରମୋଶନରେ ବ୍ୟସ୍ତ ରହିବା ସହ ରିଆଲିଟି ଶୋ’ରେ ମଧ୍ୟ ଅଂଶଗ୍ରହଣ କରୁଛନ୍ତି। ଏ ନେଇ ଶେହନାଜ୍‌ଙ୍କୁ ପ୍ରଶ୍ନ କରାଯିବାରୁ ସେ ସାଉଥ୍ ଅଭିନେତାଙ୍କ ସହ କାର୍ଯ୍ୟ କରିବାକୁ ମିଳିବା ବଡ଼ କଥା ବୋଲି କହିଥିଲେ। ତାଙ୍କୁ ସାଉଥ୍ ଇଣ୍ଡଷ୍ଟ୍ରିରେ କାମ କରିବାକୁ ସୁଯୋଗ ମିଳିଲେ ସେ ତାଙ୍କ ପସନ୍ଦର ଅଭିନେତା ଯଶ୍‌ଙ୍କ ସହ କାମ କରିବାକୁ ଚାହାନ୍ତି ବୋଲି କହିଛନ୍ତି।

# ଏଫ୍ଏଫ୍ଆଇ ସ୍ମାରକୀ ପତାକା ଉତ୍ସର୍ଗ

**ଭୁବନେଶ୍ୱର,୧୯।୪**

ଫ୍ଲାଗ୍ ଫାଉଣ୍ଡେଶନ ଅଫ୍ ଇଣ୍ଡିଆ (ଏଫ୍ଏଫ୍ଆଇ) ପକ୍ଷରୁ ଆଉ ଏକ ସ୍ମାରକୀ ପତାକା ଦେଶବାସୀଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯାଇଛି। ବିଶେଷକରି ବିହୁ ଅବସରରେ ଏଫ୍ଏଫ୍ଆଇ ପକ୍ଷରୁ ଗୁଆହାଟୀର ନାରଙ୍ଗି ମିଲିଟାରି ଷ୍ଟେଶନଠାରେ ଏକ ବୃହତ୍ ସ୍ମାରକୀ ପତାକା ସ୍ଥାପନ କରାଯାଇଛି। ଏହି ଅବସରରେ ପୂର୍ବାଞ୍ଚଳ ସେନା କମାଣ୍ଡର ଲ୍ୟୁଟ୍‌ନାଣ୍ଟ ଜେନେରାଲ ଆର୍. ପି. କଳିତା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଉଦ୍‌ଘାଟନ କରିଥିଲେ। ଉଲ୍ଲେଖଯୋଗ୍ୟ, ଭାରତୀୟ ଜାତୀୟ ପତାକା ପ୍ରଦର୍ଶନକୁ ପ୍ରୋତ୍ସାହିତ କରିବା ଏବଂ ଭାରତୀୟଙ୍କ ମଧ୍ୟରେ ଦେଶପ୍ରେମର ଭାବନାକୁ ପ୍ରୋତ୍ସାହିତ କରିବା ପାଇଁ ଶିଳ୍ପପତି ନବୀନ ଜିନ୍ଦଲଙ୍କ ନେତୃତ୍ୱରେ ଫ୍ଲାଗ୍ ଫାଉଣ୍ଡେଶନ ସମଗ୍ର ଦେଶରେ ସ୍ମାରକୀ ପତାକା ସ୍ଥାପନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଏପରିକି ପ୍ରତି ଭାରତୀୟ ଜାତୀୟ


ଗୁଆହାଟୀର ନାରଙ୍ଗି ମିଲିଟାରି ଷ୍ଟେଶନଠାରେ ଏଫ୍ଏଫ୍ଆଇ ପକ୍ଷରୁ ଏକ ବୃହତ୍ ସ୍ମାରକୀ ପତାକା ସ୍ଥାପନ କରାଯାଇଛି।

ପତାକାକୁ ଗର୍ବ ଏବଂ ସମ୍ମାନ ସହିତ ଉଡ଼ାଇବା ଓ ପ୍ରଦର୍ଶନ କରିବାର ଅଧିକାର ନିମନ୍ତେ ଇଣ୍ଡିଆନ୍ ଫ୍ଲାଗ୍ ଫାଉଣ୍ଡେଶନର ସଭାପତି ନବୀନ ଜିନ୍ଦଲ ଦୀର୍ଘ ୧ ଦଶନ୍ଧି ଧରି ଆଇନଗତ ଲଢ଼େଇ ଲଢ଼ିଥିଲେ।

# ବେଦାନ୍ତ ପକ୍ଷରୁ ଅନ୍‌ଲାଇନ ଗ୍ୟାଲେରିର ଶୁଭାରମ୍ଭ

**ଭୁବନେଶ୍ୱର,୧୯।୪**

ବେଦାନ୍ତ ଆଲୁମିନିୟମ ପକ୍ଷରୁ ବିଶ୍ୱ ଐତିହ୍ୟ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର କାର୍ଯ୍ୟକ୍ଷେତ୍ର ଅଞ୍ଚଳଗୁଡ଼ିକରେ ବସବାସ କରୁଥିବା ଗୋଷ୍ଠୀର କଳାକାରମାନଙ୍କୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଏକ ଅନ୍‌ଲାଇନ ଗ୍ୟାଲେରିର ଶୁଭାରମ୍ଭ କମ୍ପାନୀ ୱେବ୍‌ସାଇଟ ଜରିଆରେ କରାଯାଇଛି।

ଏ ସମ୍ପର୍କରେ ବେଦାନ୍ତ ଲିମିଟେଡ୍‌ର ସିଇଓ (ଆଲୁମିନିୟମ ବିଜ୍‌ନେସ) ରାହୁଲ ଶର୍ମା କହିଛନ୍ତି, ସ୍ଥାନୀୟ ହସ୍ତଶିଳ୍ପର ବିକାଶ ଲାଗି ଆମେ ଅନ୍‌ଲାଇନ ଗ୍ୟାଲେରିର ଶୁଭାରମ୍ଭ କରିଛୁ। ବିଶେଷକରି ଡୋକ୍ରା ଓ ସଉରା ପରି ସମୃଦ୍ଧ କଳାକୃତି ଆମ ଐତିହ୍ୟର ଏକ ବଳିଷ୍ଠ ପ୍ରମାଣ। ଏପରିକି ଆମେ ଏକ ଇକୋସିଷ୍ଟମ ଜରିଆରେ ସେମାନଙ୍କୁ ପ୍ରୋତ୍ସାହିତ କରି ଆସୁଛୁ। ଅପରପକ୍ଷରେ ଓଡ଼ିଶା ଗ୍ରାମୀଣ ବିକାଶ ଓ ମାର୍କେଟିଂ ସୋସାଇଟି (ଓର୍‌ମାସ) ମାଧ୍ୟମରେ ଡୋକ୍ରା ଓ ସଉରା କଳାକାରମାନଙ୍କୁ



ସରକାରୀ ପ୍ରାୟୋଜିତ ଗ୍ୟାଲେରି ଓ ପ୍ରଦର୍ଶନୀରେ ସେମାନଙ୍କ ଉତ୍ପାଦର ପ୍ରଦର୍ଶନୀ କରାଯାଉଛି। ଏପରିକି ସରକାରୀ ସହାୟତା ମଧ୍ୟ କଳାକାରମାନଙ୍କୁ ଯୋଗାଇ ଦିଆଯାଉଛି। ସେହିଭଳି ଛତିଶଗଡ଼ରେ ବେଦାନ୍ତ ଆଲୁମିନିୟମ ଗ୍ରାମୀଣ ମହିଳାମାନଙ୍କ ମଧ୍ୟରେ ଥିବା ମୂର୍ତ୍ତିକଳା କାରିଗରଙ୍କୁ ସହାୟତା ଯୋଗାଉଛି। ଉଲ୍ଲେଖଯୋଗ୍ୟ, ଡୋକ୍ରା ହେଉଛି ଏକ ସୂକ୍ଷ୍ମ ଧାତୁ କଳା, ଯାହା ସିନ୍ଧୁ ଉପତ୍ୟକା ସଭ୍ୟତାର ନିଦର୍ଶନ ଓ ପ୍ରାୟ ୫୦୦୦ ବର୍ଷ ପୂର୍ବେ ଏହି କଳା ଭାରତର ପ୍ରାଚୀନ ଶିଳ୍ପ କଳାର ନିଦର୍ଶନ। ଏହା କଳାହାଣ୍ଡି ଜିଲା କାଙ୍କେରୀ ଗ୍ରାମରେ ଜୀବିତ। ଏଠାରେ ଏହି ଶିଳ୍ପକୁ ପୁନର୍ଜୀବିତ କରିବା ଲାଗି ବେଦାନ୍ତ ଆଲୁମିନିୟମ ପାରମ୍ପରିକ ଶୈଳୀ ବ୍ୟବହାରକରି ସମସାମୟିକ ଡିଜାଇନ ତାଲିମ କାର୍ଯ୍ୟକ୍ରମକୁ ପରିଚାଳନା ସହ କାରିଗରମାନଙ୍କୁ ଉପଯୁକ୍ତ ପ୍ରୋତ୍ସାହନ ଓ ସହାୟତା ଦେଇ ସେମାନଙ୍କ ପାଇଁ କଳା ସାମଗ୍ରୀର ବଜାର ଲିଙ୍କେଜ ସୃଷ୍ଟି କରିଛି। ଏହି ପ୍ରାଚୀନ କଳା ରୂପକୁ ବଞ୍ଚାଇ ରଖିବା ଲାଗି ବେଦାନ୍ତ ସ୍ଥାନୀୟ କଳାକାରମାନଙ୍କ ଦକ୍ଷତା ବୃଦ୍ଧି, ପାରିଶ୍ରମିକ, ବଜାର ଚାହିଦା ପାଇଁ ଆବଶ୍ୟକ କାର୍ଯ୍ୟ କରୁଛି। ବିଶେଷକରି ସ୍କୁଲ ଛାତ୍ରୀଛାତ୍ରମାନଙ୍କ ପାଇଁ ସଉରା କଳା ଉପରେ ସ୍ୱତନ୍ତ୍ର ପାଠ୍ୟକ୍ରମ ମଧ୍ୟ ପ୍ରଦାନ କରାଯାଉଛି।

# ଟାଟା ଷ୍ଟିଲ୍‌କୁ ଷ୍ଟିଲ୍ ସଷ୍ଟେନବିଲିଟି ଚାମ୍ପିୟନ ମାନ୍ୟତା

**ଭୁବନେଶ୍ୱର,୧୯।୪**

ଦେଶର ପ୍ରମୁଖ ଘରୋଇ ଶିଳ୍ପ ପ୍ରତିଷ୍ଠାନ ଟାଟା ଷ୍ଟିଲ୍‌କୁ ନିକଟରେ ଆଉ ଏକ ଜାତୀୟସ୍ତରର ସମ୍ମାନ ପ୍ରଦାନ କରାଯାଇଛି। ଏପରିକି ଲଗାତର ଷଷ୍ଠ ବର୍ଷ ପାଇଁ ୱାର୍ଲଡ୍ ଷ୍ଟିଲ୍ ଆସୋସିଏସନ ପକ୍ଷରୁ ଟାଟା ଷ୍ଟିଲ୍‌କୁ ୨୦୨୩ ଷ୍ଟିଲ୍ ସଷ୍ଟେନବିଲିଟି ଚାମ୍ପିୟନ ମାନ୍ୟତା ପ୍ରଦାନ କରାଯାଇଛି। ବିଶେଷକରି ଅଷ୍ଟ୍ରିଆର ଭିଏନାରେ ଅନୁଷ୍ଠିତ ସ୍ୱତନ୍ତ୍ର ସାଧାରଣ ବୈଠକରେ ଏ ନେଇ ମଧ୍ୟ ଘୋଷଣା କରାଯାଇଛି। ଉଲ୍ଲେଖଯୋଗ୍ୟ, ୨୦୧୮ରେ ଉକ୍ତ କାର୍ଯ୍ୟକ୍ରମ ଆରମ୍ଭ ହେବା ପରଠାରୁ ପ୍ରତିବର୍ଷ ଟାଟା ଷ୍ଟିଲ୍‌କୁ ଏହି ମାନ୍ୟତା ମିଳୁଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ସେହିଭଳି ସଷ୍ଟେନେବିଲିଟି ପ୍ରତି ସମ୍ପୂର୍ଣ୍ଣ ପ୍ରତିବଦ୍ଧ ଥିବା ଏକ ବିଶ୍ୱସ୍ତରୀୟ ଇସ୍ପାତ ନିର୍ମାତା ଭାବେ ନିଜର ଅଗ୍ରଣୀ ସ୍ଥାନକୁ ବଜାୟ ରଖିବା ଲାଗି ଟାଟା ଷ୍ଟିଲ୍‌ର ଉଦ୍ୟମ ପ୍ରତି ଏହି ସମ୍ମାନଜନକ ପୁରସ୍କାର ଏକ ସ୍ୱୀକୃତି ବୋଲି କୁହାଯାଉଛି। ଏ ସମ୍ପର୍କରେ ଟାଟା ଷ୍ଟିଲ୍‌ର ସିଇଓ ଓ ପରିଚାଳନା ନିର୍ଦ୍ଦେଶକ




ଟି.ଭି.ନରେନ୍ଦ୍ରନ କହିଛନ୍ତି, ସଷ୍ଟେନବିଲିଟି କେବଳ ଏକ ନୈତିକ ଆବଶ୍ୟକତା ନୁହେଁ ଏହା ଏକ ବ୍ୟବସାୟ ସୁଯୋଗ ବୋଲି ଆମେ ବିଶ୍ୱାସ କରିଥାଉ। ଏପରିକି ୱାର୍ଲଡ୍ ଷ୍ଟିଲ୍ ପକ୍ଷରୁ କ୍ରମାଗତ ୬ଷ୍ଠ ଥର ପାଇଁ ସଷ୍ଟେନବିଲିଟି ଚାମ୍ପିୟନ ମାନ୍ୟତା ହାସଲ ନିରନ୍ତର ବିକାଶ ପ୍ରତି ଆମ ପ୍ରତିବଦ୍ଧତାର ଏକ ପରିଚୟ ବୋଲି ସେ ମତପ୍ରକାଶ କରିଛନ୍ତି। ସେହିଭଳି ଜଳବାୟୁ ପରିବର୍ତ୍ତନ ଆହ୍ୱାନର ମୁକାବିଲା କରିବା ଏବଂ ଆଗାମୀ ପିଢ଼ି ପାଇଁ ଏକ ଉତ୍ତମ ଭବିଷ୍ୟତ ସୃଷ୍ଟି କରିବା ଲାଗି ଆମେ ମିଳିତ ଭାବେ କାର୍ଯ୍ୟ କରିବା ନିମନ୍ତେ ବିଶ୍ୱ ଇସ୍ପାତ ଶିଳ୍ପର ଏକ ଅଂଶ ହୋଇଥିବାରୁ ଆମେ ବେଶ୍ ଗର୍ବିତ ବୋଲି ନରେନ୍ଦ୍ରନ ମତବ୍ୟକ୍ତ କରିଛନ୍ତି।


## LEVEL-I TRANSPORT CONTRACTOR 2023-25
### NOTICE INVITING TENDER
**Office of District Manager**
**Odisha State Civil Supplies Corporation Ltd. (OSCSC)**
**Balasore (District), Phone:**

**No.CAD-204**
**Tender No.803** **Dated:13.04.2023**
**Cost of Tender Document: - Rs.11800/- Inclusive of GST.**
**Online Tenders are invited from eligible bidders for selection and appointment of level-I transport contractor for transportation of Wheat from Food Storage Depot (FSD), FCI to Rice Receiving Centre (RRC).**

| | | |
|---|---|---|
| 1 | Availability of tender documents | From Date 18.04.2023. Downloadable from website: www.oscsc.in, www.foododisha.in & www.tendersodisha.gov.in |
| 2 | Date, time and venue for pre-bid conference. | On dated 25.04.2023 at 10.00 AM Place: Office of the District Manager, OSCSC Ltd., Balasore |
| 3 | Last date and time for online submission of completed Tender Documents with enclosures | Through e-Procurement Portal: www.tendersodisha.gov.in Upto 5.00 PM of dt.03.05.2023 |
| 4 | Date, time and venue for opening of Technical Bid by the Tender Committee | On dated 04.05.2023 at 10.00 AM Place: Office of the District Manager, OSCSC Ltd., Balasore |
| 5 | Date, time and venue of submission of original documents in support of scanned copies uploaded in the portal for Verification. | On dated 06.05.2023 at 10.00 AM Place: M.G. Planning Conference Hall, Collectorate, Balasore |
| 6 | Date & time of Financial Bid opening by the Tender Committee (Only of Technically Qualified Bidders) | To be announced after technical bid evaluation. |
| 7 | Venue of the opening of Technical & Financial Bids | M.G. Planning Conference Hall, Collectorate, Balasore |
| 8 | Validity Period | Tenders are to remain open for acceptance for 45 days inclusive of date of opening of tender. Note: - The Managing Director, OSCSC Ltd., Bhubaneswar may at his discretion extend this day by 15 (fifteen) days and such extension shall be binding on the bidders. |
| 9 | Language of the Tender | The tender should be prepared by the bidder in English language only. |
| 10 | Help Desk telephone No. | (i) OSCSC Ltd.:- District Manager:-No.9668180241 Account Head. No.7326933673 (ii) State Procurement Cell:-0674-2530998/18003456765 |

N.B: 1. If the office happens to be closed on the date of opening of tenders, tenders will be opened on the next working day in the same time. 2. District Tender Committee reserves the right to cancel any/ all of the tenders at any time without assigning any reason thereof. 3. Further details can be obtained in the website www.tendersodisha.gov.in.4. The bidder must deposit Tender Document Fee and EMD at the time of submission of tender through online payment gate way service. 5. Any amendment/ cancellation/ re-tender/ corrigendum please refer to the website www.tendersodisha.gov.in, www.oscsc.in & www.foododisha.in.

**Sd./- District Manager,**
**OSCSC Ltd., Balasore**
**OIPR-07018/11/0004/2324**

## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org

ପତ୍ର ସଂଖ୍ୟା: ୯୪ **ବିଜ୍ଞାପନ** ତା:୧୭।୦୪।୨୦୨୩

No. CAD-215: ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଭୁବନେଶ୍ୱର ଗୁଡିକା ବଜାର, ବରମୁଣ୍ଡା ଗୃହ ନିର୍ମାଣ ପ୍ରକଳ୍ପରେ ଦୋକାନ ଗୃହ ନଂ. ସି–୩ (C-3) (୧) ପ୍ରମିଳା ନାୟକ, ସ୍ୱାମୀ: ୰ଗିରିଶ ଚନ୍ଦ୍ର ନାୟକ, (୨) ଶ୍ରୀମତୀ ଜ୍ୟୋତିବାଳା ନାୟକ, ପିତା: ୰ଗିରିଶ ଚନ୍ଦ୍ର ନାୟକ, ସ୍ୱାମୀ: ଦୀନବନ୍ଧୁ ନାୟକ, (୩) ଶ୍ରୀମତୀ ବିନୋଦିନୀ ନାୟକ, ପିତା: ୰ଗିରିଶ ଚନ୍ଦ୍ର ନାୟକ, ସ୍ୱାମୀ: ରତିକାନ୍ତ ନାୟକ, (୪) ଶ୍ରୀମତୀ ଗିରିବାଳା ବେହେରା, ପିତା: ୰ଗିରିଶ ଚନ୍ଦ୍ର ନାୟକ, ସ୍ୱାମୀ: ପ୍ରଶାନ୍ତ କୁମାର ବେହେରା, (୫) ଅଶେଷ ଚନ୍ଦ୍ର ନାୟକ, ପିତା: ୰ଗିରିଶ ଚନ୍ଦ୍ର ନାୟକ, ସା/ପୋ.: ମହରମପୁର, ଥାନା: ତିହିଡ଼ି, ଜିଲ୍ଲା: ଭଦ୍ରକଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା (୧) ପ୍ରମିଳା ନାୟକ, (୨) ଶ୍ରୀମତୀ ଜ୍ୟୋତିବାଳା ନାୟକ, (୩) ଶ୍ରୀମତୀ ବିନୋଦିନୀ ନାୟକ, (୪) ଶ୍ରୀମତୀ ଗିରିବାଳା ବେହେରା, (୫) ଅଶେଷ ଚନ୍ଦ୍ର ନାୟକ ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀ ଦେବାଶିଷ ସାହୁ, ପିତା: ୰ରାଧାନାଥ ସାହୁ, ସା: ମେନରୋଡ୍, ଫୁଲବାଣୀ, ପୋ: ଫୁଲବାଣୀ ଟାଉନ, ଥାନା: ଫୁଲବାଣୀ, ଜିଲ୍ଲା: କନ୍ଧମାଳଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./– ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
**OIPR-13030/11/0028/2324**

### GOVERNMENT OF ODISHA
## e-Procurement Notice
## Angul Municipality Office, Angul
**Bid Identification No.- EO/AGLM-02/ 2023-24**
**e-mail ID- angulmunicipality@gmail.com**
**No.C-117:** **No.1115, Date:18.04.2023**

1. Number of Works : 1 (One) Number (Flexible pavement Road) work
2. Approximate estimated cost (put to tender) : Rs.115.32 Lakhs
3. Period of completion : 02 (Two) calendar months
4. Date & Time of availability of bid document in the portal : Dt. 19.04.2023 at 10.00 A.M.
5. Last date / Time for receipt of bid in the portal : Dt. 03.05.2023 upto 5.00 P.M.
6. Date of opening (Technical Bid) : Dt. 04.05.2023 at 11.00 A.M.
7. Name and address of the Office Inviting Bid : Executive Officer, Angul Municipality, Angul
8. The bidders have to participate in ONLINE bidding only. Further details can be seen from the e-procurement portal https:/tendersodisha.gov.in.

**Sd./- G.S. Mallick**
**Executive Officer, Angul Municipality**
**OIPR-13085/11/0003/2324**

### GOVERNMENT OF ODISHA
## OFFICE OF THE SUPERINTENDING ENGINEER
**AUL EMBANKMENT DIVISION, AUL, Dist: Kendrapara, Odisha - 754219,**
**Tel/Fax: 06729-295188, Mail id:- aulembankment@gmail.com**
**'e' Procurement Notice No.AED-01 OF 2023-24**

**No.A-44:**1. No. of the work : 29 nos. of different flood control & Road works. 2. Tender Cost : Varies from Rs.12,52,513.00 to Rs.41,86,395.00. 3. Bid Document Cost : Rs.6000.00. 4. Bid Security : Varies from 12,600.00 to Rs.41,900.00. 5. Class of Contractor : D, C & B Class (As applicable). 6. Period of Completion : Six calendar months. 7. Other details are as follows.

| Procurement Officer | Bid Identification No. | Availability of Tender Online for bidding | | Date of Opening of Bid |
|---|---|---|---|---|
| | | From | To | |
| Superintending Engineer, Aul Embankment Division, Aul | AUL 01 of 2023-24 to AUL 29 of 2023-24 (29 Nos. of works) | 20.04.2023 10.00 A.M. | 29.04.2023 5.00 P.M. | 01.05.2023 11.00 A.M. |

8. e-mail id: aulembankment@gmail.com. 9. If required lottery may be held on Dt.06.05.2023 at 10.00 AM. Further detail conditions can be seen from the Govt. website www.tendersodisha.gov.in.

**Sd./-Superintending Engineer, Aul Embankment Division, Aul**
**OIPR-32004/11/0001/2324**

### GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER
## RURAL WORKS CIRCLE: SUNDARGARH
**AT/PO-SANKARA, SUNDARGARH-770020, E-mail address-serw_sundargarh@yahoo.com**
**No. Tender Online - RWCCESNG - 03 of 2023-24, Letter No.895 /Dtd.15.04.2023**
## e-Procurement NOTICE

**No.O-59:**1. Type of the Work: Road With Bridge (OMBADC). 2. Class of Contractor: As specified in the column-6 of the Annexure. 3. Time of Completion: As specified in the column-5 of the Annexure. 4. Detail Projects: As per Annexure attached. 5. Estimated Cost : As specified in the column-4 of the Annexure.6. Other details:

| Procurement Officer | Bid Identification No. | Availability of Tender online for bidding | | Last date & Time of Seeking Tender Clarification | Date & Time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sundargarh | RWCCESNG-03 of 2023-24 | 26.04.2023 11.00 AM | 16.05.2023 5.00 PM | 15.05.2023 5.00 PM | 17.05.2023 11.00 AM | Will be intimated separately |

Further details can be seen from the website www.tendersodisha.gov.in.
**OIPR-25133/11/0006/2324**
**Sd./- Chief Construction Engineer**
**Rural Works Circle, Sundargarh**

## ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା
(ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠ ନଗର, ୟୁନିଟ୍ – ୮, ଭୁବନେଶ୍ୱର – ୭୫୧୦୧୨

ସଂଖ୍ୟା: 6147 IND-II-PH-1043 **ବିଜ୍ଞାପନ** ତାରିଖ: ୧୫।୦୪।୨୦୨୩

No. CAD-197: ଏତଦ୍ଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ମେସର୍ସ ନର୍ଭେରମ ପାୱାର ଏବଂ ଷ୍ଟିଲ୍ ପ୍ରାଇଭେଟ ଲିମିଟେଡ୍, ଓଡ଼ିଶାର କେନ୍ଦୁଝର ଜିଲ୍ଲା ବଡ଼ବିଲ ତହସିଲ ଅନ୍ତର୍ଗତ ତନ୍ତୋଗ୍ରାମର ବାର୍ଷିକ ୨.୪ ମିଲିୟନ ଟନ (୨ × ୧.୨ ବାର୍ଷିକ ମିଲିୟନ ଟନ) ଲୌହ ପେଲେଟ ପ୍ରକଳ୍ପ ଏବଂ ଘଣ୍ଟା ପ୍ରତି ୫ × ୬୫୦୦ ନର୍ମାଲ ଘନମିଟର ପ୍ରଡ୍ୟୁସର ଗ୍ୟାସ ପ୍ରକଳ୍ପ ପ୍ରତିଷ୍ଠା ନିମନ୍ତେ ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ପାଇଁ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ (MoEF&CC, Govt. of India) ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଆବେଦନ କରିଛନ୍ତି।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩(ଇ), ତା୧୪।୦୯।୨୦୦୬ରିଖ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି। ଏଥିନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁଁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁଁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁଁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତି ପତ୍ର ଆହ୍ୱାନ କରୁଛନ୍ତି। ଏଥିନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେକୌଣସି ବ୍ୟକ୍ତି।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତି ବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା/ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣ–ପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେ କୌଣସି ସ୍ଥାନୀୟ କର୍ତ୍ତୃପକ୍ଷ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକଯୋଗେ ଜଣାଇପାରିବେ। ଏହାଛଡ଼ା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ ତା୨୪।୦୫।୨୦୨୩ରିଖ ଦିବା ୧୧.୦୦ ଘଟିକା ସମୟରେ କେନ୍ଦୁଝର ଜିଲ୍ଲା, ବଡ଼ବିଲ ତହସିଲ ଅନ୍ତର୍ଗତ ତନ୍ତୋ ମୌଜା: (ଖାତା ନଂ. ୬୭, ପ୍ଲଟ ନଂ. ୨୧୦/୩୩୧, ପ୍ରସ୍ତାବିତ ଏ୧.୯୨୦ ଅଞ୍ଚଳ, କିସମ: ପତିତ (ଆବାଦଯୋଗ୍ୟ ଅନାବାଦୀ)ଠାରେ ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ ଉପସ୍ଥାପନ କରିପାରିବେ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ୍ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କେନ୍ଦୁଝର।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, କେନ୍ଦୁଝର।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, କେନ୍ଦୁଝର।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠ ନଗର, ଭୁବନେଶ୍ୱର – ୭୫୧୦୧୨।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, କେନ୍ଦୁଝର।
୬. ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର।

ଏତଦ୍ ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବସାଇଟ୍ **www.ospcboard.org**ରୁ ମଧ୍ୟ ମିଳିପାରିବ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, କେନ୍ଦୁଝରସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

**ସ୍ୱା./– ସଦସ୍ୟ ସଚିବ**
OSPCB-PH-MISC-0043-2023/01/2023
**OIPR-08012/11/0009/2324**

## BHUBANESWAR DEVELOPMENT AUTHORITY
**AKASH SHOVA BUILDING, SACHIVALAYA MARG, BHUBANESWAR - 751001**
**PABX No. 0674-2392801/0998/6437, FAX No. 0674-2390633/085**
**Visit us at: http://www.bda.gov.in/**
### INVITATION FOR BIDS
**Bid Identification No. 400/EM** **Date: 17.04.2023**

No. CAD-218: Engineer Member, BDA on behalf of Bhubaneswar Development Authority, Bhubaneswar invites percentage rate bids in Double Cover System in ONLINE MODE from eligible contractors for civil Works as mentioned below.

1. Nature of work : Road Work
2. Total No. of work : 01 (One) No.
3. Amount put to tender : Rs.224.71 lakh (Approx.)
4. Class of Contractor : 'A' Class & 'B' Class
5. Period of Completion : 06 (Six) Calendar Months
6. Cost of Bid documents : Rs.10,000.00 + 18% GST = Rs.11,800.00
7. Earnest Money Deposit (EMD): Rs.2,24,715.00
8. Availability of Tender : From 21.04.2023 to 5.00 P.M. of 05.05.2023 in the website
9. Date & time of opening of tender : Dt.10.05.2023 at 11.30 A.M.
10. Place of opening of tender : O/o. The Engineer Member, BDA

Further details can be seen from the website: **https://tendersodisha.gov.in.** Any addendum/corrigendum/cancellation of tender can also be seen in the said website.

**Sd./- Engineer Member, BDA, Bhubaneswar**
**OIPR-13033/11/0027/2324**

## Government of Odisha
## Sports & Youth Services Department
**Kalinga Stadium, Bhubaneswar-751012**
**Email ID: deptsportsodisha@gmail.com**
**SYS-CBII-CC-0009-2023-8901, April 18, 2023**
### NOTICE

No. TT-03:- Sports & Youth Services Department, Odisha Requests for Proposals (RFP), under sealed covers from firms for providing catering services during the different competitions organized by the Government at Birsa Munda International Hockey Stadium, Rourkela. The detailed RFP document is available for downloading on the website of the Department, i.e. https://.sportsodisha.gov.in/tender. The proposal to be submitted with a non-refundable bid processing fee of ₹ 5,000/- (Five thousand rupees) only, in shape of Bank Draft drawn in favour of the DDO-cum-Under Secretary, Sports & Youth Services Department, Odisha, payable at Bhubaneswar. Prospective applicants may note the important dates as follows.

| | | |
|---|---|---|
| 1 | Submission of bid-document in the drop box in room No. W-319, West Stand, Hockey Stadium, Kalinga Stadium Sports Complex | April 26, 2023 by 3 PM |
| 2 | Pre-bid meeting | April 21, 2023, 4 PM |
| 3 | Submission of queries, by e-mail (tender.sportsdepartment@gmail.com) for discussion in the pre-bid meeting | April 21, 2023, 11 AM |
| 4 | Issue of responses to pre-bid queries/ addendum/ corrigendum | April 22, 2023 |
| 5 | Opening of Technical Bid | April 26, 5 PM |
| 6 | Opening of Financial Bids | Will be communicated to the qualified bidders |

OIPR-29001/11/0003/2324 **Sd/- Joint Secretary**

## OFFICE OF THE
## SPECIAL PLANNING AUTHORITY, BALANGIR
**AT- TOWN PLANNING UNIT, RAJENDRA COLLEGE SQUARE, BALANGIR**
**No140/BSPA** **Dt.22.03.2023**
### Notification

No. C-101:- In exercise of powers conferred by the Sub-Section (1) of section 31 of the Odisha Town Planning and Improvement Trust Act , 1956 (Odisha Act 10 of 1957) in the Special Planning Authority, Balangir do hereby notify for the information of general public that a GIS/RS based Master Plan for Balangir has been duly prepared comprising 27 revenue villages as mentioned in the schedule below over which Act extension has been made by the Government in Housing & Urban Development Department.

The Plans report and zoning regulations in respect of the above Master Plan for Balangir can be inspected in office of the Special Planning Authority , Balangir on any working day during office hours.

Any objections and suggestions in respect of the said Master Plan proposals including the report and the zoning regulations , may be submitted to Special Planning Authority, Balangir at Town Planning Unit, Balangir in duplicate , within the sixty days period with effect from publication of this notification in the Odisha Gazette.

Hereafter, from the date of the publication of this notification no person private or public authorities and Departments of the Governments shall erect or proceed with the construction of any building structure or work or enter into carry-out a contract in respect of any land within the area included in the Master Plan , unless he has applied for and obtained permission from the Municipality / Special Planning Authority , as required under Sub-Section (3) of Section 31 of the said Act.

Further , hereafter, all Subdivision layouts intended for parceling out and selling of smaller plots , with adequate provision of roads and open spaces , it is obligatory of the land owners to take prior approval of the Authority concerned i.e. Municipality/Special Planning Authority.

And development which shall be made in any land, without permission of the Special Planning Authority/Municipality, Balangir and which is contrary to the Master Plan shall not be taken into account in awarding compensation , in the event of the land being acquired subsequently under the provision of the Odisha Town Planning & Improvement Trust Act, 1956 for implementation of detailed schemes taking up construction without permission shall be punishable under Section 152 of the said Act.

### List of Revenue Villages under Balangir Master Plan Area

| Sl. No. | Name of Revenue Mouza | Thana No. | Name of Concerned Municipality/ Grampanchayat |
|---|---|---|---|
| 1 | Bakangir 'KA' | 152 | Balangir Municipality |
| 2 | Bakangir 'KHA' | 151 | |
| 3 | Balangir 'GA' | 154 | |
| 4 | Salepali | 149 | |
| 5 | Bijakhaman | 150 | |
| 6 | Bishnumunda | 148 | |
| 7 | Larkipali | 153 | |
| 8 | Kadalimunda R.F. | | |
| 9 | Puintala | 203 | Puintala Gram Panchayat |
| 10 | Sadeipali | 160 | Sadeipali Gram Panchayat |
| 11 | Podapali | 144 | Bhaler Gram Panchayat |
| 12 | Gandhrel | 156 | Sadeipali Gram Panchayat |
| 13 | Talpali | 155 | Sadeipali Gram Panchayat |
| 14 | Lakhapaii | 147 | Puintala Gram Panchayat |
| 15 | Barkani | | Mirdhapali Gram Panchayat |
| 16 | Madhiapali | | Madhiapali Gram Panchayat |
| 17 | Dumerpali | | Madhiapali Gram Panchayat |
| 18 | Gaintala | | Gaintala Gram Panchayat |
| 19 | Bagbhadi | | Khujenpali Gram Panchayat |
| 20 | Kalsaipali | | Khujenpali Gram Panchayat |
| 21 | Khujenpali | | Khujenpali Gram Panchayat |
| 22 | Malamunda | | Malamunda Gram Panchayat |
| 23 | Birmunda | | Madhiapali Gram Panchayat |
| 24 | Rinbachan | | Madhiapali Gram Panchayat |
| 25 | Pakhanchepa | | Sadeipali Gram Panchayat |
| 26 | Dhumamara | | Sadeipali Gram Panchayat |
| 27 | Khamarmunda | | Chhatamakhana Gram Panchayat |

**BOUNDED BY**
NORTH : Jamsar -179, Belbahali-193, Bakshudar-164, Dhubaudar-165, Sikabhenga-199
SOUTH : Banda R.F, Kharlikani-111, Drapita-132, Dabkani-133, Kurul-140
EAST : Randa-214, Gadtiamunda-220, Kurlupali-221, Brahminpali-146, Bhaler-145
WEST : Phulijharan-157, Banda R.F., Chandali R.F., Badighor-168

**Sd./- Special Planning Authority, Balangir**
**Sd./- Collector-cum-Chairman, SPA, Balangir**
OIPR-13045/11/0001/2324

## ଜନ୍ମଦିନର ଶୁଭେଚ୍ଛା

ନାମ: ................................
ବୟସ:................................
ଜନ୍ମ ତାରିଖ: ................................


ଶ୍ରୀୟା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସିରାଜଙ୍କୁ ଯୋଗାଯୋଗ କରିଥିଲେ ବୁକି

■ ଅଷ୍ଟ୍ରେଲିଆ ସିରିଜ ପୂର୍ବର ଘଟଣା
■ ଏସିୟୁ ନିକଟରେ ଅଭିଯୋଗ

**ନୂଆଦିଲ୍ଲୀ,୧୯।୪(ପି.ଟି.)**

ପେସ୍ ବୋଲର ମହମ୍ମଦ ସିରାଜ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଦୁର୍ନୀତି ନିବାରଣ ବିଭାଗ(ଏସିୟୁ)ର ଦ୍ୱାରସ୍ଥ ହୋଇଥିଲେ ବୋଲି ଜଣାପଡିଛି। ଫେବୃୟାରୀ ମାସରେ ଅଷ୍ଟ୍ରେଲିଆ ଗସ୍ତର ଠିକ୍ ପୂର୍ବରୁ ଜଣେ ବ୍ୟକ୍ତି ତାଙ୍କୁ ଦଳର ଭିତିରି ସୂଚନା ଦେବା ପାଇଁ ସମ୍ପର୍କ କରିଥିଲେ। ବର୍ତ୍ତମାନ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର(ଆରସିବି) ପକ୍ଷରୁ ଖେଳୁଥିବା ସିରାଜ ତୁରନ୍ତ ଏହି ଘଟଣା ସମ୍ପର୍କରେ ଏସିୟୁକୁ ଅବଗତ କରିଥିଲେ। ସିରାଜଙ୍କୁ ମେସେଜ କରିଥିବା ବ୍ୟକ୍ତି ଜଣଙ୍କ ଜଣେ ଜୁଆଡି । କ୍ରିକେଟ ବେଟିଂରେ ଅନେକ ପଇସା ହରାଇବା ପରେ ମହମ୍ମଦ ସିରାଜଙ୍କୁ ସେ ମେସେଜ କରିଥିବା ଜଣା ପଡିଛି। ଫେବୃୟାରୀରେ ଅଷ୍ଟ୍ରେଲିଆ ସରିଜ୍ ଖେଳାଯିବା ପୂର୍ବରୁ ଭାରତ ଶ୍ରୀଲଙ୍କା ଓ ନ୍ୟୁଜିଲାଣ୍ଡ ବିପକ୍ଷରେ ସୀମିତ ଓଭର ସିରିଜ୍ ବିଜୟୀ ହୋଇଥିଲା। ଶ୍ରୀଲଙ୍କା ବିପକ୍ଷ ଟି୨୦ ସିରିଜକୁ ୨-୧ରେ ଓ ଦିନକିଆ ସିରିଜକୁ ୩-୦ରେ ଜିତିଥିଲା ଭାରତ। ଏହା ପରେ ନ୍ୟୁଜିଲାଣ୍ଡ ବିପକ୍ଷ ଦିନକିଆ ସିରିଜକୁ ଭାରତ ୩-୦ରେ କ୍ଲିନ୍ ସୁଇପ୍ କରିଥିଲା। ଏହା ସହିତ ଟି୨୦ ସିରିଜକୁ ଭାରତ ୨-୧ରେ ବିଜୟୀ ହୋଇଥିଲା। ତେବେ ତଦନ୍ତରୁ ମିଳିଥିବା ସୂଚନା ଅନୁସାରେ ସିରାଜଙ୍କୁ ସମ୍ପର୍କ କରିଥିବା ବ୍ୟକ୍ତି ଜଣଙ୍କ ପ୍ରଫେସନାଲ ବୁକି ନୁହନ୍ତି। ହାଇଦ୍ରାବାଦରେ ସେ ଜଣେ ବସ୍ ଡ୍ରାଇଭର ଭାବରେ କାମ କରୁଥିବା ବେଳେ ଭାରତ ଖେଳୁଥିବା ମ୍ୟାଚରେ ପଇସା ଲଗାଇ ପ୍ରବଳ କ୍ଷତି ସହିଥିଲେ। ସିରାଜଙ୍କୁ ହ୍ୱାଟ୍ସଆପ୍ ଜରିଆରେ ବ୍ୟକ୍ତି ଜଣକ ସମ୍ପର୍କ କରିବାକୁ ପ୍ରୟାସ କରିଥିଲେ। ମେସେଜ୍ ମିଳିବା ପରେ ସିରାଜ ତୁରନ୍ତ ଅଭିଯୋଗ କରିଥିଲେ। ଆନ୍ଧ୍ର ପ୍ରଦେଶ ପୋଲିସ ତୁରନ୍ତ ଅଭିଯୁକ୍ତକୁ ଗିରଫ କରିଥିଲା। ୨୦୧୩ ଆଇପିଏଲ୍ ସଂସ୍କରଣରେ ରାଜସ୍ଥାନ ରୟାଲ୍ସର ଏସ୍. ଶ୍ରୀସନ୍ଥ, ଅଙ୍କିତ ଚଭନ, ଅଜିତ ଚାଣ୍ଡିଲା ଓ ଚେନ୍ନାଇ ସୁପରକିଙ୍ଗ୍ସର ଟିମ୍ ମୁଖ୍ୟ ଗୁରୁନାଥ ମେୟିଆପ୍ପାନ ସ୍ପଟ୍ ଫିକ୍ସିଂରେ ଅନ୍ତର୍ଭୁକ୍ତ ଥିବା ଜଣାପଡିବା ପରେ ବିସିସିଆଇ ପକ୍ଷରୁ ଏହାର ଏସିୟୁ ୟୁନିଟକୁ ଅଧିକ ଶକ୍ତିଶାଳୀ କରାଯାଇଥିଲା। ବର୍ତ୍ତମାନ ସମସ୍ତ ଆଇପିଏଲ୍ ଫ୍ରାଞ୍ଚାଇଜିଙ୍କ ପାଇଁ ଜଣେ ଏସିୟୁ ଅଫିସିଆଲଙ୍କ ନିଯୁକ୍ତି ବାଧ୍ୟତାମୂଳକ କରାଯାଇଛି। ହୋଟେଲରେ ଅବସ୍ଥାନ କରୁଥିବା ଟିମ୍ ସହିତ ଏହି ଅଫିସିଆଲ ରହିଥାନ୍ତି। ପୂର୍ବରୁ ବାଂଲାଦେଶ ଅଲରାଉଣ୍ଡର ସାକିବ୍ ଅଲ୍ ହସନ ସମାନ କାରଣ ପାଇଁ ନିଲମ୍ବିତ ହୋଇଥିଲେ। ୨୦୨୧ ସିଜନରେ ଜଣେ ବୁକି ତାଙ୍କୁ ସମ୍ପର୍କ କରିଥିବା ବେଳେ ସେ ଏହି ତଥ୍ୟ ଲୁଚାଇଥିଲେ। ଏହା ସହିତ ଖେଳାଳିମାନଙ୍କ ପାଇଁ ମାଗଣା ଏସିୟୁ ୱାର୍କଶପ୍ ମଧ୍ୟ ଆୟୋଜନ କରାଯାଉଛି।


ମହମ୍ମଦ ସିରାଜ

# ପ୍ରମୋଦ-ସୁକାନ୍ତ ନମ୍ବରୱାନ୍


ସୁକାନ୍ତ କଦମ ଓ ପ୍ରମୋଦ ଭଗତ।

## ପାରା ବ୍ୟାଡ୍‌ମିଣ୍ଟନ ପୁରୁଷ ଡବଲ୍ସ ବିଶ୍ୱ ର‌୍ୟାଙ୍କିଙ୍ଗ୍

**ଭୁବନେଶ୍ୱର, ୧୯।୪ (କ୍ରୀଡ଼ା ପ୍ରତିନିଧି)**

ଭାରତୀୟ ଯୋଡ଼ି ପ୍ରମୋଦ ଭଗତ ଓ ସୁକାନ୍ତ କଦମ ପାରା ବ୍ୟାଡ୍‌ମିଣ୍ଟନ ପୁରୁଷ ଡବଲ୍ସରେ ବିଶ୍ୱର ନମ୍ବରୱାନ ହୋଇଛନ୍ତି। ବୁଧବାର ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଫେଡେରେଶନ ପକ୍ଷରୁ ଏହା ଘୋଷଣା କରାଯାଇଛି। ବ୍ରାଜିଲରେ ନିକଟରେ ଅନୁଷ୍ଠିତ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ର ପୁରୁଷ ଡବଲ୍ସରେ ଦୁହେଁ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ଏସ୍‌ଏଲ୍ ୩- ଏସ୍‌ଏଲ୍ ୪ ବର୍ଗରେ ପ୍ରମୋଦ ଓ ସୁକାନ୍ତ ଗତ ୮ ମାସଧରି ସାଥିହୋଇ ଖେଳି ୩ଟି ଟୁର୍ନାମେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଦୁହେଁ ୨୦୨୨ ଥାଇଲାଣ୍ଡ, ୨୦୨୩ ସ୍ପାନିଶ୍ ଓ ବ୍ରାଜିଲ ପାରା ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ଚାମ୍ପିୟନ ହୋଇଛନ୍ତି। ଏଥିରେ ସ୍ୱାଭାବିକ ଭାବେ ଖୁସି ପ୍ରକାଶ କରିଛନ୍ତି ଓଡ଼ିଶାର ପ୍ରମୋଦ। "ମୁଁ ପୁଣିଥରେ ବିଶ୍ୱର ନମ୍ବରୱାନ ହୋଇପାରିଥିବାରୁ ଅତ୍ୟନ୍ତ ଆନନ୍ଦିତ। ମୁଁ ଓ ସୁକାନ୍ତ କଠିନ ପରିଶ୍ରମ କରି ଆଜି ଏଠାରେ ପହଞ୍ଚି ପାରିଛୁ। ଏହା ଆରମ୍ଭ ମାତ୍ର। ଆମେ ଦୁହେଁ ଅଧିକରୁ ଅଧିକ ସଫଳତା ହାସଲ କରି ଭାରତକୁ ଗର୍ବିତ କରିବାକୁ ଚେଷ୍ଟା କରିବୁ" ବୋଲି ପଦ୍ମଶ୍ରୀ ଓ ଖେଳରତ୍ନ ପୁରସ୍କାରପ୍ରାପ୍ତ ପ୍ରମୋଦ ପ୍ରକାଶ କରିଛନ୍ତି। ସୁକାନ୍ତ କହିଛନ୍ତି ଯେ, "ପରିଶ୍ରମର ଫଳ ମିଳିଛି। ଏହି ଫର୍ମ ଜାରିରଖି ଆଗକୁଥିବା ଟୁର୍ନାମେଣ୍ଟଗୁଡ଼ିକରେ ସଫଳତା ହାସଲ କରିବାକୁ ଆମେ ଲକ୍ଷ୍ୟ ରଖିଛୁ। ବିଶ୍ୱର ନମ୍ବର ୱାନ ହେବା ଆମକୁ ଅଧିକ କଠିନ ପରିଶ୍ରମ କରିବାକୁ ପ୍ରୋତ୍ସାହିତ କରିଛି। କେତେକ କ୍ଷେତ୍ରରେ ତ୍ରୁଟି ରହିଛି। ଆମେ ତାହାକୁ ସୁଧାରିବା ଉପରେ ଫୋକସ କରୁଛୁ"। ପ୍ରମୋଦ ଓ ସୁକାନ୍ତ ଆଗାମୀ ଦିନରେ ହେବାକୁଥିବା ଥାଇଲାଣ୍ଡ ଓ ବାହାରିନ ପାରା ବ୍ୟାଡ୍‌ମିଣ୍ଟନ ଆଦି ପ୍ରତିଯୋଗିତା ପାଇଁ ନିଜକୁ ପ୍ରସ୍ତୁତ କରୁଛନ୍ତି।

# ୧ ନମ୍ବରରେ ସ୍ଥିର ସୂର୍ଯ୍ୟକୁମାର

**ଦୁବାଇ,୧୯।୪(ପି.ଟି.)**

ବୁଧବାର ପ୍ରକାଶିତ ଆଇସିସି ଟି୨୦ ର‌୍ୟାଙ୍କିଙ୍ଗରେ ଏକ ନମ୍ବର ସ୍ଥାନ ବଜାୟ ରଖିଛନ୍ତି ସୂର୍ଯ୍ୟକୁମାର ଯାଦବ। ଖରାପ ଫର୍ମ ଦେଇ ଗତି କରୁଥିବା ଏହି ଷ୍ଟାଇଲିସ୍ ଖେଳାଳି ଜଣଙ୍କ ଏକ ନମ୍ବର ସ୍ଥାନ ବଜାୟ ରଖିଥିବା ବେଳେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି ପାକିସ୍ତାନର ମହମ୍ମଦ ନୱାଜ। ୯୦୬ ରେଟିଂ ପଏଣ୍ଟ ସହିତ ସୂର୍ଯ୍ୟକୁମାର ଟପ୍ ଟେନ୍‌ରେ ଏକମାତ୍ର ଭାରତୀୟ ଭାବରେ ସ୍ଥାନ ପାଇଛନ୍ତି। ଦ୍ୱିତୀୟ ସ୍ଥାନରେ ରହିଥିବା ମହମ୍ମଦ ରିଜୱାନ ୭୯୮ ପଏଣ୍ଟ ହାସଲ କରିଛନ୍ତି। ଭାରତୀୟ ଦଳର ପୂର୍ବତନ ଅଧିନାୟକ ବିରାଟ କୋହଲି ପୂର୍ବଭଳି ୧୫ ନମ୍ବର ସ୍ଥାନ ବଜାୟ ରଖିଛନ୍ତି।

# ଗ୍ଲୋବାଲ ଚେସ୍ ଲିଗ୍‌ର ଲୋଗୋ ଉନ୍ମୋଚିତ

**ନୂଆଦିଲ୍ଲୀ, ୧୯।୪ (ପି.ଟି.):** ଫିଡେ ଫିଡେ ଓ ଟେକ୍ ମହିନ୍ଦ୍ରା ପକ୍ଷରୁ ଅନୁଷ୍ଠିତ ହେବାକୁ ଯାଉଥିବା ଗ୍ଲୋବାଲ ଚେସ୍ ଲିଗ୍ (ଜିସିଏଲ୍)ର ଲୋଗୋ ବୁଧବାର ଉନ୍ମୋଚିତ ହୋଇଛି। ଚେସ୍ ବୋର୍ଡରେ ରହୁଥିବା ୬୪ ସ୍କୋୟାରକୁ ପ୍ରତୀକାତ୍ମକ ଭାବରେ ଲୋଗୋରେ ସ୍ଥାନିତ କରାଯାଇଛି। ଏହା ସହିତ ଟୁର୍ନାମେଣ୍ଟ ଆରମ୍ଭ ହେବାର ଠିକ୍ ୬୪ ଦିନ ପୂର୍ବରୁ ଏହି ଲୋଗୋକୁ ଲଞ୍ଚ କରାଯାଇଛି। ଜୁନ୍ ୨୧ରୁ ଜୁଲାଇ ୨ ତାରିଖ ଯାଏ ଏହି ଟୁର୍ନାମେଣ୍ଟ ଆୟୋଜିତ ହେବାକୁ ଥିବା ବେଳେ ଚେସ୍‌ରେ ଏହା ବିଶ୍ୱର ପ୍ରଥମ ଲିଗ୍ ଟୁର୍ନାମେଣ୍ଟ। ପ୍ରଥମ ସଂସ୍କରଣରେ ୬ଟି ଦଳ ଅଂଶଗ୍ରହଣ କରିବେ। ସମସ୍ତ ଦଳରେ ୬ ଜଣ ଲେଖାଏ ଖେଳାଳି ରହିବେ। ୨ ଜଣ ମହିଳା ଖେଳାଳି ଏବଂ ଜଣେ ଆଇକନ୍ ଖେଳାଳି ଏହି ଦଳରେ ସାମିଲ ରହିବେ। ୫ ଥର ବିଶ୍ୱଚାମ୍ପିୟନ ବିଶ୍ୱନାଥନ ଆନନ୍ଦ ଜିସିଏଲ୍‌ର ମେଣ୍ଟର ରହିଛନ୍ତି। ଚେସ୍‌ରେ ଆଗକୁ ବଢିବାରେ ଆମ ସ୍ୱପ୍ନ ସାକାର ହେଉଛି ବୋଲି କହିଛନ୍ତି ଆନନ୍ଦ। ପ୍ରତ୍ୟେକ ଦଳ ୬ଟି ବୋର୍ଡରେ ରାଉଣ୍ଡ ରବିନ୍ ଫର୍ମାଟରେ ୧୦ଟି ଲେଖାଏ ମ୍ୟାଚ୍ ଖେଳିବେ।



ପୁଣେରେ ହେବାକୁଥିବା ରୋଲ ବଲ୍ ବିଶ୍ୱକପ ପାଇଁ ମନୋନୀତ ଓଡ଼ିଶା ଦଳ।

# ଓଡ଼ିଶାରୁ ଭାଗନେବେ ୧୧ ଖେଳାଳି

## ରୋଲ ବଲ୍ ବିଶ୍ୱକପ

**ଭୁବନେଶ୍ୱର, ୧୯।୪ (କ୍ରୀଡ଼ା ପ୍ରତିନିଧି)**

ରୋଲ ବଲ୍ ବିଶ୍ୱକପ୍‌ର ୬ଷ୍ଠ ସଂସ୍କରଣ ପୁଣେର ବାଲେୱାଡ଼ି ଷ୍ଟାଡିୟମରେ ଚଳିତମାସ ୨୧ରୁ ୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଭାଗ ନେବାପାଇଁ ଓଡ଼ିଶାର ୧୧ ପ୍ରତିଭା ସମ୍ପନ୍ନ ରୋଲ ବଲ୍ ଖେଳାଳି ମନୋନୀତ ହୋଇଛନ୍ତି। ଏହା ବ୍ୟତୀତ ୧୭ ବର୍ଷରୁ କମ୍ ଜାତୀୟ ରୋଲ ବଲ୍ ଚାମ୍ପିୟନଶିପ ମଧ୍ୟ ସେଠାରେ ଆୟୋଜନ ହେବ। ସେଥିରେ ମଧ୍ୟ ଓଡ଼ିଶାର ଏହି ୧୧ ଜଣିଆ ଦଳ ଅଂଶଗ୍ରହଣ କରିବ। ଓଡ଼ିଶା ଦଳରେ ମନୋନୀତ ଖେଳାଳିମାନେ ହେଲେ ଦେବ କୁମାର ନାୟକ, ଆୟୁଷ ଜେନା, ପ୍ରତୀକ ଅର୍ନବ ଜେନା, ଅଭିସନ୍ତ ପାଣିଗ୍ରାହୀ,କୌସ୍ତୁଭ ପଟ୍ଟନାୟକ, ଅରମାନ ସୁଦିଧି, ପ୍ରୀତ୍ ପ୍ରୀତମ୍ ଜେନା, ସ୍ୱସ୍ତିକ ସୁକୁମାର ପ୍ରହରାଜ, ପ୍ରୀତିଶ୍ ଆର୍ଯ୍ୟନ ଜେନା, ରୋହିତ କୁମାର ଭୋଇ ଓ ସାଇ ଶ୍ରୀୟାଂଶି ରାଉତ। ଓଡ଼ିଶା ରୋଲ ବଲ୍ ଆସୋସିଏଶନ ପକ୍ଷରୁ ସମ୍ପାଦକ ପାର୍ଥ ସାରଥି ଜେନା ବୁଧବାର ମନୋନୀତ ଖେଳାଳିମାନଙ୍କୁ କଳିଙ୍ଗ ଷ୍ଟାଡିୟମରେ ସମ୍ବର୍ଦ୍ଧିତ କରିଛନ୍ତି।

# ଜାତିଆଣ ମନ୍ତବ୍ୟ ଅଭିଯୋଗରେ କୋଚ୍ ବାସନ୍ଦ

**ଲଣ୍ଡନ୍,୧୯।୪(ପି.ଟି.)**

ଇଂଲଣ୍ଡର ଚତୁର୍ଥ ଟିଅର୍ ଲିଗ୍‌ରେ ଜାତିଆଣ ମନ୍ତବ୍ୟ ପାଇଁ କ୍ରଲି ଟାଉନ୍ କ୍ଲବର ପୂର୍ବତନ ମ୍ୟାନେଜର ଜନ୍ ୟେମ୍ସଙ୍କୁ ୩ ବର୍ଷ ପାଇଁ ବାସନ୍ଦ କରାଯାଇଛି। ପୂର୍ବରୁ ତାଙ୍କୁ ୧୫ ମାସ ବାସନ୍ଦ କରାଯାଇଥିଲା। ତେବେ କ୍ରଲି ଟାଉନ୍ ଦଳର ୧୧ ଜଣ ଖେଳାଳି ଏହି ନିଷ୍ପତ୍ତିର ପ୍ରତିବାଦ କରିବାରୁ ବାସନ୍ଦାଦେଶକୁ ୩ବର୍ଷକୁ ବୃଦ୍ଧି କରାଯାଇଛି। ତଦନ୍ତରେ ୟେମ୍ସ ଇସଲାମ ବିରୋଧରେ ବୟାନ ଦେଇଥିବା ଜଣାପଡିଥିଲା। ଏହା ସହିତ କଳା ଲୋକଙ୍କ ପ୍ରତି ଧାର୍ମିକ ଓ ଜାତିଆଣ ଆକ୍ଷେପ କରିଥିଲେ। ୨୦୧୯ରୁ ୨୦୨୨ ମଧ୍ୟରେ ସେ ଦଳର କୋଚ୍ ରହିଥିବା ବେଳେ ଏଭଳି ଅଭିଯୋଗ ଆସିଥିଲା। ଜାନୁୟାରୀ ୨୦୨୩ରେ ୟେମ୍ସଙ୍କୁ ୧୫ ମାସର ଦଣ୍ଡ ଦିଆଯିବା ନେଇ ଘୋଷଣା କରାଯାଇଥିଲା। ଏହି ନିଷ୍ପତ୍ତିକୁ ୧୧ ଜଣ ଖେଳାଳି ବିରୋଧ କରିଥିଲେ। ଏହା ପରେ ୟେମ୍ସଙ୍କ ଓକିଲ ତାଙ୍କୁ ନିର୍ଦ୍ଦୋଷ ବୋଲି ଦାବି କରିଥିଲେ। ଏହି ନିଷ୍ପତ୍ତି ବିରୋଧରେ ଉପର କୋର୍ଟରେ ଅପିଲ କରିବେ ବୋଲି ୟେମ୍ସଙ୍କ ଓକିଲ କହିଛନ୍ତି।

# ଏନ୍‌ସିଏ ଏଚ୍‌ପି କ୍ୟାମ୍ପ ପାଇଁ ଆଶୁତୋଷ ମନୋନୀତ



**ଭୁବନେଶ୍ୱର, ୧୯।୪ (କ୍ରୀଡ଼ା ପ୍ରତିନିଧି):** ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ)ର ଡାହାଣହାତୀ ଦ୍ରୁତ ବୋଲର ଆଶୁତୋଷ ଛୁରିଆ ୨୩ ବର୍ଷରୁ କମ୍ ଜାତୀୟ କ୍ରିକେଟ ଏକାଡେମୀ ହାଇପରଫର୍ମାନ୍ସ କ୍ୟାମ୍ପ ପାଇଁ ମନୋନୀତ ହୋଇଛନ୍ତି। ସମ୍ବଲପୁର ଜିଲାରୁ ପ୍ରତିନିଧିତ୍ୱ କରୁଥିବା ଆଶୁତୋଷ ନିକଟରେ ଶେଷ ହୋଇଥିବା ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଘରୋଇ ସିଜନରେ ଚମତ୍କାର ପ୍ରଦର୍ଶନ କରିଥିଲେ। ଏନ୍‌ସିଏ ଏଚପି କ୍ୟାମ୍ପ ପୁଡୁଚେରୀଠାରେ ମେ' ୩୦ରୁ ଜୁନ୍ ୧୮ ପର୍ଯ୍ୟନ୍ତ ଚାଲିବ। ଆଶୁତୋଷ ୨୫ ବର୍ଷରୁ କମ୍ ଦିନକିଆ ଷ୍ଟେଟ୍-ଏ ଟ୍ରଫିରେ ୧୧ଟି ଉଇକେଟ ନେଇଥିଲେ। ସେହିପରି ମଲ୍ଟି-ଡେ' କର୍ଣ୍ଣେଲ ସି.କେ. ନାଇଡୁ ଟ୍ରଫିରେ ସେ ୩୧ଟି ଉଇକେଟ ହାସଲ କରିଥିଲେ। ବରୋଦା ବିପକ୍ଷ ଏକ ମ୍ୟାଚରେ ସେ ୯ ଉଇକେଟ ସଫଳତା ପାଇଥିଲେ। ଏହି ମ୍ୟାଚରେ ତାଙ୍କର ବୋଲିଂ ବିଶ୍ଳେଷଣ ଥିଲା ୩୩-୩-୧୩୧-୯। ନିଜ ଦକ୍ଷତାକୁ ଅଧିକ ଶାଣିତ କରିବାପାଇଁ ଏନ୍‌ସିଏ ହାଇପରଫର୍ମାନ୍ସ କ୍ୟାମ୍ପ ବହୁତ ବଡ଼ ସୁଯୋଗ। ଏଥିରେ ଟ୍ରେନିଂ ନେଇ ସେ ଆଗାମୀ ଘରୋଇ ସିଜନ ପାଇଁ ନିଜକୁ ଭଲଭାବେ ପ୍ରସ୍ତୁତ କରିପାରିବେ। ଏଠାରେ ସୂଚନାଯୋଗ୍ୟ ଯେ, ଚଳିତ ବର୍ଷ ପ୍ରାରମ୍ଭରେ ସେ ଏମ୍‌ଆର୍‌ଏଫ ପେସ୍ ଫାଉଣ୍ଡେଶନ କ୍ୟାମ୍ପରେ ମଧ୍ୟ ସାମିଲ ହୋଇଥିଲେ। ଓସିଏ ସଭାପତି ପ୍ରଣବ ପ୍ରକାଶ ଦାସ, ସମ୍ପାଦକ ସଞ୍ଜୟ ବେହେରାଙ୍କ ସମେତ ଅନ୍ୟ ସଦସ୍ୟମାନେ ଆଶୁତୋଷଙ୍କୁ ଅଭିନନ୍ଦନ ଜଣାଇବା ସହ ଭବିଷ୍ୟତ ପାଇଁ ଶୁଭକାମନା ଜଣାଇଛନ୍ତି।

## ସୁଦିରମନ କପ୍ ବ୍ୟାଡ୍‌ମିଣ୍ଟନ

# ପ୍ରଣୟ, ସିନ୍ଧୁ ଭାରତର ନେତୃତ୍ୱ ନେବେ

**ନୂଆଦିଲ୍ଲୀ, ୧୯।୪ (ପି.ଟି.):** ଚାଇନାର ସୁଝୋଉଠାରେ ମେ' ୧୪ରୁ ୨୧ ପର୍ଯ୍ୟନ୍ତ ସୁଦିରମନ କପ୍ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ବିଶ୍ୱର ୯ ନମ୍ବର ଖେଳାଳି ଏଚ୍.ଏସ୍. ପ୍ରଣୟ ଓ ୨ ଥର ଅଲିମ୍ପିକ୍ ମେଡାଲିଷ୍ଟ ପି.ଭି. ସିନ୍ଧୁ ଯଥାକ୍ରମେ ପୁରୁଷ ଓ ମହିଳା ବିଭାଗରେ ଭାରତୀୟ ଦଳର ନେତୃତ୍ୱ ନେବେ। ଜାତୀୟ ସିନିୟର କମିଟି ବୈଠକ ମଙ୍ଗଳବାର ଏଠାରେ ବସି ଏକ ସନ୍ତୁଳିତ ଦଳ ଚୟନ କରିଛି। ମିକ୍ସଡ ଟିମ୍ ଇଭେଣ୍ଟରେ ପ୍ରଥମଥର ପାଇଁ ପଦକ ଜିତିବା ମୁଖ୍ୟ ଲକ୍ଷ୍ୟ ରହିଛି। ଗତବର୍ଷ ସମ୍ମାନଜନକ ଥୋମାସ କପ୍ ଜିତି ଭାରତୀୟ ପୁରୁଷ ଦଳ ଇତିହାସ ରଚିଥିଲା। ଚଳିତ ବର୍ଷ ଏସିଆନ ମିକ୍ସଡ ଟିମ୍ ଚାମ୍ପିୟନଶିପ୍‌ରେ ଭାରତ ବ୍ରୋଞ୍ଜ ପଦକ ଜିତିଥିବାରୁ ସୁଦିରମନ କପ୍‌ରେ ମଧ୍ୟ ସଫଳ ହେବ ବୋଲି ଆଶା ଜାଗ୍ରତ ହୋଇଛି। "ସୁଦିରମନ କପ୍ ଏକ ସମ୍ମାନଜନକ ପ୍ରତିଯୋଗିତା। ତେଣୁ ଘରୋଇ ଏବଂ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ପ୍ରଦର୍ଶନ ଭିତ୍ତିରେ ଚୟନକର୍ତ୍ତାମାନେ ଆଗାମୀ ଟୁର୍ନାମେଣ୍ଟ ପାଇଁ ଦଳ ମନୋନୟନ କରିଛନ୍ତି। ତେଣୁ ଏଥର ଦଳ ପଦକ ହାସଲ କରିବାନେଇ ଆଶା ରହିଛି" ବୋଲି ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ଅଫ୍ ଇଣ୍ଡିଆ ସମ୍ପାଦକ ସଞ୍ଜୟ ମିଶ୍ର ପ୍ରକାଶ କରିଛନ୍ତି। ଭାରତ ଗ୍ରୁପ୍ 'ସି'ରେ ମାଲେସିଆ, ଚାଇନିଜ ତାଇପେ ଓ ଅଷ୍ଟ୍ରେଲିଆ ସହିତ ସ୍ଥାନ ପାଇଛି। ଗ୍ରୁପ୍ ପର୍ଯ୍ୟାୟରେ ଭଲ ପ୍ରଦର୍ଶନ କରି ନକ୍‌ଆଉଟରେ ପ୍ରବେଶ ଭାରତ ପାଇଁ ପ୍ରଥମ ଚ୍ୟାଲେଞ୍ଜ ରହିବ। ଆହତ ସମସ୍ୟା ଯୋଗୁ ଏସିଆନ ମିକ୍ସଡ ଟିମ୍ ଇଭେଣ୍ଟରେ ଖେଳିପାରି ନ ଥିବା ସାତ୍ୱିକସାଇରାଜ ରାଙ୍କିରେଡ୍ଡି ଦଳକୁ ପ୍ରତ୍ୟାବର୍ତ୍ତନ କରିଥିବାରୁ ଭାରତୀୟ ପୁରୁଷ ଡବଲ୍ସ ବିଭାଗ ଦୃଢ଼ ହୋଇଛି।

**ଭାରତୀୟ ଦଳ**

**ପୁରୁଷ ସିଙ୍ଗଲ୍ସ:** ଏଚ୍.ଏସ୍. ପ୍ରଣୟ, କିଦାମ୍ବି ଶ୍ରୀକାନ୍ତ। (ରିଜର୍ଭ- ଲକ୍ଷ୍ୟ ସେନ୍)
**ମହିଳା ସିଙ୍ଗଲ୍ସ:** ପି.ଭି. ସିନ୍ଧୁ, ଅନୁପମା ଉପାଧ୍ୟାୟ। (ରିଜର୍ଭ-ଆକର୍ଷୀ କଶ୍ୟପ)
**ପୁରୁଷ ଡବଲ୍ସ:** ସାତ୍ୱିକସାଇରାଜ ରାଙ୍କିରେଡ୍ଡି/ଚିରାଗ ଶେଟ୍ଟି, ଏମ୍.ଆର. ଅର୍ଜୁନ/ଧ୍ରୁବ କପିଳା।
**ମହିଳା ଡବଲ୍ସ:** ଗାୟତ୍ରୀ ଗୋପୀଚାନ୍ଦ/ତ୍ରିସା ଜୋଲି, ଅଶ୍ୱିନୀ ପୋନାପ୍ପା/ତନିଶା କ୍ରାଷ୍ଟୋ।
**ମିକ୍ସଡ ଡବଲ୍ସ:** ତନିଶା କ୍ରାଷ୍ଟୋ/ସାଇ ପ୍ରତୀକ।


# Classified Everyday
**0674-2580101, 2549949**




**SALE**

**30' Revenue ରୋଡ୍‌କୁ ଲାଗି gharabari yellowzone boundarywall plot (1200, 1500, 1800) ନେଇ ତୁରନ୍ତ ଘର କରନ୍ତୁ। Mouza- Jujhagarha near KIIT Campus, Bhubaneswar, Direct owner- 9437033320.** D-74845

**Well developed gharabari yellow zone plot for sale. Kantabada-1250, Vola-1350, Ranga Bazar- 650. Contact: 9439702573, 7978236408.** D-0133

Your classified advertisement published in Dharitri will be listed free in Dharitri online edition: **dharitriepaper.in**




**Construct your dream home with competitive rate and for sharing projects. Contact: Besco Developers, Bhubaneswar, 7735330028, 9778855101.** D-0081




My house at Nayapalli 1BHK, 2BHK, 3BHK for Family. 9438490107, 8895096862. D-0106

See Career Appointment on every **Wednesday & Saturday**




Spa head to foot body massages Therapist Relax Refresh @999/- Bhubaneswar. Kajal- 9337672475. D-0135

Newly open health benefits Spa special offer @999 Nayapalli. 7846814019. D-73699

Newly open health benefits SPA special offer @799 Jaydev Vihar. 8018429809. D-73700

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-74670

All type of professional full body massage by professional therapist at Rajmahal @ 999. Contact: 7855053566. D-0078

**Relax, Refresh your body, Mind at Saikrupa Spa with best therapies. 8984068077.** D-0034

**AFFIDAVIT**

By the virtue of an affidavit dated 25th July 2009 before the Court of Notary Public, New Delhi, I, Nathuram Jena, At: Bhaincho, P.O.: Mohimadeipur, Via: Rahama, P.S.: Erasama, Dist.: Jagatsinghpur, Orissa have changed my name from Nathuram Jena to Narender Jena for all the future purposes. My current address : DB 113E, Gate No.: 2, DDA Flats, Hari Nagar, New Delhi - 110064. D-0136

**ପାଠକଙ୍କ ପାଇଁ ସୂଚନା-** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ମନେ ପଡ଼ନ୍ତି

**ପଞ୍ଚଦଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ଉଦୟନାଥ ମିଶ୍ର**
ଗ୍ରାମ: ଗୋକୁଳପୁର, ପୁରୀ
ତିରୋଧାନ: ୦୫।୦୫।୨୦୦୮
ଜୀବନର ଚଲାପଥରେ ଆମ୍ଭେ ଏକାକୀ ଓ ତୁମର ଆଶୀର୍ବାଦ ଆମର ଏକାନ୍ତ କାମ୍ୟ। ତୁମ ଅମରାତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା ।
-:ଶୋକସନ୍ତପ୍ତ:-
ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।
ଧ-୦୦୭୪

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ଡଃ କୃଷ୍ଣଚନ୍ଦ୍ର ଓଝା**
ବରି, ଯାଜପୁର
ଆବିର୍ଭାବ- ୧୬।୦୭।୧୯୪୦
ତିରୋଧାନ- ୧୦।୦୪।୨୦୨୩
ଆପଣଙ୍କ ଅବର୍ତ୍ତମାନକୁ ସହଜରେ ବିଶ୍ୱାସ କରିହେଉନାହିଁ। ଚାହୁଁ ଚାହୁଁ ୧୧ ଦିନ ବିତିଗଲା। ମାତ୍ର ଆପଣଙ୍କ ଅନୁଶାସନ, ନିଷ୍ଠା ଓ ଆଦର୍ଶ ଆମ୍ଭମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇରହିବ।
ଆତ୍ମୀୟସ୍ୱଜନ, ବନ୍ଧୁ ଓ ପରିବାରବର୍ଗ ।
ଧ-୦୧୩୭

ନୂଆ ସିନେମା

# ଦଶମ



ପିଲାମାନଙ୍କର ସ୍କୁଲ ଜୀବନର ଶେଷ ପରୀକ୍ଷା ହେଉଛି ମାଟ୍ରିକ। ଦଶମ ଶ୍ରେଣୀରେ ପଢୁଥିବା ପିଲାମାନେ ଏହାକୁ ନେଇ ବେଶ୍ ଶଙ୍କା ଆଶଙ୍କା ଭିତରେ ଥାଆନ୍ତି। ସ୍କୁଲ ପାଠପଢ଼ା ତ ଶେଷ ହେବ, ତା'ସହ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷାରେ ଭଲ ପରସେଣ୍ଟ ସହ ଉତ୍ତୀର୍ଣ୍ଣ ହେବାକୁ ପଡିବ। ତେବେ ଦଶମ ଶ୍ରେଣୀ ପିଲାଙ୍କ ପାଠପଢ଼ା, ସ୍କୁଲ ଜୀବନ ଆଦିକୁ ନେଇ ନିର୍ମିତ ହେବାକୁ ଯାଉଛି ଏକ ଓଡ଼ିଆ ସିନେମା, ଯାହାର ଟାଇଟଲ ରହିଛି 'ଦଶମ'। ଏକ ଟିନ୍ ଏଜ୍ କାହାଣୀକୁ ନେଇ ଚିତ୍ରଟି ପ୍ରସ୍ତୁତ ହେଉଛି। ଏଥିରେ ମଧ୍ୟ କମେଡିର ତଡକା ରହିଛି। ଡି ଫିଲ୍ମସ ସିନେ ପ୍ରଡକ୍ସନ ଏବଂ କିଡ୍ସ ଏଣ୍ଟରଟେନ୍‌ମେଣ୍ଟ ବ୍ୟାନରରେ ଏହାର ଟାଇଟଲ ଘୋଷଣା ନିକଟରେ ହୋଇଯାଇଛି। ଫିଲ୍ମଟିର ପ୍ରଯୋଜନା କରିଛନ୍ତି ଦୀପକ କୁମାର ଜେନା। ସହ-ପ୍ରଯୋଜକ ଅଛନ୍ତି ଜ୍ୟୋତିର୍ମୟ ମହାପାତ୍ର। କାହାଣୀ, ଚିତ୍ରନାଟ୍ୟ ରଚନା ସହ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଛନ୍ତି ରାଜା ଡି। ସେ ଏହାପୂର୍ବରୁ ବେଶ୍ କେତୋଟି ମ୍ୟୁଜିକ୍ ଭିଡିଓର ନିର୍ଦ୍ଦେଶନା ଦେଇସାରିଛନ୍ତି। ଚିତ୍ରଟିର ସଂଳାପ ରଚନା କରିଛନ୍ତି କୁମାର ଶ୍ରୀ ସାହୁ। ଶୈଳେନ୍ଦ୍ର, ନୀଲାକ୍ଷୀ, ଅରମାନ, ମୀରା, ଜ୍ୟୋତି, ଆକାଶ (ଓଡ଼ିଆ ଟୋକା), ସୀମରନ୍ ପ୍ରମୁଖ କଳାକାର ଏହାର ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି।

# ଅଭିନୟ ମାୟାରୁ ମୁକୁଳି ପାରୁନି

ଅପେରା ହାଲ୍‌ଚାଲ

ଦେଖୁଦେଖୁ ଜଲିଉଡ୍‌ରେ ଦୁଇ ଦଶନ୍ଧିରୁ ଅଧିକ ହୋଇଗଲା। ଯା ଭିତରେ ଅନେକ ହିଟ୍ ନାଟକରେ ଅଭିନୟ କରିସାରିଛନ୍ତି ସେ। କେତେବେଳେ ରୋମାଣ୍ଟିକ୍ ତ ପୁଣି କେତେବେଳେ ଆକ୍ସନ- ନିଜର ଅଭିନୟ ବଳରେ ସେ ଦର୍ଶକଙ୍କ ମନରେ ସୃଷ୍ଟି କରିପାରିଛନ୍ତି ସ୍ୱତନ୍ତ୍ର ସ୍ଥାନ। ଏହି ଅଲରାଉଣ୍ଡର ତଥା ବରିଷ୍ଠ ଅଭିନେତା ଜଣକ ହେଉଛନ୍ତି ପପୁ ପଣ୍ଡା। ପାର୍ବତୀ ଗଣନାଟ୍ୟରୁ ଆରମ୍ଭ ହୋଇଥିଲା ତାଙ୍କର ଅପେରା କ୍ୟାରିୟର। ଆଉ ତା'ପରେ ଦୀର୍ଘ ୨୩ ବର୍ଷର ଯାତ୍ରା ପରେ ଏବେ ଯାତ୍ରା ଦରବାରରେ ଅଭିନୟ ଜାରି ରଖିଛନ୍ତି। ଆସନ୍ତା ଅପେରା ସିଜନରେ ପପୁଙ୍କୁ ଯାତ୍ରା ମୋହିନୀରେ ଦେଖିବାକୁ ମିଳିବ। ତାଙ୍କ ଅଭିନୀତ ପ୍ରମୁଖ ତଥା ହିଟ୍ ନାଟକଗୁଡିକ ମଧ୍ୟରେ ରହିଛି-ସୁନ୍ଦରୀ ଝିଅକୁ ଦୂରୁ ଜୁହାର, ବାବା ଆସୁଛନ୍ତି, ଡେଞ୍ଜର ସିଗ୍‌ନାଲ, କି ରଙ୍ଗେ ନାଚୁଛି କନକଗୋରୀ, ସିନ୍ଦୂର ଖେଳରୁ ମହାଭାରତ, ଘୁଙ୍ଗୁର ପ୍ରେମିକା ସିନ୍ଦୂର ସ୍ୱାମୀ, ଲକ୍ ଡାଉନ୍‌ରେ ବାହାଘର ସଟ୍‌ଡାଉନରେ ଚଉଠି ଏବଂ ଯାତ୍ରା ଦରବାର ପରିବେଷିତ-ଶ୍ରାବଣ ଦେଇଛି ଦୁଃଖ ଛ' ଗୁଣ, ଲୁଚି ଲୁଚି କାହିଁ ପିଉଛୁ ଲୁହ, ଭାଇ ସାତପର ଭାରିଯା ନିଜର ଓ କଳିଯୁଗର ରାମାୟଣ।



ପପୁ

# ଆଇପିଏସ୍ ଦୁର୍ଗା

ଜଣେ ସଚ୍ଚୋଟ ମହିଳା ଆଇପିଏସ୍ ଅଫିସରର କର୍ତ୍ତବ୍ୟନିଷ୍ଠ ଜୀବନକୁ ନେଇ ପ୍ରସ୍ତୁତ ହୋଇଛି ଓଡ଼ିଆ ସିନେମା 'ଆଇପିଏସ୍ ଦୁର୍ଗା'। ଅନ୍ୟତମ ଲୋକପ୍ରିୟ ଚାନେଲ ଜୀ ସାର୍ଥକରେ ଏହି ଫିଲ୍ମଟି ଚଳିତ ମାସ ୨୩ ତାରିଖ ଅର୍ଥାତ୍ ରବିବାର ସନ୍ଧ୍ୟା ୬.୩୦ରେ ପ୍ରସାରିତ ହେବ। କାହାଣୀ ଅନୁସାରେ ଅପରାଧୀଙ୍କୁ ସାବାଡ଼ କରିବାକୁ ଦୁର୍ଗା ଧରିଛି ନୂଆ ଅବତାର। ଜଣେ ନିର୍ଭୀକ ମହିଳା ଅଫିସରଙ୍କୁ ଦେଖି ସହରରେ କୋକୁଆ ଭୟ ଖେଳିଯାଇଛି। କିନ୍ତୁ ନିଜ ଲକ୍ଷ୍ୟପଥରେ ଅଗ୍ରସର ହେଉଥିବା ଏହି ସାହସୀ ଆଇପିଏସ୍ ଅଫିସର ଅନେକ ବାଧାବିଘ୍ନର ସମ୍ମୁଖୀନ ହେଉଛନ୍ତି। ଶେଷରେ ତାଙ୍କ ଆଶା ପୂରଣ ହେଉଛି ତ ? ଏହାର ଉତ୍ତର ରହିଛି ସିନେମାରେ। ଏହି ଚିତ୍ରରେ ପୋଲିସ ଅବତାରରେ ଦର୍ଶକଙ୍କ ସାମ୍ନାକୁ ଆସୁଛନ୍ତି ସୂର୍ଯ୍ୟମୟୀ। ଅନ୍ୟପକ୍ଷରେ ମହାପ୍ରସାଦ କର ଏବଂ ସୁକାନ୍ତ ରଥ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିଛନ୍ତି। ଏଥିରେ ସଂଯୋଜିତ ତଥା ସୂର୍ଯ୍ୟ ମହାପାତ୍ରଙ୍କ ଦ୍ୱାରା ରଚିତ ଗୀତଗୁଡ଼ିକୁ ସ୍ୱରରେ ସଜାଇଛନ୍ତି ଅନ୍ୟତମ ଆଗଧାଡିର ସ୍ୱର ସଂଯୋଜକ ଗୁଡ୍‌ଲି ରଥ। ଫିଲ୍ମଟିର ନିର୍ଦ୍ଦେଶନାଭାର ସମ୍ଭାଳିଛନ୍ତି ଡି. ରାଜା। ବିଜୟ କାନ୍ଦୋଇଙ୍କ ପ୍ରଯୋଜିତ ଉକ୍ତ ସିନେମାର କାହାଣୀ ରଚନା କରିଛନ୍ତି ଭରଦ୍ୱାଜ ପଣ୍ଡା। ଏକ ବଳିଷ୍ଠ ତଥା ଦର୍ଶକଙ୍କ ମନକୁ ଛୁଇଁଲା ଭଳି କାହାଣୀକୁ ନେଇ ପ୍ରସ୍ତୁତ ତଥା ଜି ସାର୍ଥକ ଫିଲ୍ମସ ବ୍ୟାନରରେ ନିର୍ମିତ 'ଆଇପିଏସ୍ ଦୁର୍ଗା' ନିଶ୍ଚୟ ସଫଳତା ହାସଲ କରିବ ବୋଲି ଜୀ ସାର୍ଥକ ପକ୍ଷରୁ ଆଶା ପ୍ରକଟ କରାଯାଇଛି।



'ଆଇପିଏସ୍ ଦୁର୍ଗା' ଫିଲ୍ମରେ ସୂର୍ଯ୍ୟମୟୀ

# ଅଡୁଆରେ ପଡ଼ିଥିଲେ କିଆରା

କିଆରା ଆଡ୍‌ଭାନୀ ଏକଦା ଅଡୁଆରେ ପଡ଼ିଥିଲେ। କାରଣ କ'ଣ ଜାଣନ୍ତି ? ସେତେବେଳେ ସେ କଲେଜରେ ପଢୁଥାଆନ୍ତି। ଏହି ସମୟରେ ତାଙ୍କର ଅଭିନୟ କରିବାକୁ ଆଗ୍ରହ ହେଲା। ଯେତେବେଳେ ସେ ଏକଥା ତାଙ୍କ ମମିଙ୍କୁ କହିଲେ, ସେତେବେଳେ ସେ କ'ଣ ଉତ୍ତର ଦେଲେ ଜାଣନ୍ତି ? ସେ କହିଥିଲେ ଯେ, ପ୍ରଥମେ ତୁ ଗ୍ରାଜୁଏଶନ ଶେଷ କର, ତା'ପରେ ଆକ୍ଟିଂ ଲାଇନ୍‌କୁ ଆପଣାଇଲେ ମୋର କିଛି କହିବାର ନାହିଁ। ବାସ୍ ତା'ପରେ ସେ ପାଠପଢ଼ା ଉପରେ ଧ୍ୟାନ ଦେଇଥିଲେ। କିଆରା ଯେତେବେଳେ ଛୋଟ ଥିଲେ ସେତେବେଳେ ତାଙ୍କୁ ଏକ ବିଜ୍ଞାପନରେ ଦେଖିବାକୁ ମିଳିଥିଲା। ଖାସ୍ କଥା ହେଲା ଏହି ବେବି କ୍ରିମ୍ ବିଜ୍ଞାପନରେ ତାଙ୍କ ମା' ମଧ୍ୟ ଅଭିନୟ କରିଥିଲେ। ନିଜ କ୍ୟାରିୟର ସମ୍ପର୍କରେ କିଆରା କହନ୍ତି, 'ମୁଁ ଆଜି ବଲିଉଡ୍‌ରେ ଆକ୍ଟିଂ ଜାରି ରଖିଛି, ଏଥିପାଇଁ କରନ୍ ଜୋହରଙ୍କ ପ୍ରେରଣାକୁ କଦାପି ଭୁଲିପାରିବି ନାହିଁ। ଦର୍ଶକମାନେ ମୋତେ ଯେଉଁ ଭଲ ପାଇବା ଦେଇଛନ୍ତି ଏ ନେଇ ସେମାନଙ୍କୁ ମୁଁ ଯେତେ ପ୍ରଶଂସା କରିବି ତାହା ସେତେ କମ୍ ହେବ।' କିଆରାଙ୍କ ଫେଭରାଇଟ୍ ଖାଦ୍ୟ ହେଲା ପିଜା। ଅବସର ସମୟରେ ସେ ଶପିଂ କରିବାକୁ ନ ହେଲେ ଫିଲ୍ମ ଦେଖିବାକୁ ପସନ୍ଦ କରିଥାଆନ୍ତି।



କିଆରା

# ମାମାଙ୍କ ପାଇଁ..

ଜାହ୍ନବୀ କାହା ଅଭିନୟରେ ବେଶି ପ୍ରଭାବିତ ହୋଇଛନ୍ତି। ପୁଣି ତାଙ୍କୁ ଆଧାରକରି ସେ ଆକ୍ଟିଂକୁ କ୍ୟାରିୟର କରିବାକୁ ନିଷ୍ପତ୍ତି ନେଇଛନ୍ତି। ସେହି ଅଭିନେତ୍ରୀ ଜଣକ କିଏ ଜାଣନ୍ତି ? ଶ୍ରୀଦେବୀ। ନିକଟରେ ନିଜ ଅଭିନୟ ଜୀବନର ରୋମାଞ୍ଚକର ଘଟଣା ବଖାଣୁ ବଖାଣୁ ସେ ଏ ବିଷୟରେ ସୂଚନା ଦେଇଛନ୍ତି। ନିଜ ରୋଲ୍ ମଡେଲ ବିଷୟରେ ଜାହ୍ନବୀ କହନ୍ତି, ''ଜଣେ ଅଭିନେତ୍ରୀଙ୍କ ଆକ୍ଟିଂ ମୋତେ ବେଶି ଇମ୍ପ୍ରେସ୍ କରିଛି। ପୁଣି ତାଙ୍କୁ ଫଲୋ କରି ଆଜି ମୁଁ ଜଣେ ଆକ୍ଟ୍ରେସ ହୋଇପାରିଛି। ସେ ହେଲେ ମୋ ମମି ଶ୍ରୀଦେବୀ। ତାଙ୍କ ଅଭିନୀତ ସମସ୍ତ ଫିଲ୍ମ ମୁଁ ଦେଖିଛି ଆଉ ତାଙ୍କ ଅଭିନୟରୁ ଅନେକ କିଛି ଶିଖିଛି।'' ଜାହ୍ନବୀଙ୍କ ପ୍ରଥମ ସିନେମା ଥିଲା 'ଧଡକ୍'। ୨୦୧୮ରେ ରିଲିଜ ହୋଇଥିବା ଏହି ଫିଲ୍ମର ନିର୍ଦ୍ଦେଶନା ଦେଇଥିଲେ ଶଶାଙ୍କ ଖୈତାନ। ନିଜ ପାଞ୍ଚବର୍ଷର ବଲିଉଡ୍ କ୍ୟାରିୟର ମଧ୍ୟରେ ସେ ମାତ୍ର ଛ'ଟି ସିନେମାରେ ଅଭିନୟ କରିଛନ୍ତି। ତାଙ୍କ ଅଭିନୀତ ଶେଷ ଫିଲ୍ମଟି ଥିଲା 'ମିଲି'। ଏ ବର୍ଷ ଅକ୍ଟୋବର ୬ରେ ବରୁଣ-ଜାହ୍ନବୀଙ୍କୁ ନେଇ ପ୍ରସ୍ତୁତ 'ବୱାଲ୍' ପରଦା ଉପରକୁ ଆସିବ। ଆଉ ଏହି ଫିଲ୍ମଟି ତାଙ୍କ କ୍ୟାରିୟରକୁ ଏକ ନୂଆ ମୋଡ଼ ଦେବ ବୋଲି ଆଶାବାନ୍ଧି ବସିଛନ୍ତି ଜାହ୍ନବୀ।



ଜାହ୍ନବୀ

# ଆମ ଚିତ୍ରର କଥା...

ଓଡ଼ିଆ ଚଳଚ୍ଚିତ୍ର ଏବେ ୮୭ ବର୍ଷରେ ପହଞ୍ଚିଛି। ଉତ୍‌ଥାନ ପତନର ଏହି ଯାତ୍ରାରେ ଅନେକ ଓଡ଼ିଆ ସିନେମା ଦର୍ଶକାଦୃତ ହୋଇପାରିଛି। ଗତ ବର୍ଷ 'ଦମନ' ଯେଉଁଭଳି ସଫଳତା ହାସଲ କଲା ତାହା ଏବେ ଅନେକ ନୂଆ ପ୍ରଯୋଜକଙ୍କ ପାଇଁ ନିଶ୍ଚୟ ପ୍ରେରଣାଦାୟକ ହେବ। ନିଜ ଫିଲ୍ମର ପ୍ରଚାର ପ୍ରସାର କରିବାକୁ କାହାକୁ ମନା ନାହିଁ, ହେଲେ ବେଳେବେଳେ କେତେକ ସିନେମାର ପ୍ରଚାର ଏଭଳି ହେଉଛି, ଯାହାକୁ ନେଇ ମନରେ ପ୍ରଶ୍ନ ଉଠିବା ସ୍ୱାଭାବିକ। କାରଣ ଯେଉଁଭଳି ପ୍ରଚାର କରୁଛନ୍ତି, ଯଦି ସେହିଭଳି ସିନେମାଟିଏ ନିର୍ମାଣ କରନ୍ତେ ତେବେ ତାହା ନିଶ୍ଚୟ ପ୍ରଶଂସନୀୟ ହୋଇପାରନ୍ତା। ଦିନ ଥିଲା ଓଡ଼ିଆ ସିନେମା ଦେଖିବାକୁ ଦର୍ଶକଙ୍କ ଭିଡ ଲାଗୁଥିଲା। କିନ୍ତୁ ଗତ କିଛି ବର୍ଷକୁ ତର୍ଜମା କଲେ ଓଡ଼ିଆ ସିନେମାର ଅବସ୍ଥା ବିଷୟରେ ବର୍ଣ୍ଣନା କରିବା ଅନାବଶ୍ୟକ।

ଦର୍ଶକଙ୍କ ମନକୁ ଛୁଇଁଲାଭଳି ସିନେମା ଆଉ ପ୍ରାୟ ନିର୍ମାଣ ହେଉନାହିଁ କହିଲେ ଚଳେ। କାରଣ ବର୍ଷକୁ ଯେଉଁ ୨୦-୩୦ଟି ଫିଲ୍ମ ପରଦା ଉପରକୁ ଆସୁଛି ସେଥିରୁ ସଫଳତାର ସଂଖ୍ୟା କେତେ ତାହା କହିବା ଅନାବଶ୍ୟକ। ଏବେ ଅଧିକାଂଶ ଦର୍ଶକ ପ୍ରେକ୍ଷାଳୟମୁହାଁ ହେଉନାହାନ୍ତି। ୯୦ ଦଶକ ଉତ୍ତାରୁ ଚଳଚ୍ଚିତ୍ର ପ୍ରତି ଦର୍ଶକମାନେ ବିମୁଖ ହେବା ତତ୍‌ସହିତ ଓଡ଼ିଆ ଚଳଚ୍ଚିତ୍ର ପାଇଁ ଟିକେଟ ମୂଲ୍ୟର କିଛି ପରିବର୍ତ୍ତନ ନ ହେବା ଆଦି ସାଧାରଣ ଦର୍ଶକମାନଙ୍କୁ ବିଶେଷ ବାଧୁଛି। ବିଦ୍ୟୁତ୍ ଭଡ଼ାର ବୃଦ୍ଧି ଫଳରେ ଅନେକ ପ୍ରେକ୍ଷାଳୟ ମାଲିକ ସିନେମା ଗୃହ ବନ୍ଦକରି ମଲ୍ କିମ୍ବା ବିବାହ ମଣ୍ଡପ କରିଦେଉଛନ୍ତି। କେବଳ କେତୋଟି ଘରୋଇ ଓଡ଼ିଆ ଚାନେଲ ସୀମିତ ବଜେଟ୍‌ରେ ସିନେମା ନିର୍ମାଣ କରି ସେମାନଙ୍କର ଚାନେଲରେ ପ୍ରସାରିତ କରୁଛନ୍ତି। ନିକଟରେ ଏକ ଓଡ଼ିଆ ସିନେମାକୁ ରାଜ୍ୟ ସରକାର ଟିକସମୁକ୍ତ ଘୋଷଣା କରିଛନ୍ତି। ଭଲ ସିନେମାର ପ୍ରଚାର ଅଧିକ ହେବା ଉଚିତ।

ଓଡ଼ିଆ ଚଳଚ୍ଚିତ୍ର ଶୁଟିଂ ନିମନ୍ତେ କଳିଙ୍ଗ ଷ୍ଟୁଡିଓ ରୂପରେଖ ବଦଳୁଛି। ଦକ୍ଷିଣ ଭାରତୀୟ ସୁପରଷ୍ଟାର ଆଲୁ ଅର୍ଜୁନଙ୍କ 'ପୁଷ୍ପା-୨' ଚଳଚ୍ଚିତ୍ରର ଅନେକାଂଶ ଶୁଟିଂ ନିମନ୍ତେ ଓଡ଼ିଶାର ମାଲକାନଗିରି ଝୁଲାପୋଲ ଓ ହନ୍ତାଳଗୁଡ଼ା ଘାଟି ଓ ଚିତ୍ରକୋଣ୍ଡା ଆଦି ଅଞ୍ଚଳ ନିର୍ଦ୍ଧାରଣ କରି ପ୍ରଯୋଜନା ସଂସ୍ଥା ଫେରିଯାଇଛି। ସେଠାକାର ଜିଲ୍ଲାପାଳ ଓ ଏସ୍‌ପି ଶୁଟିଂ ନିମନ୍ତେ ମଧ୍ୟ ଅନୁମତି ପ୍ରଦାନ କରିଛନ୍ତି। ମେ' ମାସରେ ଆପାତତଃ ଶୁଟିଂ ହେବ ବୋଲି ନିଷ୍ପତ୍ତି ହୋଇଛି। ଓଡ଼ିଶାର ଭରପୂର ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା ଜିଲ୍ଲାମାନଙ୍କରେ ଓଡ଼ିଆ ଚଳଚ୍ଚିତ୍ର ଶୁଟିଂ ନିମନ୍ତେ ପର୍ଯ୍ୟାପ୍ତ ସ୍ଥାନ ଅଛି, ଯାହାର ସଦୁପଯୋଗ ହେବା ଆବଶ୍ୟକ। ଓଡ଼ିଆ ଚଳଚ୍ଚିତ୍ର ଚଳଚଞ୍ଚଳ ହେବାକୁ ହେଲେ ୩୦ଟି ଜିଲ୍ଲାରେ ଅଧିକ ପ୍ରେକ୍ଷାଳୟର ଆବଶ୍ୟକତା ରହିଛି। ପ୍ରଯୋଜକମାନେ ଆଗପରି ଆଉ ଓଡ଼ିଆ ଚଳଚ୍ଚିତ୍ର ନିର୍ମାଣର ନାଁ ଧରୁନାହାନ୍ତି। ତା'ର କାରଣ ବ୍ୟବସାୟିକ ଅସ୍ଥିରତା।

ଓଡ଼ିଆ ଚଳଚ୍ଚିତ୍ରର ସାମୂହିକ ଉନ୍ନତି ପାଇଁ କଳାକାର, ଟେକ୍ନିସିଆନ, ପ୍ରଯୋଜକମାନେ ସମୂହ ଭାବେ ନିଜ ନିଜର ଅବସ୍ଥା ସମ୍ପର୍କରେ ସରକାରଙ୍କୁ ଅବଗତ କରାନ୍ତୁ। ସ୍ୱଚ୍ଛଳ ମଧ୍ୟରେ ସମସ୍ତେ ରହିଲେ ଓଡ଼ିଆ ଚଳଚ୍ଚିତ୍ର ଉନ୍ନତି ପାଇଁ ପଥ ପରିଷ୍କାର ହେବ। ଆମ ଚଳଚ୍ଚିତ୍ର ଜଗତ ପାଇଁ ଭଲ ବ୍ୟବସାୟିକ ଭିତ୍ତିଭୂମିକୁ ପ୍ରାଥମିକତା ଦେବା ସର୍ବପ୍ରଥମ କର୍ତ୍ତବ୍ୟ ହେଉ।

-ଦିଲ୍ଲୀପ ହାଲି,
ବଡ଼ଗଡ଼, ଭୁବନେଶ୍ୱର
ମୋ: ୯୮୬୧୦୦୯୨୫୨

# ଏ ମନ ଖୋଜୁଥାଏ ଯାହା...

କଥାରେ ଅଛି-'ଏ ମନ ଖୋଜୁଥାଏ ଯାହା କାଳେ ପ୍ରାପତ ହୁଏ ତାହା।' ଦେଖୁନାହାନ୍ତି, ମନଲାଖି ଭୂମିକାଟିଏ ପାଇବା ପରେ ତାପସୀ ପାନ୍ନୁ କେମିତି ଖୁସିରେ ଉଚ୍ଛୁଳୁଛନ୍ତି। କଥା କ'ଣ କି, ଏକ ନାରୀକେନ୍ଦ୍ରିକ ସିନେମାରେ ସେ ଅଭିନୟ କରିବାକୁ ଯାଉଛନ୍ତି। ତା'ସହ ଏଥିରେ ସମାଜସେବାର ଝଲକ ମଧ୍ୟ ଦେଖିବାକୁ ମିଳିବ। ଏହି ନୂଆ ଫିଲ୍ମଟି ଉଭୟ ତେଲୁଗୁ ଏବଂ ହିନ୍ଦୀ ଭାଷାରେ ନିର୍ମିତ ହେବ। ଟାଇଟଲ ଫାଇନାଲ ହୋଇ ନ ଥିବା ଉକ୍ତ ସିନେମାର ପ୍ରାରମ୍ଭିକ କାମ ଚାଲୁରହିଛି। ଏଭଳି ଏକ ଭୂମିକା ସମ୍ପର୍କରେ ତାପସୀ କୁହନ୍ତି, 'ଜଣେ ଗାଁଉଲି ନାରୀର ସଂଘର୍ଷମୟ ଜୀବନକୁ ନେଇ କାହାଣୀ ଗତି କରିଛି। ନିଜ ଗାଁ ପାଇଁ କିଛି କରିବାକୁ ସେ ଆଗଭର ହେଉଛି। ହେଲେ ଏଥିଲାଗି ତାକୁ ଅନେକ ସମସ୍ୟାର ସାମ୍ନା କରିବାକୁ ପଡିଛି। ଏପରି କି ନିଜ ପରିବାରର କିଛି ସଦସ୍ୟ ମଧ୍ୟ ତାକୁ ବିରୋଧ କରିଛନ୍ତି। ହେଲେ ସେହି ଦୃଢ଼ମନା ନାରୀ ନିଜ ଲକ୍ଷ୍ୟ ସାଧନ କରିବାକୁ ଅଣ୍ଟାଭିଡିଛି। ଶେଷରେ ସେ ନିଜ ଜୀବନକୁ ବାଜି ଲଗାଇବାକୁ ପଛାଉନାହିଁ। ଏଭଳି ଏକ କାହାଣୀକୁ ନେଇ ଫିଲ୍ମଟି ନିର୍ମିତ ହେବାକୁ ଯାଉଛି, ଯାହାର ଏକ ଭଲ ଟାଇଟଲ ସନ୍ଧାନରେ ଅଛନ୍ତି ପ୍ରଯୋଜକ।' ତେବେ ଫିଲ୍ମଟିକୁ ଦର୍ଶକ କିପରି ଗ୍ରହଣ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।



ତାପସୀ

# ସୁପର ଜାଏଣ୍ଟ୍ସ୍‌କୁ ଜିତାଇଲେ ଷ୍ଟୋଇନିସ୍

ଜୟପୁର,୧୯।୪

ଜୟପୁରର ସୱାଇ ମାନସିଂହ କ୍ରିକେଟ ଷ୍ଟାଡିୟମରେ ଅନୁଷ୍ଠିତ ଆଇପିଏଲ୍‌ର ୨୬ ତମ ମ୍ୟାଚରେ ରାଜସ୍ଥାନ ରୟାଲ୍ସ ବିପକ୍ଷରେ ବିଜୟ ହାସଲ କରିଛି ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ। ଲୋ ସ୍କୋରିଂ ମ୍ୟାଚରେ ମାର୍କସ୍ ଷ୍ଟୋଇନିସଙ୍କ ଅଲରାଉଣ୍ଡ ସଫଳତା(୨୧ ରନ୍, ୨ ଉଇକେଟ) ଓ ଆଭେଶ୍ ଖାଁଙ୍କ ଘାତକ ବୋଲିଂ ବଳରେ ୧୦ ରନରେ ମ୍ୟାଚ ଜିତି ନେଇଥିଲା ଲକ୍ଷ୍ନୌ। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଲକ୍ଷ୍ନୌ କାଇଲ ମେୟର୍ସଙ୍କ ୫୧ ରନ୍ ବଳରେ ୨୦ ଓଭରରେ ୭ ଉଇକେଟରେ ୧୫୪ ରନ୍ କରିଥିଲା। ଜବାବରେ ରାଜସ୍ଥାନ ୨୦ ଓଭରରେ ୬ ଉଇକେଟ ହରାଇ ୧୪୪ ରନ୍ କରିପାରିଥିଲା। ଲକ୍ଷ୍ନୌ ପକ୍ଷରୁ ଦୁଇ ଓପନର ପ୍ରଥମ ଉଇକେଟରେ ୮୨ ରନ୍ ଯୋଡିଥିଲେ। ଟପ୍ ସ୍କୋରର ରହିଥିବା ମେୟର୍ସ ୪୨ ବଲ୍‌ରୁ ୫୧ ରନ୍ କରିଥିବା ବେଳେ ଅଧିନାୟକ ଲୋକେଶ ରାହୁଲ ୩୯ ରନ୍ କରିଥିଲେ। ପ୍ରଥମ ୧୦ ଓଭରରେ ଦଳ କୌଣସି ଉଇକେଟ ହରାଇ ନ ଥିଲା। ପରବର୍ତ୍ତୀ ୪ ଓଭର ମଧ୍ୟରେ ଦଳ ୨୨ ରନ୍ ମଧ୍ୟରେ ୪ ଉଇକେଟ ହରାଇଥିଲା। ରାହୁଲଙ୍କୁ ଆଉଟ କରି ଜାସନ ହୋଲ୍ଡର ରାଜସ୍ଥାନକୁ ପ୍ରଥମ ସଫଳତା ପ୍ରଦାନ କରିଥିଲେ। ୩୨ ବଲ୍ ଖେଳି ସେ ୪ ଚୌକା ଓ ୧ ଛକା ମାରିଥିଲେ। ଏହାର ପରବର୍ତ୍ତୀ ଓଭର ବୋଲିଂ କରିବାକୁ ଆସିଥିବା ଟ୍ରେଣ୍ଟ ବୋଲ୍ଟ ଆୟୁଷ ବଦୋନିଙ୍କୁ ବୋଲ୍ଡ କରିଥିଲେ। ଦୁଇ ଓଭର ପରେ ବୋଲିଂ କରିବାକୁ ଆସିଥିବା ଅଶ୍ୱିନ ଗୋଟିଏ ଓଭରରେ ଦୀପକ ହୁଡା ଓ ମେୟର୍ସଙ୍କୁ ଆଉଟ କରିଥିଲେ। ମେୟର୍ସ ୪୨ ବଲ୍ ଖେଳି ୪ ଚୌକା ଓ ୩ ଛକା ମାରିଥିଲେ। ଷ୍ଟୋଇନିସ ଓ ନିକୋଲାସ ପୁରନ୍ ଅନ୍ତିମ ୬ ଓଭର ବ୍ୟାଟିଂ କରିଥିଲେ ମଧ୍ୟ ରନଗତି ବଢାଇବାରେ ସମର୍ଥ ହୋଇ ନ ଥିଲେ। ପୁରନ୍ ୨୯ ଓ ଷ୍ଟୋଇନିସ୍ ୨୧ ରନ୍ କରିବା ସହିତ ପଞ୍ଚମ ଉଇକେଟରେ ୩୪ ବଲ୍‌ରୁ ୪୫ ରନ୍ ଯୋଡିଥିଲେ। ଫଳରେ ଲକ୍ଷ୍ନୌ ୧୫୪ ରନ୍‌ରେ ପହଞ୍ଚିଥିଲା। ରାଜସ୍ଥାନ ପକ୍ଷରୁ ରବିଚନ୍ଦ୍ରନ ଅଶ୍ୱିନ ୨୩ ରନ୍‌ରେ ୨ ଉଇକେଟ ନେଇଥିଲେ। ୧୪ ତମ ଓଭରରେ ଦୁଇଟି ଉଇକେଟ ନେବା ସହିତ ସେ ରାଜସ୍ଥାନ ରନ୍ ଗତି ଉପରେ ଅଙ୍କୁଶ ଲଗାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜାସନ୍ ହୋଲ୍ଡର, ଟ୍ରେଣ୍ଟ ବୋଲ୍ଟ ଓ ସନ୍ଦୀପ ଶର୍ମା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୧୫୫ ରନ୍ ଲକ୍ଷ୍ୟର ପିଛା କରୁଥିବା ରାଜସ୍ଥାନର ଆରମ୍ଭ ସାମାନ୍ୟ ଧୀମା ରହିଥିଲା। ଜୋସ ବଟଲର ଚିରାଚରିତ ଢଙ୍ଗରେ ବ୍ୟାଟିଂ କରିବାରେ ସମର୍ଥ ହୋଇ ନ ଥିଲେ। ୪୧ ବଲ୍ ଖେଳି ସେ ମାତ୍ର ୪୦ ରନ୍ କରିଥିଲେ। ଟପ୍ ସ୍କୋରର ଯଶସ୍ୱୀ ଜୟସ୍ୱାଲ ୩୫ ଖେଳି ୪୪ ରନ୍ କରିଥିଲେ। ୧୧.୩ ଓଭରରେ ଉଭୟ ୮୭ ରନ୍ ଯୋଡିଥିବା ବେଳେ ରାଜସ୍ଥାନ ସହଜ ବିଜୟ ଆଡକୁ ଅଗ୍ରସର ହେଉଥିଲା। ଜୟସ୍ୱାଲଙ୍କୁ ଆଉଟ କରି ଷ୍ଟୋଇନିସ ଏହି ଯୋଡି ଭାଙ୍ଗିଥିଲେ। ଭୁଲ ବୁଝାମଣାରୁ ସଞ୍ଜୁ ସାମସନ୍ ରନ୍ ଆଉଟ ହୋଇଥିଲେ। ଦଳୀୟ ସ୍କୋର ୧୦୪ ରନ୍ ବେଳକୁ ଦଳ ଜୋସ୍ ବଟଲର ଓ ସିମରନ୍ ହେଟମେରଙ୍କ ଉଇକେଟ ହରାଇଥିଲା। ଦେବଦତ୍ତ ପଡିକଲ୍ (୨୬) ଓ ରିୟାନ୍ ପରାଗ (୧୫*) ୫ମ ଉଇକେଟରେ ୩୭ ରନ୍ ଯୋଡିଥିଲେ ହେଁ ଜିତିବାରେ ସମର୍ଥ ହୋଇ ନ ଥିଲେ। ଲକ୍ଷ୍ନୌ ପକ୍ଷରୁ ଆଭେଶ ଖାଁ ୨୫ ରନ୍‌ରେ ୩ ଓ ମାର୍କସ୍ ଷ୍ଟୋଇନିସ୍ ୨୮ ରନ୍‌ରେ ୨ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ୨୦ ଓଭରରେ ୧୫୪/୭( କାଇଲ ମେୟର୍ସ-୫୧, ଲୋକେଶ ରାହୁଲ-୩୯, ନିକୋଲାସ ପୁରନ-୨୯, ଆର. ଅଶ୍ୱିନ-୨/୨୩, ଟ୍ରେଣ୍ଟ ବୋଲ୍ଟ-୧/୧୬, ସନ୍ଦୀପ ଶର୍ମା-୧/୩୨)। ରାଜସ୍ଥାନ ରୟାଲ୍ସ ୨୦ ଓଭରରେ ୧୪୪/୬(ଯଶସ୍ୱୀ ଜୟସ୍ୱାଲ-୪୪, ଜୋସ୍ ବଟଲର-୪୦, ଦେବଦତ୍ତ ପଡିକଲ୍-୨୬, ଆଭେଶ୍ ଖାଁ-୩/୨୫, ମାର୍କସ୍ ଷ୍ଟୋଇନିସ୍-୨/୨୮)।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)

**ପଞ୍ଜାବ ବନାମ ବାଙ୍ଗାଲୋର**

ସ୍ଥାନ:ମୋହାଲି,
ସମୟ: ଅପରାହ୍ନ ୩.୩୦

**ଦିଲ୍ଲୀ ବନାମ କୋଲକାତା**

ସ୍ଥାନ: ଦିଲ୍ଲୀ,
ସମୟ: ରାତି ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ


ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ମାର୍କସ୍ ଷ୍ଟୋଇନିସ୍।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ରାଜସ୍ଥାନ ରୟାଲ୍ସ | ୬ | ୪ | ୨ | ୮ | +୧.୦୪୩ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୬ | ୪ | ୨ | ୮ | +୦.୭୦୯ |
| ଚେନ୍ନାଇ ସୁପର କିଙ୍ଗ୍ସ | ୫ | ୩ | ୨ | ୬ | +୦.୨୬୫ |
| ଗୁଜରାଟ ଟାଇଟନ୍ସ | ୫ | ୩ | ୨ | ୬ | +୦.୧୯୨ |
| ପଞ୍ଜାବ କିଙ୍ଗ୍ସ | ୫ | ୩ | ୨ | ୬ | -୦.୧୦୯ |
| ମୁମ୍ବାଇ ଇଣ୍ଡିଆନ୍ସ | ୫ | ୩ | ୨ | ୬ | -୦.୧୬୪ |
| କୋଲକାତା ନାଇଟ ରାଇଡର୍ସ | ୫ | ୨ | ୩ | ୪ | +୦.୩୨୦ |
| ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୫ | ୨ | ୩ | ୪ | -୦.୩୧୮ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୫ | ୨ | ୩ | ୪ | -୦.୭୯୮ |
| ଦିଲ୍ଲୀ କ୍ୟାପିଟାଲ୍ସ | ୫ | ୦ | ୫ | ୦ | -୧.୪୮୮ |

# ଭୁବନେଶ୍ୱରରେ ଇଣ୍ଟରକଣ୍ଟିନେଣ୍ଟାଲ କପ୍

ଭୁବନେଶ୍ୱର, ୧୯।୪
(କ୍ରୀଡ଼ା ପ୍ରତିନିଧି)

**ଜୁନ୍ ୯ରୁ ୧୮ ପର୍ଯ୍ୟନ୍ତ ହେବ ପ୍ରତିଯୋଗିତା**

**ଭାଗନେବେ ଭାରତ, ଲେବାନନ, ମଙ୍ଗୋଲିଆ ଓ ଭାନୁଆଟୁ**

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ହେବାକୁ ଯାଉଛି ଆଉ ଏକ ଅନ୍ତର୍ଜାତୀୟ ଫୁଟବଲ ଟୁର୍ନାମେଣ୍ଟ। ମଣିପୁରରେ ତ୍ରିରାଷ୍ଟ୍ରୀୟ ଅନ୍ତର୍ଜାତୀୟ ଫୁଟବଲ ଟୁର୍ନାମେଣ୍ଟର ଗ୍ରାଣ୍ଡ ସଫଳତା ପରେ ସର୍ବଭାରତୀୟ ଫୁଟବଲ ଫେଡେରେଶନ (ଏଆଇଏଫ୍ଏଫ୍) ଓଡ଼ିଶା ସରକାରଙ୍କ ସହଯୋଗକ୍ରମେ ଭୁବନେଶ୍ୱରରେ ଆୟୋଜନ କରିବାକୁ ଯାଉଛି ଚତୁଃରାଷ୍ଟ୍ରୀୟ ହିରୋ ଇଣ୍ଟରକଣ୍ଟିନେଣ୍ଟାଲ କପ୍। ଏଆଇଏଫ୍ଏଫ୍‌ର ୱେବ୍‌ସାଇଟ୍‌ରେ ଉପଲବ୍ଧ ତଥ୍ୟ ଅନୁସାରେ ଆସନ୍ତା ଜୁନ୍ ୯ରୁ ୧୮ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ହେବ। ଏଥିରେ ଭାରତୀୟ ସିନିୟର ଫୁଟବଲ ଦଳ ସମେତ ଲେବାନନ, ମଙ୍ଗୋଲିଆ ଓ ଭାନୁଆଟୁ ଅଂଶଗ୍ରହଣ କରିବ। ହିରୋ ଇଣ୍ଟରକଣ୍ଟିନେଣ୍ଟାଲ କପ୍‌ର ଏହା ହେବ ତୃତୀୟ ସଂସ୍କରଣ। ପୂର୍ବ ୨ ସଂସ୍କରଣ ମୁମ୍ବାଇ (୨୦୧୮) ଓ ଅହମଦାବାଦ (୨୦୧୯)ରେ ଆୟୋଜିତ ହୋଇଥିଲା। "ଇମ୍ଫାଲରେ ଗତ ମାର୍ଚ୍ଚରେ ଅନ୍ତର୍ଜାତୀୟ ଫୁଟବଲ ଟୁର୍ନାମେଣ୍ଟ ସଫଳତାର ସହ ଆୟୋଜନ ହୋଇଯାଇଛି। ଏବେ ଭୁବନେଶ୍ୱର ଦେଶର ପୁରୁଷ ଫୁଟବଲ ଅନ୍ତର୍ଜାତୀୟ ଭେନ୍ୟୁ ମାନଚିତ୍ରରେ ସାମିଲ ହେବାକୁ ଯାଉଛି। ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍‌ର ଅନ୍ୟତମ ଭେନ୍ୟୁ ଥିଲା ଭୁବନେଶ୍ୱର। ଏହି ଅବସରରେ ଓଡ଼ିଶା ସରକାରଙ୍କ ଦ୍ୱାରା ଦୃଢ଼ ଭିତ୍ତିଭୂମି ଉପଲବ୍ଧ କରାଯାଇଥିବା ଆମେ ଦେଖିବାକୁ ପାଇଥିଲୁ। ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍ ମ୍ୟାଚ ସଫଳତାର ସହ ଆୟୋଜନ ହୋଇଥିବାରୁ ଇତିହାସରେ ପ୍ରଥମଥରପାଇଁ ଭାରତୀୟ ସିନିୟର ପୁରୁଷ ଫୁଟବଲ ଦଳ ଏହି ସହରରେ ଖେଳିବା ପାଇଁ ପଥ ପରିଷ୍କାର ହୋଇଛି। ମଣିପୁରରେ ମଧ୍ୟ ପ୍ରଥମଥର ପାଇଁ ବଡ଼ ପ୍ରତିଯୋଗିତା ଆୟୋଜନ ହୋଇଥିଲା। ତେଣୁ ଓଡ଼ିଶାରେ ଆଗାମୀ ପ୍ରତିଯୋଗିତା ପାଇଁ ସମାନ ଧରଣର ଉତ୍ସାହ ଦେଖିବାକୁ ମିଳିବାନେଇ ଆମେ ଆତ୍ମବିଶ୍ୱାସରେ ଅଛୁ" ବୋଲି ଏଆଇଏଫ୍ଏଫ୍ ମହାସଚିବ ଶାଜି ପ୍ରଭାକରନ ପ୍ରକାଶ କରିଛନ୍ତି। ପ୍ରକାଶଯୋଗ୍ୟ ଯେ, ଭାରତୀୟ ପୁରୁଷ ଜାତୀୟ ଫୁଟବଲ ଦଳ ପୂର୍ବରୁ କେବେହେଲେ ମଙ୍ଗୋଲିଆ ଓ ଭାନୁଆଟୁ ବିପକ୍ଷରେ ମ୍ୟାଚ ଖେଳିନାହିଁ। ଲେବାନନ ବିପକ୍ଷରେ ଜାତୀୟ ଦଳ ୬ଟି ମ୍ୟାଚ ଖେଳିବାର ରେକର୍ଡ ରହିଛି। ଘରୋଇ ପରିବେଶରେ ଭାରତୀୟ ଦଳ ଶେଷ ୫ ମ୍ୟାଚରେ ଅପରାଜେୟ ରହିଛି। ୨୦୨୨ ଜୁନ୍ ୮ରୁ ଆରମ୍ଭ ହୋଇଥିବା ଏହି ଯାତ୍ରାର ପ୍ରାରମ୍ଭରେ ଭାରତ କୋଲକାତାରେ ଅନୁଷ୍ଠିତ ଏଏଫ୍‌ସି ଏସିଆନ କପ୍ ୨୦୨୩ କ୍ୱାଲିଫାୟର୍ସ ରାଉଣ୍ଡ-୩ରେ କାମ୍ବୋଡ଼ିଆକୁ ୨-୦ରେ ପରାସ୍ତ କରିଥିଲା। ଏହାପରେ ଇଗର ଷ୍ଟିମାକଙ୍କ ଦଳ ଆଫଗାନିସ୍ତାନକୁ ୨-୧, ହଂକଂକୁ ୪-୦, ମ୍ୟାନମାରକୁ ୧-୦ ଓ କିର୍ଗିଜ ରିପବ୍ଲିକ୍‌କୁ ୨-୦ ଗୋଲରେ ପରାସ୍ତ କରିଛି। ତେଣୁ ଭୁବନେଶ୍ୱରରେ ମଧ୍ୟ ଦଳ ଭଲ ପ୍ରଦର୍ଶନ କରିବାନେଇ ଆଶା ରହିଛି।




# ଦିଲ୍ଲୀ କ୍ୟାପିଟାଲ୍ସ ଟ୍ରାଏଲରେ ଈଶ୍ୱରନ୍, ଗର୍ଗ

**ନୂଆଦିଲ୍ଲୀ, ୧୯।୪ (ପି.ଟି.):** କ୍ରମାଗତ ୫ଟି ମ୍ୟାଚରେ ପରାଜିତ ହେବା ପରେ ଦିଲ୍ଲୀ କ୍ୟାପିଟାଲ୍ସ ଦଳରେ କିଛି ବଡ ପରିବର୍ତ୍ତନ ଦେଖିବାକୁ ମିଳିପାରେ। ବୁଧବାର ମିଳିଥିବା ସୂଚନା ଅନୁସାରେ ଦଳର ଟ୍ରାଏଲ ଶିବିରରେ ଯୋଗ ଦେଇଛନ୍ତି ଅଭିମନ୍ୟୁ ଈଶ୍ୱରନ୍ ଓ ପ୍ରିୟମ ଗର୍ଗଙ୍କ ପରି ଖେଳାଳି। ପୃଥ୍ୱୀ ଶ', ଯଶ ଧୂଲ ଓ ଲଳିତ ଯାଦବଙ୍କ ପରି ଖେଳାଳି ଖରାପ ଫର୍ମରେ ରହିଛନ୍ତି। ଭାରତ ଏ ଦଳର ଅଧିନାୟକ ରହିଥିବା ଈଶ୍ୱରନ୍ ଓ ପୂର୍ବତନ ୧୯ ବର୍ଷରୁ କମ୍ ଭାରତୀୟ ଦଳର ଅଧିନାୟକ ପ୍ରିୟମ ଗର୍ଗଙ୍କୁ ଦଳର ଟ୍ରାଏଲ୍ସକୁ ଡକାଯାଇଛି। ଈଶ୍ୱରନଙ୍କ ଷ୍ଟ୍ରାଇକ୍ ରେଟ୍ ମାତ୍ର ୧୨୧ ରହିଥିବା ବେଳେ ଗର୍ଗଙ୍କ ଷ୍ଟ୍ରାଇକ୍ ରେଟ୍ ମାତ୍ର ୧୧୫ ରହିଛି। ତେବେ ଏହି ଦୁଇ ଖେଳାଳିଙ୍କୁ କାହା ସ୍ଥାନରେ ଦଳରେ ସାମିଲ କରାଯିବ ତାହା ସ୍ପଷ୍ଟ ହୋଇନାହିଁ।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ